# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧୮/୨୦୨୩ (୧୪ ପୃଷ୍ଠା) Bhubaneswar, Monday, September 18/2023 Page 14 ₹ 7.00 | SAMBALPUR

୪୯ଶ ଭାଗ ୨୯୪ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 294 ମୂଲ୍ୟ ₹୭/-





# କୌଳିକ ବୃତ୍ତିଧାରୀଙ୍କୁ ସମ୍ମାନ

## ୧୩ ହଜାର କୋଟିର ପିଏମ୍ ବିଶ୍ୱକର୍ମା ଯୋଜନା ଶୁଭାରମ୍ଭ

### ପାରମ୍ପରିକ କାରିଗରଙ୍କୁ ୫% ସୁଧରେ ଋଣ ମିଳିବ

**ନୂଆଦିଲ୍ଲୀ,୧୭ା୯**

ବିଶ୍ୱକର୍ମା ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର 'ପିଏମ୍ ବିଶ୍ୱକର୍ମା' ଯୋଜନା ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ କୌଳିକ ବୃତ୍ତିଧାରୀ କାରିଗରମାନଙ୍କୁ ବିନା ବନ୍ଧକରେ ସର୍ବନିମ୍ନ ସୁଧହାର ଋଣ ସହାୟତା ଯୋଗାଇ ଦିଆଯିବ। ୫ ବର୍ଷ ପାଇଁ ଏହି ଯୋଜନାର କାର୍ଯ୍ୟକାରିତା ନିମନ୍ତେ ୧୩,୦୦୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଫଳରେ ବୁଣାକାର, ବଣିଆ, କମାର, ଲଣ୍ଡ୍ରି କାମରେ ନିୟୋଜିତ ଲୋକେ ଏବଂ ନାପିତଙ୍କ ସମେତ ପ୍ରାୟ ୩୦ ଲକ୍ଷ ପାରମ୍ପରିକ କାରିଗର ଓ ଶିଳ୍ପକାର ପରିବାର ଉପକୃତ ହେବେ। ସେମାନଙ୍କ ଉତ୍ପାଦ ଓ ସେବାର ଉପଲବ୍ଧତା ଓ ମାନ ବଢ଼ାଇବା ବିଶ୍ୱକର୍ମା ଯୋଜନାର ଲକ୍ଷ୍ୟ। ଏହି ଯୋଜନାରେ ବନ୍ଧକମୁକ୍ତ ଉଦ୍ୟୋଗ ବିକାଶ ଋଣ ପ୍ରଥମ କିସ୍ତିରେ ୧ ଲକ୍ଷ ଟଙ୍କା (ପରିଶୋଧ ଅବଧି ୧୮ ମାସ) ଏବଂ ଦ୍ୱିତୀୟ କିସ୍ତିରେ ୨ ଲକ୍ଷ ଟଙ୍କା (ପରିଶୋଧ ଅବଧି ୩୦ ମାସ) ଯୋଗାଇ ଦିଆଯିବ। ହିତାଧିକାରୀଙ୍କୁ ଏଥିପାଇଁ ୫ ପ୍ରତିଶତ ସୁଧ ଦେବାକୁ ପଡ଼ିବ ଏବଂ ଅବଶିଷ୍ଟ ୮ ପ୍ରତିଶତ ସୁଧ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଭରଣା କରିବ। ଋଣ ଗ୍ୟାରେଣ୍ଟି ଦେୟ ମଧ୍ୟ କେନ୍ଦ୍ର ସରକାର ପୈଠ କରିବେ। ଋଣ ହିତାଧିକାରୀଙ୍କୁ ୫ରୁ ୭ ଦିନ ମୌଳିକ ତାଲିମ ଦିଆଯିବା ପରେ ଦକ୍ଷତା ଯାଞ୍ଚ କରାଯାଇ ସେମାନଙ୍କୁ ବିଶ୍ୱକର୍ମା ଭାବେ ସ୍ୱୀକୃତି ସ୍ୱରୂପ ସାର୍ଟିଫିକେଟ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଆଗ୍ରହୀ ପ୍ରାର୍ଥୀ ୧୫ ଦିନିଆ ଅଗ୍ରିମ ପ୍ରଶିକ୍ଷଣ ପାଇଁ ନିଜକୁ ପଞ୍ଜୀକୃତ କରିପାରିବେ। ଏଥିପାଇଁ ସେମାନଙ୍କୁ ଦୈନିକ ୫୦୦ ଟଙ୍କା ଷ୍ଟାଇପେଣ୍ଡ ଯୋଗାଇ ଦିଆଯିବ। ଏହା ବ୍ୟତୀତ ସେମାନଙ୍କୁ ଉପକରଣ ପ୍ରୋତ୍ସାହନ ଭାବେ ୧୫,୦୦୦ ଟଙ୍କା ସହ ପ୍ରତି ଡିଜିଟାଲ କାରବାର ପାଇଁ ୧ ଟଙ୍କା ହିସାବରେ ମାସିକ ସର୍ବାଧିକ ୧୦୦ଟି କାରବାର ପାଇଁ ପ୍ରୋତ୍ସାହନ ଦିଆଯିବ।

### ନିର୍ବାଚନୀ ଜୁମ୍ଲା କହିଲା କଂଗ୍ରେସ

ପିଏମ୍ ବିଶ୍ୱକର୍ମା ଯୋଜନା ଶୁଭାରମ୍ଭକୁ ନେଇ କଂଗ୍ରେସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଛି। କେନ୍ଦ୍ରର ଏହା ଆଉ ଏକ ନିର୍ବାଚନୀ ଜୁମ୍ଲା ବୋଲି କଂଗ୍ରେସ ଅଭିଯୋଗ କରିବା ସହ ଜାତି ଭିତ୍ତିକ ଜନଗଣନା ପ୍ରସଙ୍ଗରେ ସରକାର ନୀରବ କାହିଁକି ବୋଲି ପ୍ରଶ୍ନ କରିଛି। ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅବସର ନେବା ସମୟ ଆସିଯାଇଛି। ଜନସାଧାରଣ ଆଉଥରେ ବୋକା ବନିବେ ନାହିଁ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି।

## 'ଯଶୋଭୂମି' ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ମେଗା କନ୍‌ଭେନ୍‌ଶନ ସେଣ୍ଟର 'ଯଶୋଭୂମି'ର ଉଦ୍‌ଘାଟନ କରିଛନ୍ତି। ଭାରତ ମଣ୍ଡପମ୍ ଏବଂ ନବନିର୍ମିତ ଯଶୋଭୂମିରେ ବିଭିନ୍ନ ଉତ୍ସବ, କାର୍ଯ୍ୟକ୍ରମ ଆୟୋଜନ କରିବା ଲାଗି ପ୍ରଧାନମନ୍ତ୍ରୀ ବିଭିନ୍ନ ଚଳଚ୍ଚିତ୍ର, ଟେଲିଭିଜନ ଶିଳ୍ପ ସମେତ ବୈଶ୍ୱିକ ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ କମ୍ପାନୀଗୁଡ଼ିକୁ ଆମନ୍ତ୍ରଣ କରିଛନ୍ତି। ଇଣ୍ଡିଆ ଇଣ୍ଟରନ୍ୟାଶନାଲ କନ୍‌ଭେନ୍‌ଶନ ଆଣ୍ଡ୍ ଏକ୍ସପୋ ସେଣ୍ଟର 'ଯଶୋଭୂମି'ର ଫେଜ୍-୧କୁ ୫,୪୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି। ଏହାର ସମ୍ପୂର୍ଣ୍ଣ ନିର୍ମାଣ ଅଞ୍ଚଳ ୧.୮ ଲକ୍ଷ ବର୍ଗମିଟରରୁ ଅଧିକ। ବିଶ୍ୱର ସର୍ବବୃହତ୍ ଏମ୍‌ଆଇସିଇ (ବୈଠକ, ପ୍ରୋତ୍ସାହନ, ସମ୍ମିଳନୀ ଓ ପ୍ରଦର୍ଶନୀ) କେନ୍ଦ୍ର ମଧ୍ୟରେ ଏହା ସ୍ଥାନ ପାଇଛି। ସମ୍ମିଳନୀ ପର୍ଯ୍ୟଟନର ଭବିଷ୍ୟତ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ପାଇଁ ଏହି ସେକ୍ଟରର ପ୍ରଚୁର ସାମର୍ଥ୍ୟ ରହିଛି, ଯାହାର ମୂଲ୍ୟ ୨୫,୦୦୦ କୋଟିରୁ ଅଧିକ ହେବ। ତେଣୁ ଭାରତ ମଣ୍ଡପମ୍ ଏବଂ ଯଶୋଭୂମି ଦିଲ୍ଲୀକୁ ସମ୍ମିଳନୀ ପର୍ଯ୍ୟଟନର ସର୍ବବୃହତ୍ ହବ୍‌ରେ ପରିଣତ କରିବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଦିଲ୍ଲୀ ମେଟ୍ରୋର ଏୟାରପୋର୍ଟ ଲାଇନ୍ ସମ୍ପ୍ରସାରଣକୁ ଉଦ୍‌ଘାଟନ କରିଛନ୍ତି। ଏହି ଲାଇନ୍‌କୁ ୨ କିଲୋମିଟର ସମ୍ପ୍ରସାରଣ କରାଯାଇ ଯଶୋଭୂମି ଦ୍ୱାରକା ସେକ୍ଟର ୨୫ ଷ୍ଟେଶନ ପର୍ଯ୍ୟନ୍ତ ବଢ଼ାଯାଇଛି। ନୂଆ ଷ୍ଟେଶନରେ ପ୍ରଧାନମନ୍ତ୍ରୀ ଏକ ଫଳକ ଉନ୍ମୋଚନ କରିବା ପରେ ସେଠାରେ କେତେଜଣ ମେଟ୍ରୋ କର୍ମଚାରୀଙ୍କ ସହ କଥା ହୋଇଥିଲେ। ଉଦ୍‌ଘାଟନ ପୂର୍ବରୁ ମୋଦି ଧଉଲାକୁଆଁ ଷ୍ଟେଶନରୁ ନବନିର୍ମିତ ଯଶୋଭୂମି ଦ୍ୱାରକା ସେକ୍ଟର-୨୫ ଷ୍ଟେଶନ ପର୍ଯ୍ୟନ୍ତ ମେଟ୍ରୋରେ ଯାତ୍ରା କରିଥିଲେ। ସେ ଅନ୍ୟ ଯାତ୍ରୀମାନଙ୍କ ସହ ଭାବ ବିନିମୟ କରିବା ସହିତ ସେଲ୍‌ଫି ନେଇଥିଲେ।

### ଦିଲ୍ଲୀ ମେଟ୍ରୋ ଏୟାରପୋର୍ଟ ସମ୍ପ୍ରସାରଣ ଉଦ୍‌ଘାଟିତ



## ସଂକ୍ଷେପରେ

### ମଣିପୁରରେ ଯବାନଙ୍କୁ ଅପହରଣ କରି ହତ୍ୟା



ସେର୍ଟୋ ଥାଙ୍ଗ୍‌ଥାଙ୍ଗ୍ କୋମ୍

**ଇମ୍ଫାଲ,୧୭ା୯:** ମଣିପୁରର ଇମ୍ଫାଲ ଇଷ୍ଟ ଜିଲା ଅନ୍ତର୍ଗତ ଖୁନିଙ୍ଗ୍‌ଥେକ୍ ଗ୍ରାମରୁ ରବିବାର ଜଣେ ଯବାନଙ୍କ ମୃତଦେହ ମିଳିଛି। ମୃତ ଯବାନ ହେଉଛନ୍ତି ସିପାହି ସେର୍ଟୋ ଥାଙ୍ଗ୍‌ଥାଙ୍ଗ୍ କୋମ୍। ସେ କୋମ୍ ଜିଲାର ଲେଇମାଖୋଙ୍ଗରେ ସେନାର ଡିଫେନ୍ସ ସିକ୍ୟୁରିଟି କର୍ପସ (ଡିଏସ୍‌ସି) ପ୍ଲାଟୁନ୍‌ରେ ନିୟୋଜିତ ଥିଲେ। ତାଙ୍କ ଘର ଇମ୍ଫାଲ ୱେଷ୍ଟର ଟାରୁଙ୍ଗ୍‌ରେ। ଛୁଟିରେ ଥିବା ସିପାହି କୋମ୍‌ଙ୍କୁ ଶନିବାର ସକାଳ ୧୦ଟାରେ ୩ଜଣ ଅଜଣା ସଶସ୍ତ୍ର ବ୍ୟକ୍ତି ତାଙ୍କ ଘରୁ ଅପହରଣ କରିନେଇଥିଲେ। ସେମାନେ ସିପାହିଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ତାଙ୍କୁ ଗାଡ଼ିରେ ନେଇଯାଇଥିଲେ ବୋଲି ତାଙ୍କ ୧୦ ବର୍ଷର ପୁଅ କହିଛନ୍ତି। ସେ ଏହି ଅପହରଣର ଏକମାତ୍ର ସାକ୍ଷୀ। କୋମ୍‌ଙ୍କ ମୁଣ୍ଡରେ ଗୁଳି ବାଜିଥିବାର କ୍ଷତ ରହିଛି। ସେ ତାଙ୍କ ସ୍ତ୍ରୀ ଓ ଝିଅ-ପୁଅଙ୍କ ସହ ରହୁଥିଲେ। ଅପହରଣକାରୀଙ୍କୁ ଧରିବା ଲାଗି ସୁରକ୍ଷା ବଳ ତନାଘନା ଚଳାଇଛି।

### ନାବାଳିକା ବଳାତ୍କାର, ହତ୍ୟା ମାମଲାରେ ଫାଶୀ ଦଣ୍ଡାଦେଶ

**କୈଥଲ,୧୭ା୯:** ହରିୟାଣାର କୈଥଲର ଜଣେ ୭ ବର୍ଷୀୟା ବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ମାମଲାରେ ଫାଷ୍ଟଟ୍ରାକ୍ କୋର୍ଟ ଅଭିଯୁକ୍ତଙ୍କୁ ପୋକ୍ସୋ ଆଇନରେ ଦୋଷୀସାବ୍ୟସ୍ତ କରି ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ଅପରାଧ ଘଟଣାର ୧୧ ମାସ ମଧ୍ୟରେ ଦଣ୍ଡାଦେଶ ଶୁଣାଯାଇଛି। ଏଥିସହିତ ମୃତା ନାବାଳିକାଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ଜିଲା ନ୍ୟାୟିକ ସେବା କର୍ତ୍ତୃପକ୍ଷଙ୍କ ଜରିଆରେ ପୈଠ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୨ ଅକ୍ଟୋବର ୮ରେ କୈଥଲ ଗ୍ରାମର ଜଣେ ପଡୋଶୀ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ନେଇଯାଇ ବଳାତ୍କାର କରିବା ପରେ ତାଙ୍କୁ ହତ୍ୟା କରି ମୃତଦେହକୁ ପୋଡ଼ି ଜଙ୍ଗଲ ମଧ୍ୟରେ ଫିଙ୍ଗିଦେଇଥିଲେ। ଦଣ୍ଡ ଶୁଣାଣି ବେଳେ ଅଦାଲତ ଏହାକୁ ବିରଳରୁ ବିରଳତମ ଅପରାଧ କହିବା ସହ ଅପରାଧୀ କ୍ଷମା ପାଇବା ଯୋଗ୍ୟ ନୁହନ୍ତି ବୋଲି ସ୍ପଷ୍ଟ କରିଥିଲେ।

### ୫ମ ଦିନରେ ଏନ୍‌କାଉଣ୍ଟର: ଆତଙ୍କବାଦୀଙ୍କ ସନ୍ଧାନରେ ସେନା

**ଅନନ୍ତନାଗ,୧୭ା୯**

ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲାରେ ଆତଙ୍କବାଦୀମାନଙ୍କ ସହ ସୁରକ୍ଷା ବଳର ଗୁଳି ବିନିମୟ ରବିବାର ପଞ୍ଚମ ଦିନରେ ଜାରି ରହିଛି। ଗାଡୋଲର ଘଞ୍ଚ ଜଙ୍ଗଲ ମଧ୍ୟରେ ଅର୍ଦ୍ଧସାମରିକ କମାଣ୍ଡୋମାନଙ୍କ ସହ ହଜାରେ ଊର୍ଦ୍ଧ୍ୱ ଯବାନ ଏହି ଅଭିଯାନରେ ସାମିଲ ହୋଇଛନ୍ତି। ତେବେ ବିପଜ୍ଜନକ ଅଞ୍ଚଳ ଏବଂ ଘଞ୍ଚ ଜଙ୍ଗଲର ସୁଯୋଗ ନେଇ ଜଙ୍ଗଲ ଯୁଦ୍ଧରେ ଅଭିଜ୍ଞ ଆତଙ୍କବାଦୀମାନେ ନିଜକୁ ସୈନ୍ୟମାନଙ୍କଠାରୁ ଦୂରେଇ ରଖି ଏନ୍‌କାଉଣ୍ଟରକୁ ଶେଷ ହେବାକୁ ଦେଉ ନାହାନ୍ତି। ଫଳରେ ବୁଧବାରଠାରୁ ଆରମ୍ଭ ହୋଇଥିବା ଗୁଳି ବିନିମୟ ଜାରି ରହିଛି। ଆତଙ୍କବାଦୀଙ୍କ ଗୁଳିରେ ଦୁଇ ସେନା ଅଧିକାରୀ, ଜଣେ ପୋଲିସ ଅଧିକାରୀଙ୍କ ସମେତ ୪ ଜଣ ଶହୀଦ ହେଲେଣି। ହେଲେ ସୁରକ୍ଷା ବଳକୁ ଏପର୍ଯ୍ୟନ୍ତ କୌଣସି ସଫଳତା ମିଳିନାହିଁ। ପ୍ରଚୁର ଅସ୍ତ୍ରଶସ୍ତ୍ର ସହ ୨ରୁ ୩ ଜଣ ଆତଙ୍କବାଦୀ ଲୁଚିରହିଥିବା ବିଶ୍ୱାସ କରାଯାଉଛି। ୧୦୦ ଘଣ୍ଟାରୁ ଊର୍ଦ୍ଧ୍ୱ ଅଭିଯାନରେ ସୈନ୍ୟବାହିନୀ ଆତଙ୍କବାଦୀଙ୍କ ସମ୍ଭାବ୍ୟ ଗୁପ୍ତ ଆଡ୍ଡା ଉପରେ ଶତାଧିକ ମୋର୍ଟାର ଶେଲ୍ ଏବଂ ରକେଟ୍ ମାଡ଼ କରିବା ସହ ଅତ୍ୟାଧୁନିକ ଉପକରଣର ସହାୟତା ନେଇଛି। ଡ୍ରୋନ୍ ଜରିଆରେ ଉକ୍ତ ଅଞ୍ଚଳରେ ବୋମାମାଡ଼ କରାଯାଉଛି। ସେନା ନର୍ଦ୍ଦର୍ନ କମାଣ୍ଡ ମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଶନିବାର ଏନ୍‌କାଉଣ୍ଟର ସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ।

## ଶାନ୍ତିନିକେତନ ବିଶ୍ୱ ଐତିହ୍ୟ



**ରିୟାଧ,୧୭ା୯**

ପଶ୍ଚିମବଙ୍ଗର ଶାନ୍ତିନିକେତନ ସହର ୟୁନେସ୍କୋ ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ ହୋଇଛି। ସାଉଦି ଆରବରେ ରବିବାର ଅନୁଷ୍ଠିତ ବିଶ୍ୱ ଐତିହ୍ୟ କମିଟିର ୪୫ତମ ଅଧିବେଶନରେ ଏହି ନିଷ୍ପତ୍ତି ନିଆଯାଇଛି। ବିଶ୍ୱକବି ତଥା ଦାର୍ଶନିକ ରବୀନ୍ଦ୍ର ନାଥ ଟାଗୋର ୧୯୦୧ରେ ଶାନ୍ତି ନିକେତନ ଆବାସିକ ବିଦ୍ୟାଳୟ ସ୍ଥାପନ କରିଥିଲେ। ଏହା ପ୍ରାଚୀନ ଭାରତୀୟ ପରମ୍ପରା ଏବଂ ଧର୍ମ ଓ ସଂସ୍କୃତିର ସୀମା ଊର୍ଦ୍ଧ୍ୱରେ ମାନବୀୟ ଏକତା ଦୃଷ୍ଟିଭଙ୍ଗୀ ଆଧାରିତ କଳାକେନ୍ଦ୍ର ଥିଲା। ମାନବୀୟ ଏକତା ବା 'ବିଶ୍ୱଭାରତୀ'କୁ ସ୍ୱୀକୃତି ଦେଇ ୧୯୨୧ରେ ସେଠାରେ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ବୀରଭୂମ ଜିଲାରେ ଅବସ୍ଥିତ ଶାନ୍ତି ନିକେତନକୁ ୟୁନେସ୍କୋ ମାନ୍ୟତା ମିଳିବା ନେଇ ଭାରତ ଦୀର୍ଘଦିନରୁ ଦାବି କରିଆସୁଥିଲା। ଅନ୍ତର୍ଜାତୀୟ କୀର୍ତ୍ତିରାଜି ପରିଷଦ ଶାନ୍ତିନିକେତନକୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ କରିବା ଲାଗି ସୁପାରିସ କରିଥିଲା।



ଆସନ୍ତା ୧୯ ଯାଏ ଚାଲିବାକୁ ଥିବା ଲଣ୍ଡନ୍ ଫ୍ୟାଶନ ୱିକ୍‌ର ବୋରା ଅକ୍‌ସୁ କ୍ୟାଟ୍‌ୱାକ୍ ଶୋ'ରେ ଭାଗ ନେବା ପୂର୍ବରୁ ବ୍ୟାକ୍‌ଷ୍ଟେଜ୍‌ରେ ପ୍ରସ୍ତୁତ ହେଉଛନ୍ତି ଜଣେ ମଡେଲ। (ଫଟୋ ସୌଜନ୍ୟ: ରଏଟର୍ସ)

## ନୂଆ ସଂସଦ ଭବନରେ ଉଡ଼ିଲା ତ୍ରିରଙ୍ଗା

**ନୂଆଦିଲ୍ଲୀ,୧୭ା୯**

ଉପରାଷ୍ଟ୍ରପତି ତଥା ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ରବିବାର ନୂଆ ପାର୍ଲାମେଣ୍ଟ ବିଲ୍ଡିଂର 'ଗଜଦ୍ୱାର' ଉପରେ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି। ତାଙ୍କ ସହ ଏହି କାର୍ଯ୍ୟକ୍ରମରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ସାମିଲ ଥିଲେ। ୫ ଦିନିଆ ସ୍ୱତନ୍ତ୍ର ଅଧିବେଶନ ସୋମବାର ଆରମ୍ଭ ହେଉଥିବାବେଳେ ଏହାର ଗୋଟିଏ ଦିନ ପୂର୍ବରୁ ନୂଆ ସଂସଦ ଭବନରେ ଜାତୀୟ ପତାକା ଉତ୍ତୋଳନ କରାଯାଇଛି। ପୁରୁଣା ସଂସଦ ଭବନରେ ଅଧିବେଶନ ଆରମ୍ଭ ହୋଇ ପରେ ଏହାକୁ ନୂଆ ଭବନକୁ ସ୍ଥାନାନ୍ତର କରାଯିବ ବୋଲି କୁହାଯାଉଛି। ତ୍ରିରଙ୍ଗା ଉତ୍ତୋଳନ ଅବସରରେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ, ପ୍ରହ୍ଲାଦ ଜୋଷୀ, ଅର୍ଜୁନ ରାମ ମେଘୱାଲ ଓ ବିଭିନ୍ନ ଦଳର ନେତାମାନେ ଉପସ୍ଥିତ ଥିଲେ। ପୂର୍ବରୁ ଧନ୍‌କର ଏବଂ ବିର୍ଲାଙ୍କୁ ନୂଆ ଭବନ ପରିସରରେ ସିଆର୍‌ପିଏଫ୍ ଯବାନମାନେ ଗାର୍ଡ ଅଫ୍ ଅନର ପ୍ରଦାନ କରିଥିଲେ।

## ମହିଳାଙ୍କୁ ମାଡ଼ ମାରି ଫସିଲେ ଓକିଲ

**ସିଙ୍ଗାପୁର,୧୭ା୯**

ସିଙ୍ଗାପୁରରେ ମହିଳାଙ୍କୁ ଚାପୁଡ଼ା ମାରି ଫସିଛନ୍ତି ଜଣେ ଭାରତୀୟ ବଂଶୋଦ୍ଭବ ଓକିଲ। ତାଙ୍କ ବିରୋଧରେ ମାମଲା ରୁଜୁ କରାଯିବା ସହ ସେ ପରିଚାଳନା କରୁଥିବା ଅନ୍ୟ ମାମଲାଗୁଡ଼ିକରୁ ତାଙ୍କୁ ନିଲମ୍ବନ କରାଯାଇଛି। ଅଭିଯୁକ୍ତ ଓକିଲ ରବି ମଦାସ୍ୱାମୀ ସିଙ୍ଗାପୁରରେ ଥିବା ମାରିଆମାନ୍ ହିନ୍ଦୁ ମନ୍ଦିରରେ ଜଣେ ମହିଳାଙ୍କୁ ଚାପୁଡ଼ା ମାରିଥିଲେ ଏବଂ ଅନ୍ୟ ଜଣେ ମହିଳାଙ୍କୁ ଗାଳି କରିଥିଲେ। ସ୍ଥାନୀୟ ମେଡିକାଲରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରାଯିବା ପରେ ଆସନ୍ତା ୨୯ ତାରିଖରେ ତାଙ୍କୁ କୋର୍ଟରେ ହାଜର କରାଯିବ ବୋଲି ପୋଲିସ କହିଛି। ପୂର୍ବରୁ ତାଙ୍କ ବିରୋଧରେ ଅନ୍ୟ ଦୁଇଟି ମାମଲା ରହିଛି।

## ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ ଏକଛତ୍ରବାଦୀ ସରକାରକୁ ଉପାଡ଼ି ଫିଙ୍ଗ:ଖାର୍ଗେ

**ହାଇଦ୍ରାବାଦ,୧୭ା୯**

### ସିଡବ୍ଲ୍ୟୁସି ବୈଠକ

- ଭାଜପା ଫାଶରେ ନ ପଡ଼ିବାକୁ ରାହୁଲଙ୍କ ପରାମର୍ଶ
- ଗଣମାଧ୍ୟମଠାରୁ ଦୂରେଇ ରହିବାକୁ କହିଲେ ସୋନିଆ

ନବଗଠିତ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି)ର ରବିବାର ଦ୍ୱିତୀୟ ଦିନ ବୈଠକରେ ଆଗାମୀ ବିଧାନସଭା ନିର୍ବାଚନ ଓ ୨୦୨୪ ଲୋକ ସଭା ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତି ଉପରେ ବିଚାର ବିମର୍ଶ କରାଯାଇଥିଲା। ସଫଳତା ସୁନିଶ୍ଚିତ କରିବା ଲାଗି ଏକତା ଏବଂ ଶୃଙ୍ଖଳା ଉପରେ ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଗୁରୁତ୍ୱ ଦେଇଛନ୍ତି। ବ୍ୟକ୍ତିଗତ ମତପାର୍ଥକ୍ୟକୁ ଭୁଲି ଦଳର ସଫଳତା ଏବଂ ଦେଶରେ ଏକ ବିକଳ୍ପ ସରକାର ଗଠନ ଦିଗରେ ଏକାଠି କାର୍ଯ୍ୟ କରିବାକୁ ହେବ। ଗଣତନ୍ତ୍ରକୁ ବଞ୍ଚାଇ ରଖିବାକୁ ହେଲେ ଏକଛତ୍ରବାଦ ସରକାରକୁ ଉପାଡ଼ି ଫିଙ୍ଗିଦେବା ଲାଗି କଂଗ୍ରେସ ଅଧ୍ୟକ୍ଷ ଦଳୀୟ ନେତା ଓ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ୫ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନ ସମେତ ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ପରାସ୍ତ କରିବା ଲକ୍ଷ୍ୟରେ ସମସ୍ତେ କାମ କରିବାକୁ ସେ ସିଡବ୍ଲ୍ୟୁସି ସଦସ୍ୟ, ରାଜ୍ୟ ଶାଖା ସଭାପତି ଓ କଂଗ୍ରେସ ବିଧାୟକ ଦଳ ନେତାମାନଙ୍କୁ ଖାର୍ଗେ ପରାମର୍ଶ ଦେଇଛନ୍ତି। ଏଥିସହିତ ଜମ୍ମୁ-କଶ୍ମୀରରେ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ସେ କହିଛନ୍ତି।

ଭାଜପାର ମାୟାଜାଲରେ ନ ପଡ଼ିବାକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦଳୀୟ ସଦସ୍ୟମାନଙ୍କୁ ସତର୍କ କରାଇବା ସହ ଜନସାଧାରଣଙ୍କ ବାସ୍ତବ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେବା ଏବଂ ଆଦର୍ଶଗତ ସ୍ୱଚ୍ଛତା ବଜାୟ ରଖିବାକୁ ପରାମର୍ଶ ଦେଇଛନ୍ତି। ସନାତନ ଧର୍ମ ଉପରେ ଡିଏମ୍‌କେ ନେତା ଉଦୟନିଧି ଷ୍ଟାଲିନ୍‌ଙ୍କ ମନ୍ତବ୍ୟକୁ ନେଇ ବିବାଦ ଦେଖାଦେଇଥିବାବେଳେ କଂଗ୍ରେସ ଧର୍ମୀୟ ପ୍ରସଙ୍ଗରୁ ଦୂରେଇ ରହିବା ଉଚିତ ବୋଲି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ, ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗ୍‌ବିଜୟ ସିଂ ପ୍ରମୁଖ କେତେଜଣ ନେତା ପରାମର୍ଶ ଦେଇଥିଲେ। ଦଳୀୟ କର୍ମୀମାନେ ଆତ୍ମସଂଯମୀ ହେବା ସହ ଗଣମାଧ୍ୟମରେ କଂଗ୍ରେସ ସ୍ୱାର୍ଥକୁ କ୍ଷତି ପହଞ୍ଚାଇବା ଭଳି ବିବୃତି ଦେବାରୁ ଦୂରେଇ ରହିବାକୁ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଦଳୀୟ ନେତାମାନଙ୍କୁ କହିଥିଲେ। କେଉଁ ଗଣମାଧ୍ୟମ ଏବଂ ଖବରଦାତାମାନଙ୍କ ସହ କଂଗ୍ରେସ ନେତାମାନେ ସମ୍ପର୍କ କରିବେ ନାହିଁ, ତାହାର ଏକ ତାଲିକା ଦଳ ପକ୍ଷରୁ ପ୍ରକାଶ କରାଯାଇଛି। ସିଡବ୍ଲ୍ୟୁସିରେ ୩୯ ନିୟମିତ ସଦସ୍ୟଙ୍କ ସମେତ ୩୨ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ଏବଂ ୧୩ ସ୍ୱତନ୍ତ୍ର ଆମନ୍ତ୍ରିତ ସଦସ୍ୟ ରହିଛନ୍ତି।

## ଯୁବତୀଙ୍କୁ ବାଇକ୍ ଚଢ଼ାଇ ମାରିଲେ ଦୁର୍ବୃତ୍ତ

**ଆମ୍ବେଦକରନଗର,୧୭ା୯:** ଉତ୍ତରପ୍ରଦେଶର ଆମ୍ବେଦକରନଗର ଜିଲାରେ ଶନିବାର ୩ଜଣ ଦୁର୍ବୃତ୍ତ ଜଣେ ଯୁବତୀଙ୍କ ଓଢ଼ଣି ଟାଣିବା ସହ ବାଇକ୍ ଚଢ଼ାଇ ଦେଇଛନ୍ତି। ଫଳରେ ଯୁବତୀଙ୍କ ମୃତ୍ୟୁ ଘଟିଛି। ପୋଲିସ ଦୁର୍ବୃତ୍ତମାନଙ୍କୁ ଗିରଫ କରିଛି। ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ଯୁବତୀ ଜଣକ ସ୍କୁଲରୁ ଫେରୁଥିବାବେଳେ ୨ଜଣ ଦୁର୍ବୃତ୍ତ ଆସି ପ୍ରଥମେ ତାଙ୍କ ଓଢ଼ଣିକୁ ଟାଣି ନେଇଥିଲେ। ଯୁବତୀ ଜଣକ ଏହାର ପ୍ରତିରୋଧ କରିବା ସହ ଓଢ଼ଣିକୁ ଜାବୁଡ଼ି ଧରିଥିଲେ। ଫଳରେ ତଳେ ପଡ଼ିଯାଇଥିଲେ। ଏତିକିବେଳେ ଅନ୍ୟ ଜଣେ ଆସି ଯୁବତୀଙ୍କ ମୁଣ୍ଡ ଉପରେ ବାଇକ୍ ଚଢ଼ାଇ ଦେଇଥିଲେ।

## ବାର୍ ସଦସ୍ୟ ସଚ୍ଚୋଟ ନ ହେଲେ ନ୍ୟାୟିକ ପେସା ଆପେ ନଷ୍ଟ ହୋଇଯିବ: ସିଜେଆଇ

**ଛତ୍ରପତି ସମ୍ଭାଜୀନଗର,୧୭ା୯**

ଆଇନ ବୃତ୍ତିର ମୂଳ ହେଲା ସାଧୁତା। ବିଚାରପତି ଓ ଆଇନଜୀବୀମାନଙ୍କ ପେସା ସେମାନଙ୍କ ସଚ୍ଚୋଟତା ଉପରେ ନିର୍ଭର କରୁଛି। ଯଦି ଆମେ ସଚ୍ଚୋଟତା ବଜାୟ ରଖିବା ତେବେ ଏହି ପେସା ସଫଳତାର ସହ ଆଗକୁ ବଢ଼ିବ, ନଚେତ୍ ତାହା ଆପେ ନଷ୍ଟ ହୋଇଯିବ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କହିଛନ୍ତି। 'ନ୍ୟାୟିକ ବ୍ୟବସ୍ଥାର ସୁଦୃଢ଼ୀକରଣ ଦିଗରେ ଆଇନଜୀବୀ ଓ ବିଚାରପତିମାନଙ୍କ ମଧ୍ୟରେ ସହଯୋଗ ବୃଦ୍ଧି' ଶୀର୍ଷକ ଉପରେ ଉଦ୍‌ବୋଧନ ଦେଇ ସିଜେଆଇ ଆହୁରି କହିଛନ୍ତି, ଗୋଟିଏ ଧୂଳିଝଡ଼ରେ ସାଧୁତା ନଷ୍ଟ ହୋଇଯାଏ ନାହିଁ। ଆଇନଜୀବୀ ଓ ବିଚାରପତିମାନଙ୍କ ଛୋଟ ଛୋଟ ରିହାତି ଏବଂ ସାଲିସ୍‌ରୁ ଏହା ଧୀରେ ଧୀରେ ନଷ୍ଟ ହୋଇଥାଏ। ଆପଣ ସାରା ବିଶ୍ୱକୁ ବୋକା ବନାଇ ପାରନ୍ତି, କିନ୍ତୁ ନିଜ ବିବେକକୁ ନୁହେଁ। ଏହା ସବୁ ରାତିରେ ଆପଣଙ୍କୁ ପ୍ରଶ୍ନ ପଚାରିଚାଲିବ ବୋଲି ସିଜେଆଇ କହିଛନ୍ତି। ଆଇନଜୀବୀ ବିଚାରପତିଙ୍କୁ ସମ୍ମାନ ଦେଲେ ସେମାନେ ସମ୍ମାନ ପାଇବେ। ସେହିପରି ବିଚାରପତି ଆଇନଜୀବୀମାନଙ୍କୁ ସମ୍ମାନ ଦେଲେ ସେମାନେ ସମ୍ମାନିତ ହେବେ। ଉଭୟେ ଗୋଟିଏ ଆଇନ ଚକର ଅଂଶ ବୋଲି ହୃଦ୍‌ବୋଧ କଲେ ପାରସ୍ପରିକ ସମ୍ମାନ ମିଳିପାରିବ ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି।

## ମୂଷା ଧରିବାକୁ ରେଲ୍‌ୱେର ୬୯ ଲକ୍ଷ ଖର୍ଚ୍ଚ

**ଲକ୍ଷ୍ନୌ,୧୭ା୯**



ମୂଷା ଧରିବା ପାଇଁ ନର୍ଦ୍ଦେନ ରେଲ୍‌ୱେର ଲକ୍ଷ୍ନୌ ଡିଭିଜନ ଗତ ୨ବର୍ଷ ମଧ୍ୟରେ ୬୯ ଲକ୍ଷ ଖର୍ଚ୍ଚ କରିଥିବା ନେଇ ସୂଚନା ଅଧିକାର ଆଇନର ତଥ୍ୟରୁ ଜଣାପଡ଼ିଛି। ୨୦୨୦ରୁ ୨୦୨୨ ମଧ୍ୟରେ ଏହି ଟଙ୍କା ଖର୍ଚ୍ଚ କରାଯାଇଥିବା ଦର୍ଶାଯାଇଥିବାବେଳେ ଭାରତୀୟ ରେଳ ବିଭାଗରେ ବ୍ୟାପକ ଦୁର୍ନୀତି ହେଉଛି। ଏହା ଏହି ଘଟଣାରୁ ପ୍ରମାଣିତ ହୋଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ସୂଚନା ଅଧିକାର କର୍ମୀ ଚନ୍ଦ୍ରଶେଖର ଗାଉର ଏହି ତଥ୍ୟ ମାଗିଥିଲେ। ଏଥିରେ ଏକଥା ମଧ୍ୟ ଦର୍ଶାଯାଇଛି ଯେ ଗତ ୨ ବର୍ଷ ମଧ୍ୟରେ ୧୬୮ଟି ମୂଷା ଧରାଯାଇଛି। ମୂଷା ଧରିବା ପାଇଁ ଖର୍ଚ୍ଚ ହୋଇଥିବା ଟଙ୍କା କଥା ଯଦି କୁହାଯିବ ତେବେ ଗୋଟିଏ ମୂଷା ଧରିବାକୁ ପ୍ରାୟ ୪୧ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଏହାକୁ ନେଇ ରାଜ୍ୟ ସଭା ଏମ୍‌ପି ରଣଦୀପ ସିଂ ଟୁଇଟରରେ କଟାକ୍ଷ କରିବା ସହ ରେଳବିଭାଗ ମୂଷା ଧରିବା ଆଳରେ କିପରି ଦୁର୍ନୀତି କରୁଛି ତାହା ଜଣାପଡ଼ିଥିବା ଅଭିଯୋଗ କରିଛନ୍ତି। ସାରା ଦେଶରେ ଦୁର୍ନୀତିର ମୂଷା ଲୋକଙ୍କ ପକେଟକୁ ଦୈନିକ କଣା କରିଚାଲିଛି। ପରିଣାମ ସ୍ୱରୂପ ଭାଜପା ସରକାର ଲୋକଙ୍କୁ ଦୈନିକ ଲୁଟିବାରେ ଲାଗିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ନିଜେ ଖାଇବି ନା ଅନ୍ୟକୁ ଖାଇବାକୁ ଦେବି ବୋଲି କହିଥିବା ସରକାର ବରିଷ୍ଠ ନାଗରିକମାନଙ୍କୁ ମିଳୁଥିବା ରିହାତିକୁ ମଧ୍ୟ ଖାଇଯାଇଛନ୍ତି ବୋଲି ସିଂ ଅଭିଯୋଗ କରିଛନ୍ତି। ଆର୍‌ଟିଆଇର ସୂଚନା ଅନୁସାରେ ୨୦୧୯ରୁ ୨୦୨୨ ମଧ୍ୟରେ ୨୩,୧୬,୧୫୦.୮୪ ଟଙ୍କା ଖର୍ଚ୍ଚ ହୋଇଛି। ତେବେ ଖର୍ଚ୍ଚ ପରିମାଣର ସଠିକ ସୂଚନା ଦିଆଯାଇନାହିଁ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧୮/୨୦୨୩ | Bhubaneswar, Monday, September 18/2023 | ପୃଷ୍ଠା-୧




**ସିଙ୍ଗାପୁର ଗ୍ରାଁ ପ୍ରି ଜିତିଲେ ସେଞ୍ଜ୍**

ଫେରାରିର କାର୍ଲୋସ ସେଞ୍ଜ ଜୁନିୟର ସିଙ୍ଗାପୁର ଫର୍ମୁଲାୱାନ ମୋଟର ରେସ୍ ଗ୍ରାଁ. ପ୍ରି ଜିତିଛନ୍ତି।

୧୨

୦୮

**ପାକିସ୍ତାନରୁ ପ୍ରଥମ ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗୀ**

ପାକିସ୍ତାନ ଇତିହାସରେ ପ୍ରଥମ ଥର ପାଇଁ ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗୀ ଭାବେ କରାଚିର ଏରିକା ରୋବିନଙ୍କୁ ବିବେଚିତ କରାଯାଇଛି।






କଲମ୍ବୋରେ ରବିବାର ଅନୁଷ୍ଠିତ ଏସିଆ କପ୍ ଫାଇନାଲରେ ଉଇକେଟ୍ ନେବା ପରେ ଉଲ୍ଲସିତ ଭାରତର ଦ୍ରୁତ ବୋଲର ମହମ୍ମଦ ସିରାଜ।

# ମହିଳା ସଂରକ୍ଷଣ ବିଲ୍ ଆଣ

## ସର୍ବଦଳୀୟ ବୈଠକରେ ବିଜେଡି, ବିଆର୍‌ଏସ୍, ବିରୋଧୀଙ୍କ ଦାବି

**ସଂସଦର ୫ ଦିନିଆ ସ୍ୱତନ୍ତ୍ର ଅଧିବେଶନ ସୋମବାର ଆରମ୍ଭ ହେବ। ସେପ୍ଟେମ୍ବର ୨୨ ଯାଏ ଚାଲିବାକୁ ଥିବା ଏହି ଅଧିବେଶନରେ କେନ୍ଦ୍ର ସରକାର ବିସ୍ମିତ କରିଦେବା ଭଳି କେତୋଟି ବିଲ୍ ଆଣିପାରନ୍ତି। ୨୦୨୪ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ମହିଳା ଭୋଟରଙ୍କୁ ଆକର୍ଷିତ କରିବା ପାଇଁ ୨୦୧୦ରେ ରାଜ୍ୟ ସଭାରେ ଗୃହୀତ ହୋଇସାରିଥିବା ମହିଳା ସଂରକ୍ଷଣ ବିଧେୟକକୁ ଲୋକ ସଭାରେ ପାରିତ କରିପାରନ୍ତି ବୋଲି ମନେକରାଯାଉଛି। ଅଧିବେଶନର ଅବ୍ୟବହିତ ପୂର୍ବରୁ ରବିବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ମୁଖ୍ୟ ବିରୋଧୀ କଂଗ୍ରେସ ସମେତ ବିଜୁ ଜନତା ଦଳ (ବିଜେଡି) ଏବଂ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ଭଳି କେତେକ ଆଞ୍ଚଳିକ ଦଳ ମହିଳା ସଂରକ୍ଷଣ ବିଲ୍ ଆଣିବା ପାଇଁ ଦାବି କରିଛନ୍ତି।**



**ଆଜିଠୁ ସଂସଦର ସ୍ୱତନ୍ତ୍ର ଅଧିବେଶନ**

**ନୂଆଦିଲ୍ଲୀ,୧୭।୯**

ଉପରାଷ୍ଟ୍ରପତି ତଥା ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ ଧନକର ରବିବାର ନୂଆ ସଂସଦ ଭବନରେ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି। ଏହାକୁ ନୂଆ ପାର୍ଲାମେଣ୍ଟରେ ଅଧିବେଶନ ଚାଲିବା ପ୍ରକ୍ରିୟାର ଅୟମାରମ୍ଭ ରୂପେ ବିବେଚନା କରାଯାଉଛି। ପୁରୁଣା ସଂସଦ ଭବନରେ ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ୧୯ ତାରିଖ ଗଣେଶ ଚତୁର୍ଥୀରୁ ନୂଆ ପାର୍ଲାମେଣ୍ଟରେ ଗୃହକାର୍ଯ୍ୟ ଚାଲିବ ବୋଲି ଆପାତତଃ ସ୍ଥିର ହୋଇଛି। ସ୍ୱତନ୍ତ୍ର ଅଧିବେଶନରେ ସମ୍ବିଧାନ ସଭାଠାରୁ ନେଇ ୭୫ ବର୍ଷର ସଂସଦୀୟ ଯାତ୍ରା ଉପରେ ଆଲୋଚନା ହେବ। ଲୋକ ସଭାରେ ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ ନିର୍ବାଚନ କମିଶନରମାନଙ୍କ ନିଯୁକ୍ତି ସମ୍ପର୍କିତ ବିଲ୍, ଆଇନଜୀବୀ (ସଂଶୋଧନ) ବିଲ୍-୨୦୨୩, ପ୍ରେସ୍ ଆଣ୍ଡ୍ ରେଜିଷ୍ଟ୍ରେଶନ୍ ଅଫ୍ ପିରିଓଡିକାଲ୍ସ ବିଲ୍-୨୦୨୩ ଏବଂ ପୋଷ୍ଟ ଅଫିସ୍ ବିଲ୍-୨୦୨୩ ଆଗତ ହେବ ବୋଲି ଏକ ସରକାରୀ ବୁଲେଟିନ୍‌ରେ ଦର୍ଶାଯାଇଛି। ତେବେ କାର୍ଯ୍ୟସୂଚୀରେ ଆହୁରି କେତେକ ପ୍ରସଙ୍ଗ ମଧ୍ୟ ଯୋଡ଼ାଯାଇପାରେ ବୋଲି ଏଥିରେ କୁହାଯାଇଛି। ତେଣୁ କାର୍ଯ୍ୟସୂଚୀ ସମ୍ପର୍କରେ ସ୍ପଷ୍ଟ ଚିତ୍ର ଏବେ ମଧ୍ୟ ସାମ୍ନାକୁ ଆସିନାହିଁ, ଯାହାକୁ ନେଇ କେନ୍ଦ୍ର ଉପରେ ବିରୋଧୀ ଦଳଗୁଡ଼ିକ ବର୍ଷିଛନ୍ତି।

ସ୍ୱତନ୍ତ୍ର ଅଧିବେଶନ ପୂର୍ବରୁ ଜାତୀୟ ରାଜନୀତିର ପ୍ରେକ୍ଷାପଟରେ ଏକ ବଡ଼ ଘଟଣାକ୍ରମ ଦେଖିବାକୁ ମିଳିଛି, ଯାହାକି ଏହାର ବିଶେଷତ୍ୱକୁ ଆହୁରି ବଢ଼ାଇଦେଇଛି। ୨୬ ବିରୋଧୀ ଦଳକୁ ନେଇ ଗଠିତ ଇଣ୍ଡିଆନ୍ ନ୍ୟାଶନାଲ ଡେମୋକ୍ରାଟିକ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ଦୃଢ଼ତାର ସହ ଏକାଠି ହୋଇଥିବାବେଳେ ଉକ୍ତ ବ୍ଲକ୍‌ରେ ନ ଥିବା ଓଡ଼ିଶାର ☞ପୃଷ୍ଠା-୨

# ଖେଳପଡ଼ିଆରେ ବଜ୍ରପାତ, ୩ ମୃତ

**ରାଉରକେଲା,୧୭।୯(ଦିନେଶ ମିଶ୍ର)**

ସୁନ୍ଦରଗଡ଼ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଗର୍ଜନ ଖେଳ ପଡିଆରେ ରବିବାର ଅପରାହ୍ନରେ ଫୁଟ୍‌ବଲ ମ୍ୟାଚ୍ ଚାଲିଥିବା ବେଳେ ହଠାତ ବଜ୍ରପାତ ହେବାରୁ ୩ ଜଣ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକମାନେ ହେଲେ ଲାଠିକଟା କଲରାଖମନ ଅଞ୍ଚଳର ବିଶାଲ ବିଲୁଙ୍ଗ(୧୮), ସୁନୀତ୍ ଓରାମ(୧୭) ଏବଂ ଶାନ୍ତିପ୍ରକାଶ ଲାକ୍ରା(୨୬)। ଖବର ପାଇ ପୋଲିସ ମୃତଦେହ ଜବତ କରି ଆର୍‌ଜିଏଚ୍ ମର୍ଗରେ ରଖିଛି। ସୋମବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ୯୧।୨୩) ରୁଜୁ ହୋଇଛି। ସୂଚନା ଅନୁସାରେ, ରବିବାର ଅପରାହ୍ନ ସାଢେ ୩ଟାରେ ଗର୍ଜନ ଖେଳ ପଡିଆରେ ଫୁଟବଲ ମ୍ୟାଚ୍ ହୋଇଥିଲା। ଖେଳ ଚାଲିଥିବା ବେଳେ ହଠାତ୍ ବଜ୍ରପାତ ହେବାରୁ ବିଶାଲ, ସୁନୀତ ଓ ଶାନ୍ତିପ୍ରକାଶ ଅଚେତ ହୋଇ ପଡିବାରୁ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଚିକିତ୍ସା ଲାଗି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସମସ୍ତ ୩ ଜଣଙ୍କୁ ମୃତ ଘୋଷଣା କରିଥିଲେ। ବିଶାଲ ଗାନ୍ଧୀ କଲେଜର ଯୁକ୍ତ ୨ରେ ପଢୁଥିବାବେଳେ ସୁନୀତ୍ ରାଉରକେଲା ସରକାରୀ ଆଇଟିଆଇରେ ପଢୁଥିଲେ।

# ଭାରତର ବୃହତ୍ ବିଜୟ

## ଅଷ୍ଟମ ଥର ପାଇଁ ଏସିଆ କପ୍ ଚାମ୍ପିୟନ

**କଲମ୍ବୋ, ୧୭।୯**

ମହମ୍ମଦ ସିରାଜଙ୍କ ଘାତକ ବୋଲିଂ ବଳରେ ଭାରତ ଅତି ସହଜରେ ଏସିଆ କପ୍ ଟାଇଟଲ ହାସଲ କରିଛି। ରବିବାର ଅନୁଷ୍ଠିତ ସମ୍ପୂର୍ଣ୍ଣ ଏକପାଖିଆ ଫାଇନାଲରେ ଟିମ୍ ଇଣ୍ଡିଆ ୧୦ ଉଇକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ସିରାଜଙ୍କୁ ସାମ୍ନା କରି ନ ପାରି ଶ୍ରୀଲଙ୍କା ୧୫.୨ ଓଭରରେ ମାତ୍ର ୫୦ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ୫୧ ରନର ବିଜୟ ଲକ୍ଷ୍ୟକୁ ଭାରତ କୌଣସି ଉଇକେଟ ନ ହରାଇ ୬.୧ ଓଭରରେ ହାସଲ କରି ନେଇଛି। ଇଶାନ କିଶନ ୨୩ (୧୮ ବଲ୍, ୩ ଚୌକା) ଓ ଶୁବମନ ଗିଲ୍ ୨୭ (୧୯ ବଲ, ୬ ଚୌକା) ରନରେ ଅପରାଜିତ ରହିଥିଲେ। ମାତ୍ର ୨୧ ରନରେ ୬ ଉଇକେଟ ହାସଲ କରିଥିବା ସିରାଜ ପ୍ଲେୟର ଅଫ୍ ଦି ମ୍ୟାଚ ଏବଂ ମୋଟ ୯ ଉଇକେଟ ନେଇଥିବା କୁଲଦୀପ ଯାଦବ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଛନ୍ତି। ଏହାକୁ ମିଶାଇ ଭାରତ ୮ ଥର ଏସିଆ କପ୍ ବିଜେତା ହୋଇଛି। ଏହା ପୂର୍ବରୁ ଭାରତୀୟ ଦଳ ୧୯୮୪, ୧୯୮୮, ୧୯୯୦/୯୧, ୧୯୯୫, ୨୦୧୦, ୨୦୧୬ ଓ ☞ପୃଷ୍ଠା-୨

### ୨୦ ବର୍ଷ ପରେ ଭାଙ୍ଗିଲା ଅଷ୍ଟ୍ରେଲିଆ ରେକର୍ଡ

ଶ୍ରୀଲଙ୍କା ପକ୍ଷରୁ ଧାର୍ଯ୍ୟ ବିଜୟ ଲକ୍ଷ୍ୟକୁ ଭାରତ ମାତ୍ର ୬.୧ ଓଭରରେ ହାସଲ କରି ନେଇଥିଲା। ଅର୍ଥାତ୍ ୨୬୩ଟି ବଲ୍ ବାକିଥାଇ ଭାରତ ବିଜୟ ହାସଲ କରିଥିଲା। ବଲ୍ ବଳକା ରହିବା ଦୃଷ୍ଟିରୁ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରେ ଏହା ସର୍ବବୃହତ୍ ବିଜୟ। ପୂର୍ବରୁ ୨୦୦୩ରେ ସିଡ୍‌ନୀଠାରେ ଇଂଲଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆ ୨୨୬ ବଲ ବାକିଥାଇ ବିଜୟୀ ହୋଇ ରେକର୍ଡର ଅଧିକାରୀ ଥିଲା। ୨୦ ବର୍ଷ ପରେ ଏହି ରେକର୍ଡକୁ ଭାଙ୍ଗିଛି ଭାରତ। ଏସିଆ କପ୍ ଫାଇନାଲରେ ଶ୍ରୀଲଙ୍କାକୁ ୫୦ ରନରେ ଅଲ୍‌ଆଉଟ କରି ଭାରତ ଏକ ପୂର୍ବ ଅଲୋଡ଼ା ରେକର୍ଡର ମଧୁର ପ୍ରତିଶୋଧ ମଧ୍ୟ ନେଇଛି। ୨୦୦୦ରେ ଶାରଜାଠାରେ କୋକାକୋଲା ଚାମ୍ପିୟନ୍ସ ଟ୍ରଫିରେ ଭାରତକୁ ଶ୍ରୀଲଙ୍କା ୫୪ ରନରେ ଅଲ୍‌ଆଉଟ କରି ଦେଇଥିଲା।

# ଦିନକରେ ୧୧ ସ୍କ୍ରବ୍ ଟାଇଫସ୍ ଆକ୍ରାନ୍ତ ଚିହ୍ନଟ

**ସୁନ୍ଦରଗଡ଼,୧୭।୯ (ଜୟନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲାରେ ସ୍କ୍ରବ ଟାଇଫସ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଶନିବାର ଗୋଟିଏ ଦିନରେ ପୁଣି ୧୧ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୮୦ରେ ପହଞ୍ଚିଛି। ସଦର ବ୍ଲକର ମଝାପଡା ଅଞ୍ଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ରହିଛି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଛାଡ଼ପତ୍ର ଜୀବନ ବଞ୍ଚାଏ






# ୪୩ ଲକ୍ଷ ଶିଶୁ ମେଦବହୁଳତାର ଶିକାର

**ନୂଆଦିଲ୍ଲୀ,୧୭।୯**

ଦେଶରେ ଜନ୍ମରୁ ୫ ବର୍ଷ ମଧ୍ୟରେ ପ୍ରାୟ ୪୩ ଲକ୍ଷରୁ ଅଧିକ ଶିଶୁ ମେଦବହୁଳତାର ଶିକାର ହୋଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ସରକାରଙ୍କ ଦ୍ୱାରା ପରିଚାଳିତ ଶିଶୁ ସୁରକ୍ଷା କେନ୍ଦ୍ରଗୁଡ଼ିକର ଡାଟା ମଧ୍ୟ ଏହି ସର୍ଭେର ଯଥାର୍ଥତାକୁ ଦର୍ଶାଉଛି। ଉଲ୍ଲେଖଯୋଗ୍ୟ ବିଷୟ ହେଲା, ସାରା ଦେଶରେ ପରିଚାଳିତ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର ୬% ଲେଖାଏ ପିଲା ଉଭୟ ମେଦବହୁଳତା ଓ କୁପୋଷଣର ଶିକାର ହୋଇଛନ୍ତି।

ଶିଶୁଙ୍କ ଯତ୍ନ ସମ୍ପର୍କିତ ଡାଟା ସଂଗ୍ରହ କରୁଥିବା ଆପ୍ 'ପୋଷଣ ଟ୍ରାକର'ର ସୂଚନା ଅନୁସାରେ ଜନ୍ମରୁ ୫ବର୍ଷ ମଧ୍ୟରେ ୪୩,୪୭,୩୮୭ ଜଣ ଶିଶୁ ମେଦବୃଦ୍ଧିର ଶିକାର ହେଉଛନ୍ତି। ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ବିହାର, ରାଜସ୍ଥାନ, ଉତ୍ତରାଖଣ୍ଡ ସମେତ ୧୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମେଦବୃଦ୍ଧି ହାର ଜାତୀୟ ହାରଠାରୁ ୬% ଅଧିକ। ଶିଶୁଙ୍କ ମଧ୍ୟରେ ମେଦବୃଦ୍ଧି ହାର ଗତ କିଛି ବର୍ଷ ହେଲା ବୃଦ୍ଧି ପାଇବାରେ ଲାଗିଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ (ଏନ୍‌ଏଫ୍‌ଏଚ୍‌ଏସ୍) ୪ ତୁଳନାରେ ଏନ୍‌ଏଫ୍‌ଏଚ୍‌ଏସ୍-୫ରେ ଶିଶୁଙ୍କ ମେଦବୃଦ୍ଧି ହାର କ୍ରମାଗତ ଭାବେ ବଢ଼ିଥିବା ଦର୍ଶାଯାଇଛି। ୨୦୨୧ରେ 'ପୋଷଣ ଟ୍ରାକର' ଆପ୍ ଆରମ୍ଭ ନ ହେଉଣୁ ଏନ୍‌ଏଫ୍‌ଏଚ୍‌ଏସ୍ ଦ୍ୱାରା ଉପରୋକ୍ତ ସର୍ଭେ କରାଯାଇଥିଲା। ଏନ୍‌ଏଫ୍‌ଏଚ୍‌ଏଚ୍-୫ର ସୂଚନାନୁସାରେ ଦେଶର ଅନ୍ୟ ରାଜ୍ୟ ଅପେକ୍ଷା ମିଜୋରାମ, ଅରୁଣାଚଳ ପ୍ରଦେଶ ଏବଂ ଜମ୍ମୁ-କଶ୍ମୀରରେ ମେଦବହୁଳ ଶିଶୁଙ୍କ ସଂଖ୍ୟା ସର୍ବାଧିକ। ଏହା ପଛକୁ ସିକିମ୍ ଓ ତ୍ରିପୁରା ରହିଛି। ସେହିପରି ମଧ୍ୟପ୍ରଦେଶ, ବିହାର ଏବଂ ଆନ୍ଧ୍ରପ୍ରଦେଶରେ ମେଦବହୁଳ ଶିଶୁଙ୍କ ସଂଖ୍ୟା ଦେଶରେ ସର୍ବନିମ୍ନ। ତାମିଲନାଡୁ ଓ ଗୋଆ ବ୍ୟତୀତ ଦେଶର ଅଧିକାଂଶ ରାଜ୍ୟରେ ଜନ୍ମରୁ ୫ ବର୍ଷ ମଧ୍ୟରେ ମେଦବହୁଳ ଶିଶୁଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି ବୋଲି ଏନ୍‌ଏଫ୍‌ଏଚ୍‌ଏସ୍-୫ରେ ଦର୍ଶାଯାଇଛି। ୱାର୍ଲ୍ଡ ଓବେସିଟି ଫେଡେରେଶନ୍ ଦ୍ୱାରା ପ୍ରକାଶିତ ସର୍ବେକ୍ଷଣରେ ☞ପୃଷ୍ଠା-୨

**୧୨ ବର୍ଷରେ ବଢ଼ିପାରେ ୧୨%**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଉଳ ସେରକ କୁକୁରିଆକୁ ଦେଇ**
**ଶିବ ନାଚୁଥିଲେ ଲଙ୍ଗଳା ହୋଇ।**

ଅପାତ୍ରରେ ଦାନ କଲେ ପରିଣତି କ୍ଷତିକାରକ ହୋଇଥାଏ। ଫଳସ୍ୱରୂପ ନିଜେ ଅସୁବିଧାରେ ପଡ଼ିବା ସହ ଅନୁତାପ କରିବା ହିଁ ସାର ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଚିରି ଯାଉଥିଲେ ଲମ୍ବ ହଉଥାଏ**
**ବୁଢ଼ୀ ହେଉଥିଲେ ଢମ ହଉଥାଏ।**

ଲୁଗା ପତଳା ହେଲେ ଚିରିଯାଏ। ପତଳା ଲୁଗା କୁ ଟାଣିଲେ ତାହା ଫାଟିଯାଏ, ତେଣୁ ଚିରିଯିବା ଲୁଗା ଲମ୍ବା ହୋଇଯାଉଥିବାର ଭ୍ରମ ସୃଷ୍ଟି କରିଥାଏ। ସେହିପରି ବୃଦ୍ଧ କାଳରେ ଢମ କରିବା ଟିକେ ଅଧିକ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଆଜିଠାରୁ ଅଧିକାଂଶ ଅଞ୍ଚଳରେ ଝଡ଼ବର୍ଷା

ଭୁବନେଶ୍ୱର,୧୭।୯
(ଅନୁରାଧା ମହାରଣା)

ବଙ୍ଗୋପସାଗରର କେନ୍ଦ୍ରୀୟ ଅଞ୍ଚଳରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ଏବେ ଦୁର୍ବଳ ହୋଇପଡ଼ିଛି। ତେଣୁ ଲଘୁଚାପ ପ୍ରଭାବରେ ରାଜ୍ୟ ଉପରେ ଦୁର୍ବଳ ସ୍ଥିତିରେ ଥିବା ମୌସୁମୀ ଏବେ ପୁନର୍ବାର ସକ୍ରିୟ ହୋଇପଡ଼ିଛି। ଫଳରେ ସୋମବାରଠାରୁ ରାଜ୍ୟରେ ଝଡ଼ବର୍ଷା ଲାଗି ରହିବ। ୧୮ରୁ ୨୨ ତାରିଖ ଯାଏ ୩ ଦିନ ଧରି ସାରା ରାଜ୍ୟରେ ପ୍ରବଳ ବର୍ଷା ହେବ। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ସୋମବାର ଅପରାହ୍ନ ମଧ୍ୟରେ ରାଜ୍ୟର ୮ ଜିଲାରେ ପ୍ରବଳ ବର୍ଷା(୭ରୁ ୧୧ ସେମି) ହେବାର ସମ୍ଭାବନା ରହିଥିବାବେଳେ ୧୦ ଜିଲାରେ ବଜ୍ରପାତ ସହ ଝଡ଼ବର୍ଷା ସମ୍ଭାବନା ରହିଛି। ଏହି ଜିଲାଗୁଡିକ ହେଉଛି ଯାଜପୁର, ଖୋର୍ଦ୍ଧା, ଢେଙ୍କାନାଳ, କେନ୍ଦୁଝର, କନ୍ଧମାଳ, ଗଞ୍ଜାମ, ଗଜପତି ଓ ରାୟଗଡ଼ା। ସେହିପରି ଏହି ସମୟ ମଧ୍ୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ପୁରୀ, ନୟାଗଡ଼, ଅନୁଗୋଳ ଓ କଳାହାଣ୍ଡି ଆଦି ୧୦ ଜିଲାରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ସମସ୍ତ ଜିଲାକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୯ ତାରିଖରେ କୋରାପୁଟ, ମାଲକାନଗିରି, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ନୟାଗଡ଼, କନ୍ଧମାଳ ଓ ନବରଙ୍ଗପୁର ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏଥିସହ ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, ଯାଜପୁର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଓ ନୟାଗଡ଼ ଜିଲାର କିଛି ସ୍ଥାନରେ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ସେହିପରି ୨୦ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଯାଜପୁର, କଟକ, ଖୋର୍ଦ୍ଧା, ନୟାଗଡ଼, ଅନୁଗୋଳ, ବୌଦ୍ଧ, କନ୍ଧମାଳ, ଗଞ୍ଜାମ, ଗଜପତି, ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗୀର, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲାରେ ୭ରୁ ୧୧ ସେମି ପର୍ଯ୍ୟନ୍ତ ବର୍ଷା ହୋଇପାରେ। ୨୧ ତାରିଖରେ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ଯାଜପୁର ଓ କଟକ ଜିଲାରେ ବଜ୍ରପାତ ସହ ବର୍ଷା ହୋଇପାରେ। ୨୨ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ସୋନପୁର, ବୌଦ୍ଧ, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି ଓ ନବରଙ୍ଗପୁର ଆଦି ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ଆକଳନ କରିଛି ପାଣିପାଗ ବିଭାଗ।

# ସ୍କିମେଟିକ କର୍ମଚାରୀ, ଶିକ୍ଷକଙ୍କୁ ସ୍ଥାୟୀ କରିବାକୁ ଦାବି

## ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘର ଚେତାବନୀ

ଭୁବନେଶ୍ୱର,୧୭।୯
(ଅନୁରାଧା ମହାରଣା)

ସ୍କିମେଟିକ୍ କର୍ମଚାରୀ ଓ ଶିକ୍ଷକଙ୍କୁ ସ୍ଥାୟୀ କରିବା ସହ ୨୦୧୩ ପୂର୍ବ ଶିକ୍ଷକ କର୍ମଚାରୀଙ୍କ ଠିକା ସମୟକୁ ମୂଳ ଚାକିରିରେ ଗଣନା କରିବାକୁ ଦାବି କରିଛି ଓଡ଼ିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘ। ଲୋହିଆ ଏକାଡେମୀଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟ ସରକାର ରାଜ୍ୟରୁ ଠିକା ବା ଚୁକ୍ତିଭିତ୍ତିକ ବ୍ୟବସ୍ଥା ପ୍ରତ୍ୟାହାର କରିନେବା ସହ ରାଜ୍ୟର ୫୭ ହଜାର କର୍ମଚାରୀ ଓ ୧୫ ହଜାରରୁ ଊର୍ଦ୍ଧ୍ୱ ହାଇସ୍କୁଲ ଶିକ୍ଷକଙ୍କୁ ସ୍ଥାୟୀ କରିଥିଲେ। ଏଥିସହ ଚୁକ୍ତିଭିତ୍ତିକ ସମୟକୁ ମୂଳ ଚାକିରିରେ ଗଣନା କରି ୬ଟି ନୋସନାଲ ଇନ୍‌କ୍ରିମେଣ୍ଟ ପ୍ରଦାନର ନିଷ୍ପତ୍ତି ନେଇଥିଲେ। ମାତ୍ର ରାଜ୍ୟରେ କାମ କରୁଥିବା ୮ ହଜାରରୁ ଊର୍ଦ୍ଧ୍ୱ ପ୍ରାଥମିକ ବିଦ୍ୟାଳୟର ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ, ବର୍ଷ ବର୍ଷ ଧରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ କାମ କରୁଥିବା ଆର୍‌ବିକେସ ଆୟୁଷ ଡାକ୍ତର, ପିଟିଏସ, ପାରାମେଡିକାଲ ଷ୍ଟାଫ, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ, ଅନୁସୂଚିତ ଓ ଜନଜାତି ବିଭାଗ ଅଧୀନ ଏକଲବ୍ୟ ମଡେଲ ରେସିଡେନ୍ସିଆଲ ସ୍କୁଲ ଶିକ୍ଷକ, କର୍ମଚାରୀ, ପିଜି ଶିକ୍ଷକ, ମହିଳା ମାଟ୍ରନ୍ ଯୋଜନା ଓ ସମନ୍ୱୟ ବିଭାଗର ସବ୍‌ଜେକ୍ଟ ମ୍ୟାଟର ଏକ୍ସପର୍ଟ ଏବଂ ଶିଶୁ ଓ ମହିଳା ବିକାଶ ବିଭାଗର ଶିଶୁ ସୁରକ୍ଷା ଅଧିକାରୀ ଓ କର୍ମଚାରୀଙ୍କ ସମେତ ବିଭାଗର ବହୁ କର୍ମଚାରୀ ଓ ଶିକ୍ଷକଙ୍କ ଚାକିରିକୁ ସ୍କିମେଟିକ ଆଳରେ ସ୍ଥାୟୀ କରୁନାହାନ୍ତି। ସେହିପରି ୨୦୦୧ ପରେ ଓ ୨୦୧୩ ମସିହା ପୂର୍ବରୁ ବିଭିନ୍ନ ପର୍ଯ୍ୟାୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଗଣଶିକ୍ଷା ବିଭାଗର ପ୍ରାଥମିକ ଓ ହାଇସ୍କୁଲ ଶିକ୍ଷକ, ଯୋଜନା ଓ ସମନ୍ୱୟ ବିଭାଗର କର୍ମଚାରୀ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଗ୍ରାମ୍ୟ କୃଷି କର୍ମଚାରୀ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ସହକାରୀ ମତ୍ସ୍ୟ ଅଧିକାରୀଙ୍କ ସମେତ ବହୁ ବିଭାଗର କର୍ମଚାରୀଙ୍କ ଠିକା ଚାକିରି ସମୟକୁ ଗଣନା କରିବା ସହ ଇନ୍‌କ୍ରିମେଣ୍ଟ ପ୍ରଦାନ କରାଯାଉ ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ସଂଘ ସଭାପତି ବିଜୟ ମଲ୍ଲ ଓ ସାଧାରଣ ସମ୍ପାଦକ କ୍ଷିତୀଶ ପଣ୍ଡା, ସଂଗଠନ ସମ୍ପାଦକ ପ୍ରଶାନ୍ତ ରାଉତରାୟ ଚେତାବନୀ ଦେଇଛନ୍ତି।

# କ୍ୟାମ୍ପସରେ ହୋର୍ଡିଂକୁ ନେଇ ବିବାଦ

## ଛାତ୍ରନେତାଙ୍କ ବିରୋଧ

ଭୁବନେଶ୍ୱର, ୧୭।୯
(ଅସମାପିକା ସାହୁ)

ଉଚ୍ଚ ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ ଛାତ୍ର ଯୋଜନା ଓ ଛାତ୍ର ବୃତ୍ତି ସମ୍ବନ୍ଧୀୟ ହୋର୍ଡିଂ ଲଗାଯିବା ନିଷ୍ପତ୍ତିକୁ ବିବାଦ ଦେଖାଦେଇଛି। ଏଭଳି ହୋର୍ଡିଂ ଲଗାଇବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟର କୁଳସଚିବ ଓ ଡିଗ୍ରୀ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦିଆଯିବା ପରେ ବିରୋଧ ଆରମ୍ଭ ହୋଇଛି। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ଏହା ବିଜେଡି ସରକାରଙ୍କ ଛାତ୍ର ଭୋଟରଙ୍କୁ ହାତେଇବାର ଚକ୍ରାନ୍ତ ବୋଲି କେତେଜଣ ଛାତ୍ରନେତା କହିଛନ୍ତି। ପ୍ରଥମେ କଲେଜରେ କ୍ୟାମ୍ପସ କମିଟି ଗଠନ ହେଲା। ତା'ପରେ ଭୋଟର ଲିଷ୍ଟରେ ନାଁ ଚଢ଼ାଇବାକୁ ସଚେତନତା ଶିବିର ହେଲା, ଆଉ ଏବେ ସରକାରଙ୍କ ଶିକ୍ଷା ଯୋଜନା ସମ୍ବଳିତ ହୋର୍ଡିଂ କ୍ୟାମ୍ପସରେ ଲଗାଇବା ନିଷ୍ପତ୍ତି ପଛରେ ନିର୍ବାଚନୀ ସ୍ୱାର୍ଥ ରହିଥିବା ସେମାନେ ଅଭିଯୋଗ ଉଠାଇଛନ୍ତି। ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି, ଶିକ୍ଷାନୁଷ୍ଠାନରେ ହୋର୍ଡିଂଲଗାଇବାର ଯଦି ଇଚ୍ଛା ଅଛି ତେବେ ଶିକ୍ଷକ ଅଭାବ, ର୍ୟାଗିଂ ସମ୍ପର୍କିତ ତଥ୍ୟ ଲଗାନ୍ତୁ। ଏପରି ନ କରି ସରକାରୀ ଯୋଜନା ସମ୍ପର୍କରେ ହୋର୍ଡିଂ ଲଗାଇବା ଯୁକ୍ତିଯୁକ୍ତ ନୁହେଁ। ଛାତ୍ର ସଂସଦ ନିର୍ବାଚନ ବନ୍ଦ କରି ସରକାର ଯୁବପିଢ଼ିଙ୍କୁ ରାଜନୀତିଠାରୁ ଦୂରେଇ ରଖିବା ପାଇଁ ଚକ୍ରାନ୍ତ କରିଛନ୍ତି। ଆସନ୍ତା ସାଧାରଣ ନିର୍ବାଚନରେ ଯୁବ ଭୋଟରଙ୍କୁ ହାତେଇବା ପାଇଁ ସରକାରଙ୍କ ଏହା ଏକ ପ୍ରୟାସ। ଛାତ୍ର କଂଗ୍ରେସ ଏହାର ପ୍ରତିବାଦ କରୁଛି। କୌଣସି ଶିକ୍ଷାନୁଷ୍ଠାନରେ ସରକାରୀ ହୋର୍ଡିଂ ଲଗାଗଲେ ଛାତ୍ର କଂଗ୍ରେସ ତାହାକୁ ଚିରିଦେବା ସହ କୋର୍ଟର ଦ୍ୱାରସ୍ଥ ହେବ। ଏଆଇଏସ୍ଏଫ୍ ରାଜ୍ୟ ସଭାପତି ସଂଘମିତ୍ରା ଜେନା କହିଛନ୍ତି, ଆଗକୁ ସାଧାରଣ ନିର୍ବାଚନ ଥିବାରୁ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଆସନ୍ତା ନିର୍ବାଚନରେ ୬ଲକ୍ଷ ନୂଆ ଭୋଟର ଅଛନ୍ତି। ସେହି ଭୋଟରଙ୍କ ବୁଝିବାର ଶକ୍ତିକୁ ଚାପିଦେବା ସହ ନିଜ ଆଡକୁ ନେବା ପ୍ରକ୍ରିୟା ବହୁତ ପୂର୍ବରୁ ଆରମ୍ଭ ହୋଇସାରିଛି। ଶେଷ ପ୍ରୟାସ ଭାବେ କ୍ୟାମ୍ପସରେ ହୋର୍ଡିଂ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଆଇଏସ୍ଏଫ୍ ସରକାରଙ୍କୁ ଏଥିରୁ ନିବୃତ୍ତ ରହିବା ପାଇଁ ଚେତାବନୀ ଦେଉଛି। ଯଦି ଏଭଳି କାର୍ଯ୍ୟ କରାଯାଏ, ତେବେ ଆଗାମୀ ଦିନରେ କ୍ୟାମ୍ପସରେ ସରକାରଙ୍କ ଦୁର୍ନୀତି ହୋର୍ଡିଂ ଲଗାଇବୁ। ସେହିଭଳି ଏବିଭିପି ରାଜ୍ୟ ମିଡିଆ ସଂଯୋଜକ ବିଶ୍ୱଜିତ ପାତ୍ର କହିଛନ୍ତି, ସରକାର ଛାତ୍ର ସଂସଦ ନିର୍ବାଚନକୁ ବାତିଲ କରି ଏକଚ୍ଛତ୍ରବାଦୀ ଶାସନ ଚଳାଉଛନ୍ତି। ଏବିଭିପି ତାହାକୁ କେବେ ବି ସ୍ୱୀକାର କରିବ ନାହିଁ। ଏବେ ସରକାରୀ ଯୋଜନାକୁ କ୍ୟାମ୍ପସରେ ଲଗାଇ ଲିଙ୍ଗ୍‌ଡୋ କମିଶନଙ୍କ ନିୟମକୁ ଉଲ୍ଲଂଘନ କରୁଛନ୍ତି। ସାଧାରଣ ନିର୍ବାଚନରେ ଯୁବ ଭୋଟରଙ୍କୁ ହାତେଇବା ପାଇଁ ଏହା ଏକ ପ୍ରୟାସ। କିନ୍ତୁ ଏବିଭିପି ଏଭଳି କାର୍ଯ୍ୟ ଆଦୌ କରିବାକୁ ଦେବ ନାହିଁ। ଯଦି କ୍ୟାମ୍ପସରେ କୌଣସି ସରକାରୀ ହୋର୍ଡିଂ ଲାଗେ, ତେବେ ଏବିଭିପି ପକ୍ଷରୁ ସବୁ ଶିକ୍ଷାନୁଷ୍ଠାନ ଆଗରେ ପ୍ରତିବାଦ ହେବ ଓ ନିଆଁ ଜଳିବ।

# ପିଏମ୍ ବିଶ୍ୱକର୍ମା ଯୋଜନାର ଲାଭ ନେବାକୁ ରେଳମନ୍ତ୍ରୀଙ୍କ ଆହ୍ୱାନ




ଭୁବନେଶ୍ୱର ରେଳ ଅଡିଟୋରିୟମ୍‌ଠାରେ 'ପିଏମ୍ ବିଶ୍ୱକର୍ମା ଯୋଜନା'ଶୁଭାରମ୍ଭ କାର୍ଯ୍ୟକ୍ରମରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଅନ୍ୟ ଅତିଥିମାନେ। (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର,୧୭।୯
(ଅଭିଜିତ ଦାସ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୩ତମ ଜନ୍ମ ଦିନ ତଥା ଦେବ ଶିଳ୍ପୀ ବିଶ୍ୱକର୍ମା ପୂଜା ଅବସରରେ ରବିବାର ଦେଶର ପାରମ୍ପରିକ ଶିଳ୍ପୀ ଓ କାରିଗରଙ୍କ ପାଇଁ 'ପିଏମ୍ ବିଶ୍ୱକର୍ମା ଯୋଜନା'ର ଶୁଭାରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀସ୍ଥିତ ଯଶୋଭୂମିରୁ ଏହି ବୃହତ୍ ଯୋଜନାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଓଡ଼ିଶାର ଭୁବନେଶ୍ୱର, ସମ୍ବଲପୁର ଓ ପୁରୀ ସମେତ ଦେଶର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସମ୍ବଲପୁର କାର୍ଯ୍ୟକ୍ରମରେ କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଜନ୍ ବର୍ଲା ଓ ପୁରୀରେ କେନ୍ଦ୍ର ମହିଳା ଏବଂ ଶିଶୁ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଡ. ମୁଞ୍ଜାପରା ମହେନ୍ଦ୍ରଭାଇ କାଲୁଭାଇ ଉପସ୍ଥିତ ରହିଥିଲେ। ସେହିପରି ଭୁବନେଶ୍ୱର ରେଳ ଅଡିଟୋରିୟମ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗଦେଇ କହିଲେ, କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା ଦେଶବାସୀଙ୍କ ହିତ ଉଦ୍ଦେଶ୍ୟରେ କରାଯାଇଛି। ପାରମ୍ପରିକ ବା କୌଳିକ ବୃତ୍ତିକୁ ବଞ୍ଚାଇ ରଖିଥିବା ଶିଳ୍ପୀ ଓ କାରିଗରଙ୍କୁ ପୂର୍ବରୁ କୌଣସି ସୁବିଧା ମିଳିପାରୁ ନ ଥିଲା। ବର୍ତ୍ତମାନ 'ପିଏମ୍ ବିଶ୍ୱକର୍ମା ଯୋଜନା' ଜରିଆରେ ୧୮ଟି ବର୍ଗରେ ପାରମ୍ପରିକ ଶିଳ୍ପୀ ଓ କାରିଗରଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ସେମାନଙ୍କ ଲାଗି ୫ ବର୍ଷ ପାଇଁ ୧୩ ହଜାର କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ଯୋଜନାରେ ସାମିଲ ହେବା ପାଇଁ ଶିଳ୍ପୀ ଓ କାରିଗରଙ୍କୁ ପିଏମ ବିଶ୍ୱକର୍ମା ପୋର୍ଟାଲରେ ପଞ୍ଜୀକରଣ କରିବାକୁ ପଡିବ। ଗ୍ରାମାଞ୍ଚଳ ହେଉ କିମ୍ବା ସହରାଞ୍ଚଳ, ବିଭିନ୍ନ ଜନସେବା କେନ୍ଦ୍ରରେ ନାମ ପଞ୍ଜୀକରଣ କରିପାରିବେ। ପଞ୍ଜୀକୃତ ଶିଳ୍ପୀମାନଙ୍କୁ ପିଏମ୍ ବିଶ୍ୱକର୍ମା ସାର୍ଟିଫିକେଟ ସହ ଆଇଡି କାର୍ଡ ପ୍ରଦାନ କରାଯିବ। ସେମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ଦିଆଯିବ। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦଗୁଡିକର ଗୁଣବତ୍ତା ବୃଦ୍ଧି ସହ ବ୍ରାଣ୍ଡିଂ ଓ ବିଜ୍ଞାପନ ବାବଦକୁ ମାର୍କେଟିଂ ସହାୟତା ଦିଆଯିବ। ଆର୍ଥିକ ସହାୟତା ସହ ସେମାନଙ୍କ ବୃତ୍ତିକୁ ନେଇ ୧୫ ହଜାର ଟଙ୍କାର ଟୁଲ୍‌କିଟ ପ୍ରଦାନ କରାଯିବ। ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବନ୍ଧକ ବିହୀନ ଋଣ ମିଳିବ। ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଓ ଦ୍ୱିତୀୟ ପର୍ଯ୍ୟାୟରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ୫ ପ୍ରତିଶତ ସୁଧରେ ଯୋଗାଇ ଦିଆଯିବ। ତେଣୁ ଏହାର ଲାଭ ନେବାକୁ ରେଳମନ୍ତ୍ରୀ ଓଡ଼ିଶାର ପାରମ୍ପରିକ ଶିଳ୍ପୀ ଓ କାରିଗରଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ୧୮ଟି ବର୍ଗର ପାରମ୍ପରିକ କାରିଗରଙ୍କୁ ସମ୍ମାନ ଦେବା ପାଇଁ ସ୍ୱତନ୍ତ୍ର ଡାକ ଟିକଟର ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୋଗଦେଇ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ କହିଛନ୍ତି, ୧୪୦ କୋଟି ଦେଶବାସୀଙ୍କ ପାଇଁ ଏହା ଏକ ବଡଦିନ। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ପିଏମ୍ ବିଶ୍ୱକର୍ମା ଯୋଜନା କାରିଗର ଓ ଶିଳ୍ପୀଙ୍କ ପାଇଁ ଏକ ଆଶାର କିରଣ। ଦେଶର ପାଖାପାଖି ୩୦ ଲକ୍ଷରୁ ଊର୍ଦ୍ଧ୍ୱ କାରିଗର ଓ ଶିଳ୍ପୀ ଉପକୃତ ହୋଇପାରିବେ। ଏମ୍‌ପି ମୁନ୍ନା ଖାଁ କହିଛନ୍ତି, ଏହି ଯୋଜନା ଦ୍ୱାରା ରାଜ୍ୟରେ ଥିବା ଶିଳ୍ପୀ ଓ କାରିଗରମାନେ ଉପକୃତ ହେବେ। ଓଡିଶା ଏମ୍‌ଏସ୍ଏମ୍‌ଇ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ପୂର୍ବତଟ ରେଳପଥ ମହାପ୍ରବନ୍ଧକ ମନୋଜ ଶର୍ମା, ଖୋର୍ଦ୍ଧା ଡିଆର୍‌ଏମ୍ ଏଚ୍.ଏସ୍.ବାଜୱା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିବାବେଳେ ୧୩ ଶହରୁ ଊର୍ଦ୍ଧ୍ୱକାରିଗର ଓ ଶିଳ୍ପୀ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ...

### ମହିଳା ସଂରକ୍ଷଣ ...

ଶାସକ ବିଜେଡି ଏବଂ ତେଲଙ୍ଗାନାରେ କ୍ଷମତାସୀନ ବିଆର୍‌ଏସ୍ ମହିଳା ସଂରକ୍ଷଣ ବିଲ୍ ପାରିତ କରିବା ପାଇଁ ଦାବି କରିଛନ୍ତି। ନିକଟରେ କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ପଠାଇଥିବା ପତ୍ରରେ ମଧ୍ୟ ମହିଳା ସଂରକ୍ଷଣ ବିଲ୍ ପ୍ରସଙ୍ଗ ଉଲ୍ଲେଖ କରିଥିଲେ। ପାର୍ଲାମେଣ୍ଟ ହାଉସ୍ କମ୍ପ୍ଲେକ୍ସରେ ରବିବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ମଧ୍ୟ ଏହି ଦଳଗୁଡ଼ିକ ମହିଳା ସଂରକ୍ଷଣ ବିଲ୍ ଆଣିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଉକ୍ତ ବୈଠକରେ ବିଜେଡିର ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଏବଂ ବିଆର୍‌ଏସ୍ ନେତା କେ. କେଶବ ରାଓଙ୍କ ସମେତ ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ, ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା(ଜେଡିଏସ୍), କାନିମୋଝି(ଡିଏମ୍‌କେ), ରାମ ମୋହନ ନାଇଡୁ(ଟିଡିପି), ଡେରେକ୍ ଓ'ବ୍ରାଏନ୍(ଟିଏମ୍‌ସି), ସଞ୍ଜୟ ସିଂ(ଏଏପି), ବିଜୟସାଇ ରେଡ୍ଡୀ(ୱାଇଏସ୍ଆର୍‌ସିପି), ମନୋଜ ଝା(ଆର୍‌ଜେଡି), ଅନିଲ ହେଗ୍‌ଡେ(ଜେଡିୟୁ) ଏବଂ ରାମଗୋପାଳ ଯାଦବ(ଏସ୍‌ପି) ପ୍ରମୁଖ ଯୋଗଦେଇଥିଲେ। ସରକାରଙ୍କ ପକ୍ଷରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ(ଲୋକ ସଭାରେ ଗୃହର ଉପନେତା), ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ(ରାଜ୍ୟ ସଭାରେ ଗୃହର ନେତା) ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ଏଥିରେ ପ୍ରତିନିଧିତ୍ୱ କରିଥିଲେ। ଏହା ବ୍ୟତୀତ କଂଗ୍ରେସ ଦରଦାମ ବୃଦ୍ଧି, ବେରୋଜଗାରି, ସାମାଜିକ ସଂଘର୍ଷ ଓ ମଣିପୁର ଜାତିଆଣ ହିଂସା ଭଳି ପ୍ରସଙ୍ଗ ମଧ୍ୟ ଉଠାଇଥିବା ଦଳୀୟ ଏମ୍‌ପି ପ୍ରମୋଦ ତିୱାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ୪୩ ଲକ୍ଷ ଶିଶୁ ...

ଦର୍ଶାଯାଇଛି ଯେ ବିଶ୍ୱସ୍ତରରେ ମୋଟା ଶିଶୁଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏଥିରୁ ଭାରତ ବାଦ୍ ପଡ଼ିନି। ଯଦି ଏଥିପ୍ରତି ଗୁରୁତ୍ୱ ଦିଆ ନ ଯାଏ ତେବେ ଭାରତରେ ୨୦୩୫ ସୁଦ୍ଧା ବାର୍ଷିକ ୯.୧% ଶିଶୁ ମେଦବୃଦ୍ଧିର ଶିକାର ହେବେ। ୨୦୨୦ରେ ଭାରତରେ ବାଳକଙ୍କ ମଧ୍ୟରେ ମେଦବୃଦ୍ଧି ଆଶଙ୍କା ମାତ୍ର ୩% ଥିବାବେଳେ ଏହା ଆଗାମୀ ୧୨ ବର୍ଷ ପରେ ୧୨% ବୃଦ୍ଧି ପାଇବ। ସେହିପରି ବାଳିକାଙ୍କ ସଂଖ୍ୟାକୁ ଦେଖିଲେ ଆଗାମୀ ୧୨ ବର୍ଷ ପରେ ସେମାନଙ୍କଠାରେ ମେଦବୃଦ୍ଧି ଆଶଙ୍କା ୭% ବୃଦ୍ଧି ପାଇବ ବୋଲି ଏହି ସର୍ଭେରେ କୁହାଯାଇଛି। ଅନୁରୂପଭାବେ ୨୦୩୫ ସୁଦ୍ଧା ଦେଶରେ ଜନସଂଖ୍ୟାର ପ୍ରାୟ ୧୧% ମେଦବହୁଳତାର ଶିକାର ହୋଇପାରନ୍ତି। ୨୦୨୦ରୁ ୨୦୩୫ ମଧ୍ୟରେ ଯୁବଗୋଷ୍ଠୀଙ୍କ ମଧ୍ୟରେ ଏହି ମାତ୍ରା ବାର୍ଷିକ ୫.୨% ହିସାବରେ ବଢ଼ିବ। ଏହା ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଉପରେ ୧.୮% ପ୍ରଭାବ ପକାଇବ ବୋଲି କୁହାଯାଇଛି।

### ଭାରତର ବୃହତ୍ ...

୨୦୧୮ରେ ଭାରତ ଚାମ୍ପିୟନ ହୋଇଥିଲା। ଅର୍ଥାତ୍ ୫ ବର୍ଷ ବ୍ୟବଧାନରେ ଭାରତ ପୁଣି ଏସିଆ କପ୍ କବ୍‌ଜା କରିଛି।

**ଅବିସ୍ମରଣୀୟ ୪ର୍ଥ ଓଭର**

ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ପ୍ରଥମ ଓଭରର ୩ୟ ବଲ୍‌ରେ କୁଶାଲ ପେରେରାଙ୍କୁ ଆଉଟ କରି ପ୍ରାରମ୍ଭିକ ଝଟ୍‌କା ଦେଇଥିଲେ ଯଶପ୍ରୀତ୍ ବୁମ୍‌ରା। ମାତ୍ର ଆଜିଥିଲା ସିରାଜଙ୍କ ଦିନ। ୪ର୍ଥ ଓଭରରେ ହିଁ ଅସଲ ଖେଳ ଦେଖାଇଥିଲେ ଏହି ପ୍ରତିଭାସମ୍ପନ୍ନ ଦ୍ରୁତ ବୋଲର। ନିଜର ପ୍ରଥମ ଓଭର ମେଡେନ ପକାଇଥିବା ସିରାଜ ଇନିଂସର ୪ର୍ଥ ଓଭରରେ ୪ଟି ଉଇକେଟ ନେଇ ଶ୍ରୀଲଙ୍କାକୁ ମାନସିକ ସ୍ତରରେ ପରାଜିତ କରି ଦେଇଥିଲେ। ଏହା ଥିଲା ତାଙ୍କର ଡ୍ରିମ୍ ସ୍ପେଲ୍। ୪ର୍ଥ ଓଭରର ପ୍ରଥମ ବଲ୍‌ରେ ପଥୁମ ନିଶଙ୍କା, ୩ୟ ବଲ୍‌ରେ ସଦିରା ସମରବିକ୍ରମା, ୪ର୍ଥ ବଲ୍‌ରେ ଚରିଥ ଆଶାଲଙ୍କା ଏବଂ ୬ଷ୍ଠ ବଲ୍‌ରେ ଧନଞ୍ଜୟ ଡି'ସିଲଭାଙ୍କୁ ଆଉଟ କରି ସିରାଜ ଶ୍ରୀଲଙ୍କାର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ଏହି ଓଭରରେ ୪ ରନ ବିନିମୟରେ ୪ ଉଇକେଟ ହିଁ ମ୍ୟାଚର ଭାଗ୍ୟ ନିର୍ଦ୍ଧାରଣ କରିଥିଲା। ଶ୍ରୀଲଙ୍କା ଇନିଂସ ମୋଟ ୧୫.୨ ଓଭରରେ ସୀମିତ ରହିଥିଲା। କୁଶାଲ ମେଣ୍ଡିସ ସର୍ବାଧିକ ୧୭ ରନ କରିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ସିରାଜ ୨୧ ରନରେ ୬ଟି, ହାର୍ଦ୍ଦିକ ପାଣ୍ଡ୍ୟା ୩ ରନରେ ୩ ଏବଂ ଯଶପ୍ରୀତ୍ ବୁମ୍‌ରା ୨୩ ରନରେ ଗୋଟିଏ ଉଇକେଟ ନେଇଥିଲେ। ୬/୨୧ ଶ୍ରୀଲଙ୍କା ବିପକ୍ଷରେ କୌଣସି ଦ୍ରୁତ ବୋଲରଙ୍କ ଶ୍ରେଷ୍ଠ ଦିନିକିଆ ବୋଲିଂ ଫିଗର। ପୂର୍ବରୁ ପାକିସ୍ତାନର ୱାକର ୟୁନିସ ୧୯୯୦ରେ ଶାରଜାଠାରେ ୨୬ ରନରେ ୬ ଉଇକେଟ ନେଇ ଏହି ରେକର୍ଡର ଅଧିକାରୀ ଥିଲେ।

### ଦିନକରେ ୧୧ ...

ଏଥିରେ ଜଣଙ୍କର ମୃତ୍ୟୁ ଘଟିଛି। ରାଉରକେଲା ସରକାରୀ ଡାକ୍ତରଖାନା ଓ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାରେ ଏହି ସ୍କ୍ରବ ଟାଇଫସର ପରୀକ୍ଷା କେନ୍ଦ୍ର ରହିଛି। ସଂକ୍ରମଣକୁ ଆଖିଆଗରେ ରଖି ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି ବୋଲି ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.କାହ୍ନୁଚରଣ ନାୟକ ପ୍ରକାଶ କରିଛନ୍ତି। ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଏନେଇ ସଜାଗ ରଖାଯାଇଛି। ଲୋକଙ୍କୁ ମଧ୍ୟ ଏ ସମ୍ପର୍କରେ ସଚେତନ କରାଯାଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କୃତ୍ତିକା ନକ୍ଷତ୍ରର ଅସୁବିଧା ନ ହେଲେ ମଧ୍ୟ ଦୈହିକ ଦୁର୍ବଳତା ସାଙ୍ଗକୁ ଧୈର୍ଯ୍ୟହରା ଓ ନୈରାଶ୍ୟ ବ୍ୟସ୍ତବିବ୍ରତ କରାଇବ। ଉପସ୍ଥିତ ବୁଦ୍ଧି ଓ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟମାନଙ୍କୁ ଆପଣାର କରିବାରେ ସାହାଯ୍ୟ କରିବ। ପରିବାରରେ ଶାନ୍ତି ଅବ୍ୟାହତ ରହିବ। ଅଫିସରେ ଜଣେ ବନ୍ଧୁଙ୍କୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**ବୃଷ** ସମସ୍ୟା ଜାଲରେ ଛନ୍ଦି ହୋଇ ମନୋବଳ ବିଗିଡ଼ିଯିବ। ଅନ୍ୟମାନଙ୍କ ଉପରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ। ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ରୋହିଣୀ ନକ୍ଷତ୍ର ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇପାରନ୍ତି। ପରିବହନରେ କ୍ଷତି ଆଶଙ୍କା ରହିଛି। ସ୍ୱାସ୍ଥ୍ୟରେ ଉନ୍ନତି ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ମିଥୁନ** ଆନୁଷଙ୍ଗିକ ସାହାଯ୍ୟ ଲାଭକରି ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ପୁନର୍ବସୁ ନକ୍ଷତ୍ର ପରିବାର ଭିତରେ ସମ୍ପର୍କ ହାନି ଫଳରେ ଚିନ୍ତା ପ୍ରକଟ କରିପାରନ୍ତି। ସଂଗଠନ, ରାଜନୀତି କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ନିଜ ନିଜର କର୍ମକ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ।

**କର୍କଟ** ବିଶେଷ ଖର୍ଚ୍ଚାନ୍ତ ଓ ପରିଶ୍ରମ କାରଣରୁ ଟେନସନ୍ ଲାଗି ରହିବ। ପୂର୍ବ ସମସ୍ୟା ସମାଧାନରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ସଭାସମିତିରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ, ଫଳରେ ବିତର୍କ ଲାଗିପାରେ। ଅଶ୍ଳେଷା ନକ୍ଷତ୍ରର ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ସମ୍ପୂର୍ଣ୍ଣ ହେବ ନାହିଁ।

**ସିଂହ** ଅତୀତରେ ସୃଷ୍ଟି ହୋଇଥିବା ସମସ୍ୟା ସମାଧାନ କରିବାରେ ସମର୍ଥ ହେବେ। ଆର୍ଥିକ ଦିଗରୁ ଉପକୃତ ହେବେ କିନ୍ତୁ ପୂର୍ଣ୍ଣ ଆବଶ୍ୟକତା ଅପୂରଣୀୟ ରହିବ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ ଓ ମଧୁମୟ କରିବାରେ ସହାୟକ ହେବ। ପୂର୍ବାଫାଲଗୁନୀ ନକ୍ଷତ୍ର ତରବର ହେଲେ ଅସୁବିଧାରେ ପଡ଼ିବେ।

**କନ୍ୟା** ଈର୍ଷାପରାୟଣ ବନ୍ଧୁଙ୍କ ଦ୍ୱାରା ମିଥ୍ୟା ଗୁଜବ ମନକୁ ଚହଲାଇ ଦେବ। ସମ୍ପର୍କୀୟଙ୍କୁ ଅର୍ଥ କିମ୍ବା ଅଳଙ୍କାର ଦେବା ନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଚିତ୍ରା ନକ୍ଷତ୍ରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି।

**ତୁଳା** ଆଜି ଆକସ୍ମିକ ଭାବରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହୋଇପାରେ। ଜଣେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ସ୍ୱାତୀ ନକ୍ଷତ୍ର ପିଲାଙ୍କ ଆଚରଣରେ ଅସନ୍ତୋଷ ବ୍ୟକ୍ତ କରି ମନେ ମନେ ବିରକ୍ତ ହେବେ।

**ବିଛା** ଅନୁରାଧା ନକ୍ଷତ୍ର ଯାହା ମନରରେ ଆଶାବାନ୍ଧି ବସିଛନ୍ତି ଆଜି ତାହା ଅବଶ୍ୟ ପାଇବେ। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଅବଶ୍ୟ ଉପକୃତ ହେବେ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ, ସାମ୍ବାଦିକତା, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ।

**ଧନୁ** ବହୁ ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇପାରନ୍ତି। ଯେଉଁ କଥା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। କିଛି ସମୟ ପୂର୍ବରୁ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହେବେ। ଉତ୍ତରାଷାଢ଼ା ନକ୍ଷତ୍ର ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି।

**ମକର** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହଠାତ୍ ସମସ୍ୟା ଭିତରକୁ ଟାଣି ହୋଇ ପାରନ୍ତି। ଧନିଷ୍ଠା ନକ୍ଷତ୍ରର ଦୁଶ୍ଚିନ୍ତା କାରଣରୁ ରକ୍ତଚାପ ମଧ୍ୟ ବଢ଼ିଯାଇପାରେ। ନିକଟ ସମ୍ପର୍କୀୟମାନେ କାଳେ ଦେବାକୁ ପଡ଼ିବ, ଏହି କାରଣରୁ ପାଖ ମାଡ଼ିବେ ନାହିଁ। ପରିହାସଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବାରେ ସାହାଯ୍ୟ କରିବ।

**କୁମ୍ଭ** କର୍ମ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ଯାହାକି ହେବା ଜିନିଷ ହୋଇପାରିବ ନାହିଁ। ଶତଭିଷା ନକ୍ଷତ୍ର ବନ୍ଧୁଙ୍କ ଦ୍ୱାରା କାମଟି କରାଇ ନେବେ। ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ।

**ମୀନ** ଆଜି କର୍ମ କ୍ଷେତ୍ରରୁ ଫେରିବା ବେଳକୁ ଘରର ଅଶାନ୍ତ ପରିବେଶ କେତେକାଂଶରେ ଶାନ୍ତ ପଡ଼ି ଯାଇଥିବ। ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ ତଥାପି ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟର ଅର୍ଥକୁ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ବିନିଯୋଗ କରିପାରନ୍ତି।

ଆଜି ଭାଦ୍ରବ ଶୁକ୍ଳପକ୍ଷର ହରିତାଳିକା ତୃତୀୟା ଯୁକ୍ତ ଚତୁର୍ଥୀ ସୋମବାର, ଶ୍ରୀମନ୍ଦିରରେ ଅନ୍ଧଲୀଳା, ବାଲି ତୃତୀୟା ଗୌରୀବ୍ରତ, ସେପ୍ଟେମ୍ବର ୧୮ ତାରିଖ, ରାଶି ନକ୍ଷତ୍ର-ଦିବା ଘ୧୨।୦୬ ଗତେ, ସ୍ୱାତୀ/ତୁଳା, ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ, ଦିବା ଘ୦୫।୩୮ ଗତେ, ଘ୦୭।୦୮ ମଧ୍ୟେ, ଘ.୦୮।୫୧ ଗତେ, ଘ.୧୧।୧୬ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୦୮ ଗତେ, ଘ.୦୮।୩୯ ମଧ୍ୟେ ରାହୁକାଳ।

## ବିମାନବନ୍ଦରରେ ଯାତ୍ରୀ ସଂଖ୍ୟା ବୃଦ୍ଧି

ଭୁବନେଶ୍ୱର,୧୭।୯(ଅସମାପିକା ସାହୁ): ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ଭିତ୍ତିଭୂମି ବିକାଶ ହେବା ସହିତ ଏଠାରେ ବିମାନ ଓ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଏ ନେଇ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ରବିବାର ଟୁଇଟ୍ କରି ସୂଚନା ଦେଇଛି। ସୂଚନାନୁସାରେ, ୨୦୨୨ ଜୁଲାଇରେ ଏହି ବିମାନବନ୍ଦରରୁ ୨,୧୮୭ଟି ବିମାନ ଉଡ଼ାଣ କରିଥିବାବେଳେ ୨,୪୫,୭୩୨ଜଣ ଯାତ୍ରୀ ଯାତାୟାତ କରିଛନ୍ତି। ତେବେ ଚଳିତବର୍ଷ ଜୁଲାଇରେ ୨,୮୮୫ଟି ବିମାନ ଚଳାଚଳ କରିଥିବାବେଳେ ଯାତ୍ରୀଙ୍କ ସଂଖ୍ୟାରେ ମଧ ଆଶାତୀତ ବୃଦ୍ଧି ପାଇଛି ଅର୍ଥାତ୍ ୩,୬୩,୫୭୬ଜଣ ଯାତ୍ରୀ ଯାତ୍ରା କରିଛନ୍ତି।

# ଗୀତା ମେହେଟ୍ଟାଙ୍କ ଶେଷ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୭।୯(ସୁନିତ୍ ମିଶ୍ର)



### ଭଉଣୀଙ୍କ ପରଲୋକରେ ଗଭୀର ମର୍ମାହତ: ନବୀନ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ନୂଆଦିଲ୍ଲୀ ଗସ୍ତକରି ତାଙ୍କ ବଡ଼ ଭଉଣୀ ଗୀତା ମେହେଟ୍ଟାଙ୍କ ଶେଷ ଦର୍ଶନ କରିଛନ୍ତି। ନବୀନ ନିବାସରୁ ବିଜୁ ପଟ୍ଟନାୟକ ବିମାନବନ୍ଦର ଯାଇ ସେଠାରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ସେ ଦିଲ୍ଲୀ ଗସ୍ତ କରିଛନ୍ତି। ନୂଆଦିଲ୍ଲୀରେ ପହଞ୍ଚିବା ପରେ ନବୀନ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଭଉଣୀ ଗୀତା ମେହେଟ୍ଟାଙ୍କ ପରଲୋକରେ ସେ ଗଭୀର ମର୍ମାହତ। ମେହେଟ୍ଟା ଜଣେ ଜଣାଶୁଣା ଫିଲ୍ମ ନିର୍ମାତା ଏବଂ ଲେଖିକା ଥିଲେ। ତାଙ୍କ ଦେହାନ୍ତ ପରେ ଯେଉଁମାନେ ଶୋକବାର୍ତ୍ତା ଜଣାଇଛନ୍ତି ସମସ୍ତଙ୍କୁ ଧନ୍ୟବାଦ ବୋଲି ନବୀନ କହିଛନ୍ତି। ତେବେ ନବୀନ କେତେଦିନ ପାଇଁ ଦିଲ୍ଲୀ ଗସ୍ତରେ ଯାଇଛନ୍ତି ସେନେଇ କିଛି ସ୍ପଷ୍ଟ ସୂଚନା ନାହିଁ। ତେବେ ଗୀତାଙ୍କ ଏକମାତ୍ର ପୁଅ ବିଦେଶରେ ରହୁଛନ୍ତି। ତାଙ୍କ ଫେରିବାକୁ ଅପେକ୍ଷା କରାଯାଇଛି। ସୋମବାର ଗୀତା ମେହେଟ୍ଟାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଡ଼ ଭଉଣୀ ଗୀତା ମେହେଟ୍ଟା ୮୦ ବର୍ଷ ବୟସରେ ଶନିବାର ବିଳମ୍ବିତ ରାତ୍ରିରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଏକମାତ୍ର ଝିଅ ଥିଲେ। କିଛିଦିନ ହେବ ସେ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ତେବେ ଗୀତାଙ୍କ ଦେହାନ୍ତ ପରେ ରାଜ୍ୟ ତଥା ଦେଶର ବହୁ ପ୍ରଖ୍ୟାତ ବ୍ୟକ୍ତି ଶୋକବାର୍ତ୍ତା ପ୍ରକାଶ କରିଛନ୍ତି। ବିଜେଡି ଏମ୍‌ପି ପିନାକୀ ମିଶ୍ର ଗୀତା ମେହେଟ୍ଟାଙ୍କ ଶେଷ ଦର୍ଶନ କରିଛନ୍ତି।

# ପାନ, କିଆଫୁଲ ଚାଷୀଙ୍କୁ ମିଳିବ ସ୍ୱତନ୍ତ୍ର ସହାୟତା

ଭୁବନେଶ୍ୱର, ୧୭।୯(ସୁନିତ୍ ମିଶ୍ର)

- ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ପ୍ରକ୍ରିୟାକରଣ ୟୁନିଟ୍ ଲାଗି ସହାୟତା ମିଳିବ
- ଅତି କମ୍‌ରେ ୨୦୦ ବର୍ଗମିଟର ପରିଧିର ବରଜ ଥିବା ଚାଷୀ ପାଇବେ ସହାୟତା
- ଗଞ୍ଜାମର କିଆଫୁଲ ଚାଷୀଙ୍କୁ ଜାତୀୟ ଉଦ୍ୟାନ କୃଷି ଅଧୀନରେ ମିଳିବ ପ୍ରୋତ୍ସାହନ
- ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ କିଆଫୁଲ ଚାଷୀଙ୍କୁ ମିଳିବ ସହାୟତା

ରାଜ୍ୟ ସରକାର ସବୁ ପାନ ଚାଷୀ ଓ ଗଞ୍ଜାମ ଜିଲାର କିଆଫୁଲ ଚାଷୀମାନଙ୍କ ଲାଗି ଆର୍ଥିକ ସହାୟତା ଦେବାକୁ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଉଭୟ ଚାଷର ପ୍ରକ୍ରିୟାକରଣ ୟୁନିଟ୍ ପାଇଁ ସହାୟତା ମିଳିବ। ପାନ ଚାଷୀଙ୍କୁ ରାଜ୍ୟ ଯୋଜନାର ସ୍ୱତନ୍ତ୍ର ଫଳଭିତ୍ତିକ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଆର୍ଥିକ ସହାୟତା ଦେବାକୁ ଘୋଷଣା କରାଯାଇଛି। ଅତିକମ୍‌ରେ ୨୦୦ ବର୍ଗମିଟର ପରିଧିର ପାନ ବରଜ ଥିବା ଚାଷୀମାନେ ସହାୟତା ପାଇଁ ଯୋଗ୍ୟ ବିବେଚିତ ହେବେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏଥିପାଇଁ ସ୍ୱତନ୍ତ୍ର ନିୟମାବଳୀ ପ୍ରସ୍ତୁତ କରିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ପୁରୀ ଓ ଗଞ୍ଜାମ ଜିଲା ଗସ୍ତ ସମୟରେ ସ୍ଥାନୀୟ ପାନବରଜ ଚାଷୀ ଏବଂ କିଆଫୁଲ ଚାଷୀମାନଙ୍କ ପକ୍ଷରୁ ବିଭିନ୍ନ ଅସୁବିଧା ସମ୍ପର୍କରେ ଅନେକ ଆପତ୍ତି ଅଭିଯୋଗ ଆସିଥିଲା। ସେ ସବୁର ସମାଧାନ ପାଇଁ ରବିବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ୫-ଟି ସଚିବଙ୍କ ସହିତ ଉନ୍ନୟନ କମିଶନର ଅନୁ ଗର୍ଗ, କୃଷି ସଚିବ ଅରବିନ୍ଦ ପାଢ଼ୀ, ସମବାୟ ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

ବୈଠକର ନିଷ୍ପତ୍ତି ଅନୁଯାୟୀ, ପାନବରଜ ଥିବା ଚାଷୀମାନଙ୍କୁ ଏହାର ପରିଚାଳନା ପାଇଁ ୟୁନିଟ୍ ପିଛା ୨୫୦୦ ଟଙ୍କା ଆର୍ଥିକ ସହାୟତା ଦିଆଯିବ। ଜଣେ ଚାଷୀକୁ ସର୍ବାଧିକ ୨ଟି ୟୁନିଟ୍ ପାଇଁ ସହାୟତା ମିଳିବ। ପାନ ଚାଷ ପାଇଁ କିଷାନ କ୍ରେଡିଟ କାର୍ଡ ଜରିଆରେ ବିନା ସୁଧରେ ଲକ୍ଷେ ଟଙ୍କା ପର୍ଯ୍ୟନ୍ତ ଋଣ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବ। ପାନପତ୍ର ବ୍ୟବସାୟରେ ଜିଏସ୍‌ଟି ଲାଗୁ ସମ୍ପର୍କରେ ଜିଏସ୍‌ଟି କମିଶନରଙ୍କଠାରୁ ସ୍ପଷ୍ଟୀକରଣ ମଗାଯିବା ସହିତ ଏନେଇ ବ୍ୟାପକ ସଚେତନତା ସୃଷ୍ଟି କରାଯିବ। ପାନପତ୍ର ପ୍ରକ୍ରିୟାକରଣ ୟୁନିଟ୍‌ଗୁଡ଼ିକୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ସବ୍‌ସିଡି ଯୋଗାଇ ଦିଆଯିବ। ଏଥିପାଇଁ ଆପିକଲ୍ ପକ୍ଷରୁ ଏକ ଡିପିଆର ପ୍ରସ୍ତୁତ କରାଯିବ। ସେହିପରି ଗଞ୍ଜାମର କିଆଫୁଲ ଚାଷୀଙ୍କୁ ମଧ ଜାତୀୟ ଉଦ୍ୟାନ କୃଷି ଅଧୀନରେ ପ୍ରୋତ୍ସାହନ ଦିଆଯିବ। ଉଦ୍ୟାନ କୃଷି ମିଶନର ସହାୟତା ସହିତ ରାଜ୍ୟ ବଜେଟରୁ କିଆଫୁଲ ଚାଷ ପାଇଁ ଅତିରିକ୍ତ ସହାୟତା ମଧ ପ୍ରଦାନ କରାଯିବ। କିଆଫୁଲ ଚାଷ ସ୍ଥାନଗୁଡ଼ିକର ସାଇଣ୍ଟିଫିକ୍ ମ୍ୟାପିଂ କରି ଏହି ସହାୟତା ଦିଆଯିବ। ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ହୋଇଥିବା କିଆଫୁଲ ଫସଲ ପାଇଁ ଗଞ୍ଜାମ ଜିଲାପାଳଙ୍କ ରିପୋର୍ଟ ଭିତ୍ତିରେ ସହାୟତା ଦିଆଯିବ। ଏଥିପାଇଁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓ ଗଞ୍ଜାମ ଜିଲାପାଳ ମିଳିତ ଭାବେ ମୋଡାଲିଟି ପ୍ରସ୍ତୁତ କରିବେ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କିଆଫୁଲ ପ୍ରକ୍ରିୟାକରଣ ୟୁନିଟ୍‌କୁ ସାମିଲ କରିବା ପାଇଁ ଯୋଜନାର ନିୟମାବଳୀରେ ଆବଶ୍ୟକ ପରିବର୍ତ୍ତନ କରାଯିବ। ଗଞ୍ଜାମ ଜିଲାରେ କିଆଫୁଲ ଚାଷକୁ ପ୍ରୋତ୍ସାହିତ କରିବାକୁ ବୈଷୟିକ ସହାୟତା ଯୋଗାଇଦେବା ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କିମ୍ବା ଅନ୍ୟ କୌଣସି ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନର ସହାୟତା ନିଆଯିବ ବୋଲି ନିଷ୍ପତ୍ତି ହୋଇଛି।

# ୫ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୧୭।୯(ଦୁର୍ଯ୍ୟୋଧନ ପାତ୍ର)



ଆତ୍ମସମର୍ପଣ କରିଥିବା ମାଓବାଦୀ।

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଦନ୍ତେୱାଡା ଜିଲାରେ ଚାଲୁଥିବା ମାଓବାଦୀ ଦମନ ଅଭିଯାନରେ ଜଣେ ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ମାଓବାଦୀଙ୍କ ସହ ୫ ଜଣ ପୋଲିସ ନିକଟରେ ରବିବାର ଆତ୍ମସମର୍ପଣ କରିଛନ୍ତି।

ସୂଚନା ମୁତାବକ ଛତିଶଗଡ ଦନ୍ତେୱାଡା ଜିଲା କଟେକଲ୍ୟାଣ ଓ ଇନ୍ଦ୍ରାବତୀ ଏରିଆ କମିଟିର ସକ୍ରିୟ ମାଓବାଦୀମାନେ ରବିବାର ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ନାରାୟଣପୁଟ ଜିଲା ଓରଛା ଥାନା ପରଲନାର ଗ୍ରାମ ନିବାସୀ ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ମାଓବାଦୀ କେସରୁ ଓରଫ କୋହଲା ଅଲାମୀ, ବଦରୁ ଅଲାମୀ, ଦନ୍ତେୱାଡା ଜିଲା ପରଲନାରର ବଦରୁ ଅଲାମୀ, ଟକୋପାରା ଗ୍ରାମର ବିଜ୍ଜା ମାଡବି, ମାଡକେ କବାସୀ ଓ ହଡମେ ମାଣ୍ଡବି । ତେବେ ଏହି ୫ଜଣ ମାଓବାଦୀ ପୋଷ୍ଟର, ବ୍ୟାନର, ଲିଫ୍‌ଲେଟ ବଣ୍ଟନ ଭଳି କାର୍ଯ୍ୟରେ ନିୟୋଜିତ ଥିଲେ। ବର୍ତ୍ତମାନ ସୁଦ୍ଧା ୬୪୪ ମାଓବାଦୀ ଆତ୍ମସମର୍ପଣ କରିଥିବା ଦାନ୍ତେୱାଡା ପୋଲିସ ସୂତ୍ରରୁ ଜଣାପଡିଛି।

# ଦହିଗାଁ ଅଞ୍ଚଳରେ ବୁଲୁଛି ଦନ୍ତା ହାତୀ


ଦହିଗାଁ ଗ୍ରାମ୍ୟ ଜଙ୍ଗଲରେ ବୁଲୁଥିବା ହାତୀ।

ପଦ୍ମପୁର,୧୭।୯(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ବ୍ଲକ ଦହିଗାଁ ଓ କଂସର ପଞ୍ଚାୟତ ଅଞ୍ଚଳରେ ଏକ ଦନ୍ତା ହାତୀ ବୁଲୁଥିବା ଦେଖିବାକୁ ମିଳିଛି। ଖବର ପାଇ ପଦ୍ମପୁର ବନ ବିଭାଗ କର୍ମଚାରୀ ହାତୀକୁ ଦହିଗାଁ ଓ ତେନ୍ତୁଲିଖୁଣ୍ଟି ଗ୍ରାମ୍ୟ ଜଙ୍ଗଲରେ ଠାବ କରି କଂସର ପଞ୍ଚାୟତ ବାନ୍ଧୁପାଲି ପର୍ଯ୍ୟନ୍ତ ଘଉଡ଼ାଇଥିଲେ। ମାତ୍ର ହାତୀଟି ଆଉ ଆଗକୁ ନ ଯାଇ ବାନ୍ଧୁପାଲି ଗ୍ରାମ୍ୟ ଜଙ୍ଗଲରେ ରହିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏକାକୀ ଗୋଠଛଡା ହୋଇ ଏହି ହାତୀ ବୁଲୁଥିବାରୁ ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

# ସାପକାମୁଡ଼ାରେ ମନ୍ଦିର ପୂଜକଙ୍କ ମୃତ୍ୟୁ

ଟିଟିଲାଗଡ଼, ୧୭।୯(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ମହାରାଜ ସାଗର କଡ଼ରେ ଥିବା ଶିରିଡି ସାଇ ମନ୍ଦିର ପୂଜକଙ୍କ ସାପକାମୁଡ଼ାରେ ମୃତ୍ୟୁ ଘଟିଛି। ମୃତ ପୂଜକ ହେଲେ ସ୍ଥାନୀୟ ସର୍ଗିଗୁଡାପଡା ନିବାସୀ ଶ୍ୟାମସୁନ୍ଦର ଶର୍ମା(୭୦)। ରବିବାର ସକାଳେ ସେ ପୂଜାର୍ଚ୍ଚନା ପାଇଁ ଆସୁଥିବା ବେଳେ ମନ୍ଦିର ପାଖରେ ଥିବା ଗଛ ନିକଟରେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟିଟିଲାଗଡ଼ ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ ପୂଜକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ୨ ବିରଳ ପ୍ରଜାତିର ସାପ ଉଦ୍ଧାର


ଅରନେଟ ଫ୍ଲାଇଂ ସ୍ନେକ୍ ବା ଉଡ଼ନ୍ତା ସାପ।


ଡାଲୁଆ ବୋଡ଼ା ବା ବାମ୍ବୁ ପିଟ୍ ଭାଇପର ସାପ।

ଯୋଡ଼ା,୧୭।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରରେ ଯୋଡ଼ା-ଭୂୟାଁ ବସ୍ତି ନିକଟରୁ ଏକ ବିଲୁପ୍ତ ପ୍ରଜାତିର ବିରଳ ସାପ ଶନିବାର ଉଦ୍ଧାର ହୋଇଛି। ସାପଟିର ନାମ ଅରନେଟ୍ ଫ୍ଲାଇଂ ସ୍ନେକ୍ ବା ଉଡ଼ନ୍ତା ସାପ। ସାପଟି ଦେଖିବା ପାଇଁ ବହୁ ସୁନ୍ଦର ହୋଇଥିବା ବେଳେ ଏହା ବିଷଧର ନୁହେଁ ବୋଲି ସାପକୁ ଆୟତ୍ତ କରିଥିବା ଚନ୍ଦନ ମହାନ୍ତି କହିଛନ୍ତି। ସାପଟି ଗୋଟିଏ ଡାଳରୁ ଅନ୍ୟ ଏକ ଡାଳକୁ ଉଡ଼ି ପାରୁଥିବାରୁ ଏହାକୁ ଉଡ଼ନ୍ତା ସାପ କୁହାଯାଏ। ସେହିପରି କମାର ଯୋଡ଼ା ଅଞ୍ଚଳରୁ ଆଉ ଏକ ବିରଳ ପ୍ରଜାତିର ଡାଲୁଆ ବୋଡ଼ା ବା ବାମ୍ବୁ ପିଟ୍ ଭାଇପର ସାପ ଉଦ୍ଧାର ହୋଇଛି। ଏହି ସାପଟି ସବୁଜ ରଙ୍ଗର ହୋଇଥିବା ବେଳେ ଏହା ବିଷଧର ବୋଲି ଚନ୍ଦନ ସୂଚନା ଦେଇଛନ୍ତି। ସାପ ଦ୍ୱୟକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦିଆଯାଇଛି। ସାପକୁ ଦେଖି ଭୟରେ ମାରନ୍ତୁ ନାହିଁ ବୋଲି ଚନ୍ଦନ କହିଥିବା ବେଳେ ବର୍ଷାଦିନରେ ସାପ ବାହାରକୁ ବାହାରୁ ଥିବା ସେ କହିଛନ୍ତି।

# ପୁଣି ଆନ୍ଦୋଳନକୁ ଓହ୍ଲାଇବେ ଅଙ୍ଗନୱାଡ଼ି କର୍ମୀ

ଭୁବନେଶ୍ୱର,୧୭।୯ (ଅନୁରାଧା ମହାରଣା)

ଅଙ୍ଗନୱାଡ଼ି କର୍ମୀ, ସହାୟିକା ଓ ମିନି ଅଙ୍ଗନୱାଡ଼ି କର୍ମୀଙ୍କ ଭତ୍ତା ବୃଦ୍ଧି ସହ ଆଉ କେତେକ ଦାବି ପୂରଣ ନ ହେବାରୁ ପୁଣି ଆନ୍ଦୋଳନ ଧମ ଦେଇଛି ଅଙ୍ଗନୱାଡ଼ି କର୍ମଚାରୀ ୟୁନିଅନ ସଂଯୁକ୍ତ ମୋର୍ଚ୍ଚା। ଅକ୍ଟୋବର ୩ରେ ବଡ଼ଧରଣର ବିକ୍ଷୋଭ ପ୍ରଦର୍ଶନ କରିବେ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା। ଦାବି ପୂରଣ ପାଇଁ ଗତ ମାର୍ଚ୍ଚରେ ସେମାନେ ଆନ୍ଦୋଳକୁ ଓହ୍ଲାଇଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆଲୋଚନା ପରେ ଆନ୍ଦୋଳନ ସ୍ଥଗିତ ରଖିଥିଲେ। ମାତ୍ର ବର୍ତ୍ତମାନ ସୁଦ୍ଧା ଦାବି ପୂରଣ ନେଇ କୌଣସି ଘୋଷଣା କରାଯାଇନାହିଁ। ତେଣୁ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବାକୁ ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘ, ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ୱାର୍କର୍ସ ଆଣ୍ଡ୍ ହେଲପର୍ସ ଆସୋସିଏଶନ ଏବଂ ପଶ୍ଚିମ ଓଡ଼ିଶା ଅଙ୍ଗନାୱାଡ଼ି କର୍ମୀ ଓ ସହାୟିକା ସଂଘକୁ ନେଇ ଗଠିତ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ଚେତାବନୀ ଦିଆଯାଇଛି।

# ଟ୍ରକ ଧକ୍କାରେ ବାଇକ୍ ଚାଳକ ମୃତ

କୁଚିଣ୍ଡା,୧୭।୯(ବିରଞ୍ଚି ଦର୍ଭା)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅନ୍ତର୍ଗତ ୪୯ନମ୍ବର ଜାତୀୟ ରାଜପଥ କୁଚିଣ୍ଡା-ଦେବଗଡ଼ ଗୋପାଳପାଲି ଠାରେ ରବିବାର ଟ୍ରକସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଘଟଣାସ୍ଥଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁଚିଣ୍ଡା ଥାନା କତରକେଲା ଗ୍ରାମର ସୁରଥ ମାକର (୫୦)। ସେ କୌଣସି କାମରେ ଦେବଗଡ ଅଞ୍ଚଳକୁ ବାଇକ ନଂ. ଓଡି ୧୫ଜେ ୬୦୨୯ରେ ଯାଉଥିଲେ। ସନ୍ଧ୍ୟା ପ୍ରାୟ ସାଢେ ୬ଟାରେ ଶିରିଡ ପଞ୍ଚାୟତ ଗୋପାଳପାଲି ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହିଁ ସୁରଥଙ୍କ ମୃତ୍ୟୁ ହୋଇଥିଲା। ଟ୍ରକଟି ବାଇକ ଆରୋହୀଙ୍କୁ ବଞ୍ଚାଇବାକୁ ଯାଇ ରାସ୍ତା କଡ଼ରେ ଓଲଟି ପଡିଥିଲା। ଖବରପାଇ କୁଚିଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନାକୁ ପଠାଇଛି। ପୋଲିସ ଟ୍ରକ ଓ ବାଇକ୍‌କୁ ଜବତ କରି ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତଦେହ ସୋମବାର ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି।




# ବଜ୍ରପାତରେ ଚାଷୀ ମୃତ

ଢେଙ୍କାନାଳ,୧୭।୯(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ସାଙ୍କୁଲେଇ ଗ୍ରାମରେ ରବିବାର ବର୍ଷା ବେଳେ ବଜ୍ରପାତ ହେବାରୁ ବିଲରେ କାମ କରୁଥିବା ଚାଷୀ ଶରତ ବଶ୍ୱାଳ(୪୩)ଙ୍କ ମୃତ୍ୟୁ ଘଟିଛି। ସେହିପରି ଆରଦା ଗ୍ରାମରେ ବଜ୍ରପାତ ହେବାରୁ ୧୩ ଗୋରୁଙ୍କ ଜୀବନ ଯାଇଛି। ଆରଦା ଗ୍ରାମର ଶେଷଦେବ ରାଉତଙ୍କ ୩ଟି, ବ୍ରହ୍ମାନନ୍ଦ ରାଉତଙ୍କ ଗୋଟିଏ, ଶିଶିର ରାଉତଙ୍କ ୨, ବାଟୁଆ ରାଉତ, ଲକ୍ଷ୍ମଣ ରାଉତ, କାମଦେବ ରାଉତ, ରଞ୍ଜନ କୁମାର ରାଉତ ଓ ଜଳଧର ରାଉତଙ୍କ ଗୋଟିଏ ଲେଖାଏ ଗୋରୁ ସହିତ ୩ଟି ବାଛୁରି ପ୍ରାଣ ହରାଇଛନ୍ତି। କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଦାବି ହୋଇଛି। ସେହିପରି କଙ୍କଡ଼ାହାଡ଼ ବ୍ଲକ ଗଡ଼ପଳାଶୁଣି ପଞ୍ଚାୟତ ଜରଡା ଗ୍ରାମରେ ରବିବାର ବଜ୍ରପାତରେ ଦେବରାଜ ଜେନାଙ୍କ ୨ ଗୋରୁଙ୍କ ମୃତ୍ୟୁ ହୋଇଛି।

# ୯ କୁଇଣ୍ଟାଲ ୫୦ କେଜି ଗଞ୍ଜେଇ ସହ ବୋଲେରୋ ଜବତ

ଚିତ୍ରକୋଣ୍ଡା,୧୭।୯(କ୍ଷୀରୋଦ ବେହେରା)


ଜବତ ବୋଲେରୋ

ଚଳଚିତ୍ର ଅଭିନୟ ଭଳି ଏକ ଗଞ୍ଜେଇ ଚୋରା ଚାଲାଣ ଗାଡିକୁ ଗୋଡ଼ାଇ ଗୋଡ଼ାଇ ଧରିଲା ଚିତ୍ରକୋଣ୍ଡା ପୋଲିସ। ଥାନା ଅଧିକାରୀ ମୁକୁନ୍ଦ ମେଲେକାଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଶନିବାର ମଧ ରାତ୍ରିରେ ଆନ୍ଧ୍ର-ଓଡ଼ିଶା ସୀମା ପାଖରେ ଓଡ଼ିଶା ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଏକ ପିକ୍‌ଅପ୍ ଭ୍ୟାନ ଦ୍ରୁତଗତିରେ ଯାଉଥିବା ପୋଲିସ ଦେଖିବାକୁ ପାଇଥିଲା। ସଙ୍ଗେ ସଙ୍ଗେ ପୋଲିସ ଗାଡି ସେହି ପିକ୍‌ଅପ୍ ଭ୍ୟାନକୁ ପିଛା କରି ଗୋଡ଼ାଇ ଗୋଡ଼ାଇ ଧରିବାରେ ସକ୍ଷମ ହୋଇଥିଲା। ପିକ୍‌ଅପ୍ ଭ୍ୟାନରେ ଗଞ୍ଜେଇ ଆନ୍ଧ୍ର ଦାରାକୋଣ୍ଡାକୁ ଚାଲାଣ ହେଉଥିବା ସୂଚନା ମିଳିଛି। ଗାଡ଼ିରେ ଥିବା ସମସ୍ତ ଚାଲାଣକାରୀ ଫେରାର ହୋଇଯାଇଥିବା ବେଳେ ୯ କୁଇଣ୍ଟାଲ ୫୦ କେଜି ଗଞ୍ଜେଇ ସହ ପିକ୍‌ଅପ୍ (ନଂ. ଏପି ୦୭ ଟିକେ ୦୪୬୬)ଜବତ କରାଯାଇଛି। ଏ ନେଇ ନମ୍ବର ୧୭୭/୨୩ରେ ଏକ ମାମଲା ରୁଜୁ ହୋଇଛି।



ଦୁଃଖ ଭୋଗ ଆମକୁ ସମର୍ଥ କରି ଗଢେ । ତା'ଫଳରେ ଆମେ ସେହି ପରମାନନ୍ଦଙ୍କର ସମଗ୍ର ଆବେଗ ପ୍ରବେଶ ଧାରଣ କରି ପାରିବା । ଆଉ ମଧ୍ୟ ସେହି ପରମଶକ୍ତିମୟଙ୍କର ଲୀଳାକୁ ମଧ୍ୟ ସହ୍ୟ କରିବା ପାଇଁ ସମର୍ଥ ହେବା । ବେଦନା ହେଲା ସେହି ଚାବିକାଠି ଯାହା ସାମର୍ଥ୍ୟର ଦ୍ୱାର ଖୋଲିଦିଏ ଏବଂ ବେଦନା ମଧ୍ୟ ସେହି ରାଜପଥ- ଯାହା ଉପରେ ସେହି ଆନନ୍ଦ ଧାମକୁ ଆମେ ଯାଇପାରୁ । -ଶ୍ରୀଅରବିନ୍ଦ



# ଛାଡ଼ପତ୍ର ଜୀବନ ବଞ୍ଚାଏ

ଦିଲ୍ଲୀ ହାଇକୋର୍ଟ ନିକଟରେ ଏକ ରାୟରେ କହିଛନ୍ତି, ଜଣେ ଅବିବାହିତା କିମ୍ବା ବିଧବା ହୋଇଥିବା ଝିଅ ସେମାନଙ୍କ ସ୍ୱର୍ଗବାସୀ ପିତାଙ୍କ ସମ୍ପତ୍ତି ଉପରେ ଅଧିକାର ଦାବି କରିପାରିବେ । ହେଲେ ଛାଡ଼ପତ୍ର ପାଇଥିବା ଝିଅ ଭରଣପୋଷଣ ପାଇବାକୁ ଯୋଗ୍ୟ ଥିବାରୁ ସେ ବାପଘର ସମ୍ପତ୍ତି ଉପରେ ଦାବି କରିପାରିବେ ନାହିଁ । ଏକ ମାମଲାର ବିଚାର କରିବାକୁ ଯାଇ ବିଚାରପତି କହିଛନ୍ତି, ହିନ୍ଦୁ ପୋଷ୍ୟ ଗ୍ରହଣ ଏବଂ ଭରଣପୋଷଣ ଆଇନ ଅନୁଯାୟୀ କେବଳ ନିର୍ଭରଶୀଳ ସଦସ୍ୟ ଭରଣପୋଷଣ ମାଗିପାରିବେ । ସମ୍ପୂର୍ଣ୍ଣ ଆଇନଗତ ଦିଗକୁ ଦେଖିଲେ ହାଇକୋର୍ଟଙ୍କ ରାୟ ଯୁକ୍ତିଯୁକ୍ତ ଲାଗୁନାହିଁ । କାରଣ ଅଧିକାଂଶ ଛାଡ଼ପତ୍ର ପାଇଥିବା ମହିଳାଙ୍କୁ ସ୍ୱାମୀ କେବେହେଲେ ନିଜ ସମ୍ପତ୍ତିରୁ କିଛି ଦେବାକୁ ଚାହାନ୍ତି ନାହିଁ । ଅନେକ ସମୟରେ ଆଇନଗତ ବିଚ୍ଛେଦ ହୋଇଥିଲେ ମଧ୍ୟ ଆଲିମୋନି ବା ଭରଣପୋଷଣ ଠିକ୍ ଭାବେ ମିଳି ନ ଥାଏ । କିନ୍ତୁ ସ୍ୱାମୀର ଦେହାନ୍ତ ପରେ ବିଧବା ସ୍ତ୍ରୀ ସମ୍ପତ୍ତିର ଆଇନଗତ ମୁଖ୍ୟ ଉତ୍ତରାଧିକାରୀ ଭାବେ ବିବେଚିତ ହୋଇଥାନ୍ତି । ଅନ୍ୟପକ୍ଷରେ ଏକ ସାମାଜିକ ଚଳଣି ଓ ବ୍ୟବସ୍ଥାକୁ ଅନୁଶୀଳନ କଲେ ଅବିବାହିତା ଝିଅ ଓ ବିଧବା ହୋଇଯାଇଥିବା ଝିଅଙ୍କ ପରି ସ୍ୱାମୀଙ୍କଠାରୁ ଛାଡ଼ପତ୍ର ପାଇଥିବା ଝିଅ କୌଣସି ସାହାଯ୍ୟ ନ ପାଇଲେ ତାଙ୍କ ଜୀବନ ଦୁର୍ବିଷହ ହୋଇଯାଇଥାଏ । ସେହି ଦୃଷ୍ଟିରୁ ଦେଖିଲେ ଛାଡ଼ପତ୍ର ପାଇଥିବା ମହିଳାଙ୍କ ଦୁଃଖ କମ୍ ନୁହେଁ ।

ହିନ୍ଦୁ ସାମାଜିକ ବ୍ୟବସ୍ଥାକୁ ଦେଖିଲେ ଛାଡ଼ପତ୍ର ପାଉଥିବା ମହିଳାକୁ ଅନେକେ ଘୃଣା ଦୃଷ୍ଟିରେ ଦେଖିଥାଆନ୍ତି । ପ୍ରତ୍ୟେକ ଦିନ ଗଣମାଧ୍ୟମରେ ପ୍ରକାଶ ପାଉଥିବା ଖବର ସମସ୍ତଙ୍କୁ ବ୍ୟତିବ୍ୟସ୍ତ କରୁଥିବ । ପାରିବାରିକ ଅଶାନ୍ତି ଯୋଗୁ ପିଲାଙ୍କୁ ନଦୀକୁ ଫିଙ୍ଗିଦେଇ କିମ୍ବା କଟୁରିରେ ହାଣି ନିଜେ ଆତ୍ମହତ୍ୟା କରିବା ଭଳି ଅନେକ ବୀଭତ୍ସ ଖବର ବାରମ୍ବାର ଦୃଷ୍ଟିକୁ ଆସୁଛି । ପାରିବାରିକ ଅଶାନ୍ତିରୁ ବାପା ତା'ର ପିଲାମାନଙ୍କୁ ହତ୍ୟା କରିବା ପରେ ସ୍ତ୍ରୀକୁ ମାରିବା ଭଳି ଖବର ମଧ୍ୟ ପଦାକୁ ଆସୁଛି, ଯେଉଁଥିରୁ ପ୍ରମାଣ ମିଳୁଛି ଯେ ଉଭୟ ସ୍ତ୍ରୀ ଏବଂ ସ୍ୱାମୀ ଘରୋଇ ହିଂସା ଯୋଗୁ ଚରମ ପଦକ୍ଷେପ ନେଉଛନ୍ତି । ଏଭଳି ଘଟଣା କ୍ୱଚିତ ଘଟେ ବୋଲି କହିବା ତ୍ରୁଟିପୂର୍ଣ୍ଣ ହେବ । ଏବକାର ସମୟରେ ଏହା ନିତିଦିନିଆ ଘଟଣାରେ ପରିଣତ ହେଲାଣି । ଏହି ପାରିବାରିକ ଅଶାନ୍ତିରୁ ହତ୍ୟା କିମ୍ବା ଆତ୍ମହତ୍ୟା ପରିବର୍ତ୍ତେ ଯଦି ସ୍ୱାମୀ–ସ୍ତ୍ରୀ ବିଚ୍ଛେଦ ହୋଇଯାଇ ପାରନ୍ତେ ତେବେ ହୁଏତ ପୁନର୍ବାର ଏକ ନୂଆ ଜୀବନ ଆରମ୍ଭକରି ଉଭୟେ ଶାନ୍ତିରେ ରହିପାରନ୍ତେ । ଛାଡ଼ପତ୍ର ଦେଇଥିବା ଝିଅ ପ୍ରତି ନିଜ ଶାଶୁଘରେ ଯେତିକି ଘୃଣା ସୃଷ୍ଟି ହୋଇଥାଏ, ତା'ଠାରୁ ଯଥେଷ୍ଟ ଅଧିକ ଘୃଣା ନିଜ ବାପଘରୁ ଦେଖିବାକୁ ମିଳେ । ଅର୍ଥାତ୍ କଠୋର ଏବଂ ନିର୍ଦ୍ଦୟ ଅନେକ ମାତାପିତା ନିଜ ଝିଅକୁ ବିବାହ ପରେ ପୁନର୍ବାର ଘରକୁ ସ୍ୱାଗତ କରନ୍ତି ନାହିଁ । ମନେହୁଏ ଯେପରି ଛାଡ଼ପତ୍ର ଦେଇ ଜୀବିତ ଝିଅକୁ ଫେରିବା ପରିବର୍ତ୍ତେ ଆମର ସଂସ୍କୃତି ଓ ପରମ୍ପରାରେ ଉବୁଟୁବୁ ଅଧିକାଂଶ ମାତାପିତା ନିଜ ଝିଅର ମୃତଦେହ ଦେଖିବାକୁ ଅଧିକ ପସନ୍ଦ କରିବେ ।

ଛାଡ଼ପତ୍ର ଦେଇଥିବା ଝିଅ ପ୍ରତି ନିଜ ଶାଶୁଘରେ ଯେତିକି ଘୃଣା ସୃଷ୍ଟି ହୋଇଥାଏ, ତା'ଠାରୁ ଯଥେଷ୍ଟ ଅଧିକ ଘୃଣା ନିଜ ବାପଘରୁ ଦେଖିବାକୁ ମିଳେ । ଅର୍ଥାତ୍ କଠୋର ଏବଂ ନିର୍ଦ୍ଦୟ ଅନେକ ମାତାପିତା ନିଜ ଝିଅକୁ ବିବାହ ପରେ ପୁନର୍ବାର ଘରକୁ ସ୍ୱାଗତ କରନ୍ତି ନାହିଁ । ମନେହୁଏ ଯେପରି ଛାଡ଼ପତ୍ର ଦେଇ ଜୀବିତ ଝିଅକୁ ଫେରିବା ପରିବର୍ତ୍ତେ ଆମର ସଂସ୍କୃତି ଓ ପରମ୍ପରାରେ ଉବୁଟୁବୁ ଅଧିକାଂଶ ମାତାପିତା ନିଜ ଝିଅର ମୃତଦେହ ଦେଖିବାକୁ ଅଧିକ ପସନ୍ଦ କରିବେ ।

ଦିଲ୍ଲୀ ହାଇକୋର୍ଟର ବିଚାରପତି ଛାଡ଼ପତ୍ର ଦେଇଥିବା ମହିଳାଙ୍କୁ ନିଜ ପୈତୃକ ସମ୍ପତ୍ତିରୁ ବଞ୍ଚିତ କରିବା ସଂକ୍ରାନ୍ତ ଦେଇଥିବା ରାୟ ପ୍ରମାଣ କରୁଛି ଯେ, ବିଚାର ବିଭାଗରେ ମଧ୍ୟ ସେହି କୁଚିନ୍ତା ପ୍ରବଳ ମାତ୍ରାରେ ଘୂରିବୁଲୁଛି ।

ଅବିବାହିତାଙ୍କର ଏକ ଭିନ୍ନ କାହାଣୀ ରହିଛି । ନିଜ ମାତାପିତାଙ୍କ ସଙ୍ଗେ ରୁହନ୍ତୁ କିମ୍ବା ଏବେ ଯେମିତି ସହରାଞ୍ଚଳରେ ଅନେକ ଝିଅ ବିବାହ ନ କରି ଅଲଗା ରହୁଛନ୍ତି, ସେମାନଙ୍କୁ ପୈତୃକ ସମ୍ପତ୍ତିରେ ସମାନ ଭାଗ ଦେବା ଏକ ସ୍ୱାଭାବିକ ଚିନ୍ତାଧାରା । ଝିଅ କିମ୍ବା ପୁଅଙ୍କର ନିଜ ପୈତୃକ ସମ୍ପତ୍ତି ଉପରେ ଏକପ୍ରକାର ଅଧିକାର ରହିବା କଥା । ସେହିଭଳି ସ୍ୱାମୀଙ୍କ ବିୟୋଗ ପରେ ବିଧବା ହୋଇ ଅନେକ ମହିଳା ନୂଆ ଜୀବନ ଆରମ୍ଭ କରିପାରୁଛନ୍ତି । ଅନେକ ସମୟରେ ଶାଶୁ ଶ୍ୱଶୁର ମଧ୍ୟ ବୋହୂଙ୍କୁ ପୁନର୍ବିବାହ କରିବା ପାଇଁ ଉତ୍ସାହିତ କରୁଛନ୍ତି । ତେଣୁ ବିଧବା ମହିଳା ମଧ୍ୟ ନିଜର ପୈତୃକ ସମ୍ପତ୍ତି ଉପରେ ଦାବିଦାର ହେବା ସହିତ ସ୍ୱାମୀଙ୍କ ସମ୍ପତ୍ତି ଭାଗ ଉପରେ ମଧ୍ୟ ଅଧିକାର ପାଇବାର ହକ୍‌ଦାର ରହିବା କଥା ।

ଏହି ଯୁକ୍ତିକୁ ପ୍ରଚ୍ଛଦପଟରେ ରଖି ଦେଖିଲେ ଛାଡ଼ପତ୍ର ପାଇଥିବା ମହିଳା ମଧ୍ୟ ଆଲିମୋନି ସମେତ ନିଜ ପୈତୃକ ସମ୍ପତ୍ତିର ଭାଗ ପାଇବା ପାଇଁ ଯୋଗ୍ୟ । ସେଥିରୁ ତାଙ୍କୁ ଆଇନଗତ ବଞ୍ଚିତ କରିବା ଅତ୍ୟନ୍ତ ଦୁଃଖଦାୟକ ଓ ସେହି ମହିଳାଙ୍କ ପ୍ରତି ଘୋର ଅନ୍ୟାୟ ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 1 | 4 | | |
| | 2 | 9 | 3 | 8 | | | | |
| 6 | | 8 | | | | | | 2 |
| 1 | | | | | | | 8 | |
| | | | | | | 9 | 6 | 5 |
| | 9 | | | 3 | | | | |
| | | | 7 | 5 | | | | |
| | | 2 | | 9 | | 7 | | |
| 5 | | 3 | | | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 5 | 3 | 4 | 8 | 1 | 2 | 6 |
| 6 | 3 | 2 | 1 | 9 | 5 | 4 | 8 | 7 |
| 4 | 1 | 8 | 2 | 7 | 6 | 3 | 5 | 9 |
| 3 | 2 | 4 | 8 | 6 | 9 | 7 | 1 | 5 |
| 8 | 5 | 9 | 7 | 3 | 1 | 6 | 4 | 2 |
| 7 | 6 | 1 | 5 | 2 | 4 | 8 | 9 | 3 |
| 2 | 8 | 6 | 9 | 1 | 3 | 5 | 7 | 4 |
| 5 | 4 | 7 | 6 | 8 | 2 | 9 | 3 | 1 |
| 1 | 9 | 3 | 4 | 5 | 7 | 2 | 6 | 8 |

ଗତକାଲିର ଉତ୍ତର

# ଆମେ ଭାରତୀୟ ନା ଇଣ୍ଡିଆନ୍



ଡ. ଭବାନୀ ଶଙ୍କର ଦାଶ

ଆଗକୁ ଆସୁଅଛି ଅସଲ ନିର୍ବାଚନ ମହାସମର । ଏମିତିକା କେତେ ନିର୍ବାଚନ ଯାଇଛି । ସେଥିରେ କେତେ ଭେଳିକି ଦେଖିବାକୁ ମିଳେ ନିର୍ବାଚନ ସରିବାଯାଏ । ନିର୍ବାଚନ ପରେ ନାଟକର ଅଙ୍କ ଓ ଦୃଶ୍ୟ ବଦଳିଯିବ ଆଉ ଗୋଟେ ନିର୍ବାଚନ ଯାଏ । ଏଇ ପାଲା ତ ଚାଲିଛି ୭୫ବର୍ଷ ହେଲା ଏଠି । ସ୍ୱାଧୀନତା ପ୍ରାପ୍ତି ପରେ ଭାରତରେ ଯଦି କୌଣସି ଭେଦଭାବ ଉତ୍କଟରୂପ ଧାରଣ କରିଥାଏ ତାହା ହେଲା ନେତା ଜନତାର ଭେଦଭାବ । ଆପାତତଃ ନବେ ଦଶକ ପରେ ରାଜନୀତିରୁ ଦେଶସେବକ ସଂଜ୍ଞା କମିଆସିଲା । ରାଜନୀତି ଏକ ଉତ୍ତମ ବ୍ୟବସାୟ ବୋଲି ଏକ ଅବବୋଧ ଜାଗିଉଠିଲା । ଏ ଜାଗରଣ ଆରମ୍ଭ ହୋଇଥିଲା ନେତାଙ୍କଠାରୁ । ଫଳତଃ ନିଜେ ନ ମରୁଣୁ ନିଜ ଆତ୍ମୀୟସ୍ୱଜନ ଥଇଥାନ ପ୍ରତିଯୋଗିତା ଚାଲିଲା ରାଜନୀତିରେ । ଅର୍ଥ ଓ ବାହୁବଳ ଗୁରୁତ୍ୱବହନ କଲା । ଭୋଟର କିଣାବିକା ପ୍ରକ୍ରିୟା ଖୁଲମଖୁଲା ଚାଲିଲା । ଚାଲିଲା ବିଭିନ୍ନ ସରକାରୀ ସହାୟତା ଓ ସଂରକ୍ଷଣ ନାଁରେ ଭୋଟର ବିଭାଜନ ତଥା ଆକୃଷ୍ଟୀକରଣ । ଏଇ ଭୋଟ ରାଜନୀତି ସକାଶେ ନେତା ହେବାର ପ୍ରତିଯୋଗିତା ବା ଦଳୀୟ ଟିକେଟ ହାତେଇବାର ପାରିବାପଣିଆକୁ ଲକ୍ଷ୍ୟ କଲେ ପ୍ରଚ୍ଛନ୍ନ ଭାବେ ଆତ୍ମଗୋପନ କରିଥିବା ଦେଶ ସେବକର ବେଶ ପୋଷାକ ଭିତରେ ସ୍ୱାର୍ଥପର ମଣିଷଟାକୁ ଭେଟିହୁଏ । ଯିଏ ଜନତାଙ୍କୁ ୫ ବର୍ଷ କାଳ ପାଳଗଦା ବୋଲି ମନେକରନ୍ତି । ପାଳଗଦା ଉପରେ ଛିଡା ହୋଇ ନିଜକୁ ଡେଙ୍ଗା ଏଣୁ ନେତା ବୋଲି ଅଘୋଷିତ ଘୋଷଣା କରିଚାଲନ୍ତି । ପ୍ରତି ୫ ବର୍ଷରେ ଥରେ ବାହୁ ଓ ଅର୍ଥ ବଳରେ ନିଜକୁ ନେତା ବୋଲି ସାବ୍ୟସ୍ତ କରି ଜୀବନ ତମାମ ସୁବିଧାସବୁ ହାତେଇଚାଲନ୍ତି । ରାଜନୈତିକ ଫନ୍ଦିଫିକରର ଚାପରେ ଅତିଷ୍ଠ ସାଧାରଣ ଜନତା ନିଜକୁ ସ୍ୱାଧୀନ ବୋଲି ତଣ୍ଟି ଫଟାଇ କହିପାରେନା । କାରଣ ଶାସନ ଦଣ୍ଡ ଇଂରେଜ ଧଳା ହାତରୁ ଭାରତୀୟ କଳା ହାତକୁ କେବଳ ଆସିଛି ସିନା ଶାସନରେ କୌଣସି ପରିବର୍ତ୍ତନ ହୋଇନାହିଁ । ସେଇ ପୁରୁଣା ପାଠର ପୁନଃପୌନିକତା । ସେଇ ଇଂରେଜ କାଇଦାରେ ଶାସନ ଚାଲିଛି । ନାମଟା ଖାଲି ଗଣତନ୍ତ୍ର ହୋଇଗଲେ ଗଣଶକ୍ତି ବୃଦ୍ଧି ପାଏ ନାହିଁ । ଗଣକୁ କା କରି ବ୍ରିଟିଶ ଚାଲାକି ପଣିଆ ଆମ ଏଠିକା ରାଜନୀତିରେ ଯାହା ଚାଲିଛି ତା'ର ପ୍ରକୃଷ୍ଟ ନମୁନା ଭୋଟ ସାଉଁଟା ।

ସବୁଠୁ ବଡ଼ କଥାହେଲା ଆମ ଦେଶର ଅନ୍ୟ ସମସ୍ତ ପଦପଦବୀ ପାଇଁ ପରୀକ୍ଷା କରାଯାଏ, ବୟସ ସୀମା ଓ ଯୋଗ୍ୟତା ମପାଯାଏ । ମାତ୍ର ନେତାଗିରି ପାଇଁ ତ କିଛି ଦରକାର ନାହିଁ । ସରକାରୀ ଚାକିରିଆର ଅବସର ବୟସ ସ୍ଥିର ହୋଇଛି । ନେତା କିନ୍ତୁ ମଳାଯାଏ ଗଣତନ୍ତ୍ରପାଇଁ ଆବଶ୍ୟକ ।




ଶିକ୍ଷା, ଦୀକ୍ଷା, ଅଭିଜ୍ଞତା, ବିଦ୍‌ବତ୍ତା ଇତ୍ୟାଦି କିଛି ଦରକାର ନାହିଁ ନେତାଗିରି ପାଇଁ । ଦରକାର ପୁଳା ପୁଳା ଅର୍ଥ । ଅର୍ଥ ବିନିମୟରେ ଥରେ ସେ ଚୌକିରେ ବସି ଗଲାପରେ ପୁନର୍ବାର ସେ ଚୌକି ପାଇଁ ବ୍ୟବସାୟିକଭିତ୍ତିରେ ପୁଞ୍ଜି ଖଟାଇ ଆଗାମୀ କାଲିକୁ ସୁରକ୍ଷିତ କରିରଖନ୍ତି । ଦରକାର ହେଲେ ନିଜ ଆତ୍ମଜ ବା ଆତ୍ମୀୟଙ୍କୁ ମୁକରିର କରେଇ ଦିଅନ୍ତି ଏଇ ନେତା ବ୍ୟବସାୟରେ । ସ୍ୱାଧୀନତା ପରେ ଏଇ ଅପସତ୍ୟତାକୁ ବ୍ୟାପକ କରିଦିଆଗଲା । ଫଳତଃ ଯିଏ ନେତା ହେଲେ ସିଏ ନିଜପାଇଁ ଭତ୍ତା ଓ ଅବସର ଭତ୍ତା ବି ବ୍ୟବସ୍ଥା କରିନେଲେ । ଜନସେବା ଆଉ ନେତାର ଆଦର୍ଶ ନ ହୋଇ ଆପଣା ସେବା ହେଲା ମୁଖ୍ୟ । ଦେଶ ବିଭାଜନ ସିନା ଥରେ ହୋଇଥିଲା ଏବେ ନିର୍ବାଚନ ନାଁରେ ଜନତା ବିଭାଜନ ବାରମ୍ବାର ହେଉଛି । ସତରେ ଇଂରେଜ ଜାତି ଭାରି ଚତୁର । ଏମିତି କାଇଦା, କୌଶଳ କରି ସ୍ୱାଧୀନତା ଧରେଇଦେଲେ ଯେ ଆମେ ଅଖା ଧୋଉଛୁ ଗୁଣ ଗାଉଛୁ । ସେଇ ଦିନଠୁ ଆମେ ଭାରତୀୟମାନେ ଦି ଭାଗ । ବିଲାତି ଭାରତୀୟ ଅର୍ଥାତ୍ ଇଣ୍ଡିଆନ୍ ଓ ସାଦା ଭାରତୀୟ ହୋଇଗଲୁ । ଏବେ ଆମ ଦେଶରେ ଏଇ ଇଣ୍ଡିଆନ୍‌ମାନେ ନେତା ଓ ଭାରତୀୟମାନେ ଜନତା । ୭୫ବର୍ଷ ହେଲା ଭାରତୀୟମାନେ ଭୋଟ ଦେଲେ ଇଣ୍ଡିଆନ୍‌ମାନେ ନେତା ହୋଇ ଶାସନ କରନ୍ତି । ଭାରତୀୟମାନଙ୍କଠୁ ଭୋଟତକ କୌଶଳକରି ଅସୁଲ କରାଯାଏ । ଏଣୁ ଏଇ ଦେଶୀ ଇଂରେଜମାନଙ୍କଠୁ ମୁକ୍ତି ପାଇଁ ଆଉଗୋଟେ ମୁକ୍ତି ସଂଗ୍ରାମ ଦରକାର । ଇଣ୍ଡିଆନ୍ ଭଳି ପରାଧୀନତାରୁ ଭାରତୀୟର ମୁକ୍ତି । କାରଣ ଏଇ ଇଣ୍ଡିଆନ୍ ନେତାମାନେ ଭାରତୀୟ ଶିକ୍ଷା, ସଂସ୍କୃତି, ଧର୍ମ ଓ ପରମ୍ପରାପ୍ରତି ସମ୍ବେଦନଶୀଳ ନ ହୋଇ ବିଲାତି କୋଳରେ ଲାଳିତପାଳିତ ହେଉଛନ୍ତି ସ୍ୱାଧୀନତାପ୍ରାପ୍ତି ପରଠୁ । ଫଳତଃ ଭାରତୀୟ ସମାଜ ଜୀବନ ବିପର୍ଯ୍ୟସ୍ତ ହୋଇପଡ଼ିଲା ଅସଭ୍ୟତା ଓ ଅପସଂସ୍କୃତିର ପ୍ରଭାବରେ । ସୃଷ୍ଟି ହେଲା ବିବିଧ ସାମାଜିକ ସମସ୍ୟା । ଆମ ଧର୍ମ ଆମସଂସ୍କାର ଥିଲା ଆମ ପରିଚୟ । ଏବେ ତାହା ଭୂଲୁଣ୍ଠିତ । ଭାରତୀୟଙ୍କ ପାଖରେ ମହାନ୍ ଭାରତୀୟତା ଆଉ ନାହିଁ ।

ଏବେ ଗୋଟେ ସାଧାରଣ କଥାକୁ ଲକ୍ଷ୍ୟ କରାଯାଉ । ଭାରତରେ ଯେବେ ନିର୍ବାଚନ ହୁଏ ତାହା ହୁଏ ଫେବୃୟାରୀଠୁ ମେ' ମାସ ମଧ୍ୟରେ । ଏଇ ସମୟଟା ବି ସ୍ଥିର ହୋଇଛି ସ୍କୁଲ,କଲେଜ ପିଲାଙ୍କ ପରୀକ୍ଷା ପାଇଁ । ଏଇଟା ବି ନେତାଙ୍କ ପରୀକ୍ଷାର ବେଳ । ଏମିତି କେମିତି ହେଲା । ଛକ ବଜାର, ରାସ୍ତାଘାଟ, ଗଳିକନ୍ଦି ସବୁଠି ଚାଲିଥିବ ନିର୍ବାଚନୀ ବାଦୀପାଲା, ମାରପିଟ ହୋହଲ୍ଲା । ସେଥିରେ ପୁଣି ନିର୍ବାଚନୀ ଗୀତ, ଜୟଜୟକାର୍, ଜିନ୍ଦାବାଦ । ଯା ଭିତରେ ପିଲାଙ୍କ ପରୀକ୍ଷା ପ୍ରସ୍ତୁତିକୁ ଦେଖିଲେ ସହଜରେ ଗୋଟେ କଥା ଠଉରେଇ ହୁଏ । ତାହା ହେଲା ବିଲାତି କାଇଦାରେ ତିଆରି ଭାରତୀୟ ମେଧାମେଧ ନିର୍ବାଚନୀ ମହାଯଜ୍ଞ । ୭୫ ବର୍ଷ ପରେ ମଧ୍ୟ ଭାରତୀୟ ଚେତନା ଜାଗ୍ରତ ହୋଇନାହିଁ କିମ୍ବା ଏଥିରେ ପରିବର୍ତ୍ତନ ହୋଇ ନାହିଁ । ଇଂରେଜମାନେ ଚାହିଁଥିଲେ ଏ ମାଟିରେ କେବଳ କିରାଣି ତିଆରି ହୁଅନ୍ତୁ ବୋଲି । ତେଣୁ ବୋଧେ ସମାନ ସମୟରେ ପରୀକ୍ଷା ଓ ନିର୍ବାଚନ ଧାରା ଚାଲିଛି । ଭାରତୀୟ ପ୍ରଜ୍ଞା ମାରଣର ବୋଧେ ଏହା ଅନ୍ୟତମ ଉପାୟ । ଅନ୍ୟପଟେ ଆମ ପରିବାର, ସମାଜ, ସଂସ୍କୃତି, ଧର୍ମ, ପରମ୍ପରାର ଅଖଣ୍ଡ ଦୀପଟି ପଶ୍ଚିମା ପବନ ମାଡ଼ରେ ଲିଭିଲିଭି ଆସିଲାଣି । ଆଧୁନିକ ବା ପ୍ରଗତିଶୀଳ ବା ବିକାଶଶୀଳ ରାଷ୍ଟ୍ର ହେବାପାଇଁ ଆମ ବଂଶଧରମାନେ ଉନ୍ମୁଖ । ମୋଟାମୋଟି ଭାବେ ଆମେ ଗାଁବାଲାଏ ଯାହା ଜାଣୁ ଏଠି ଆଉ କେହି ଭାରତୀୟ ହେବାକୁ ଚାହାନ୍ତିନି । ସମସ୍ତେ ଚାହାନ୍ତି ଇଣ୍ଡିଆନ୍ ହେବାକୁ । ଆହୁରି ଅଧିକ ହେବ । କାରଣ ଆମେ ଆମ ମୁତାବକ ଆମ ସମ୍ବିଧାନ ଗଢିନାହୁଁ । ଆମେରିକା ଓ ଇଂଲଣ୍ଡର ପ୍ରତିଛାୟାରେ ଏହା ଗଠିତ । ତଦନୁସାରେ ଆମ ୨୦୧୯ର ସଧାରଣ ନିର୍ବାଚନ,ଗତ ବର୍ଷ ସରିଥିବା ପଞ୍ଚାୟତ ଓ ମ୍ୟୁନିସିପାଲିଟି ନିର୍ବାଚନକୁ ଲକ୍ଷ୍ୟ କଲେ ଦୁଃଖଲାଗେ । କାରଣ ଏ ନିର୍ବାଚନ ଭାରତୀୟ ଗଣତନ୍ତ୍ରର ୭୫ବର୍ଷର ପରିପକ୍ୱତାକୁ ନୁହେଁ ବରଂ ପଙ୍କିଳତାକୁ ପ୍ରକାଶ କରୁଥିଲା । ନିଜ ସ୍ୱାର୍ଥ ପାଇଁ ଏ ଦଳରୁ ସେ ଦଳକୁ ଡେଇଁବା, ନିଜ ପୁତ୍ର ପୌତ୍ରାଦିଙ୍କୁ ରାଜନୈତିକ ଥଇଥାନ କରିବା ପାଇଁ ଅତି ନିମ୍ନ ସ୍ତରକୁ ଖସିଯିବା, କାଲି ଯାହାକୁ ଶଁବାଲୁଆ କହୁଥିଲେ ତାକୁ ଆଜି ପ୍ରଜାପତି କହି କାନ୍ଧରେ ବସାଇବା ଇତ୍ୟାଦି ଦୃଶ୍ୟ ଦେଖିଲେ ନିଜକୁ ପ୍ରଶ୍ନ କରିବାକୁ ଇଚ୍ଛାହୁଏ–ଆମେ ଭାରତୀୟ ତ ? ଯେଉଁ ଭାରତୀୟ ଦିନେ ସତ୍ୟ ପାଳନ ଲାଗି ରାଜସିଂହାସନ ତ୍ୟାଗ କରି ବନବାସକୁ ଆପଣେଇ ନେଇଥିଲା, ପ୍ରଜାସୁଖ ଯାହାଙ୍କ ସୁଖ ଓ ମୁଖ୍ୟଧର୍ମ ଥିଲା, ଯାହାଙ୍କ ଶାସନ ଧାରା ସ୍ମରଣ କରି ଭାରତୀୟ ମୁକ୍ତି ସଂଗ୍ରାମ ରାମରାଜ୍ୟର ସ୍ୱପ୍ନ ଦେଖିଥିଲା, ଇଏ କ'ଣ ସେଇ ରାମରାଜ୍ୟ –ଯେଉଁଠି ନେତାଙ୍କ ଆଦର୍ଶ ତ୍ୟାଗ ନୁହେଁ ଭୋଗ । ଅବଶ୍ୟ ଯାଗ, ଯୋଗ ଓ ତ୍ୟାଗର ମାଟି ଭାରତରେ ତ ଏବେ ଭୋଗ ଓ ରୋଗର ରାଜୁତି । ଅବଶ୍ୟ ଏଇ ଭୋଗ ପ୍ରବଣତା ରୋଗରେ ଇଣ୍ଡିଆନ୍‌ମାନେ ଯେତେ ଆକ୍ରାନ୍ତ ଭାରତୀୟମାନେ ସେତେ ନୁହନ୍ତି । ନିଜକୁ ମହାନ୍ ଭାରତୀୟ ପରମ୍ପରାର ଉତ୍ତରଦାୟାଦ ଭାବେ ଚିହ୍ନିପାରିଲେ ଓ ଗର୍ବ କରିପାରିଲେ ଅଚିରେ ଇଣ୍ଡିଆନ୍ ଦେଉଥିବା ଯନ୍ତ୍ରଣାରୁ ଉପଶମ ମିଳିପାରନ୍ତା ।

ସରାଟ ଶାସନ, ଟଣାହାଟ,
ବାଲିପାଟଣା, ଖୋର୍ଦ୍ଧା
ମୋ– ୮୯୧୭୬୨୪୩୮୬

# ଇନ୍ଦ୍ରଧନୁର ରଙ୍ଗ



ଶୈଳେନ୍ଦ୍ର ଦ୍ୱିବେଦୀ

ରାଜସ୍ଥାନ ପର୍ଯ୍ୟଟନରେ କୋଟା ପ୍ରସିଦ୍ଧ ଶିକ୍ଷା, ପଥର, ମନ୍ଦିର ଓ ସଂଗ୍ରହାଳୟ ପାଇଁ, ଅଥଚ ଏ ସବୁଠୁ କାହିଁ କେତେଗୁଣ ଅଧିକ ପ୍ରସିଦ୍ଧ ଇଞ୍ଜିନିୟରିଂ ଓ ମେଡିକାଲ ପ୍ରବେଶିକା ପରୀକ୍ଷା ନିମନ୍ତେ ଦେଶର ସର୍ବବୃହତ୍ କୋଚିଂ ହବ୍ ଭାବରେ । କୁହାଯାଏ, ଆଗ୍ରହୀ ଛାତ୍ରୀଛାତ୍ରମାନଙ୍କୁ ପ୍ରବେଶିକାରେ ସଫଳ ହେବା ପାଇଁ ଏଠି ଦିଆଯାଉଥିବା ତାଲିମ ରୀତିମତ ଔଦ୍ୟୋଗିକ ସ୍ତରର । ତେବେ ପାଠକେ, ନିକଟରେ ଚର୍ଚ୍ଚାକୁ ଆସିଛି କୋଟା ଆତ୍ମହତ୍ୟା ଘଟଣା ବଢ଼ିବାକୁ ନେଇ । ଏଇଠି କହିରଖେ ଯେ ଛାତ୍ର ଆତ୍ମହତ୍ୟା କୋଟାରେ କିନ୍ତୁ ନୂଆକଥା ନୁହେଁ । ତଥ୍ୟ ଅନୁସାରେ ଗତ ୧୦ ବର୍ଷ ଭିତରେ ଏଠି ଆତ୍ମହତ୍ୟା କରିଛନ୍ତି ୧୦୦ରୁ ଅଧିକ ଛାତ୍ର । ଜଣେ ମନସ୍ତତ୍ତ୍ୱବିତ୍ ଲେଖିଛନ୍ତି, ଭାରତରେ ବର୍ଷକୁ ଯେତିକି ଯୁବତୀ ଯୁବକ ଆତ୍ମହତ୍ୟା କରୁଛନ୍ତି ସେହି ଅନୁପାତରେ କୋଟା ଆତ୍ମହତ୍ୟା ସଂଖ୍ୟା ଦୃଷ୍ଟିରୁ କମ୍ ହୋଇପାରେ, ତେବେ ଆମେ ଭୁଲିଗଲେ ଚଳିବ ନାହିଁ ଯେ କୋଟାକୁ ରାଜସ୍ଥାନ ବାହାରୁ ଆସୁଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ୧ଲକ୍ଷରୁ ଖୁବ୍ ଅଧିକ ନୁହେଁ ଏବଂ ସେହି ଦୃଷ୍ଟିରୁ ଆତ୍ମହତ୍ୟାଜନିତ ମୃତ୍ୟୁସଂଖ୍ୟା ଯଥେଷ୍ଟ ଅଧିକ । ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ତଥ୍ୟ ଅନୁସାରେ ଭାରତରେ ୨୦୨୦ରେ ପ୍ରତି ୪୨ମିନିଟରେ ଜଣେ ଛାତ୍ର ଆତ୍ମହତ୍ୟା କରୁଥିଲେ ଅର୍ଥାତ୍ ଦିନକୁ ହାରାହାରି ୩୪ଛାତ୍ର ଆତ୍ମହତ୍ୟା କରିଥିବା ବେଳେ ସେହି ବର୍ଷ ୧୮ବର୍ଷରୁ କମ୍ ବୟସ୍କଙ୍କ ଆତ୍ମହତ୍ୟା ସଂଖ୍ୟା ଥିଲା ୧୧,୩୯୬ । ଜଣାପଡ଼ିଛି, ୧୫ରୁ ୩୦ ବର୍ଷ ବୟସ ବନ୍ଧନୀରେ ପୃଥିବୀରେ ଆତ୍ମହତ୍ୟା ହେଉଛି ମୃତ୍ୟୁର ୧ନମ୍ବର କାରଣ । ମନସ୍ତତ୍ତ୍ୱବିତ୍ ଜଣକ ଏକଥା ବି କହିଛନ୍ତି ଯେ ଭାରତରେ ସେଲିବ୍ରିଟି ଆତ୍ମହତ୍ୟା ଚର୍ଚ୍ଚାକୁ ଆସେ । ଯଥା ଚିତ୍ର ତାରକାଙ୍କ ଅକାଳ ମୃତ୍ୟୁ । କୃଷକ ଆତ୍ମହତ୍ୟା ମଧ୍ୟ ରାଜନୈତିକ ଦୃଷ୍ଟିକୋଣରୁ ଜୋରସୋର ଆଲୋଚନା ହୁଏ, କାରଣ ସେଥିରେ ରାଜନୈତିକ ଉଷ୍ମତା ଥାଏ । ଆଉ ଛାତ୍ର ଆତ୍ମହତ୍ୟା ଉପରୋକ୍ତ ଦୁଇ ଆତ୍ମହତ୍ୟା ପରିପ୍ରେକ୍ଷୀରେ କମ୍ ଗୁରୁତ୍ୱ ପାଇଥାଏ । ଆମେ ଭାବିବାକୁ ରୀତିମତ ଭୁଲିଯାଉ ଯେ ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟ କ୍ଷତିଗ୍ରସ୍ତ ହେବାରେ ଲାଗିଛି, ଯେଉଁଥିପାଇଁ ସେମାଙ୍କଠାରୁ କାହିଁ କେତେଗୁଣ ଆମେ, ଅଥଚ ବୟସ୍କମାନେ ଦାୟୀ । ଆଉଜଣେ ମନସ୍ତତ୍ତ୍ୱବିତ୍‌ଙ୍କ ମତ ହେଉଛି, କୋଟାକୁ ଆସିଥିବା ପିଲାମାନଙ୍କ ପାଇଁ ସେମାନଙ୍କ ଅଭିଭାବକମାନେ କେବଳ ପ୍ରଚୁର ଖର୍ଚ୍ଚକରନ୍ତି ନାହିଁ ପିଲାମାନେ ଏକରକମ ସଙ୍କଳ୍ପବଦ୍ଧହୋଇ ଆସିଥାନ୍ତି ଯେ ସଫଳତାର ସ୍ୱାଦ ସେମାନେ ପାଇବେ । ଆଉ ପିଲାମାନଙ୍କୁ ପଢ଼େଇବାକୁ ପଠାଇଥିବା ଅଭିଭାବକମାନେ କ'ଣ ଚାହାନ୍ତି ! ଯାହାବି ହୋଇଯାଉ ସେମାନଙ୍କ ପିଲା ସଫଳ ହେବା ଦରକାର । ସମାଜତତ୍ତ୍ୱବିତ୍‌ମାନଙ୍କ ମତ, ଆତ୍ମହତ୍ୟା ପାଇଁ ପ୍ରଭାବ ଯେତିକି ଜୈବିକ ନୁହେଁ ସେତିକି ସାମାଜିକ, ସାଂସ୍କୃତିକ ଏବଂ ଅଧିକ ଭାବନାତ୍ମକ । ଏକଥା ମଧ୍ୟ କୁହାଯାଏ ଯେ ଆମ ସମୟର ସାମାଜିକ ସଂରଚନା ଏମିତି ଯେ ଜଣେ ସମ୍ପୂର୍ଣ୍ଣ ସୁସ୍ଥ ବୟସ୍କ ମାନସିକ ରୋଗଗ୍ରସ୍ତ ହେବା ପାଇଁ ଖୁବ୍ ଅଧିକ ସମୟ ନେବ ନାହିଁ ।

ଅଧ୍ୟୟନରୁ ଜଣାପଡ଼ିଛି, କୋଟାରେ ଆତ୍ମହତ୍ୟା କରିଥିବା ଅଧିକାଂଶ ଛାତ୍ର ଆସିଥିଲେ ଉତ୍ତରପ୍ରଦେଶ ଓ ବିହାରରୁ–ନିମ୍ନ ମଧ୍ୟବିତ୍ତ ନଚେତ ମଧ୍ୟବିତ୍ତ ପରିବାରରୁ ।



ନିଜ ସ୍କୁଲ/ଶିକ୍ଷାନୁଷ୍ଠାନରେ ଖୁବ୍ ଭଲ ଛାତ୍ର ଥିବା ଗାଁ/ଛୋଟ ସହରର ଏହି ଛାତ୍ରମାନେ କୋଟାରେ ପାଦ ଦେବା ସହିତ ପ୍ରତିଯୋଗିତାର ଏକ ଅଜବ ଦୁନିଆ ଭିତରକୁ ପାଦ ଥାପିଥିଲେ । କୁହାଯାଉଛି କୋଟା କୋଚିଂ ଶିଳ୍ପ ୧୨ ହଜାର କୋଟି ଟଙ୍କାର ଏକ କ୍ରମବର୍ଦ୍ଧିଷ୍ଣୁ ଅନୁଷ୍ଠାନ ଯାହା ସଦା ସର୍ବଦା ନିଜ ଆପଣା ଅଭିବୃଦ୍ଧିକୁ ଜାହିର କଲାବେଳେ ଛାତ୍ରମାନଙ୍କ କଲ୍ୟାଣକୁ ଅଣଦେଖା କରିଥାଏ । ବ୍ୟବସାୟ ବଢ଼େଇବା ପାଇଁ କୋଟା କୋଚିଂ ଶିଳ୍ପ ଅନେକ ଆକର୍ଷଣୀୟ ବ୍ୟବସ୍ଥା ହାତକୁ ନେଇଥାଏ, ଯଥା ଆଡମିଶନ ପୂର୍ବରୁ ପୂର୍ବ ପରୀକ୍ଷାରେ ସଫଳ ହୋଇଥିବା ଛତ୍ରୀଛାତ୍ରଙ୍କ ବାବଦରେ ପୂରା ପୃଷ୍ଠା ବିଜ୍ଞାପନ, ଚଳିତଥର କୋଚିଂ ଇନ୍‌ଷ୍ଟିଚ୍ୟୁଟ୍‌ର ନୂଆ ଯୋଜନା, ସାପ୍ତାହିକ ପରୀକ୍ଷା ଏବଂ ଫଳାଫଳ, ନିୟମିତ ଅନ୍ତରାଳରେ ଅଭିଭାବକମାନଙ୍କୁ ଛାତ୍ରୀଛାତ୍ରମାନଙ୍କ ସଫଳତା ବାବଦରେ ଖବର ପ୍ରଦାନ । ସପ୍ତାହକ ୭ଦିନ ଏବଂ ୨୪ ଘଣ୍ଟାରୁ ୧୨ ଘଣ୍ଟା ଛାତ୍ରୀଛାତ୍ରଙ୍କ ପାଇଁ କୋଚିଂରୁ ନିସ୍ତାର ନ ଥାଏ । ବନ୍ଧୁବାନ୍ଧବ, ସାଙ୍ଗସାଥୀ ଓ ବାପା ମା'ଙ୍କଠାରୁ ଦୂରରେ ଏକ ଯନ୍ତ୍ରର ଜୀବନ । ଏମିତି ସ୍ଥିତିରେ ଯେତେବେଳେ କୌଣସି କାରଣରୁ ଜଣେ ବିଫଳ ହୁଏ ସେତେବେଳେ ସବୁରାସ୍ତା ତା' ପାଇଁ ବନ୍ଦ ହୋଇସାରିଥାଏ ।

ମନସ୍ତତ୍ତ୍ୱବିତ୍‌ମାନେ କହନ୍ତି, ମହାମାରୀ (କୋଭିଡ୍ –୧୯) କେବଳ ପୃଥିବୀକୁ କେତେବର୍ଷ ପଛକୁ ନେଇଯାଇନାହିଁ ଆମ ଅଲକ୍ଷ୍ୟରେ ସର୍ବାଧିକ କ୍ଷତି ପହଞ୍ଚାଇଛି ମନସ୍ତାତ୍ତ୍ୱିକ ସ୍ୱାସ୍ଥ୍ୟକୁ । ଭାରତ ପରିପ୍ରେକ୍ଷୀରେ କୁହାଯାଇଛି ଯେ ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପାଇଁ ସରକାରଙ୍କ ବ୍ୟୟ ବରାଦ ମହାମାରୀ ପୂର୍ବରୁ ୪୦କୋଟି ଟଙ୍କା ଥିବା ବେଳେ ୨୦୨୩–୨୪ରେ ତାହା ବୃଦ୍ଧି ପାଇ ୧୩୪ କୋଟି ଛୁଇଁଛି । ମନସ୍ତତ୍ତ୍ୱବିତ୍‌ମାନେ ସନ୍ତୁଷ୍ଟ ନୁହନ୍ତି କାରଣ ମାନସିକ ସ୍ୱାସ୍ଥ୍ୟ ନେଇ ଯେତିକି କରାଯିବା କଥା ତାହା ହୋଇନାହିଁ । ରାଜସ୍ଥାନ ସରକାର ସମୁଦାୟ ଘଟଣା ଉପରେ ନିରପେକ୍ଷ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଅବଶ୍ୟ କହିଛନ୍ତି ତେବେ ତାହା ପର୍ଯ୍ୟାପ୍ତ ନୁହେଁ ଯେପର୍ଯ୍ୟନ୍ତ ସାମାଜିକ ସ୍ତରରେ ଆମ ସମସ୍ତଙ୍କ ତରଫରୁ ଉଦ୍ୟମ ଆରମ୍ଭ ନ ହୋଇଛି । ତଥ୍ୟାନୁସାରେ ୨୦୨୨ରେ କୋଟାରେ ଆତ୍ମହତ୍ୟା କରିଥିଲେ ୧୫ ଛାତ୍ର, ୨୦୨୧ରେ ଜଣେ, ୨୦୨୦ରେ ୪ ଜଣ, ୨୦୧୯ରେ ୮ ଜଣ, ୨୦୧୮ରେ ୧୨ ଜଣ ଏବଂ ୨୦୧୭ରେ ୧୦ ଜଣ । ଅଧିକାଂଶ କ୍ଷେତ୍ରରେ ଅନୁସନ୍ଧାନ ଅସମ୍ପୂର୍ଣ୍ଣ ରହିଛି କିମ୍ବା ଆତ୍ମହତ୍ୟା ପରୀକ୍ଷାରେ ବିଫଳତାଜନିତ ବୋଲି କୁହାଯାଇଛି । ପାଠକେ, ଗତ ଶତାବ୍ଦୀରେ ଶେଷ ଦଶକରେ କୋଟାର ଭାଗ୍ୟ ଫିଟିଥିଲା ଯେତେବେଳେ ଏହାକୁ କୁହାଗଲା ନୂଆ କାଶୀ । କୋଟାର ବର୍ତ୍ତମାନର ଅର୍ଥନୀତି ହେଉଛି କୋଚିଂ ସେଣ୍ଟର ଅର୍ଥନୀତି । ୪୦,୦୦୦ ପେଇଙ୍ଗ ଗେଷ୍ଟ ସୁବିଧା ବାହାରେ ରହିଛି ୪ ହଜାର ହଷ୍ଟେଲ । ସହରର ହଜାର ହଜାର ବୋର୍ଡରେ ଅବଶ୍ୟ କେବଳ ସଫଳତା ବିଜ୍ଞାପନ ରହିଛି କିନ୍ତୁ ତାହାରି ଭିତରେ ଲୁଚି ରହିଛି ଆତ୍ମହତ୍ୟାର ମଞ୍ଜି । ଜଣେ ମନସ୍ତତ୍ତ୍ୱବିତ୍ କହିଛନ୍ତି ବ୍ୟବସାୟ ଜୀବନ ଉପରେ ସବାର ହୋଇସାରିଛି ଏବଂ ଅଣନିଃଶ୍ୱାସୀ କରି ପକେଇଛି ଜୀବନକୁ । ଆପଣ ଚିନ୍ତା କରିପାରନ୍ତି ! ଇନ୍ଦ୍ରଧନୁର ରଙ୍ଗ ପାଣିଚିଆ ହୋଇସାରିଛି ।

ମୋ– ୯୪୩୭୧୩୭୦୬୦

## ଏଇ ଭାରତରେ

ସ୍କୁଲରେ ପିଲାଙ୍କ ସଂଖ୍ୟା ବୃଦ୍ଧି ଲାଗି ନିଜ ଦରମାରୁ ଅର୍ଥ ବ୍ୟୟ କରି ଅଭିନବ ଉପାୟ ଆପଣାଇଛନ୍ତି ତେଲଙ୍ଗାନାର ଶିକ୍ଷୟିତ୍ରୀ ଅର୍ଚ୍ଚନା ନୁଗୌରି । ମଞ୍ଚେରିଲାର ଜିଲା ରେବିନାପଲ୍ଲୀସ୍ଥିତ ମଣ୍ଡଳ ପରିଷଦ ପ୍ରାଥମିକ ସ୍କୁଲରେ ସେ ପ୍ରଧାନଶିକ୍ଷୟିତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି । ସେ ଦୁର୍ଗମ ଅଞ୍ଚଳର ପିଲାମାନଙ୍କୁ ସ୍କୁଲକୁ ଆଣିବା ଲାଗି ପରିବହନ ବ୍ୟବସ୍ଥା ସହ ଏକ୍ସଟ୍ରା କ୍ଲାସ ନେଉଛନ୍ତି । ଏହି ପଦକ୍ଷେପ ଯୋଗୁ ସ୍କୁଲର ପିଲାସଂଖ୍ୟା ଏବେ ୨୭୫ରେ ପହଞ୍ଚିଗଲାଣି । ସେମାନଙ୍କ ମଧ୍ୟରେ ଝିଅସଂଖ୍ୟା ୧୦୩ । ଅର୍ଚ୍ଚନାଙ୍କ ବୟସ ୪୨ । ଚାକିରି ପ୍ରାରମ୍ଭ କାଳରେ ସେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ପ୍ରତିଦିନ ଯାଉଥିଲେ । ପିଲା ସ୍କୁଲ ଛାଡ଼ିବା ମୂଳରେ ଗମନାଗମନ ତଥା ପରିବହନ ମୁଖ୍ୟ ସମସ୍ୟା ରହିଥିବା ସେ ଅନୁଭବ କରିବା ପରେ ଏଥିପାଇଁ ଗାଡ଼ି ବ୍ୟବସ୍ଥା କରିଛନ୍ତି । ନିଜ ଖର୍ଚ୍ଚରେ ଏକ ଲାଇବ୍ରେରି କରିଛନ୍ତି । ଏଥିରେ ୧୦୦୦ ବହି ଅଛି । ବିଭିନ୍ନ ଉତ୍ସରୁ ପାଣ୍ଠି ଯୋଗାଡ଼ କରି ସେ ସ୍କୁଲର ଫର୍ନିଚର ତିଆରି କରିଛନ୍ତି । ଏହି କାର୍ଯ୍ୟ ଲାଗି ତାଙ୍କୁ ଜାତୀୟ ଶିକ୍ଷକ ସମ୍ମାନ ପ୍ରଦାନ କରାଯାଇଛି ।

## ଚିରନ୍ତନୀ

ଭୁଲିବାକୁ ମୋତେ କରିଥିଲୁ
ଅଭିଳାଷ
ଲୋଡ଼ିଥିଲୁ କେତେ ଅଖଣ୍ଡ
ଅବକାଶ,
ଛାଡ଼ି ଏ ଧରଣୀ ଆକାଶ ବିହାର
ଲାଗି
ସ୍ୱପନ ମଦିରା ପାନେ ହେଲୁ
ଅନୁରାଗୀ । -(ଜୀବନର ସ୍ୱର୍ଗ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଦୁର୍ନୀତିର ପରିଭାଷା

ମହାଶୟ,

ସାଧାରଣ ଭାବେ ଦୁର୍ନୀତି କହିଲେ ବିତ୍ତୀୟ ଭ୍ରଷ୍ଟାଚାର ବା ଆର୍ଥିକ ଲାଭ ଓ ଅନିୟମିତତାକୁ ବୁଝାଏ । ମାତ୍ର ମାନ୍ୟବର ସୁପ୍ରିମକୋର୍ଟ ଦୁର୍ନୀତିର ପରିଭାଷା ନିରୂପଣ କରିବାକୁ ଯାଇ ନିଜର ସ୍ପଷ୍ଟ ମତ ଦେଇଛନ୍ତି । ଶୀର୍ଷକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଦୁର୍ନୀତି କେବଳ ବିତ୍ତୀୟ ଭ୍ରଷ୍ଟାଚାର ବା ଆର୍ଥିକ ଲାଭରେ ସୀମିତ ନୁହେଁ । ନୈତିକତା ଆଧାରରେ ଯାହା ଭ୍ରାନ୍ତ ଏବଂ ନିକୃଷ୍ଟ ତାହାହିଁ ଦୁର୍ନୀତି । ସୁତରାଂ ମନ୍ତ୍ରୀ, ସାଂସଦ, ବିଧାୟକ ଓ ବୁରୋକ୍ରାଟମାନେ ଠିକ୍ ସମୟରେ ସମ୍ପତ୍ତି ତାଲିକା ନ ଦେବା, ଲାଞ୍ଚ କାରବାର କରି ଓ କମିଶନ ଆଦାୟ କରି ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିବା, ମନ୍ତ୍ରୀ ଓ ଜନପ୍ରତିନିଧିମାନେ କ୍ଷମତାର ଅପବ୍ୟବହାର କରି ଅହେତୁକ ସମ୍ପତ୍ତି ଅର୍ଜନ କରିବା, ନିର୍ବାଚନ ପୂର୍ବରୁ ଲୋଭନୀୟ ପ୍ରତିଶ୍ରୁତି ଦେଇ କ୍ଷମତା ହାସଲ କରିବା ପରେ ପ୍ରତିଶ୍ରୁତି ପୂରଣ ନ କରିବା, ନିର୍ବାଚନରେ କମିଶନଙ୍କ ଧାର୍ଯ୍ୟ ଠାରୁ ଅଧିକ ଅର୍ଥ ବ୍ୟୟ କରିବା, ଭୋଟରମାନଙ୍କୁ ଟଙ୍କା ଓ ମୂଲ୍ୟବୋଧ ସାମଗ୍ରୀ ଦେଇ ଭୋଟ ହାସଲ କରିବା, ଧନୀଙ୍କ ଉପରୁ ଟିକସ ହ୍ରାସ କରି ସାଧାରଣ ଲୋକଙ୍କ ଉପରେ ଟିକସ ଭାର ବଢ଼ାଇବା, ନିର୍ବାଚନୀ ହିଂସା ସୃଷ୍ଟି କରି ବିରୋଧୀଙ୍କୁ କ୍ଷତି ପହଞ୍ଚାଇବା, ଧର୍ମ, ଜାତି ଭିତ୍ତିରେ ରାଜନୀତି କରିବା ଏବଂ ଅପରାଧୀ ଦାଗୀ ଓ ଦୁର୍ନୀତିଗ୍ରସ୍ତଙ୍କୁ ସୁରକ୍ଷା ଦେବା ମଧ୍ୟ ଦୁର୍ନୀତି ପରିସରଭୁକ୍ତ ।

–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଲୋପ ପାଇବାକୁ ବସିଲାଣି ହାବସପୁରୀ ଶାଢ଼ି

- ନାଁ ହାବସପୁରୀ ଶାଢ଼ି, ତିଆରି ହେଉଛି ଅନ୍ୟ ସ୍ଥାନରେ
- ସରକାରୀ ପ୍ରୋତ୍ସାହନ ସାଙ୍ଗକୁ କଞ୍ଚାମାଲ ଅଭାବ
- କୌଳିକ ବୃତ୍ତି ଛାଡିଲେ ବୁଣାକାର

ଭବାନୀପାଟଣା,୧୭।୯(ଉତ୍ତମ କୁମାର ଦାଶ)

ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଶାଢ଼ି ପ୍ରସ୍ତୁତ କରାଯାଏ। ସେଗୁଡିକ ହେଲା ବରପାଲି ଶାଢ଼ି, ସୋନପୁରୀ ଶାଢ଼ି, ବାନ୍ଧ ଶାଢ଼ି, ବଉଦ ଶାଢ଼ି, ସମ୍ବଲପୁରୀ ଶାଢ଼ି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ସେଥିମଧ୍ୟରୁ କଳାହାଣ୍ଡିର ଜିଲାର ହାବସପୁରୀ ଶାଢ଼ି ମଧ୍ୟ ଜିଲା, ରାଜ୍ୟ, ଦେଶ ତଥା ଦେଶବାହାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏପରିକି ରାଜ୍ୟ ସରକାର ଏହାକୁ ଜିଆଇ ଟେଗ ମାନ୍ୟତା ଦେଇସାରିଛନ୍ତି। ସେହିପରି ଭାରତର ପ୍ରସିଦ୍ଧ ଟାଟା ଟି 'ଚା' ର ଖୋଳରେ ମଧ୍ୟ ହାସପୁରୀ ଶାଢ଼ିର ବାନ୍ଧ କଳା ଦେଖିବାକୁ ମିଳେ। ତେବେ ହାବସପୁରୀ ଶାଢ଼ିର ପ୍ରଚାର ଓ ପ୍ରସାର ପାଇଁ ସରକାର କିମ୍ବା ପ୍ରଶାସନ ଆଗଭର ହେଉନାହାନ୍ତି। ତେଣୁ ଏହି ଶାଢ଼ୀ ଏବେ ବିଲୁପ୍ତ ହେବାକୁ ବସିଥିବା ବେଳେ ବୁଣାକାରମାନେ ମଧ୍ୟ ରୋଜଗାର ହରାଇ ବସିଛନ୍ତି। କଳାହାଣ୍ଡି ଜିଲାରେ ଉନବିଂଶ ଶତାବ୍ଦୀରେ କନ୍ଧ ଜନଜାତିର ଲୋକମାନେ ହାବସପୁରୀ ଶାଢ଼ୀ ବୁଣାକାମ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଭୁଲିଆ ସମ୍ପ୍ରଦାୟର ଲୋକମାନେ ଏହାକୁ କୌଳିକ ବୃତ୍ତି ହିସାବରେ ଗ୍ରହଣ କଲେ ବୋଲି କୁହାଯାଏ। ବର୍ତ୍ତମାନ ଯୁଗରେ ବିଭିନ୍ନ ଶାଢ଼ୀ ବଜାରକୁ ଆସିବା ଯୋଗୁ ହାତବୁଣା ଶାଢ଼ୀର ଚାହିଦା କମିବାକୁ ଲାଗିଲା। ବୁଣାକାରମାନେ ବେପାର କମିଯିବାରୁ ଶାଢ଼ୀବୁଣା ଛାଡି ଅନ୍ୟ କାମରେ ସମୟ ଦେଇ ପରିବାର ପ୍ରତିପୋଷଣ କଲେ।



ପୂର୍ବରୁ ବୁଣାଯାଇଥିବା ସାମଗ୍ରୀ ଦେଖାଉଛନ୍ତି ହାସପୁରର ବୁଣାକାର।

ଫଳରେ ହାବସପୁରୀ ଶାଢ଼ୀ ଆଉ ବଜାରରେ ଦେଖିବାକୁ ମିଳୁନାହିଁ। ବର୍ତ୍ତମାନ ଏହି ଶାଢ଼ି ବିଲୁପ୍ତ ହେବାକୁ ବସିଲାଣି। ଜିଲାର ଜୁନାଗଡ଼ ବ୍ଲକ ହାବସପୁରଠାରେ ଥିବା ଭୁଲିଆ ବା ମେହେର ସମ୍ପ୍ରଦାୟର ଲୋକମାନେ ନିଜର କଳାକୌଶଳ ଓ କାରିଗରୀର ବିଦ୍ୟାରେ ପରିଚୟ ଏହି ଶାଢ଼ିକୁ ହାବସପୁରୀ ଶାଢ଼ି ବୋଲି କୁହାଯାଏ। ହେଲେ ହାସପୁରୀ ଶାଢ଼ୀ ଏବେ ହାସପୁର ଗାଁରେ ଲୋପ ପାଇବାକୁ ବସିଲାଣି। ସରକାରୀ ପ୍ରୋତ୍ସାହନ ସାଙ୍ଗକୁ କଞ୍ଚାମାଲର ଅଭାବ ଯୋଗୁ ଗତ ୨୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ଗାଁର ବୁଣାକାରମାନେ ନିଜ କୌଳିକ ବୃତ୍ତିକୁ ଛାଡି ଦେଇଛନ୍ତି। ପୂର୍ବରୁ ଗ୍ରାମର ପ୍ରାୟ ୨୦ ପରିବାର ସଦସ୍ୟ ଏହି କାମରେ ନିୟୋଜିତ ରହି ଅନେକ ହାବସପୁରୀ ଶାଢ଼ି, ଗାମୁଛା, ଲୁଙ୍ଗି, ଶାଳ, ଡୋର ସ୍କ୍ରିନ ଆଦି ତିଆରି କରୁଥିଲେ। ଯାହାକି ଜିଲା ତଥା ଦେଶରେ ମଧ୍ୟ ବେଶ ଆଦୃତ ହୋଇପାରୁଥିଲା। କାଳକ୍ରମେ କଞ୍ଚାମାଲର ଦର ଅଧିକ ଓ ବଜାରରେ ଫେନ୍ସି ଶାଢି ଆସିଯିବା ପରେ ହାସପୁରୀ ଚାହିଦା କମିବା ଯୋଗୁ ସେମାନେ ତାଙ୍କ ମଜୁରୀ ମଧ୍ୟ ପାଇଲେ ନାହିଁ। ଫଳରେ ଏହି ବୁଣାକାର ନିଜ କୌଳିକ ବୃତ୍ତି ଛାଡିବାକୁ ବାଧ୍ୟ ହେଇଥିବା ପ୍ରକାଶ କରିଛନ୍ତି। ୨୦୨୨ରେ ଗ୍ରାମରେ ଥିବା କଳା ଓ ହସ୍ତତନ୍ତ ବାୟ କେନ୍ଦ୍ରର ପୁନରୁଦ୍ଧାର ନିମନ୍ତେ ଜିଲା ପ୍ରଶାସନର ଓ ବେଦାନ୍ତ ଆଲୁମିନା ପକ୍ଷରୁ ୧୦ ଲକ୍ଷ ଟଙ୍କା ସହାୟତା କରାଯାଇଥିଲା। ବର୍ତ୍ତମାନ ଏହି ଘର ପୁନରୁଦ୍ଧାର କାମ ଶେଷ ହୋଇଥିବାବେଳେ ବୁଣାକାରଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦିଆଯାଇ ନ ଥିଲା। ଅନ୍ୟପଟେ ହାବସପୁର ଗ୍ରାମରୁ ଆରମ୍ଭ ହୋଇଥିବା ଏହି ହାବସପୁରୀ ଶାଢୀ ବ୍ଲକର କିଛି ଗ୍ରାମରେ କାଁ ଭା ବୁଣା ଯାଉଛି । କିନ୍ତୁ ଯେଉଁ ଗାଁରେ ଏହା ଆରମ୍ଭ ହେଇଥିଲା ସେହି ଗାଁରେ ଏହା ଲୋପ ପାଇଥିବାବେଳେ ଅନ୍ୟ ଗାଁରେ ତିଆରି ହୋଇ ନା କମାଉଛି। ସମ୍ବଲପୁରୀ ଶାଢିର ମୁହଁରେ ବାନ୍ଧ କଳା ଝଟକୁ ଥିବା ବେଳେ ହାବସପୁରୀ ଶାଢିରେ ୬୦ ବର୍ଷ ପୂର୍ବରୁ ଶାଢିର ମୁହଁ ଆଉ ଦେହରେ ବାନ୍ଧ ରହିଛି। ହାବସପୁରୀ ଶାଢିରେ କଳାହାଣ୍ଡି ଜିଲାର ଆଦିବାସୀମାନଙ୍କ ବିଭିନ୍ନ କଳାକୃତିକୁ ବୁଣାଯାଉଥିଲା। ୧୯୫୧ରେ ହାବସପୁରୀ ଶାଢି ଦିଲ୍ଲୀର ପ୍ରଦର୍ଶନୀ ପଡ଼ିଆରେ ଭାଗ ନେଇ ଆଦୃତ ହୋଇଥିଲା । ସେହି ସମୟରେ ଥିବା ଭାରତର ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ହାବସପୁରୀ ଶାଢିକୁ ଦେଖି ମୋହିଯାଇଥିଲେ ବୋଲି ବୁଣାକାରମାନେ କହନ୍ତି। ବୟନଶିଳ୍ପକୁ ଭାରତ ବିଭିନ୍ନ ରାଜ୍ୟରେ ପ୍ରଚାର ପ୍ରସାର ସରକାରୀ ସହାୟତା ଯୋଗାଇଦେବାରୁ ଆଗକୁ ବଢି ପାରିଛି। ହେଲେ ଓଡ଼ିଶାରେ ବୟନ ଶିଳ୍ପକୁ ସରକାର ଅଣଦେଖା କରୁଥିବାରୁ ହାବସପୁରୀ ଶାଢି ଭଳି ବୟନ ଶିଳ୍ପ ଏବେ ଲୋପ ପାଇବାକୁ ବସିଲାଣି। ଯଦି ରାଜ୍ୟ ସରକାର କିମ୍ବା କୌଣସି ସଂସ୍ଥା ପକ୍ଷରୁ ବୁଣାକାରମାନଙ୍କୁ ସୁବିଧା ସୁଯୋଗ ଦିଆଯାଇ ପାରନ୍ତା ତାହେଲେ ଦିନେ ଚହଳ ପକାଉଥିବା ହାବସପୁରୀ ଶାଢି ନିଜର ପୂର୍ବ ପରିଚୟ ଫେରି ପାରନ୍ତା ଓ କଳାହାଣ୍ଡି ଜିଲାର କୁଟୀର ଶିଳ୍ପ କିଛି ଲୋକଙ୍କ ଜୀନ ରେଖା ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ସୁରେଶ



@ ପିକୁନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପିଏମ୍ ବିଶ୍ୱକର୍ମା ସଚେତନତା କାର୍ଯ୍ୟକ୍ରମ



ଲୋଇସିଂହା,୧୭।୯(ସୁଶାନ୍ତ ବାରିକ)

ବିଶ୍ୱକର୍ମା ପୂଜା ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମ୍ ବିଶ୍ୱକର୍ମା ଯୋଜନା ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ପଲ୍ଲୀ ଆଲୋକ ପାଠାଗାର ଆନୁକୂଲ୍ୟରେ ପାଠାଗାର ସଭାଗୃହରେ ଉକ୍ତ ଯୋଜନାକୁ ନେଇ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମର ବୁଣାକାରଙ୍କ ସମେତ ବିଭିନ୍ନ ପ୍ରକାର ପାରମ୍ପରିକ କାରିଗର ଅଂଶଗ୍ରହଣ କରିଥିଲେ। ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ଏହି ଯୋଜନା ଦ୍ୱାର ବୁଣାକାରଙ୍କ ସମେତ ୧୮ ପ୍ରକାର କାରିଗର ଉପକୃତ ହେବେ । କାରିଗରଙ୍କ ଦକ୍ଷତା ବିକାଶ ପାଇଁ ତାଲିମର ବ୍ୟବସ୍ଥା ରହିଛି। କାରିଗରଙ୍କ ବ୍ୟବସାୟ ବୃଦ୍ଧି ଏବଂ ଘରର ଆର୍ଥିକ ଅନଟନ ଦୂର ପାଇଁ କେନ୍ଦ୍ର ସରକାର ୩ ଲକ୍ଷ ପର୍ଯ୍ୟନ୍ତ ଋଣର ସୁବିଧା ରଖିଛନ୍ତି। ସଚେତନ ହୋଇ ପଞ୍ଜୀକୃତ ହେବାକୁ ସେ ଆହ୍ୱାନ ଜଣାଇଥିଲେ। କେବଳ ନଆଗାଁ(ଖ) ଗ୍ରାମବାସୀ ନୁହନ୍ତି, ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲୋଇସିଂହା, ଆଗଲପୁର ଓ ପୁଇଁତଲା ବ୍ଲକର ହଜାରହଜାର କାରିଗର ଏହି ଯୋଜନା ଦ୍ୱାରା ଉପକୃତ ହୋଇ ପାରିବେ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ସମ୍ପାଦକ ପ୍ରଶାନ୍ତ ନାୟକ ସଂଯୋଜନା କରିଥିଲେ।

# ଜିଲାସ୍ତରୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସ

ଭବାନୀପାଟଣା,୧୭।୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ମୁଷିଗୁଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ରବିବାର ସନ୍ଧ୍ୟାରେ ଜିଲାସ୍ତରୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି) ପ୍ରତିଷ୍ଠା ଦିବସ–ସ୍ପାର୍କ ୨୦୨୩ ପାଳିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ ଚୋପଦାରଙ୍କ ଅଧ୍ୟକ୍ଷତାରେ ଭବାନୀପାଟଣା ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡ଼ିଇଓ ଟେମଲାଲ ଦୁବେ, ମୁଷିଗୁଡା ଓଏଭି ଅଧ୍ୟକ୍ଷା ଇତିଶ୍ରୀ ସାହୁ, କେସିଙ୍ଗା ଓଏଭି ଅଧ୍ୟକ୍ଷ ନୀଳମାଧ ପଟ୍ଟନାୟକ ଓ ମଦନପୁର ଓଏଭି ଅଧ୍ୟକ୍ଷ ସଞ୍ଜୟ ଦାସ ପ୍ରମୁଖ ଯୋଗଦେଇଥିଲେ। ପରେ ଜିଲାର ୧୩ଟି ଓଏଭିରୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ୫୦୦ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ୨୨ଟି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ ଶତପଥୀ, ଏଡିଇଓ ଟେମଲାଲ ଦୁବେ, ଭବାନୀପାଟଣା ପୋରାଧ୍ୟକ୍ଷା ସଂଯୁକ୍ତା ବେହେରା, ବିଏମ ହାଇସ୍କୁଲ ପ୍ରଧାନ ଶିକ୍ଷକ ଷଷ୍ଠୀ ଝାଙ୍କର, ମୁଷିଗୁଡା ଓଏଭି ଅଧ୍ୟକ୍ଷା ଇତିଶ୍ରୀ ସାହୁ, କେସିଙ୍ଗା ଓଏଭି ଅଧ୍ୟକ୍ଷ ନୀଳମାଧ ପଟ୍ଟନାୟକ ଓ ମଦନପୁର ଓଏଭି ଅଧ୍ୟକ୍ଷ ସଞ୍ଜୟ ଦାସ ପ୍ରମୁଖ ଯୋଗଦେଇଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଭବାନୀପାଟଣା ଓଏଭିର ଛାତ୍ରୀଛାତ୍ର ସର୍ବାଧିକ ପୁରସ୍କାର ପାଇଥିଲେ। ମୋନାଲିସା ସୁନା, ଦୀପକ ସାହୁ ଓ ବିରଞ୍ଚି ବାହିନୀପତି ସଭା ପରିଚାଳନା କରିଥିଲେ। ବୋର୍ଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରକାଶ ନିଶଙ୍କ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ପାଢ଼ୀ, ଡିଇଓ ଅଫିସର ଟଙ୍କଧର ସାହୁ, ଜିତେନ୍ଦ୍ର କୁମାର ମୁଣ୍ଡ ତଥା ଅଫିସର ସମସ୍ତ କର୍ମଚାରୀ ସଫଳତାର ସହ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ମୁଷିଗୁଡା ଓଏଭି ଅଧ୍ୟକ୍ଷା ଇତିଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ।




ଉଦ୍‌ଯାପନୀ ସମାରୋହରେ ଅତିଥିଗଣ।

# କଂଗ୍ରେସରେ ମିଶିଲେ ଭାଜପା, ବିଜେଡି କର୍ମକର୍ତ୍ତା



କଂଗ୍ରେସରେ ସାମିଲ ହୋଇଥିବା କର୍ମକର୍ତ୍ତା।

ଭବାନୀପାଟଣା,୧୭।୯
(ଉତ୍ତମ କୁମାର ଦାଶ)

କଳାହାଣ୍ଡିଜିଲାଭବାନୀପାଟଣାଠାରେ ରବିବାର କଂଗ୍ରେସର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭବାନୀପାଟଣା ସଦର ବ୍ଲକ ବୋରିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ନାୟକ, ସାମାଜିକ କର୍ମୀ ପ୍ରଶାନ୍ତ କୁମାର, ଅଗସ୍ତି ସାଙ୍କ ପ୍ରମୁଖଙ୍କ ୧୦ରୁ ଊର୍ଦ୍ଧ୍ୱ ଭାଜପା, ବିଜେଡି କର୍ମକର୍ତ୍ତା କଂଗ୍ରେସରେ ସାମିଲ ହୋଇଥିବା ଦଳ ପକ୍ଷରୁ ସୂଚନା ମିଳିଛି। କଂଗ୍ରେସରେ ସାମିଲ ହେବା ପରେ ଦଳ ପକ୍ଷରୁ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ମିଶ୍ରଣ ପର୍ବରେ ଜିଲା ସଭାପତି ଭାରତ ଭୂଷଣ ବେମାଲ, ଯୁବନେତା ସାଗର ଚରଣ ଦାସ, ଜିଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ, କେସିଙ୍ଗା ବ୍ଲକ ସଭାପତି ରାହାସ ସାହୁ, ଜିଲା ସାଧାରଣ ସମ୍ପାଦକ ବିଜୟ ଦୀପ ପ୍ରମୁଖ ଉପସ୍ଥିତ ଥିଲେ।

# ଉତ୍କଳ ବାଳାଶ୍ରମରେ ହାଇଜେନିକ କିଟ୍ ବଣ୍ଟନ

କଣ୍ଟାବାଞ୍ଜି,୧୭।୯(ଗୁରୁଦୟାଲ ହଂସ): ବାଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବାଳଶ୍ରମରେ ଜିଲା ଜୁନିୟର ରେଡକ୍ରସ ତରଫରୁ ରବିବାର ହାଇଜେନିଟ କିଟ୍ ବଣ୍ଟନ କରାଯାଇଛି। ଜୁନିୟର ରେଡକ୍ରସ ପରାମର୍ଶଦାତା ବିରଞ୍ଚି ନାରାୟଣ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ଜିଲା ଜୁନିୟର ରେଡକ୍ରସ ଅଧିକାରୀ ସୁବାଷ ଚନ୍ଦ୍ର ପଟେଲ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ସଭ୍ୟ ଚିନ୍ମୟ କୁମାର ଯୋଶୀ, ଲଳିତ କୁମାର ଅଗ୍ରୱାଲ, ସିଆରସିସି ପ୍ରେମରାଜ ପାଣିଗ୍ରାହୀ, ଆମେରିକାନ ଇଣ୍ଡିଆ ଫେଡେରେଶନର ଏମଆଇଏସ ସରୋଜ ଦାଶ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଜୁନିୟର ରେଡକ୍ରସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ପରେ ଅନ୍ତେବାସୀମାନେ କିପରି ସ୍ୱଚ୍ଛତା ଉପରେ ଅଧିକ ଧ୍ୟାନ ଦେବେ ତାହା ଉପରେ ସଚେତନ କରାଯାଇଥିଲା। ପରେ ଅନ୍ତେବାସୀଙ୍କୁ ହାଇଜେନିକ କିଟ୍ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବାଳାଶ୍ରମ ସୁପରିଣ୍ଟେଣ୍ଡେଣ୍ଟ ସମୀର ସାଗର, ପ୍ରଯତ୍ନକାରୀ ଶୁକ୍ର ରାଏ ସହଯୋଗ କରିଥିଲେ ।

# ଦୀର୍ଘ ବର୍ଷ ହେବ ମୁକୁଳା ପଡ଼ିଛି ଡ୍ରେନ୍

ଖଡ଼ିଆଳ,୧୭।୯(ସୁଜିତ୍ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ସହର ଦେଇ ଯାଇଥିବା ଖଡ଼ିଆଳ–ସିନାପାଲି ମୁଖ୍ୟ ରାସ୍ତା ଡ୍ରେନ ଦୀର୍ଘ ବର୍ଷ ହେବ ମୁକୁଳା ପଡ଼ିଛି। ଏଥିପାଇଁ ଅନେକ ସମୟରେ ଲୋକେ ଛୋଟବଡ ଦୁର୍ଘଟଣା ଘଟୁଛି। ୧୫ବର୍ଷ ତଳେ ପୂର୍ତ୍ତ ବିଭାଗ ଡ୍ରେନ ନିର୍ମାଣ କରିଥିଲା। ହେଲେ ଆଜି ଯାଏ ଡ୍ରେନରେ ଢାଙ୍କୁଣି ଦିଆଯାଇନାହିଁ। । ମୁକୁଳା ଡ୍ରେନ ଦେଇ ଗାଡି ମୋଟର, ଲୋକଙ୍କ ସହ କୁନିକୁନି ଛାତ୍ରୀଛାତ୍ର ଭୟରେ ଯାତାୟାତ କରୁଛନ୍ତି। ରାସ୍ତା ସହ ମିଶି ଯାଇଥିବା ଏହି ଡ୍ରେନରେ ପାଦ ପାଦରେ ବିପଦ ଆମନ୍ତ୍ରଣ କରୁଛି। ୩ ଫୁଟ ଓସାର ଓ ୩ ଫୁଟ ଗଭୀର ଡ୍ରେନ ଖୋଲା ହୋଇ ପଡିରହିଛି । ବିଶେଷ କରି ରାସ୍ତା କଡରେ ଦୋକାନ ବଜାର ସାଙ୍ଗକୁ ପାଖରେ ଲାଗି ରହିଛି ସାପ୍ତାହିକ ବଜାର ଦିନ ନାହିଁ ନ ଥିବା ଭିଡ଼ ହୋଇଥାଏ। ରାସ୍ତା କଡ଼ରେ ଥିବା ଦୋକାନ ଉପରେ ଭିଡ଼ରେ ଟିକେ ଅସାବଧାନତାରେ ଦୁର୍ଘଟଣାର ଶିକାର ହେଉଥିବା ଅଞ୍ଚଳବାସୀ କହିଛନ୍ତି। ପ୍ରଶାସନକୁ ଅଭିଯୋଗ କଲେ ହେଁ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ପଡ଼ାବାସୀ କହିଛନ୍ତି। ଦୀର୍ଘ ୧୫ ବର୍ଷ ଧରି ପାଖାପାଖି ଗୋଟିଏ କିଲୋମିଟର ଯାଏ ଲମ୍ବି ଥିବା ଏହି ଡ୍ରେନ ଦେଖିଲେ ଭୟ ଲାଗୁଛି। ସ୍ଥାନୀୟ ଅଧିକାରୀ ଓ ନେତାମନ୍ତ୍ରୀଙ୍କ ଆନ୍ତରିକତାର ଅଭବା ଯୋଗୁ ବିଶେଷ କରି ଖଡ଼ିଆଳ ଏନ୍ଏସିର ୧୦ ଓ ୧୧ ନମ୍ବର ୱାର୍ଡବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖଡ଼ିଆଳ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଶଶାଙ୍କ ଶେଖର ଶୁକ୍ଲାଙ୍କୁ ପଚାରିବାରୁ ମୁଁ ନୂଆ ଆସିଛି ଆପଣଙ୍କଠାରୁ ଖବର ପାଇଛି, ଯଥାଶୀଘ୍ର ସମସ୍ୟା ସମାଧାନ କରାଯିବ ବୋଲି କହିଛନ୍ତି। ଅତିଶୀଘ୍ର ଡ୍ରେନ ଉପରେ ସ୍ଲାପ କିମ୍ବା ଢାଙ୍କୁଣି ଦିଆଯାଉ ବୋଲି ସହରବାସୀ ଦାବି କରିଛନ୍ତି।



ଖଡ଼ିଆଳ–ସିନାପାଲି ମୁଖ୍ୟ ରାସ୍ତା ଡ୍ରେନ ମୁକୁଳା ହୋଇ ପଡ଼ିଛି।


**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ**
ବିଜ୍ଞପ୍ତି ନଂ.2001/ (SIOS) ତା15.09.23ରିଖ
STATE OPEN SCHOOL CERTIFICATE (SOSC)-2024 (1ST)
**ପରୀକ୍ଷା ନିମନ୍ତେ ଫର୍ମ ପୂରଣ ସମ୍ପର୍କିତ ସୂଚନା**

No.n-183:- ଏତଦ୍ୱାରା ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ, ଓଡ଼ିଶାର ପରୀକ୍ଷାର୍ଥୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, Odisha State Open School Certificate Examination, 2024 (1ST) ନିମନ୍ତେ ଫର୍ମ ପୂରଣର କାର୍ଯ୍ୟସୂଚୀ ନିମ୍ନରେ ପ୍ରଦାନ କରାଗଲା। ଏହି ଫର୍ମ ପୂରଣର ପ୍ରକ୍ରିୟା ONLINE ମାଧ୍ୟମରେ ହେଉଥିବାରୁ ସମସ୍ତ ମୁକ୍ତ ବିଦ୍ୟାଳୟ ଯଥା Block ଏବଂ District Study Centreର ମୁଖ୍ୟ ଏହି ଫର୍ମ ପୂରଣ କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ସମୟରେ ଶେଷ କରାଇବେ।
୧. ଫର୍ମ ପୂରଣ କରିବାର ତାରିଖ ଓ ସମୟ- ଫର୍ମ ପୂରଣ ଏବଂ Final Submission ତା20.09.2023ରିଖଠାରୁ ତା30.09.2023ରିଖ 11.45 P.M. ମଧ୍ୟରେ କରିବାକୁ ହେବ।
୨. ଫର୍ମ ପୂରଣ କରିସାରିବା ପରେ Descriptive Roll Sheetକୁ download କରି ପ୍ରଧାନ ଶିକ୍ଷକ/ପ୍ରଧାନ ଶିକ୍ଷୟିତ୍ରୀମାନେ ନିଜ ତତ୍ତ୍ୱାବଧାନରେ ରଖିବେ ଏବଂ ଏହାର ଏକକିତା ନକଲକୁ ବୋର୍ଡର ସମ୍ପୃକ୍ତ ଆଞ୍ଚଳିକ କାର୍ଯ୍ୟାଳୟରେ ତା05.10.2023ରିଖ ସୁଦ୍ଧା ଦାଖଲ କରିବେ।
୩. ଫର୍ମ ପୂରଣ ସମ୍ପର୍କିତ General ଓ Step by Step Instructions ପରିଷଦର ନିଜସ୍ୱ website i.e."www.bseodisha.ac.in"ରେ ଉପଲବ୍ଧ ହେଉଅଛି। ଏହି ନିର୍ଦ୍ଦେଶାବଳୀକୁ ଭଲ ଭାବେ ପଢ଼ିସାରି ଫର୍ମ ପୂରଣ କାର୍ଯ୍ୟ ଆରମ୍ଭ କରିବେ। Back ପରୀକ୍ଷାର୍ଥୀମାନଙ୍କର Form ପୂରଣ କରିବାରେ ଅସୁବିଧା ହେଲେ, Boardର ମୁଖ୍ୟ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବେ।
୪. ଫର୍ମ ପୂରଣ କରିବା ପାଇଁ Link "www.bseodisha.ac.in"ରେ ଉପଲବ୍ଧ ହେବ।

ସ୍ୱା./-
ସମ୍ପାଦକ
OIPR-27004/11/0037/2324



GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, ROURKELA
E.Mail- rw_rourkela@yahoo.co.in
No.: O-1061
TENDER CALL NOTICE
BID IDENTIFICATION NO. ONLINE - SERKL-10 OF 2023-24

1. Name of the work: Building works. 2. Total No. of works: 06 (Six) Nos. 3. Estimated cost: Rs.25.07 to 27.10 lakhs. 4. Class of contractor: 'C' & 'B' class. 5. Period of completion: 04 (Four) months. 6. Type of tender: Single cover. 7. Other details:

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Rourkela | Online- SERKL-10 of 2023-24 | 25.09.2023 from 10.00 A.M. | 03.10.2023 upto 05.00 P.M. | 02.10.2023 upto 1.00 P.M. | 04.10.2023 at 11.00 A.M. |

Further details can be seen from the website www.tendersorissa.gov.in & for more information please visit the office.
Sd./- Superintending Engineer, R.W. Division, Rourkela
OIPR-25067/11/0009/2324



NEW INDIA@75 आज़ादी का अमृत महोत्सव
ଆଇଆର୍‌ଇଏଲ୍ (ଇଣ୍ଡିଆ) ଲିମିଟେଡ୍/IREL (India) Limited
ପୂର୍ବରୁ ଇଣ୍ଡିଆନ୍ ରେଆର୍ ଆର୍ଥସ୍ ଲିମିଟେଡ୍
(ଭାରତ ସରକାରଙ୍କ ଉପକ୍ରମ)
(A Government of India Undertaking)
Unleashing Values
ସିଆଇଏନ୍: ୟୁ୧୫୧୦୦ଏମ୍ଏଚ୍୧୯୫୦ଜିଓଆଇ୦୦୮୧୮୭ ୱେବ୍‌ସାଇଟ୍: www.irel.co.in
ଆଇଏସ୍ଓ ୯୦୦୧:୨୦୧୫, ଆଇଏସ୍ଓ ୧୪୦୦୧ : ୨୦୧୫ ଏବଂ ଆଇଏସ୍ଓ ୪୫୦୦୧ : ୨୦୧୮ କମ୍ପାନୀ
ସନ୍ଦର୍ଭ: ଏଡିଭିଟି ନଂ. ୨୩-୨୪/୦୫
**ଟେଣ୍ଡର ବିଜ୍ଞପ୍ତି**
ତାରିଖ: ୧୮।୦୯।୨୦୨୩
ଆଇଆର୍‌ଇଏଲ୍, ଓଏସ୍‌ସିଓଏମ୍ ନିମ୍ନଲିଖିତ ସାମଗ୍ରୀ/କାର୍ଯ୍ୟ ବର୍ଣ୍ଣନା ପାଇଁ ପ୍ରସ୍ତାବର ଅନୁରୋଧ ଆହ୍ୱାନ କରୁଛି ।

| ବିଡ୍ ନଂ. | କାର୍ଯ୍ୟ / ସାମଗ୍ରୀର ବର୍ଣ୍ଣନା |
|---|---|
| ଜିଇଏମ୍/୨୦୨୩/ବି/୩୯୨୯୬୮୧ | ୧୩୨୦ ଏମ୍‌ଟି କଷ୍ଟିକ୍ ସୋଡା ଲାଏ ଯୋଗାଣ |
| ଜିଇଏମ୍/୨୦୨୩/ବି/୩୯୩୩୦୬୭ | ଆର୍‌ଇଇପିଠାରେ ଉତ୍ପାଦନ ଗତିବିଧିରେ ସହାୟତା ପାଇଁ ଲୋକବଳଙ୍କ ନିୟୋଜନ |
| ଜିଇଏମ୍/୨୦୨୩/ବି/୩୯୦୫୬୧୫ | ଫିଲ୍‌ଟର୍ ପ୍ରେସ୍ ଅନ୍‌ଲୋଡିଂ ଏବଂ କ୍ଷତିଗ୍ରସ୍ତ ଫିଲ୍‌ଟର୍ କପଡ଼ା ବଦଳାଇବା |
| ୨୦୨୩_ଆଇଆର୍‌ଇଏଲ୍_୧୬୬୯୯୬_୧ | ଆର୍‌ଇଇପିର କୋଲ୍ ଶେଡ୍ ଏରିଆ ଏବଂ କଷ୍ଟିକ୍ ଲାଏ ଇଭାପୋରେଟର୍ ଶେଡ୍‌ରେ ଷ୍ଟ୍ରକ୍ଚରାଲ୍ ଓ ସିଭିଲ କାର୍ଯ୍ୟ |
| ୨୦୨୩_ଆଇଆର୍‌ଇଏଲ୍_୧୬୭୧୯୫_୧ | ପ୍ରକ୍ରିୟାକୃତ ମିନେରାଲ୍ସର ବ୍ୟାଗିଂ ଓ ପରିବହନ ପରେ ଭାଇଜାଗ୍ ବନ୍ଦର ମାଧ୍ୟମରେ କଣ୍ଟେନର ଶିପ୍‌ମେଣ୍ଟ/ବ୍ରେକ୍ ବଲ୍‌କ ଶିପ୍‌ମେଣ୍ଟ ସହିତ ସମସ୍ତ କଷ୍ଟମ୍ସ କାଗଜପତ୍ର କାର୍ଯ୍ୟ ପାଇଁ ମୂଲ୍ୟ ଠିକା । |

ବିଡର http://irel.co.in, http://gem.gov.in କିମ୍ବା https://eprocure.gov.in/eprocure/appରୁ ଟେଣ୍ଡର କାଗଜପତ୍ର ଡାଉନଲୋଡ୍ କରିପାରିବେ । ଉପରୋକ୍ତ ଟେଣ୍ଡରଗୁଡ଼ିକ ସମ୍ବନ୍ଧୀୟ ଯେକୌଣସି ଶୁଦ୍ଧିପତ୍ର/ସମୟ ବୃଦ୍ଧି କେବଳ ଉପରୋକ୍ତ ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ ।
CBC 48129/12/0025/2324
ସ୍ୱା./- ଜିଏମ୍ ଏବଂ ମୁଖ୍ୟ, ଏମ୍ଏମ୍‌ଡି, ଓଏସ୍‌ସିଓଏମ୍



TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କର ଏକ ମିଳିତ ଉଦ୍ୟମ)
ପାୱାର ହାଉସ୍ ସ୍କୋୟାର୍, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
**ବିଜ୍ଞପ୍ତି**
(୦୧.୦୬.୨୦୨୦ ପୂର୍ବରୁ ସେସୁକୁ ଯୋଗାଣ ହୋଇଥିବା ସବୁ ସାମଗ୍ରୀ ଓ ସେବାର ବକେୟା ବିଲ୍ ଦାଖଲ ପାଇଁ ସମସ୍ତ ଭେଣ୍ଡରଙ୍କ ଧ୍ୟାନ ଆକର୍ଷଣ କରାଯାଉଛି ।)
ନିର୍ଦ୍ଧାରିତ ଓ ଅନ୍ୟ ଆବଶ୍ୟକୀୟ ନିର୍ଦ୍ଦେଶ ଅନୁସାରେ, ପ୍ରାକ୍ ନିର୍ଦ୍ଧାରିତ ସମୟ ଅର୍ଥାତ୍ ୦୧.୦୬.୨୦୨୦ ପୂର୍ବରୁ ତତ୍କାଳୀନ ସେସୁ (ବର୍ତ୍ତମାନର ଟିପିସିଓଡିଏଲ)କୁ ଦିଆଯାଇଥିବା ସବୁ ସାମଗ୍ରୀ ଓ ସେବାର ବକେୟା ବିଲ୍ ଓ ତତ୍‌ସମ୍ପର୍କିତ ଆବଶ୍ୟକୀୟ କାଗଜପତ୍ର ୩୦.୦୯.୨୦୨୩ ସୁଦ୍ଧା ଦାଖଲ କରିବାକୁ ମାନ୍ୟବର ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ନିର୍ଦ୍ଦେଶ ଦେଇଛନ୍ତି।
ଏଣୁ ମାନ୍ୟବର ଓଇଆରସିଙ୍କ ନିର୍ଦ୍ଦେଶରେ ଅନୁପାଳନ ପୂର୍ବକ ଭେଣ୍ଡରମାନଙ୍କୁ ଏହି ନୋଟିସ୍ ଦିଆଯାଉଛି କି ସେମାନେ ନିଜର ବକେୟା ବିଲ୍, ଦାବି ଓ ତତ୍‌ସମ୍ପର୍କିତ ଆବଶ୍ୟକୀୟ କାଗଜପତ୍ର ୩୦.୦୯.୨୦୨୩ ସୁଦ୍ଧା ସମ୍ପୃକ୍ତ ଡିଭିଜନ ଅଫିସରେ ଦାଖଲ କରିବେ।
-ସ୍ୱା- ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍



GOVERNMENT OF ODISHA
OFFICE OF THE DISTRICT EDUCATION OFFICER & DPC, BALANGIR
**Procurement Notice**
No.n-184
Email ID: dpcbolangirssa.opepa@nic.in
No.VIII/CW/18/2023 2409 dated 15.09.2023

1. The District Education Officer & DPC, Samagra Shikshya, Balangir on behalf of Government of Odisha invites unit Rate bid in double cover in offline mode for Incinerator & vending machines for schools of Balangir District. As detail on technical bid for eligibility of original manufacturer / authorized suppliers.
2. Nos. of Incinerator for Pad disposal & Pad Vending Machine: 1138 Nos.
3. Tender paper cost: Rs.10,000/- (Rupees ten thousand) only.
4. EMD: 341500/- (Rupees three lakh forty one thousand five hundred) only.
5. Date and time available in web portal: 10 hrs. of 18th Sept. 2023 to 17 hrs. of dt.17th Oct. 2023.
6. Date of opening of technical bid of the tender: 18th Oct. 2023 at 11.00 hrs. Venue: DPC, Conference Hall, Balangir.
7. The bidders have to participate in offline bidding only. Further detail can be seen from the Web Portal (http//www.balangir.nic.in).
8. Any corrigendum / addendum will be displayed in the above web portal.

Sd./- District Education Officer & DPC
Samagra Shiksha, Balangir
OIPR-27071/11/0002/2324

# ରାଉରକେଲାର ବିଭିନ୍ନ ସ୍ଥାନରେ ପୂଜିତ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପ୍ରତିମୂର୍ତ୍ତି


ବନ୍ଧମୁଣ୍ଡା କୋଇଲା ଗେଟ୍।


ବିଶ୍ରା ଡାହାର ରୋଡ୍।


ବନ୍ଧମୁଣ୍ଡା ଇଲେକ୍ଟ୍ରିକ ଅଫିସ।

## ବକ୍ସିଂ ଆସୋସିଏଶନକୁ ୨ ନିର୍ବାଚିତ

**ରାଉରକେଲା,୧୭।୯(ଦିନେଶ ମିଶ୍ର):** ଓଡିଶା ଆମେଚର ବକ୍ସି ଆସୋସିଏଶନର ସାଧାରଣ ସମ୍ପାଦକ ଭାବେ ରାଉରକେଲା ପ୍ରଗତି ଉତ୍କଳ ସଂଘର ଆଜୀବନ ସଦସ୍ୟ ଅନୀଲ କୁମାର ବହିଦାର ଓ କାର୍ଯ୍ୟକାରୀ ସଦସ୍ୟ ଭାବେ ସଂଘର କ୍ରୀଡ଼ା ସମ୍ପାଦକ ଅରବିନ୍ଦ ପାତ୍ର ନିର୍ବାଚିତ ହୋଇଛନ୍ତି। କଟକ ବାରବାଟୀ ଷ୍ଟାଡିୟମଠାରେ ଆସୋସିଏଶନର ସର୍ବଭାରତୀୟ ଉପସଭାପତି ରାଜୀବ ସିଂଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଥିବା ବାର୍ଷିକ ସାଧାରଣ ବୈଠକରେ ଉଭୟ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ଏଥିରେ ପ୍ରଗତି ସଂଘର ସଦସ୍ୟମାନେ ଆନନ୍ଦ ପ୍ରକାଶ କରିବା ସହ ଉଭୟଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ୨୦ରେ ନୂଆଁଖାଇ ପାଳନ

**ରାଉରକେଲା,୧୭।୯(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲାର ମାଁ ସମଲେଶ୍ୱରୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆସନ୍ତା ୨୦ ତାରିଖରେ ପଶ୍ଚିମ ଓଡିଶାର ପ୍ରସିଦ୍ଧ ଗଣପର୍ବ ନୂଆଁଖାଇ ପାଳନ କରାଯିବ। ଏହାସହିତ ଟ୍ରଷ୍ଟ ତରଫରୁ ହନୁମାନ ବାଟିକାରେ ମାଁ ସମଲେଶ୍ୱରୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଦେବୀଙ୍କୁ ନବାନ୍ନ ଅର୍ପଣ କରାଯିବ। ନୂଆଁଖାଇ ଲଗ୍ନ ମୁତାବକ ଉକ୍ତ ଦିନ ସକାଳ ୧୦ଟାରୁ ୧୧ଟା ମଧ୍ୟରେ ପୂଜାର୍ଚ୍ଚନା ହେବ ଓ ସମସ୍ତେ ଏକାସଙ୍ଗେ ନୂଆଁ ଖାଇବେ ବୋଲି କୁହାଯାଇଛି। ଏହି ଅବସରରେ ପାରମ୍ପରିକ ସମ୍ବଲପୁରୀ ନୃତ୍ୟଗୀତ ସହିତ ପଞ୍ଚବାଦ୍ୟ ପରିବେଷଣ କରାଯିବ ବୋଲି ଟ୍ରଷ୍ଟ ପ୍ରତିଷ୍ଠାତା ପଦ୍ମିନୀ ପାଣିଗ୍ରାହୀ, ଅନୁଶ୍ରୀ ଦାଶ ଓ ଅଜିତ ମୋହନ ପୂଜାରୀ ସୂଚନା ଦେଇଛନ୍ତି।



ନୂଆଁଖାଇ ପାଳନ ନେଇ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଉଛି।

## ବିଜୁ ମହିଳା ଜନତା ଦଳର କମିଟି ଗଠନ

**ରାଉରକେଲା,୧୭।୯(ଦିନେଶ ମିଶ୍ର):** ରଘୁନାଥପାଲି ବିଜୁ ମହିଳା ଜନତା ଦଳର କମିଟି ଗଠନ ହୋଇଛି। ଏଥିରେ ସଭାପତି ଭାବେ ଏମା ଏକ୍କାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଜୟନ୍ତୀ ଦାସ, ଶୁଶିଳା ନାୟକ, ସରିତା କେରକେଟ୍ଟା, ସ୍ମିତା ମହାନ୍ତି, ଆଶାମଣି ଦାସ, ଏମିଲନ ଟପ୍ପୋ, ମଞ୍ଜୁଲତା କିଷାନ, ଦଶମୀ ମିଞ୍ଜ, ଜୁଲାଣି କାନ୍ଦିରଙ୍କୁ ଉପସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। କାର୍ଯ୍ୟକାରୀ ସଭାପତି ଭାବେ ଛବି ମହାନ୍ତି ଏବଂ ସାଧାରଣ ସମ୍ପାଦକ ଭାବେ ୧୩ ଜଣ ମହିଳାଙ୍କୁ ଚୟନ କରାଯାଇଛି।

## ୨୪ରେ ଜିଲ୍ଲାସ୍ତରୀୟ ଓଡିଆ ଭାଷା ପ୍ରତିଯୋଗିତା

**ରାଉରକେଲା,୧୭।୯(ବିପ୍ଳବ ରଞ୍ଜନ ଦାଶ) :** ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଆସନ୍ତା ୨୪ତାରିଖରେ ବିଦ୍ୟାଳୟ ସ୍ତରୀୟ ଓଡ଼ିଆ ଭାଷା ପ୍ରତିଯୋଗିତା ସେକ୍ଟର-୫ ସ୍ଥିତ ଆଦର୍ଶ ପାଠାଗାର ଆନୁକୂଲ୍ୟରେ ଅନୁଷ୍ଠିତ ହେବ। ପ୍ରତିଯୋଗିତାର ମୂଳ ଉଦ୍ଦେଶ୍ୟ ହେଉଛି ଓଡ଼ିଆ ଭାଷା ଓ ଓଡିଶା ସମ୍ପର୍କରେ ସଚେତନତା ସୃଷ୍ଟି କରିବା। ପ୍ରତିଯୋଗିତା ଦୁଇ ଭାଗରେ ବିଭକ୍ତ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୪ର୍ଥରୁ ୭ମ ଶ୍ରେଣୀ ଯାଏ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। ଏହି ପର୍ଯ୍ୟାୟରେ ଶ୍ରୁତଲିଖନରେ 'ସତ୍ୟବାଦୀ ବନ ବିଦ୍ୟାଳୟ ଗଠନରେ ଗୋପବନ୍ଧୁଙ୍କ ଭୂମିକା' ଓ 'ଦୀନବନ୍ଧୁ ଗୋପବନ୍ଧୁ' ଉପରେ ବକ୍ତୃତା ପ୍ରତିଯୋଗିତା ହେବ। ସେହିପରି ୨ୟ ପର୍ଯ୍ୟାୟରେ ୮ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। ଏଥିରେ 'ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଗୋପବନ୍ଧୁଙ୍କ ଭୂମିକା' ଶୀର୍ଷକ ଶ୍ରୁତଲିଖନ ଓ 'ସତ୍ୟବାଦୀ ବନ ବିଦ୍ୟାଳୟ ବନାମ ଓଡିଆ ବିଶ୍ୱବିଦ୍ୟାଳୟ' ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗୀତାରେ ଜିଲାର ବିଭିନ୍ନ ସ୍କୁଲର ପିଲାମାନେ ଭାଗନେବେ। କୃତୀ ପ୍ରତିଯୋଗୀମାନଙ୍କୁ ଅକ୍ଟୋବର ୯ରେ ହେବାକୁ ଥିବା ଗୋପବନ୍ଧୁ ଜୟନ୍ତୀରେ ପୁରସ୍କୃତ କରାଯିବ ବୋଲି ରବିବାର ଆଦର୍ଶ ପାଠାଗାର ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ ସୂଚନା ଦେଇଛନ୍ତି।

## ବିଶ୍ୱକର୍ମା ପୂଜା ପାଇଁ ଚଳଚଞ୍ଚଳ ଷ୍ଟିଲସିଟି

**ରାଉରକେଲା,୧୭।୯(ବିପ୍ଳବ ରଞ୍ଜନ ଦାଶ):** ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ଉପାସନା ଷ୍ଟିଲସିଟି ରାଉରକେଲାର ବିଭିନ୍ନ କଳକାରଖାନା ସମେତ ଶିଳ୍ପ ସଂସ୍ଥାରେ ମହାସମାରୋହରେ ପାଳନ କରାଯାଇଛି। ରୀତିନୀତି ଅନୁଯାୟୀ ପୂଜାପାଠ ସହିତ ଯଜ୍ଞ କରାଯାଇଥିଲା। ବିଶ୍ୱକର୍ମାଙ୍କ ମନ୍ତ୍ରପାଠରେ ସାରା ସହର ମୁଖରିତ ହୋଇଉଠିଥିଲା। ପୂଜା ପରେ ଭଗବାନ ବିଶ୍ୱକର୍ମାଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବିଶ୍ୱକର୍ମା ପୂଜା ଅବସରରେ ଅନେକ ଶିଳ୍ପ କାରଖାନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ରାଉରକେଲାରେ ବିଶ୍ୱକର୍ମା ପୂଜା ନେଇ ବିଭିନ୍ନ ସ୍ଥାନରେ ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ସେହିପରି ବୃନ୍ଦାବୁଣ୍ଡା ରାମାଟୋଲି ନିକଟ ବିଦ୍ୟୁତ୍ ବିଭାଗରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ଏସ୍‌ଡିଓ ରାଜେଶ ପାଣ୍ଡେ, ଜେ. ପାନୁ ପ୍ରଧାନ ଏବଂ କର୍ମଚାରୀମାନେ ମଧ୍ୟ ରାମଟୋଲି ସବଷ୍ଟେଶନରେ ପୂଜାର୍ଚ୍ଚନା କରିଥିଲେ।

## ୨୫ରୁ ଖୁଦୁରୁକୁଣୀ ମେଳଣ



ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

**ରାଉରକେଲା,୧୭।୯(ବିପ୍ଳବ ରଞ୍ଜନ ଦାଶ) :** ରାଉରକେଲାର ସାମାଜିକ ଅନୁଷ୍ଠାନ ସ୍ୱରାଗିଣୀ ପକ୍ଷରୁ ଦ୍ୱିତୀୟ ଖୁଦୁରୁକୁଣୀ ମେଳଣ ପର୍ବ ଆସନ୍ତା ୨୫ତାରିଖ ଅପରାହ୍ନ ୩ଟାରୁ ସେକ୍ଟର-୨୦ କମ୍ୟୁନିଟି ସେଣ୍ଟରରେ ପାଳନ ହେବ। ଏ ସମ୍ପର୍କରେ ରବିବାର ରାଉରକେଲା କ୍ଲବଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ଉପସଭାନେତ୍ରୀ ସ୍ୱର୍ଣ୍ଣ ପଲାଇ ଏବଂ କାର୍ଯ୍ୟକାରୀ ସଭାନେତ୍ରୀ ମମତା ଦାସ ସୂଚନା ଦେଇଛନ୍ତି। ଚଳିତ ବର୍ଷ ମେଳଣରେ ୫୦ରୁ ଊର୍ଦ୍ଧ୍ୱ ଖୁଦୁରୁକୁଣୀ ମେଢ ଭାଗ ନେବା ପାଇଁ ନିର୍ଦ୍ଧାରିତ ରହିଛି। ବିଚାରକ ମଣ୍ଡଳୀ ଦ୍ୱାରା ମେଢମାନଙ୍କର ମୂଲ୍ୟାଙ୍କନ କରାଯାଇ ମେଢ ନିର୍ମାଣକାରୀ ସଙ୍ଗଠନକୁ ପୁରସ୍କୃତ କରାଯିବ। ଏ ନେଇ ବିଭିନ୍ନ ନୃତ୍ୟ ସଙ୍ଗୀତ ପରିବେଷଣ ହେବା ସହିତ ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ହାସଲ କରିଥିବା ମହିଳାମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ ବୋଲି ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ରଶ୍ମି ନାୟକ, ଦୀପ୍ତି ନାୟକ, ସୁନୀତା ବିଶ୍ୱାଳ, ସାଗରିକା ସାହାଣି ପ୍ରମୁଖ ଉପସ୍ଥିତ ଥିଲେ।

## ନକ୍ଆଉଟ ଫୁଟ୍‌ବଲ, କପଟମୁଣ୍ଡା ଚାମ୍ପିୟନ

**ରାଉରକେଲା,୧୭।୯(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ବନ୍ଧମୁଣ୍ଡା ଜୟ ହିନ୍ଦ୍ କ୍ଲବ ପକ୍ଷରୁ ଡି କ୍ୟାବିନ ଖେଳ ପଡିଆରେ ଶୁକ୍ରବାରଠାରୁ ଚାଲିଥିବା ତ୍ରିଦିବସୀୟ ନକ୍ଆଉଟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ମୋଟ ୨୮ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ସେକ୍ଟର ବି ଷ୍ଟୁଡେଣ୍ଟ କ୍ଲବ ଓ କପଟମୁଣ୍ଡା ମଧ୍ୟରେ ହୋଇଥିଲା। ଫାଇନାଲ ମୁକାବିଲାରେ ଉଭୟ ଦଳ କେହି କାହାକୁ ଗୋଲ କରି ନ ପାରିବାରୁ ସୁଟଆଉଟ ବ୍ରେକର ହୋଇଥିଲା। ଏଥିରେ କପଟମଣ୍ଡା ଫୁଟବଲ ଦଳ ଷ୍ଟୁଡେଣ୍ଟ କ୍ଲବକୁ ୫-୪ରେ ପରାଜିତ କରି ଟୁର୍ନାମେଣ୍ଟର ଚାମ୍ପିୟନ ଘୋଷିତ ହୋଇଥିଲା। ବିଜେତା ଏବଂ ଉପବିଜେତା ଦଳକୁ ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରାଗଲା। ଶ୍ରେଷ୍ଠ ଖେଳାଳି ଭାବେ କପଟମୁଣ୍ଡା ଦଳର ପ୍ରଦୀପ ବାରାଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ବିଜେଡି ନେତା ହାଲୁ ମୁଣ୍ଡାରୀ ମୁଖ୍ୟ ଅତିଥି, ରାଉରକେଲା ସ୍ୱତନ୍ତ୍ର କାରାଗାରର ସୁପରିଣ୍ଟେଣ୍ଡେଣ୍ଟ ଜୀବନ ସିଂ ମୁଣ୍ଡା, ସହରାଞ୍ଚଳର ଅଧ୍ୟକ୍ଷ ଗଗନ ପଣ୍ଡା, ସମାଜସେବୀ ଦିଲେଶ୍ୱର ପାଳ, ଦେବାନନ୍ଦ ତନ୍ତୀ ଓ ଅନୀଲ ତନ୍ତୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଜୟ ହିନ୍ଦ୍ କ୍ଲବର ଅବିନାଶ ଯାଦବ, ଘନଶ୍ୟାମ ତନ୍ତୀ, ରାଜା ଚୌଧୁରୀ, ନାଗେଶ ଜଗଦଲା ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚ ରେଫରି ଭାବେ ରୋଶନ ଖାନ, ଟିଙ୍କୁ ଯାଦବ, ଅଶ୍ୱିନୀ ବେହେରା ଓ ସନି ଗୌରା ଖେଳ ପରିଚାଳନା କରିଥିଲେ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ସୁରେଶ


@ ପିଙ୍କୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବେଦବ୍ୟାସ ସଂସ୍କୃତ କଲେଜରେ ବକ୍ତୃତା ପ୍ରତିଯୋଗିତା


ପ୍ରତିଯୋଗିତାର କୃତୀ ଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

**ବେଦବ୍ୟାସ,୧୭।୯(ଆଲୋକ ସ୍ୱାଇଁ)**

ବିକାଶ ଦିବସ ଉପଲକ୍ଷେ ବେଦବ୍ୟାସ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟରେ ରବିବାର ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ଜିଲା ନେହେରୁ ଯୁବକେନ୍ଦ୍ର ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନ 'ସଂସ୍କାର'ର ମିଳିତ ଉଦ୍ୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡାକ୍ତର ଉମାକାନ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଙ୍ଗଠନର ସମ୍ପାଦକ ଡାକ୍ତର ଅମୂଲ୍ୟ ଜେନା କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ କଲେଜର ଅଧାପକ ଡ. ପରମେଶ୍ୱର ଶତପଥୀ, କେଦାର ନାଥ ପାଢୀ, କାଳୀକିଙ୍କର ପଣ୍ଡା, ଉଦ୍ଧବ ପ୍ରଧାନ, ଶରତ କୁମାର ଦେହେରୀ, ସୁରେନ୍ଦ୍ର ଉପାଧ୍ୟାୟ ଉପସ୍ଥିତ ରହି ପିଲାମାନଙ୍କ ଭବିଷ୍ୟତ ଉପରେ ମାର୍ଗଦର୍ଶନ କରିଥିଲେ। ପରେ କଲେଜ ପିଲାମାନଙ୍କୁ ନେଇ ଏକ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ ୩ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଂସ୍ଥାର ସଂଯୋଜିକା ଅନିତା ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।


### ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ
ବିଜ୍ଞପ୍ତି ନଂ.2001/ (SIOS) ତା15.09.23ରିଖ
STATE OPEN SCHOOL CERTIFICATE (SOSC)-2024 (1ST)
**ପରୀକ୍ଷା ନିମନ୍ତେ ଫର୍ମ ପୂରଣ ସମ୍ପର୍କିତ ସୂଚନା**

No.n-183:- ଏତଦ୍ୱାରା ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ, ଓଡ଼ିଶାର ପରୀକ୍ଷାର୍ଥୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, Odisha State Open School Certificate Examination, 2024 (1ST) ନିମନ୍ତେ ଫର୍ମ ପୂରଣର କାର୍ଯ୍ୟସୂଚୀ ନିମ୍ନରେ ପ୍ରଦାନ କରାଗଲା। ଏହି ଫର୍ମ ପୂରଣର ପ୍ରକ୍ରିୟା ONLINE ମାଧ୍ୟମରେ ହେଉଥିବାରୁ ସମସ୍ତ ମୁକ୍ତ ବିଦ୍ୟାଳୟ ଯଥା Block ଏବଂ District Study Centreର ମୁଖ୍ୟ ଏହି ଫର୍ମ ପୂରଣ କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ସମୟରେ ଶେଷ କରାଇବେ।

୧. ଫର୍ମ ପୂରଣ କରିବାର ତାରିଖ ଓ ସମୟ- ଫର୍ମ ପୂରଣ ଏବଂ Final Submission ତା20.09.2023ରିଖଠାରୁ ତା30.09.2023ରିଖ 11.45 P.M. ମଧ୍ୟରେ କରିବାକୁ ହେବ।
୨. ଫର୍ମ ପୂରଣ କରିସାରିବା ପରେ Descriptive Roll Sheetକୁ download କରି ପ୍ରଧାନ ଶିକ୍ଷକ/ପ୍ରଧାନ ଶିକ୍ଷୟିତ୍ରୀମାନେ ନିଜ ତତ୍ତ୍ୱାବଧାନରେ ରଖିବେ ଏବଂ ଏହାର ଏକକିତା ନକଲକୁ ବୋର୍ଡର ସମ୍ପୃକ୍ତ ଆଞ୍ଚଳିକ କାର୍ଯ୍ୟାଳୟରେ ତା05.10.2023ରିଖ ସୁଦ୍ଧା ଦାଖଲ କରିବେ।
୩. ଫର୍ମ ପୂରଣ ସମ୍ପର୍କିତ General ଓ Step by Step Instructions ପରିଷଦର ନିଜସ୍ୱ website i.e."www.bseodisha.ac.in"ରେ ଉପଲବ୍ଧ ହେଉଅଛି। ଏହି ନିର୍ଦ୍ଦେଶାବଳୀକୁ ଭଲ ଭାବେ ପଢ଼ିସାରି ଫର୍ମ ପୂରଣ କାର୍ଯ୍ୟ ଆରମ୍ଭ କରିବେ। Back ପରୀକ୍ଷାର୍ଥୀମାନଙ୍କର Form ପୂରଣ କରିବାରେ ଅସୁବିଧା ହେଲେ, Boardର ମୁଖ୍ୟ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବେ।
୪. ଫର୍ମ ପୂରଣ କରିବା ପାଇଁ Link "www.bseodisha.ac.in"ରେ ଉପଲବ୍ଧ ହେବ।

ସ୍ୱା./-
ସମ୍ପାଦକ
OIPR-27004/11/0037/2324



GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, ROURKELA
E.Mail- rw_rourkela@yahoo.co.in
No.: O-1061
TENDER CALL NOTICE
BID IDENTIFICATION NO. ONLINE - SERKL-10 OF 2023-24

1. Name of the work: Building works. 2. Total No. of works: 06 (Six) Nos. 3. Estimated cost: Rs.25.07 to 27.10 lakhs. 4. Class of contractor: 'C' & 'B' class. 5. Period of completion: 04 (Four) months. 6. Type of tender: Single cover. 7. Other details:

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Rourkela | Online- SERKL-10 of 2023-24 | 25.09.2023 from 10.00 A.M. | 03.10.2023 upto 05.00 P.M. | 02.10.2023 upto 1.00 P.M. | 04.10.2023 at 11.00 A.M. |

Further details can be seen from the website www.tendersorissa.gov.in & for more information please visit the office.
Sd./- Superintending Engineer, R.W. Division, Rourkela
OIPR-25067/11/0009/2324



NEW INDIA@75
ଆଇଆର୍‌ଇଏଲ୍ (ଇଣ୍ଡିଆ) ଲିମିଟେଡ୍/IREL (India) Limited
ପୂର୍ବରୁ ଇଣ୍ଡିଆନ୍ ରେଆର୍ ଆର୍ଥସ୍ ଲିମିଟେଡ୍
(ଭାରତ ସରକାରଙ୍କ ଉପକ୍ରମ)
(A Government of India Undertaking)
ସିଆଇଏନ୍: ୟୁ୧୫୧୦୦ଏମ୍‌ଏଚ୍୧୯୫୦ଜିଓଆଇ୦୦୮୧୮୭ ୱେବ୍‌ସାଇଟ୍: www.irel.co.in
ଆଇଏସ୍‌ଓ ୯୦୦୧:୨୦୧୫, ଆଇଏସ୍‌ଓ ୧୪୦୦୧ : ୨୦୧୫ ଏବଂ ଆଇଏସ୍‌ଓ ୪୫୦୦୧ : ୨୦୧୮ କମ୍ପାନୀ
Unleashing Values
ଆଜାଦୀ କା ଅମୃତ ମହୋତ୍ସବ

ସନ୍ଦର୍ଭ: ଏଡିଭିଟି ନଂ. ୨୩-୨୪/୦୫ **ଟେଣ୍ଡର ବିଜ୍ଞପ୍ତି** ତାରିଖ: ୧୮।୦୯।୨୦୨୩
ଆଇଆର୍‌ଇଏଲ୍, ଓଏସ୍‌ସିଓଏମ୍ ନିମ୍ନଲିଖିତ ସାମଗ୍ରୀ/କାର୍ଯ୍ୟ ବର୍ଣ୍ଣନା ପାଇଁ ପ୍ରସ୍ତାବର ଅନୁରୋଧ ଆହ୍ୱାନ କରୁଛି।

| ବିଡ୍ ନଂ. | କାର୍ଯ୍ୟ / ସାମଗ୍ରୀର ବର୍ଣ୍ଣନା |
|---|---|
| ଜିଇଏମ୍/୨୦୨୩/ବି/୩୯୨୯୬୮୧ | ୧୩୨୦ ଏମ୍‌ଟି କଷ୍ଟିକ୍ ସୋଡା ଲାଏ ଯୋଗାଣ |
| ଜିଇଏମ୍/୨୦୨୩/ବି/୩୯୩୩୦୬୭ | ଆର୍‌ଇଇପିଠାରେ ଉତ୍ପାଦନ ଗତିବିଧିରେ ସହାୟତା ପାଇଁ ଲୋକବଳଙ୍କ ନିୟୋଜନ |
| ଜିଇଏମ୍/୨୦୨୩/ବି/୩୯୦୫୬୧୫ | ଫିଲ୍‌ଟର୍ ପ୍ରେସ୍ ଅନ୍‌ଲୋଡିଂ ଏବଂ କ୍ଷତିଗ୍ରସ୍ତ ଫିଲ୍‌ଟର୍ କପଡ଼ା ବଦଳାଇବା |
| ୨୦୨୩_ଆଇଆର୍‌ଇଏଲ୍_୧୬୬୯୯୬_୧ | ଆର୍‌ଇଇପିର କୋଲ୍ ଶେଡ୍ ଏରିଆ ଏବଂ କଷ୍ଟିକ୍ ଲାଏ ଇଭାପୋରେଟର୍ ଶେଡ୍‌ରେ ଷ୍ଟ୍ରକ୍ଚରାଲ୍ ଓ ସିଭିଲ କାର୍ଯ୍ୟ |
| ୨୦୨୩_ଆଇଆର୍‌ଇଏଲ୍_୧୬୭୧୯୫_୧ | ପ୍ରକ୍ରିୟାକୃତ ମିନେରାଲ୍ସର ବ୍ୟାଗିଂ ଓ ପରିବହନ ପରେ ଭାଇଜାଗ୍ ବନ୍ଦର ମାଧ୍ୟମରେ କଣ୍ଟେନର ଶିପ୍‌ମେଣ୍ଟ/ବ୍ରେକ୍ ବଲ୍‌କ ଶିପ୍‌ମେଣ୍ଟ ସହିତ ସମସ୍ତ କଷ୍ଟମ୍ସ କାଗଜପତ୍ର କାର୍ଯ୍ୟ ପାଇଁ ମୂଲ୍ୟ ଠିକା। |

ବିଡର http://irel.co.in, http://gem.gov.in କିମ୍ବା https://eprocure.gov.in/eprocure/appରୁ ଟେଣ୍ଡର କାଗଜପତ୍ର ଡାଉନଲୋଡ୍ କରିପାରିବେ। ଉପରୋକ୍ତ ଟେଣ୍ଡରଗୁଡ଼ିକ ସମ୍ବନ୍ଧୀୟ ଯେକୌଣସି ଶୁଦ୍ଧିପତ୍ର/ସମୟ ବୃଦ୍ଧି କେବଳ ଉପରୋକ୍ତ ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ।
CBC 48129/12/0025/2324
ସ୍ୱା./- ଜିଏମ୍ ଏବଂ ମୁଖ୍ୟ, ଏମ୍‌ଏମ୍‌ଡି, ଓଏସ୍‌ସିଓଏମ୍



TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କର ଏକ ମିଳିତ ଉଦ୍ୟମ)
ପାୱାର ହାଉସ୍ ସ୍କୋୟାର୍, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
**ବିଜ୍ଞପ୍ତି**
(୦୧.୦୬.୨୦୨୦ ପୂର୍ବରୁ ସେସୁକୁ ଯୋଗାଣ ହୋଇଥିବା ସବୁ ସାମଗ୍ରୀ ଓ ସେବାର ବକେୟା ବିଲ୍ ଦାଖଲ ପାଇଁ ସମସ୍ତ ଭେଣ୍ଡରଙ୍କ ଧ୍ୟାନ ଆକର୍ଷଣ କରାଯାଉଛି।)
ନିର୍ଦ୍ଧାରିତ ଓ ଅନ୍ୟ ଆବଶ୍ୟକୀୟ ନିର୍ଦ୍ଦେଶ ଅନୁସାରେ, ପ୍ରାକ୍ ନିର୍ଦ୍ଧାରିତ ସମୟ ଅର୍ଥାତ୍ ୦୧.୦୬.୨୦୨୦ ପୂର୍ବରୁ ତତ୍କାଳୀନ ସେସୁ (ବର୍ତ୍ତମାନର ଟିପିସିଓଡିଏଲ)କୁ ଦିଆଯାଇଥିବା ସବୁ ସାମଗ୍ରୀ ଓ ସେବାର ବକେୟା ବିଲ୍ ଓ ତତ୍ସମ୍ପର୍କିତ ଆବଶ୍ୟକୀୟ କାଗଜପତ୍ର ୩୦.୦୯.୨୦୨୩ ସୁଦ୍ଧା ଦାଖଲ କରିବାକୁ ମାନ୍ୟବର ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ନିର୍ଦ୍ଦେଶ ଦେଇଛନ୍ତି।
ଏଣୁ ମାନ୍ୟବର ଓଇଆରସିଙ୍କ ନିର୍ଦ୍ଦେଶରେ ଅନୁପାଳନ ପୂର୍ବକ ଭେଣ୍ଡରମାନଙ୍କୁ ଏହି ନୋଟିସ୍ ଦିଆଯାଉଛି କି ସେମାନେ ନିଜର ବକେୟା ବିଲ୍, ଦାବି ଓ ତତ୍ସମ୍ପର୍କିତ ଆବଶ୍ୟକୀୟ କାଗଜପତ୍ର ୩୦.୦୯.୨୦୨୩ ସୁଦ୍ଧା ସମ୍ପୃକ୍ତ ଡିଭିଜନ ଅଫିସରେ ଦାଖଲ କରିବେ।
-ସ୍ୱା- ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍



GOVERNMENT OF ODISHA
OFFICE OF THE DISTRICT EDUCATION OFFICER & DPC, BALANGIR
No.n-184
**Procurement Notice**
Email ID: dpcbolangirssa.opepa@nic.in
No.VIII/CW/18/2023 2409 dated 15.09.2023

1. The District Education Officer & DPC, Samagra Shikshya, Balangir on behalf of Government of Odisha invites unit Rate bid in double cover in offline mode for Incinerator & vending machines for schools of Balangir District. As detail on technical bid for eligibility of original manufacturer / authorized suppliers.
2. Nos. of Incinerator for Pad disposal & Pad Vending Machine: 1138 Nos.
3. Tender paper cost: Rs.10,000/- (Rupees ten thousand) only.
4. EMD: 341500/- (Rupees three lakh forty one thousand five hundred) only.
5. Date and time available in web portal: 10 hrs. of 18th Sept. 2023 to 17 hrs. of dt.17th Oct. 2023.
6. Date of opening of technical bid of the tender: 18th Oct. 2023 at 11.00 hrs. Venue: DPC, Conference Hall, Balangir.
7. The bidders have to participate in offline bidding only. Further detail can be seen from the Web Portal (http//www.balangir.nic.in).
8. Any corrigendum / addendum will be displayed in the above web portal.

Sd./- District Education Officer & DPC
Samagra Shiksha, Balangir
OIPR-27071/11/0002/2324

## ସଂକ୍ଷେପରେ

### ୨୬ ପଞ୍ଚାୟତର ୨୦୬ ଜଣଙ୍କୁ ଭତ୍ତା ବଣ୍ଟନ

ଖଡ଼ିଆଳ,୧୭।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ସଭାଗୃହଠାରେ ବ୍ଲକସ୍ତରୀୟ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ଖଡ଼ିଆଳ ବିଡିଓ ବୀରସେନ ବେହେରା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଉପାଧକ୍ଷ ଗୌତମ ତାଣ୍ଡି, ବିଧାୟକଙ୍କ ପ୍ରତିନିଧି ଅକ୍ଷୟ ନନ୍ଦ, ଜିଲା ପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନା ପ୍ରମୁଖ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ। ବ୍ଲକର ୨୬ଟି ପଞ୍ଚାୟତର ମୋଟ ୨୦୬ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ଏଥିରେ ସାମାଜିକ ସୁରକ୍ଷା ଅଧିକାରୀ କୁମର ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କନିଷ୍ଠ କିରାଣି ପ୍ରସନ୍ନ କୁମାର ମେହେର, ଚିତ୍ତରଞ୍ଜନ ଦଣ୍ଡସେନା ପ୍ରମୁଖ ସହଯୋଗ କରିଥିଲେ।

### ଭିଏତ୍‌ନାମା ଭାଷାରେ ଅନୁବାଦିତ ହେଲା ଡ.ଭବାନୀ ନିଆଲଙ୍କ କବିତା



ଭବାନୀପାଟଣା,୧୭।୯(ଉତ୍ତମ କୁମାର ଦାଶ)

ଅନ୍ତର୍ଜାତୀୟସ୍ତରରେ ଚର୍ଚ୍ଚାର ପରିସରକୁ ଆସିଥିବା କବି ଡ଼. ଭବାନୀ ଶଙ୍କର ନିଆଲଙ୍କ ମୃତ୍ୟୁର ଚେତନା ଉପରେ ପର୍ଯ୍ୟବେକ୍ଷିତ 'ଆନ ଇନକାଉଣ୍ଟର ୱିଥ ଡେଥ' ପୁସ୍ତକରୁ ସଂଗୃହିତ ୩ଟି କବିତା ଭିଏତ୍‌ନାମା ଭାଷାରେ ଅନୁବାଦିତ ହୋଇଯାଇଛି । ଏହି କବିତାକୁ ଗୋବିନ୍ଦ ସାହୁ ଇଂରାଜୀରେ ଅନୁବାଦ କରିଥିବାବେଳେ ଭିଏତନାମା ଭାଷାରେ କବି ଟ୍ରାଙ୍ଗ ଟ୍ରନ ହୋଏ ଫାନ ଅନୁବାଦିତ କରିଛନ୍ତି। ସେ ଏକାଥରକେ ଜଣେ କବି, ଲେଖିକା ଏବଂ ଅନୁବାଦିକା। ସେ ବର୍ମିଘମ ୟୁନିଭର୍ସିଟିରେ ଅଧ୍ୟୟନ କରିଥିଲେ। କ୍ରମାଗତ ଭାବେ ଡ଼.ନିଆଲଙ୍କର କବିତା ସବୁ ପୃଥିବୀର ୨୦ରୁ ଊର୍ଦ୍ଧ୍ୱ ଭାଷାରେ ଅନୁଦିତ ହୋଇସରିଛି। ଓଡ଼ିଆ ଓ ହିନ୍ଦୀ ସାହିତ୍ୟର ଚଳଚଞ୍ଚଳ କବି ନିଆଲଙ୍କ ପୂର୍ବରୁ ୩ଟି ଓଡ଼ିଆ କବିତା ସଂକଳନ ସମେତ ହିନ୍ଦୀ ସଂକଳନ ରହିଛି। ସମ୍ପ୍ରତି ଲବ୍ଧପ୍ରତିଷ୍ଠ ସାହିତ୍ୟ ପତ୍ରିକା 'ମହୁରି'ର ମୁଖ୍ୟ ସମ୍ପାଦକ ସହ ବିଭିନ୍ନ ଅନ୍ତର୍ଜାତୀୟ ପୁରସ୍କାର ଓ ସମ୍ମାନିତ ହେବା ସଙ୍ଗେ ସଙ୍ଗେ ଅନେକ ସଙ୍ଗଠନର ଅଧକ୍ଷ ଓ ସଦସ୍ୟ ଭାବେ କାର୍ଯ୍ୟରତ ଅଛନ୍ତି।

### ତରବୋଡ଼ରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର

ନୂଆପଡ଼ା,୧୭।୯(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ଅହିର ସମାଜ ଭବନଠାରେ ଖରିଆର ରଦୋଡ କାଂଚନବେସନ ରସିକଲାଲ ଢୋଲକିଆ ଚାରିଟେସବୁଲ ଟ୍ରଷ୍ଟ ଅନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ସଭାପତି ଜୟ ଢୋଲକିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଶୀ ମୁଖ୍ୟ ଅତିଥି, ସାମାଜିକ କର୍ମୀ ଗଦାଧର ଗହିର, ଅହିରଦ ସମାଜ ଜିଲା ସଭାପତି ଶଙ୍କର ଲାଲ ଅହିର, ବ୍ରହ୍ମା ସୁନାନୀ, ଭୋଜରାମ ଅହିର, ମାଧବ ପ୍ରସାଦ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆଖପାଖ ଅଞ୍ଚଳର ପ୍ରାୟ ୧୫୦ଜଣ ରୋଗୀ ପଞ୍ଜୀକୃତ ହୋଇ ଚିକିତ୍ସିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୪୦ଜଣ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚୟନ ହୋଇଛନ୍ତି। ସେମାନଙ୍କୁ ଟିଟିଲାଗଡ ପିପଲ ପଦର ଏସସିଡି ଚକ୍ଷୁ ହସ୍ପିଟାଲରେ ମାଗଣାରେ ଚକ୍ଷୁ ଅସ୍ତ୍ରୋପଚାର କରିବା ପାଇଁ ପରାମର୍ଶ ଦିଆଯାଇଛି। ସେହିପରି ୬୦ଜଣ ଚକ୍ଷୁ ରୋଗୀଙ୍କୁ ମାଗଣାରେ ଚଷମା ଓ ୫୦ଜଣଙ୍କ ଔଷଧ ପ୍ରଦାନ କରିଥିଲେ। ମୁଳଚନ୍ଦ ଫନ୍ଦେ କାର୍ଯ୍ୟକ୍ରମ ପରିଚାଳନା କରଦିଥିବା ବେଳେ ଯୁଗଳ ସାହୁ, ଅଜୟ ଗହିର,ଅକ୍ଷୟ ଗହିର, ନବୀନ ପ୍ରଧାନ, କୁଶଲ ବେମାଲ, ହରଦିଶ ଅହିର, ରଦୁକ୍ମଣ ବନଛୋର ପ୍ରମୁଖ ଉପସ୍ଥିତ ଥିଲେ।

# ଧର୍ମଗଡ଼, ଜୁନାଗଡ଼ ଜିଲା ମାନ୍ୟତା ପାଇଁ ବଢ଼ୁଛି ସମର୍ଥନ




ଧର୍ମଗଡ ବିଧାୟକ ଶୋଭଯାତ୍ରାରେ ଧାରଣାସ୍ଥଳକୁ ଯାଉଛନ୍ତି।

ବେହେରା,୧୭।୯(ଭୁପେଶ ତିୱାରୀ)

### ସାମିଲେ ଧର୍ମଗଡ଼ ବିଧାୟକ

କଳାହାଣ୍ଡି ଜିଲା ଧର୍ମଗଡକୁ ଜିଲା ଗଠନ ଦାବିରେ ଚାଲିଥିବା ଗଣଧାରଣା ରବିବାର ୨୧ତମ ଦିବସରେ ପହଞ୍ଚିଛି। ଧର୍ମଗଡ ବିଧାୟକ ମୌଷଧି ବାଗ ନିଜର ସମର୍ଥକ ସହ ଏକ ଶୋଭାଯାତ୍ରାରେ ଆସି ଗଣଧାରଣାରେ ବସି ଜିଲା ମାନ୍ୟତା ଦାବିକୁ ସମର୍ଥନ କରିଥିଲେ। ଧର୍ମଗଡ ଉପଖଣ୍ଡ ନିଶ୍ଚିତ ଭାବେ ଜିଲା ହେବ ଏବଂ ବିଧାନସଭାରେ ମୁଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ନିଶ୍ଚିତ ଭାବେ ଏହି ଦାବି କରିବି ବୋଲି ଧର୍ମଗଡ ବିଧାୟକ ବାଗ ପ୍ରକାଶ କରିଛନ୍ତି। ବିଧାୟକ ସହିତ ଏହି ଗଣଧାରଣାରେ କଳମପୁର ଜିଲା ପରିଷଦ ସଦସ୍ୟା ଦୁହିତା ମାଝି ଓ ନିବେଦିତା ହଂସ, ଧର୍ମଗଡ ଜିଲା ପରିଷଦ ସଭ୍ୟ ଗୋପୀନାଥ ମହାନନ୍ଦ, କୋକସରା ଜିଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ଧର୍ମଗଡ ଏନଏସି ଉପଧାକ୍ଷା ମନୀଷା ମିଶ୍ର,ଧର୍ମଗଡ ର୍ନିବାଚନ ମଣ୍ଡଳୀ ସଭାପତି ମାନସ ବାଗ, ବିଜେଡ଼ିର ଧର୍ମଗଡ ବ୍ଲକ ସଭାପତି ଟିକମନ ଯାଦବ, କୋକସରା ବ୍ଲକ ସଭାପତି ସୁଶାନ୍ତ ବେହେରା, କଳମପୁର ବିଧାୟକ ପ୍ରତିନିଧି ସଦାନନ୍ଦ ଚନ୍ଦନ, ସରକାରୀ ଓକିଲ ରାଜେନ୍ଦ୍ର ମୁନି, ବିଜେଡ଼ିର ନେତା ବିବେକ ରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ସବୁ ପ୍ରକାର ଭିତ୍ତଭୂମି ଓ ମାପଦଣ୍ଡକୁ ପୂରଣ କରୁଥିବାରୁ ଧର୍ମଗଡ ଉପଖଣ୍ଡ ଜିଲା ଦାବି ଯଥାର୍ଥ ବୋଲି କହିଥିଲେ।

ଧର୍ମଗଡ ଜିଲା ଦାବି କ୍ରିୟାନୁଷ୍ଠାନ କମିଟି ସଂଯୋଜକ ବରିଷ୍ଠ ଓକିଲ ତୁଷାର ରଞ୍ଜନ ପଟ୍ଟଯୋଶୀ ସଭା ପରିଚାଳନା କରିଥିବା ବେଳେ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ରତନ ନାଏକ, ଦିଗାମ୍ବର ଦୁରିଆ, ଡାକେଶ୍ୱର୍ ଲହଜଲ, ଲକ୍ଷ୍ମୀକାନ୍ତ ବାଗ, ପ୍ରେମ ଲାଲ ସାଗର, ଘନଶ୍ୟାମ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ଉପଖଣ୍ଡ କୋଶଳୀ ସରମାଳି ସମାଜ ବିକାଶ ପରିଷଦ ପକ୍ଷରୁ ମଧ ଗଣଧାରଣା ଦିଆଯାଇଥିଲା । ଏଥିରେ ଗୋଲାମୁଣ୍ଡା ବ୍ଲକ ସଭାପତି ସଦାଶିବ ପଟେଲ, ସମ୍ପାଦକ ଲବଣୀ ପଟେଲ, ଜୁନାଗଡ଼ ବ୍ଲକର ଦାମୋଦର ପୁଟେଲ, ଶ୍ରୀପତି ପଟେଲ, ଗୋଲାମୁଣ୍ଡା ବ୍ଲକର ଚୂଡ଼ାମଣି ପଟେଲ, କୈବର୍ତ୍ତ ପଟେଲ, ଧର୍ମଗଡ ବ୍ଲକର ମହେଶ୍ୱର ପୂଝାରୀ, କଳମପୁର ବ୍ଲକର ପଙ୍କଜ ପଟେଲ, ଅଶ୍ୱେସର ପଟେଲଙ୍କ ସମେତ ସମାଜର ବହୁ କର୍ମକର୍ତ୍ତା ଗଣଧାରଣାରେ ବସି 'ଜିଲା ନାହିଁତ ଭୋଟ ନାହିଁ' ବୋଲି ସ୍ଲୋଗାନ ଦେଇ ଧର୍ମଗଡକୁ ଜିଲା ଦାବି ପ୍ରସଙ୍ଗକୁ ଦୋହରାଇଥିଲେ।

### ଧାରଣାରେ ସାମିଲ ହେଲେ ପୂର୍ବତନ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ

ଜୁନାଗଡ଼,୧୭।୯(ସୁନୀଲ କୁମାର ସିଂହ)



ପୂର୍ବତନ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ଧାରଣାରେ ସାମିଲ ହୋଇଛନ୍ତି।

କଳାହାଣ୍ଡି ଜିଲା ଜୁନାଗଡକୁ ଜିଲା ମାନ୍ୟତା ଦାବି ନେଇ ଚାଲିଥିବା ଧାରଣା ରବିବାର ୯ ଦିନରେ ପହଞ୍ଚିଛି। ଏପରିସ୍ଥଳେ ଧାରଣାରେ ସମର୍ଥନ କରି ଗୋଲାମୁଣ୍ଡା ବ୍ଲକର ପୂର୍ବତନ ବ୍ଲକ ଅଧକ୍ଷ ତୁଲେଶ୍ୱର ନାଏକ ଓ ଅନେକ ଗୋଲାମୁଣ୍ଡାବାସୀ ସାମିଲ ହୋଇଥିଲେ। ସେହିପରି ଏହାକୁ ସମର୍ଥନ କରି ଜୁନାଗଡର ବାବା ମୁକ୍ତେଶ୍ୱର ଲେବର ୟୁନିୟନ ମଧ ଧରଣାରେ ସାମିଲ ହୋଇଥିଲେ। ଜୁନାଗଡ ହେଉଛି ଆମ ମା' ଓ ଜୁନାଗଡମାଟି ହେଉଛି ଆମ ମାତୃଭୂମି। ମା' ଓ ମାତୃଭୂମିର ରକ୍ଷା ପାଇଁ ପ୍ରାଣବଳି ଦେବୁ ପଛେ ପଛଘୁଞ୍ଚା ଦେବୁ ନାହିଁ। ଯେତେଦିନ ପର୍ଯ୍ୟନ୍ତ ସରକାର ଜୁନାଗଡକୁ ଜିଲା ମାନ୍ୟତା ନ ଦେଇଛନ୍ତି ସେତେ ଦିନ ପର୍ଯ୍ୟନ୍ତ ଗୋଲାମୁଣ୍ଡାବାସୀ ଜୁନାଗଡବାସୀଙ୍କ ସହିତ ହାତରେ ହାତ ମିଶାଇ ଅହରହ ଆନ୍ଦୋଳନ କରିବ ବୋଲି ବିକ୍ଷୋଭକାରୀମାନେ କହିଥିଲେ। ଜୁନାଗଡ କ୍ରିୟାନୁଷ୍ଠାନ

#### ନବମ ଦିନରେ ପହଞ୍ଚିଲା ଜୁନାଗଡ଼କୁ ଜିଲା ମାନ୍ୟତା ଦାବି

କମିଟି ଆବାହକ ହିମାଂଶୁ ଶେଖର ବରାଡ ଓ ସଂଯୋଜକ ତଥା ଏନଏସି ଅଧକ୍ଷ ମୁକେଶ କୁମାର ଅଗ୍ରୱାଲଙ୍କ ଆବାହକତ୍ୱରେ ଗୋଲାମୁଣ୍ଡା ପୂର୍ବତନ ବ୍ଲକ ଅଧକ୍ଷ ତୁଲେଶ୍ୱର ନାଏକ, ପୂର୍ବତନ ଖମାରହଳଦୀ ସରପଞ୍ଚ ଥବିର ନାଏକ, ବୋରଗୁଡା ପୂର୍ବ ସମିତିସଭ୍ୟ ତ୍ରିଲୋଚନ ମଶ୍ରା, ଅକୁର ଗହୀର, ମୁନା କାଣ୍ଡ, ଦୟା ଜାନୀ, ଦେବେନ୍ଦ୍ର ମେହେର, କ୍ଷୀରସିନ୍ଧୁ ଟାକରୀ, ପରମେଶ୍ୱର ମୋଟେଲ, ପ୍ରଶାନ୍ତ ନାଏକ, ସାହେବ ଛତ୍ରିଆ, ଦାମୋଦର ବେହେରା, ଅଜୟ ଦାସ, ଖଗେଶ୍ୱର ଧଙ୍ଗଡାମାଝି, ନରେନ୍ଦ୍ର ଭାଟି, ବାଲାଜି ଯାଦବ, ହେମନ୍ତ ନାଏକ, ନାବକିଶୋର ଦଣ୍ଡସେନା, ଦାମ ମାଝୀ, ଲକ୍ଷ୍ମଣ ଖରସେଲ, ଉମା ନାଗ, ଦାମୋଦର ରଣା, ଗୌରାଙ୍ଗ ଚନ୍ଦନ, ରସାନ୍ଦୁ କୁମାର, ଚକ୍ର ଭଣ୍ଡାରଘରିଆ, ଶମ୍ଭୁ ବାଗ, ଦୈତାରୀ ରଣା, ହେମନ୍ତ ମହାଳିକ, ଅବିନାଶ ବେମାଲ, ଲିଙ୍ଗରାଜ ମାଝୀ, ମୁଳମଣି ବିଶ୍ୱାଳ, ପ୍ରକାଶ ନିଆଲ ପ୍ରମୁଖ ଉଦବୋଧନ ଦେଇଥିଲେ। କ୍ରିୟାନୁଷ୍ଠାନ କମିଟିର ସମ୍ପାଦକ ସନ୍ତୋଷ ସିଂଦେଓ ଧନ୍ୟବାଦ ଦେଇଥିଲେ।

### ପିପୁଲ୍ସ ହୋପ୍ ଫାଉଣ୍ଡେଶନର ପ୍ରଥମ ବାର୍ଷିକ ଉତ୍ସବ

ଖଡ଼ିଆଳ,୧୭।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ କଲ୍ୟାଣ ମଣ୍ଡପ ୨ଠାରେ ପିପୁଲ୍ସ ହୋପ ଫାଉଣ୍ଡେଶନର ପ୍ରତିଷ୍ଠାତା ଶୁଭମ ତାଣ୍ଡିଙ୍କ ନେତୃତ୍ୱରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି, ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା, ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି କମଳ ଚରଣ ତାଣ୍ଡି, ଶିକ୍ଷକ କିଶୋର କୁମାର ପରିଡା, ସାମାଜିକ କର୍ମୀ ଦିଲେଶର ସେଠିଆ, କୋମନା ବ୍ଲକ ଯୁବକ ସଂଘ ସଭାପତି ଅଜମ୍ବର ତାଣ୍ଡି ଓ ପିପୁଲ୍ସ ହୋପ ଫାଉଣ୍ଡେଶନ ସଭାପତି ମାୟାଧର ସୁନାନୀ ପ୍ରମୁଖ ମଞ୍ଚାସୀନ ଥିଲେ। ସାମାଜିକ କର୍ମୀ ରଞ୍ଜନ ସେନାପତି ସଭା ପରିଚାଳନା କରିଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ୨୮ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ବାର୍ଷିକ ଉତ୍ସବରେ ଜିଲାର ବିଭିନ୍ନ ବ୍ଲକର ସାମାଜିକ କର୍ମୀ ଶିକ୍ଷକ କିଶୋର ପରିଡା, ରାଜେଶ୍ୱର ଦର୍ଜୀ, ଦଳିତ ଅଧିକାର ମଞ୍ଚ କୋମନା ମନୋରଞ୍ଜନ ଜଗତ, ରତ୍ନମନୀ ନେତାମ, ମାରୱାଡି ଯୁବା ମଞ୍ଚ ଖରିଆର ତଥା କଳାହାଣ୍ଡି ଜିଲାର ୱାରୀୱାରଙ୍କୁ ମାନପତ୍ର ଔପଢକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ଫାଉଣ୍ଡେଶନ ସଦସ୍ୟ ଆଶିଷ କୁମାର ମାଝି, ହେମନ୍ତ ମେହେର, କୁନାଲ ଭିତ୍ରିଆ, ଜିକେ ବାଗ, କୁନା ଜଗତ, ଜେକେ, ବିକାଶ ମାଝି, ଡିକୁ ଜଗତ, ଦେବେନ ସିଙ୍ଗ ବାରିକ, ରିଙ୍କୁ ରାଜପୁତ, କେଦାର ବାଗ, କେଦାର ଜଗତ, ମନ ଜଗତ, ଉପସ୍ଥିତ ଥିଲେ। ଶେଷରେ ଫାଉଣ୍ଡେଶନ ପ୍ରତିଷ୍ଠାତା ଶୁଭମ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

## କଳାହାଣ୍ଡି ଲେଖିକା ସଂଘର ୨୩ତମ ବାର୍ଷିକ ଉତ୍ସବ




ଅତିଥିଙ୍କ ଦ୍ୱାରା ବାର୍ଷିକ ମୁଖପତ୍ର 'କଳ୍ପିତା' ଉନ୍ମୋଚିତ କରାଯାଉଛି।

ଭବାନୀପାଟଣା,୧୭।୯(ଉତ୍ତମ କୁମାର ଦାଶ)

### ନାରୀ କଲମ ଉଠାଇଲେ ସମାଜର ଦୁଃଖ, ଯନ୍ତ୍ରଣାକୁ ଭଲ ଭାବେ କହିପାରିବ

ଭବାନୀପାଟଣାସ୍ଥିତ କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ କଳାହାଣ୍ଡି ଲେଖିକା ସଂଘର ୨୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସର୍ବଂସହା ବୋଲି ନାରୀ କଷ୍ଟ ଭିତରେ ବଞ୍ଚେ, ନାରୀ କଲମ ଉଠାଇଲେ ସମାଜର ଦୁଃଖ, ଯନ୍ତ୍ରଣାକୁ ଭଲ ଭାବେ କହିପାରିବ। କଳାହାଣ୍ଡିର ଲେଖିକାଗଣ ଏହାକୁ ମନରେ ରଖି ସାଧନା କରୁଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସଂଘ ସଭାପତି ସୁଦେଷ୍ଣା ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ, ଉଦଘାଟକ ଭାବେ ବିଶିଷ୍ଟ ସାହିତ୍ୟିକ ରାସବିହାରୀ ବେହେରା, ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ମହିଳା ମହାବିଦ୍ୟାଳୟ ଅଧକ୍ଷ ତ୍ରିଲୋଚନ ଜେନା, ଡ. ପଲ୍ଲୀଶ୍ରୀ ପଟ୍ଟନାୟକ, ଡ଼. କୈଳାଶ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। ଝରଣା ପାଢୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସଂଘ ସମ୍ପାଦିକା କଳ୍ପନା ରଥ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦାରା ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'କଳ୍ପିତା' ଉନ୍ମୋଚିତ ହୋଇଥିଲା। ସେହିପରି ସାହିତ୍ୟ କ୍ଷେତ୍ରରେ ବିଶିଷ୍ଟ ଅବଦାନ ପାଇଁ ଡ. ସୁଜାତା ମୁଣ୍ଡ, ସାହସୀକତା ପାଇଁ ଲିପ୍ସାମୟୀ ଦୁବେ ଓ ଯୁବ ପ୍ରତିଭା ପୂର୍ଣ୍ୟଦୀପା ଖମାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ସର୍ଣ୍ଣକାନ୍ତି ବୈକାର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବନଶ୍ରୀ ଦାଶ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କବି ଦୀପ୍ତି ମୁଣ୍ଡ, ସ୍ନେହଲତା ଷଡଙ୍ଗୀ, ରୀତା ପଟ୍ଟଯୋଶୀ, ପ୍ରମୋଦିନୀ ପଣ୍ଡା, ମୀନା ମୁଣ୍ଡ, ସବିତା ଶତପଥୀ, ଆନନ୍ଦିନୀ ପାତ୍ର, ଅନିତା ମୁଣ୍ଡ, ପଦ୍ମିନୀ ବେହେରା, ସର୍ଣ୍ଣକାନ୍ତି ବୈକାର, ଝରଣା ପାଢୀ କାଜଲ ମହାରଣା, ମୀନତି କୁମାରୀ ପ୍ରଧାନ, ସୁମତି ମୁଣ୍ଡ, ସଂଯୁକ୍ତା ମୁଣ୍ଡ, ସବିତା ଦାଶ, ଭାରତୀ ହୋତା, କବିତା ମୁଣ୍ଡ, ସସ୍ମିତା ମୁଣ୍ଡ, କବିତା ପଣ୍ଡା, ସସ୍ମିତା ସାହୁ ପ୍ରମୁଖ ଯୋଗଦେଇଥିଲେ। କଳାହାଣ୍ଡିର ସମସ୍ତ ସଂସଦର କର୍ମକର୍ତ୍ତାଗଣ ଓ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। କଳାହାଣ୍ଡି ବିଶ୍ୱବିଦ୍ୟାଳୟ, କବି ପ୍ରତାପ ପଣ୍ଡା, ବିରଞ୍ଚି ମୁଣ୍ଡ ଓ ଗୋପବନ୍ଧୁ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

### ଶିକ୍ଷକ ଅଭିଭାବକ ସମ୍ମିଳନୀ

ଖଡ଼ିଆଳ,୧୭।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବିରିଘାଟ ଆଶ୍ରମ ବିଦ୍ୟାଳୟଠାରେ ଶିକ୍ଷକ ଅଭିଭାବକ ସମ୍ମିଳନୀ ପ୍ରଧାନ ଶିକ୍ଷକ ଇନ୍ଦ୍ର ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବାଗଙ୍କ ବାର୍ଷିକ ବିବରଣୀ ପାଠ କରି ବିଦ୍ୟାଳୟର କିପରି ଉନ୍ନତି ହୋଇପାରିବ ସେନେ ନିଜ ବକ୍ତବ୍ୟ ପ୍ରଦାନ କରିବା ସହିତ ସମସ୍ତ ଅଭିଭାବକ ଓ ଗ୍ରାମବାସୀ ସହଯୋଗ କରିବାକୁ ନିବେଦନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବିନୋଦ ଧାରୁଆ ଓ ଘନଶ୍ୟାମ ଭିତ୍ରିଆ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ରଞ୍ଜିତା କାଣ୍ଡ, କୁନୁ ହଂସ, ରଜନୀ କାନ୍ତ ଯୋଶୀ, ସମିତି ସଭ୍ୟ ଚିନ୍ତାମଣି ମାଝି ଯୋଗଦେଇଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ଶେଷଦେ ରାଉତ, ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଝୁମି ଚଲାନ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଦୁଇ ଶହରୁ ଅଧିକ ଅଭିଭାବକ ଓ ଅଭିଭାଭିକା ଯୋଗଦେଇଥିଲେ। ଏହି ଅବସରରେ ଅଭିଭାବକମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିବା ବେଳେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପଦ୍ମିନୀ ସାହୁ, ବେତା ବାରିକ, ଗଜେନ୍ଦ୍ର ଧାରୁଆ, ମଧୁସୂଦନ ମାଝି, ଯଶୋଦା ଦେଈ, ସୁଶୀଲ ବାଗ ସହଯୋଗ କରିଥିଲେ। ଶିକ୍ଷକ ଉମାକାନ୍ତ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱକର୍ମା ଯୋଜନା ଶୁଭାରମ୍ଭ

ନୂଆପଡ଼ା,୧୭।୯(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ଧାନ ମଣ୍ଡି ପଡିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିନ ପାଳନ ସହ ବିଶ୍ୱକର୍ମା ଯୋଜନାର ଶୁଭାରମ୍ଭ ହୋଇଯାଇଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ ଯଦୁମଣି ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଏମପି ବସନ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ, ଖରିଆର ରୋଡ ଏନଏସି ଅଧ୍ୟକ୍ଷା ସୋନିଆ ଜୈନ, ଚତୁର୍ଭୁଜ ଶର୍ମା, ତୁଳସ ପଟେଲ, ବିକ୍ରମ ଆଡବଙ୍ଗ, ଚନ୍ଦନ ଠାକୁର, ଡମ୍ବରୁଧର ମହାନନ୍ଦ, ବ୍ୟାସଦେବ ଅହିର, ଅର୍ଜୁନ ଜଗତ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ବିଶ୍ୱକର୍ମା ଯୋଜନାରେ କୋମନା ବ୍ଲକର କାଠ ମିସ୍ତ୍ରୀ, ରାଜମିସ୍ତ୍ରୀ, ଧୋବା, ବାରିକ, ଲୁହୁରା, ସୁନାରି, ତାଲା ମରାମତି ମିସ୍ତ୍ରୀ, ମୂର୍ତ୍ତି କାରିଗର, ଦରଜୀ ଇତ୍ୟାଦି ୧୮ ଟି ବର୍ଗର ଲୋକେ ଏହି ଯୋଜନାରେ ସୁଫଲ ପାଇ ପାରିବେ। ୩ ଲକ୍ଷ ଟଙ୍କାର ଶସ୍ତା ଋଣ, ପ୍ରଶିକ୍ଷଣ, ବଜାର ସୁବିଧା, ଉପକରଣ କିଣିବା ପାଇଁ ୧୫ ହଜାର ଟଙ୍କା ସହାୟତା ଏହି ଯୋଜନା ମାଧ୍ୟମରେ କେନ୍ଦ୍ର ସରକାର ପକ୍ଷରୁ ହିତାଧିକାରୀମାନଙ୍କୁ ଯୋଗାଇ ଦେବେ। ଏହି କାର୍ଯ୍ୟକ୍ରମରେ ଜିଲା ଶ୍ରମିକ ମହାସଂଘର ନେତୃ ମଣ୍ଡଳୀ ଶୁକ୍ଳାମ୍ବର ନିଆଲ, ପ୍ରଦୀପ ଦଣ୍ଡସେସନା, ଅନିରୁଧ ନାଗ, ଜ୍ଞାନେଶ୍ୱର ବାଗ, ଜ୍ଞାନେଶ୍ୱରଦ ସାହୁ, ସୁଖଦେଓ ସାହୁ, ବାବୁଲାଲ ମାଝି, ଟିକେଶ୍ୱର ପାଣ୍ଡେ, ଈଶ୍ୱର ସାହୁ, ମକରମ ବରିହା, କୁଶଲ ସାହୁ, ପୁନିତ ରାମ ସାହୁ, ଭକ୍ତବନ୍ଧୁ ଧରୁଆ, ବୈଷ୍ଣବ ଜଗତ, କୁଞ୍ଜବିହାରି କଟା ପ୍ରମୁଖ ଉପସ୍ଥିତ ଥିଲେ।



ମଞ୍ଚାସୀନ ଅତିଥି ବୃନ୍ଦ।

## ବିଶ୍ୱକର୍ମା ପୂଜା ପାଳିତ

ଖଡ଼ିଆଳ,୧୭।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳସ୍ଥିତ ବିଶ୍ୱକର୍ମା ଟ୍ରଷ୍ଟ ପକ୍ଷରୁ ଦେବ ଶିଳ୍ପୀ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ଏହି ଉତ୍ସବରେ ଟ୍ରଷ୍ଟ ସଭାପତି ମେଜର ଡ. ରାମଚାନ୍ଦ୍ର ମିଶ୍ର ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ରୂପେ ଖଡିଆଳ ବିଡ଼ିଓ ବିରସେନ ବେହେରା, ଯୋଗଦେଇ ପୂଜା ଓ ଉପାସନା ମନୁଷ୍ୟ ସମ୍ପ୍ରଦାୟରେ ଅନନ୍ୟା ପରମ୍ପରା ଅଟେ। ତେଣୁ ୧୨ ମାସରେ ୧୩ ପ୍ରକାର ପୂଜା ଅନୁଷ୍ଠିତ ହୋଇଥାଏ। ମୁଖ୍ୟବକ୍ତା ରୂପେ ପଲାଗାୟକ ଅର୍ଜୁନ ଛତ୍ରିଆ, ଅଜିତ ପଣ୍ଡା, ପୂର୍ବତନ ବ୍ଲକ ଅଧକ୍ଷ ବାଲକୃଷ୍ଣ ଶବର, ଶିଳ୍ପ ପ୍ରକଳ୍ପ ଅଧିକାରୀ ଆନନ୍ଦ ବେହେରା, ଟ୍ରଷ୍ଟ ଉପ ସଭାପତି ଲବଣେଶ୍ୱର ବାରିକ, ସମ୍ପାଦକ ବ୍ରଜ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉପଲକ୍ଷେ ୧୧ଜଣ କୃତୀ ଦାୟଦଙ୍କୁ ସମ୍ମାନିତ କରିଛନ୍ତି। ଶବ୍ଦ ସୁରଭି ପୁସ୍ତକ ଉନ୍ମୋଚନ ସହ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀବତ୍ସ ବାରିକ, ପରମେଶ୍ୱର ବାରିକ, ହେମନ୍ତ ବେହେରା, ଉମାକାନ୍ତ ରାଉତ, ଅଶୋକ ବାରିକ ସ୍ୱାଗତ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ସାମାଜିକ ସୁରକ୍ଷା ଭତ୍ତା ୨୫୦୦ଟଙ୍କା ଦିଅ

ଭବାନୀପାଟଣା,୧୭।୯ (ଉତ୍ତମ କୁମାର ଦାଶ)

ଭବାନୀପାଟଣା ମ୍ୟୁନିସିପାଲିଟି ୱାର୍ଡ ନଂ.୧୯ର ମଦନମୋହନ ପଡାରେ 'ମୁଇଁ କଳାହାଣ୍ଡିଆ ଫର୍ କଳାହାଣ୍ଡି' ସଙ୍ଗଠନ ପକ୍ଷରୁ ରବିବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗଠନ ପକ୍ଷରୁ ୬୦ ବର୍ଷରୁ ଊର୍ଦ୍ଧ୍ୱ ବାର୍ଦ୍ଧକ୍ୟ, ବିଧବା ମାସିକ ଭତ୍ତା ୫୦୦ରୁ ୨୫୦୦ଟଙ୍କା ଏବଂ ଭିନ୍ନକ୍ଷମ, ୮୦ବର୍ଷରୁ ଊର୍ଦ୍ଧ୍ୱ ବାର୍ଦ୍ଧକ୍ୟ ମାସିକ ଭତ୍ତା ୭୦୦ରୁ ୩୦୦୦ଟଙ୍କା କରିବା ତଥା ସମସ୍ତ ବେସରକାରୀ ହସ୍ପିଟାଲରେ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା କରିବା ପାଇଁ ଓଡିଶା ସରକାର ନିକଟରେ ଦାବି ନିମନ୍ତେ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଛି। ଭବାନୀପାଟଣାର ବିଭିନ୍ନ ୱାର୍ଡରେ ଓ ଭବାନୀପାଟଣା ବ୍ଲକର ଶ୍ରୀପୁର ପଞ୍ଚାୟତର ସୁଜାନପୁର ଗାଁରେ ହିତାଧିକାରୀମାନଙ୍କୁ ନେଇ ଦସ୍ତଖତ ଅଭିଯାନ ସରିଛି। ପଣ୍ଡିଚେରୀରେ ୩୧୦୦, ତେଲେଙ୍ଗାନାରେ ୩୦୦୦, ହରିୟାଣାରେ ୨୭୫୦, ଦିଲ୍ଲୀ ଓ ଆନ୍ଧ୍ରପ୍ରଦେଶରେ ୨୫୦୦ଟଙ୍କା ଓ ଅନ୍ୟାନ୍ୟ ଛୋଟ ରାଜ୍ୟମାନେ ବି ଓଡିଶାଠାରୁ ଅଧିକ ଟଙ୍କା ଭତ୍ତା ଦେଉଛନ୍ତି ବୋଲି ସଂଗଠକ ଲକ୍ଷ୍ମୀନାରାୟଣ ପଣ୍ଡା ସଭାରେ ଜଣେଇଥିଲେ। ମହଙ୍ଗା ଦୁନିଆରେ ସମସ୍ତଙ୍କ ପାଇଁ ସରକାର ବୁଝୁଛନ୍ତ। ଅନ୍ୟ ରାଜ୍ୟରେ ବି ଅଧିକା ଭତ୍ତା ଟଙ୍କା ପ୍ରଦାନ କରୁଛନ୍ତି କିନ୍ତୁ ଆମ ଗରିବ ମାନଙ୍କୁ ୫୦୦ ଟଙ୍କା ଦେଇ ନବୀନ ସରକାର କାହିଁକି ଠକୁଛନ୍ତି ବୋଲି ବୃଦ୍ଧାବୃଦ୍ଧମାନେ ପ୍ରଶ୍ନ କରିଥିଲେ। ଏହି ଅଭିଯାନ ଏକ ଜନଆନ୍ଦୋଳନରେ ପରିଣତ କରିବା କହି ଦସ୍ତଖତ ଫର୍ମରେ ସମସ୍ତେ ଦସ୍ତଖତ କରିଥିଲେ। ନାରୀ ନେତ୍ରୀ ମନ୍ଦାକିନୀ ବାଣୁଆଙ୍କ ନେତୃତ୍ୱରେ ଏହି ସଭା ଆୟୋଜନ ହେବା ସହ ସଙ୍ଗଠନ ସଭାପତି ସୁରେଶ ସଂଗ୍ରାମ, ନାରୀ ନେତ୍ରୀ କବିତା ରାଉତ, ଭତ୍ତାର ପାଇଁ ସଙ୍ଗଠନ ସଭାପତି ନିରୋଦ କୁମାର ରାଉତ, ରମେଶ ମେହେର ନିଜ ବକ୍ତବ୍ୟ ରଖିଥିଲେ। ପରେ ସଙ୍ଗଠନରେ ନୂତନ ଭାବେ ନାରୀ ନେତ୍ରୀ ଯୋଗେଶ୍ୱରୀ ଧଙ୍ଗଡାମାଝି ଓ ବାସନ୍ତୀ ବାଣୁଆ ଯୋଗଦାନ ଦେବା ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



'ମୁଇଁ କଳାହାଣ୍ଡିଆ ଫର୍ କଳାହାଣ୍ଡି' ସଙ୍ଗଠନର ଦସ୍ତଖତ ଅଭିଯାନ।

### 'ମୁଇଁ କଳାହାଣ୍ଡିଆ ଫର୍ କଳାହାଣ୍ଡି' ସଙ୍ଗଠନର ଦସ୍ତଖତ ଅଭିଯାନ

# ୧୦୩ କେନ୍ଦ୍ରରେ ୬୭ହଜାର ୯୯ ଚାଷୀ ପଞ୍ଜୀକୃତ

ସୋନପୁର,୧୭।୯(ମୃତ୍ୟୁଞ୍ଜୟ ଶତପଥୀ)

**ସୁବର୍ଣ୍ଣପୁର ଜିଲାରେ ଧାନ ସଂଗ୍ରହ ଲାଗି ଚାଷୀ ପଞ୍ଜୀକରଣ**

- ଡୁଙ୍ଗୁରିପାଲିରେ ସର୍ବାଧିକ, ସୋନପୁରରେ ସର୍ବନିମ୍ନ
- ପୂର୍ଣ୍ଣାଙ୍ଗ ତାଲିକା ପ୍ରସ୍ତୁତ ପାଇଁ ଚାଲିଛି କ୍ଷେତ୍ରୀୟ ଅନୁଧାନ

ଚଳିତବର୍ଷ ଧାନର ସହାୟକ ମୂଲ୍ୟ ବୃଦ୍ଧି ପାଇଛି। ଗତବର୍ଷ ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୦୪୦ଟଙ୍କା ରହିଥିବା ବେଳେ ଚଳିତବର୍ଷ ତାହା ୨୧୮୩ଟଙ୍କାକୁ ବୃଦ୍ଧି ପାଇଛି । ସରକାର ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୧୪୩ ଟଙ୍କା ବୃଦ୍ଧି କରିଛନ୍ତି। ଏଥିପାଇଁ ୨୦୨୩-୨୪ ଖରିଫ ଋତୁର ଧାନ ସଂଗ୍ରହ ଲାଗି କୃଷି ପ୍ରଧାନ ସୁବର୍ଣ୍ଣପୁର ଜିଲାରେ ଚାଷୀ ପଞ୍ଜୀକରଣ ବୃଦ୍ଧି ପାଇଛି। ୧୦୩ ପଞ୍ଜୀକରଣ କେନ୍ଦ୍ରରେ ଚଳିତ ଥର ଜିଲାରେ ମୋଟ ୬୭ହଜାର ୯୯ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଗତବର୍ଷ ତୁଳନାରେ ଚଳିତବର୍ଷ ଜିଲାରେ ଚାଷୀ ପଞ୍ଜୀକରଣ ୧ହଜାର ୫୭୬ ବୃଦ୍ଧି ପାଇଛି। ୨୦୨୨-୨୩ ଖରିଫରେ ସରକାରଙ୍କୁ ଧାନ ବିକ୍ରି କରିବା ପାଇଁ ଜିଲାର ୬୫ହଜାର ୫୨୩ ଚାଷୀ ନାମ ପଞ୍ଜୀକରଣ କରିଥିଲେ। ସରକାରୀ ତଥ୍ୟ ଅନୁଯାୟୀ ଏବର୍ଷ ଜିଲାର ଡୁଙ୍ଗୁରିପାଲି ବ୍ଲକରେ ସର୍ବାଧିକ ୧୪ହଜାର ୫୯୦ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ସୋନପୁର ବ୍ଲକରେ ସର୍ବନିମ୍ନ ୯ ହଜାର ୨୦ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଅନ୍ୟପକ୍ଷରେ ବିନିକା ବ୍ଲକରେ ୧୨ହଜାର ୨୩୩ ଜଣ, ତରଭା ବ୍ଲକରେ ୯ହଜାର ୯୮୪ ଜଣ, ବୀରମହାରାଜପୁର ବ୍ଲକରେ ୧୦ହଜାର ୫୫୯ଜଣ ଓ ଉଲୁଣ୍ଡା ବ୍ଲକରେ ୧୦ହଜାର ୭୦୫ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଜିଲାର ୬୬ଟି ପ୍ରାଥମିକ କୃଷି ସମବାୟ ସମିତି ଓ ୩୯ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ସମ୍ପୃକ୍ତ ଅଞ୍ଚଳର ଚାଷୀ ପଞ୍ଜୀକରଣ କରିଥିବା ଜଣାପଡିଛି। ପ୍ରତିବର୍ଷ ଧାନ ସଂଗ୍ରହକୁ ନେଇ ସରକାରଙ୍କୁ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି। କେତେବେଳେ ଚାଷୀ ମଣ୍ଡିରେ ଧାନ ରଖି ମିଲର୍ସଙ୍କୁ ଅପେକ୍ଷା କରୁଛି ତ ଆଉ କେତେବେଳେ ଟୋକନ ଅବଧିକୁ ନେଇ ସମସ୍ୟାର ସମ୍ମୁଖୀନ ହେଉଛି। ଚଳିତବର୍ଷ ଏହି ଘଟଣା ଯେପରି ନ ଉପୁଜେ ତାକୁ ଦୃଷ୍ଟିରେ ରଖି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ନିର୍ଭୁଲ ଭାବେ ଚାଷୀ ପଞ୍ଜୀକରଣକୁ ଗୁରୁତ୍ୱ ଦିଆଯାଇଛି। ବର୍ତ୍ତମାନ ତହସିଲଦାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଞ୍ଜୀକୃତ ହୋଇଥିବା ଚାଷୀଙ୍କ କ୍ଷେତ ଓ ଧାନ ଚାଷ ସମ୍ପର୍କରେ ସମ୍ପୃକ୍ତ ଅଞ୍ଚଳର ରାଜସ୍ୱ ନିରୀକ୍ଷକ, ଗ୍ରାମ କୃଷି କର୍ମଚାରୀ, ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ବୁଲି ବୁଲି କ୍ଷେତ୍ରୀୟ ଅନୁଧାନ କରୁଛନ୍ତି। ରିପୋର୍ଟ ପରେ ପୂର୍ଣ୍ଣାଙ୍ଗ ଚାଷୀ ପଞ୍ଜୀକରଣ ତାଲିକା ସେପ୍ଟେମ୍ବର ୩୦ ସୁଦ୍ଧା ପ୍ରସ୍ତୁତ କରାଯିବାକୁ ସରକାରୀ ନିର୍ଦ୍ଦେଶ ରହିଛି।

## ସଂକ୍ଷେପରେ

### ବିଶ୍ୱକର୍ମା ପୂଜା ପାଳିତ



ବାଉଁଶୁଣୀ,୧୭।୯(ଦେବାଶିଷ ନେପାକ)

ରବିବାର ଦିନ ବୌଦ୍ଧ ଜିଲା ବାଉଁଶୁଣୀ ଶାଖାର ଟାକ୍ସି ଷ୍ଟାଣ୍ଡଠାରେ ବିଶକର୍ମା ପୂଜା ପାଳିତ ହୋଇଛି। ୭ ଗୋଟି ପଞ୍ଚାୟତକୁ ନେଇ ଗଠନ ହୋଇଥିବା ବାଉଁଶୁଣୀ ଶାଖା ତରଫରୁ ଚଳିତବର୍ଷ ୨୮ ତମ ବାବା ବିଶ୍ୱକର୍ମା ପୂଜା ମହାଆଡ଼ମ୍ବରରେ ପାଳିତ ହେଉଥିବା ଶାଖା ସଭାପତି ଆନନ୍ଦ ଖଟୁଆ କହିଛନ୍ତି। ସକାଳୁ ବାଘ ନଦୀରୁ ପୂଜାମଣ୍ଡପ ପର୍ଯ୍ୟନ୍ତ ଏକ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସମସ୍ତ ଡ୍ରାଇଭର କଳସୀରେ ପାଣି ଆଣି ପୂଜା ମଣ୍ଡପରେ ରଖିଥିଲେ। ଏହାପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। କର୍ତ୍ତା ଭାବେ ରତ୍ନାକର ମହାକୁଳ ଓ କାଜଲ ମହାକୁଳ ଥିବା ବେଳେ ଅଷ୍ଟପ୍ରହରୀ ନାମଯଜ୍ଞରେ କର୍ତ୍ତା ଭାବରେ ଆନନ୍ଦ ଖଟୁଆ ଓ ତାଙ୍କ ସ୍ତ୍ରୀ ରିନା ଖଟୁଆ ଦାୟିତ୍ୱ ତୁଲାଇଥିଲେ । ପୂଜକ ଶ୍ରୀକାନ୍ତ ପାଣିଗ୍ରାହୀ, ହରେକୃଷ୍ଣ ପୁରୋହିତ, ହେମାନନ୍ଦ ପୁରୋହିତ, ବିବେକାନନ୍ଦ ପୁରୋହିତ ପ୍ରମୁଖ ପୂଜା କାର୍ଯ୍ୟ ତୁଲାଇ ଥିଲେ । ସକାଳୁ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସଭାପତି ଖଟୁଆ, ବ୍ଲକ ସଭାପତି ପଦ୍ମଲୋଚନ ମହଲା, ଆନନ୍ଦ ଦାସ, ବିନୋଦ ସାହୁ, ଚିନୁ ମେହେରଙ୍କ ସମେତ ବହୁ ଡ୍ରାଇଭର ସହଯୋଗ କରିଥିଲେ।

### ବୀରମହାରାଜପୁରର ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା



ଅମରପାଲି,୧୭।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୋଇଯାଇଛି। ବୀରମହାରାଜପୁର ଗାଡ଼ି ଚାଳକ ସଂଘ, ବିଦ୍ୟୁତ୍ ଗ୍ରୀଡ କାର୍ଯ୍ୟାଳୟ, ମୁର୍ଷୁଣ୍ଡି ଓ ସୁବଳୟାସ୍ଥିତ ଗ୍ରୀଡ଼ କାର୍ଯ୍ୟାଳୟ, ସୁବଳୟାର ଡ୍ରାଇଭର ମହାସଂଘ, ବିଭିନ୍ନ ଗ୍ୟାରେଜ ପକ୍ଷରୁ ପୂଜା ପାଳନ କରାଯାଇଛି। ସ୍ଥାନୀୟ କେନ୍ଦୁପାଲି, ଅମରପାଲି, ଗୌଡଗାଡ, ବଡ଼ଖମାର ସମେତ ବିଭିନ୍ନ ଗ୍ରାମରେ ବିଶ୍ୱକର୍ମା ପୂଜା ପାଳନ କରାଯାଇଛି। ଏହି ଅବସରରେ ଗାଡ଼ିଚାଳକସଂଘ ତଥା କେତେକ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉପାନ୍ତ ଗୌଡଗାଡରେ ସୁନୀତା ପଟେଲ ଓ ଦେବକୀ ସାହୁଙ୍କ ମଧ୍ୟରେ ମହିଳା ସଙ୍କୀର୍ତ୍ତନ ବୈଠକୀ ପରିବେଷଣ ହୋଇଥିଲା।

### ସଡ଼କ ଦୁର୍ଘଟଣା: ୨ ଗୁରୁତର

ବାଉଁଶୁଣୀ,୧୭।୯(ଦେବାଶିଷ ନେପାକ)

ବୌଦ୍ଧ ଜିଲା ଦେଇ ଯାଇଥିବା ୫୭ନଂ ଜାତୀୟ ରାଜପଥର ଟାଟରକିଲା ଛକ ନିକଟରେ ସଡକ ଦୁର୍ଘଟଣା ଘଟି ୨ ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ରବିବାର ଅପରାହ୍ନରେ ଅଁଳାପାଲି ପଞ୍ଚାୟତ ଟାଟରକିଲା ଛକ ନିକଟରେ ଏକ ମିନିଟ୍ରକ ଛିଡା ହୋଇଥିଲା। ଏହି ସମୟରେ ବ୍ରହ୍ମଣୀପାଲି ପଞ୍ଚାୟତ ସାନ୍ତୁମ ଗ୍ରାମରୁ ଏକ ବାଇକ(ନଂ ଓଡି ୩୧ଏ୨୮୯୮) ଯୋଗେ ସେହି ଗ୍ରାମର ସୁରେନ୍ଦ୍ର ପାତ୍ର ଓ ସୁଦାମ ଗାଇଗୈରିଆ ବାଉଁଶୁଣୀ ଅଭିମୁଖେ ଆସୁଥିଲେ। ତେବେ କୌଣସି କାରଣରୁ ବାଇକ୍ ଭାରସାମ୍ୟ ହରାଇ ଛିଡା ହୋଇଥିବା ମିନି ଟ୍ରକକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଉଭୟେ ଛିଟିକି ଗୁରୁତର ହୋଇଥିଲେ। ଖବର ପାଇ ବାଉଁଶୁଣୀ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହାତ ଦୁଇ ଯୁବକଙ୍କୁ ଉଦ୍ଧାର କରି ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସୁରେନ୍ଦ୍ରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ମିନିଟ୍ରକ ଜବତ କରି ତଦନ୍ତ ଜାରି ରଖିଛି।

# ସିଧା ପ୍ରସାରଣରେ ଭାଗ ନେଲେ ବୌଦ୍ଧ ଭାଜପା କର୍ମକର୍ତ୍ତା



ବିଶ୍ୱକର୍ମା ଯୋଜନାର ଶୁଭାରମ୍ଭରେ ବୌଦ୍ଧର ଭାଜପା ନେତୃବୃନ୍ଦ।

ବୌଦ୍ଧ,୧୭।୯(ଅଜିତ କୁମାର ବାରିକ)

**ବିଶ୍ୱକର୍ମା ଯୋଜାନର ଶୁଭାରମ୍ଭ**

ବୌଦ୍ଧ ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତିଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ପାଳନ କରାଯାଇଛି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଦ୍ୱାରା ଉପକୃତ ହିତାଧିକାରୀମାନଙ୍କ ଗହଣରେ ବୌଦ୍ଧ ମାତଙ୍ଗେଶ୍ୱର ମନ୍ଦିରଠାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୀର୍ଘ ଓ ସୁସ୍ଥ ଜୀବନ କାମନା କରି ପୂଜାର୍ଚ୍ଚନା କରାଯିବା ସହ ବେଦପାଠ ଓ ଦୀପଦାନ କରାଯାଇଥିଲା। ସେହିପରି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ବିଶ୍ୱକର୍ମା ଯୋଜନାର ଶୁଭାରମ୍ଭ ସମୟରେ ଜିଲାସ୍ତର ଓ ସମସ୍ତ ମଣ୍ଡଳସ୍ତରୀୟ ନେତୃବୃନ୍ଦଙ୍କ ସହିତ କେନ୍ଦ୍ର ସରକାରଙ୍କ ଦ୍ୱାରା ଉପକୃତ ହୋଇଥିବା ଲାଭାର୍ଥୀମାନେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମର ସିଧାପ୍ରସାରଣରେ ଭାଗ ନେଇଥିଲେ। ଏହି ଯୋଜନାରେ ୧୮ ପ୍ରକାର ପାରମ୍ପରିକ କୌଳିକ ବୃତ୍ତି କରୁଥିବା କାରିଗରମାନଙ୍କୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ଗ୍ୟାରେଣ୍ଟିରେ ୫ ପ୍ରତିଶତ ସୁଧରେ ଋଣ ପ୍ରଦାନ କରାଯିବ। ଏହାଛଡା ୧୫ ହଜାର ଟଙ୍କାର ଟୁଲ କିଟ୍ ଏବଂ ଦକ୍ଷତା ବୃଦ୍ଧି ପାଇଁ ତାଲିମ ପ୍ରଦାନ ସହିତ ଦୈନିକ ୫ ଶହ ଟଙ୍କା ଷ୍ଟାଇପେଣ୍ଡ ଓ ପ୍ରମାଣପତ୍ର ସହିତ ବଜାର ସୁବିଧା ଯୋଗାଇ ଦିଆଯିବ। ଜିଲା ସଭାପତିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ସରୋଜ କୁମାର ପ୍ରଧାନ, ଶିଶିର କୁମାର ଘୋଷ, ଶ୍ୟାମସୁନ୍ଦର ପୁରୋହିତ, ତାପସ କୁମାର ପଟ୍ଟନାୟକ, ପ୍ରେମାନନ୍ଦ ମିଶ୍ର, ମନୋରଞ୍ଜନ ଦାଶ, ମିନାରାଣୀ ମିଶ୍ର, ନମିତାରାଣୀ ଦାଶ, ବ୍ୟୋମକେଶ ମହାପାତ୍ରଙ୍କ ସମେତ ବହୁ ସଂଖ୍ୟକ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ୫୨୦ ହିତାଧିକାରୀଙ୍କୁ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା



ଶିବିରରେ ଯୋଗଦେଇଥିବା ଅତିଥି।

ଅମରପାଲି,୧୭।୯(ପୀତାମ୍ବର ସାହୁ)

**ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ସ୍ଥାନୀୟ କଲ୍ୟାଣମଣ୍ଡପଠାରେ ରବିବାର ଦିନ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ପ୍ରଶାସନ ଓ ଜିଲା ଶ୍ରମ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ଶିବିରରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିଲେ । ବିଶ୍ୱକର୍ମା ପୂଜା ଅବସରରେ ମୁଖ୍ୟଅତିଥି ୫୨୦ଜଣ ନିର୍ମାଣ ଶ୍ରମିକଙ୍କୁ ଶିକ୍ଷା ସହାୟତା, ବିବାହକାଳୀନ ସହାୟତା, ପ୍ରସୂତିକାଳୀନ ସହାୟତା, ମୃତ୍ୟୁକାଳୀନ ସହାୟତା ଆଦି ପ୍ରଦାନ କରିଥିଲେ । ଏହି ବାବଦରେ ୩ କୋଟି ୧୫ଲକ୍ଷ ୯୨ ହଜାର ଟଙ୍କାର ସହାୟତା ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ଜିଲା ଶ୍ରମ ଅଧିକାରୀ ଡିଲେଶର ଖାକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଜୋନ -୨ ଜିଲା ପରିଷଦ ସଦସ୍ୟା ଚନ୍ଦ୍ରକାନ୍ତି ଦନ୍ତା, ରାଜସ୍ୱ ଅଧିକାରୀ ଅଜିତ ମିର୍ଦ୍ଧା, ବୀରମହାରାଜପୁର ବିଡ଼ିଓ ମୋତିଲାଲ ସୁଲିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଶ୍ରମିକ ନେତା ଗୋବିନ୍ଦ ମହାରଣା ଶ୍ରମିକମାନେ ସରକାରଙ୍କ ଠାରୁ ପାଉଥିବା ସହାୟତାରେ ଯେମିତି କେହି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ବିଭାଗ ଯତ୍ନବାନ ହେବାକୁ କହିଥିଲେ । ଶିବିରରେ ୧ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ଓ ସମସ୍ତ ଶ୍ରମିକ ସଂଗଠନର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ଗର୍ଭଣା, ସିମେଣ୍ଟ ନଗର ବିଜୟୀ

ବରଗଡ଼,୧୭।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲା ନକ୍ଆଉଟ୍ ଫୁଟବଲ ପ୍ରତିଯୋଗିତାର ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ଗର୍ଭଣା ଓ ସିମେଣ୍ଟନଗର ଦଳ ପ୍ରତିପକ୍ଷକୁ ହରାଇ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ସିମେଣ୍ଟ ନଗର ଓ ଗୋବିନ୍ଦପାଲି ମଧ୍ୟରେ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ସିମେଣ୍ଟ ନଗର ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ସିମେଣ୍ଟ ନଗର ଦଳର ୧୪ନମ୍ବର ଖେଳାଳି ଶଶୀଭୂଷଣ କୁମ୍ଭାର ଏକମାତ୍ର ଗୋଲ ସ୍କୋର କରିଥିଲେ। ଉକ୍ତ ମ୍ୟାଚ୍‌କୁ ଗୋପାଳ ନାୟକ ପରିଚାଳନା କରିଥିବାବେଳେ ଲାଇନରେ ପିଣ୍ଟୁ ସାହୁ, ସଚିନ ଭୁଏ ସହଯୋଗ କରିଥିଲେ। ସଞ୍ଜୟ ଦାଶ ଚତୁର୍ଥ ରେଫରୀ ଥିଲେ। ଗର୍ଭଣା ଓ ପୁଟପୁଟପାଲି ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା। ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରି ପାରି ନ ଥିଲେ। ଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ଗର୍ଭଣା ଦଳ ୪-୨ ଗୋଲରେ ବିଜୟୀ ହୋଇଥିଲା। ସଞ୍ଜୀବ ଭୋଇ ମ୍ୟାଚ୍ ପରିଚାଳନା କରିଥିଲେ। ଶ୍ରୀନିବାସ ରାଓ, ଦୀପେଶ ପ୍ରଧାନ ଲାଇନରେ ସହଯୋଗ କରିଥିବାବେଳେ ଝସକେତନ ପ୍ରଧାନ ଚତୁର୍ଥ ରେଫରୀ ଥିଲେ।

# ମରାମତି ଅଭାବରୁ ରାସ୍ତା ଶୋଚନୀୟ

ବିନିକା,୧୭।୯(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଧୀନ ଫୁଲମୁଠି - ମହଦା ଆରଡି ରାସ୍ତାର ଜାମଟିକିରା ଦେଇ କୁହିବାହାଲ ଯାଇଥିବା ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡିଛି। ରାସ୍ତାରୁ ମେଟାଲ ଉଠିଯାଇ ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଫଳରେ ସାମାନ୍ୟ ବର୍ଷା ହେଲେ ପାଣି ଜମା ହୋଇରହୁଛି। ରାସ୍ତା ଦୁରାବସ୍ଥା ଯୋଗୁ ଲୋକେ ବିଭିନ୍ନ ସମୟରେ ଛୋଟ ବଡ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବର୍ଷା ହେଲେ କାଦୁଅ ପଚପଚ ହେବା ଯୋଗୁ ଦୁଇଚକିଆ ଗାଡିରେ ଯିବା ଦୂରର କଥା ଚାଲି ଚାଲି ଯିବା ମୁସ୍କିଲ ହୋଇପଡୁଛି। ଏହି ରାସ୍ତାଦେଇ ଲୋକେ କୁହିବାହାଲ, ପଧାନପାଲି, ଅମାମୁଣ୍ଡା, ଯୁଲୁଣ୍ଡା ସହ ଡୁଙ୍ଗୁରିପାଲି ବ୍ଲକର ବିଭିନ୍ନ ଗ୍ରାମକୁ ଯିବା ଆସିବା କରନ୍ତି।

# ସୋନପୁର କଲେଜ ପୁରାତନ ଛାତ୍ର ସଂସଦ ବୈଠକ

ସୋନପୁର,୧୭।୯(ମୃତ୍ୟୁଞ୍ଜୟ ଶତପଥୀ)




ବୈଠକରେ ମଞ୍ଚାସୀନ ସଂସଦର କର୍ମକର୍ତ୍ତା ବୃନ୍ଦ।

ସୋନପୁର କଲେଜ ପୁରାତନ ଛାତ୍ର ସଂସଦ ବୈଠକ କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଡ.ପ୍ରଫୁଲ୍ଲ କୁମାର ରଥ ବୈଠକରେ ଅଧ୍ୟକ୍ଷତା କରିଥିଲେ । ସମ୍ପାଦକ ଦିଲିପ କୁମାର ଗୁରୁଙ୍କ ସମେତ ଅନ୍ୟ ସଦସ୍ୟାସଦସ୍ୟ ଅଂଶଗ୍ରହଣ କରିଥିଲେ। ସଂସଦର ସଦସ୍ୟା ଅଧ୍ୟାପିକା କଳ୍ପନା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଆଗାମୀ ଦିନରେ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରାଯିବା ନେଇ ସଦସ୍ୟ ଗୌରିଶ୍ୟାମ ପଣ୍ଡା, ଅକ୍ଷୟ କୁମାର ସାହୁ, ଡ.ସୌରଭ ରଞ୍ଜନ ଖମାରୀ , ଦେବାଶିଷ ପଧାନ, ନିଳିମା ରଥ, ନିରୋଜା ଗୁରୁ, ହରି ଶଙ୍କର ମିଶ୍ର, ଦୁର୍ଯ୍ୟୋଧନ ସାହୁ, କୃଷ୍ଣଚନ୍ଦ୍ର ସେନାପତି, ସରୋଜ ପ୍ରଧାନ, ଡ. ଅନିରୁଦ୍ଧ କୁରୁକୁରିଆ, ଚୈଧୁରୀ ବିଭାର, ସ୍ୱାଧୀନ କୁମାର ମେହେର ପ୍ରମୁଖ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ। ଏହି ଅବସରରେ ସଂସଦର ନୂତନ କର୍ମକର୍ତ୍ତା ମନୋନୟନ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ଅଧ୍ୟାପକ ଦେବଶିଷ ପଧାନଙ୍କୁ ସର୍ବସମ୍ମତିକ୍ରମେ ସଂପାଦକ ରୂପେ ମନୋନୀତ କରାଯାଇଥିଲା ଓ ଅନ୍ୟ କର୍ମକର୍ତ୍ତାଙ୍କ ନାମ ସାଧାରଣ ପରିଷଦକୁ ସୁପାରିଶ କରିବାକୁ ଦାୟିତ୍ୱ ଦିଆଯାଇଥିଲା। ପରବର୍ତ୍ତୀ ବୈଠକରେ ଅଧିକ ସଂଖ୍ୟକ ପୁରାତନ ଛାତ୍ରୀଛାତ୍ରଙ୍କୁ ସଂଶ୍ଳିଷ୍ଟ କରାଯିବା ତଥା ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ସଦସ୍ୟା ସଦସ୍ୟମାନେ ମତାମତ ପ୍ରଦାନ କରିଥିଲେ। ପୁରାତନ ଛାତ୍ର ଶୋଭା ପ୍ରକାଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱକର୍ମା ପୂଜା ପାଳିତ

ବିନିକା,୧୭।୯ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସମେତ ବ୍ଲକର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ପୂଜା କମିଟି ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପୂଜା ମାହୋଲକୁ ଉତ୍ସବମୁଖର କରିଛି । ଦେବଶିଳ୍ପୀଙ୍କ ଦର୍ଶନ ପାଇଁ ପୂଜାମଣ୍ଡପଗୁଡିକରେ ଶ୍ରଦ୍ଧାଳଙ୍କ ଭିଡ଼ ପରିଲକ୍ଷିତ ହୋଇଛି । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆୟୋଜକ କମିଟି ସଦସ୍ୟଙ୍କ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ତେବେ ଆବଶ୍ୟକ ସ୍ଥଳେ ପୋଲିସ ପହରା ଦେଉଥିବା ଦେଖିବାକୁ ମିଳିଛି।

# ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ



ବାଉଁଶୁଣୀ,୧୭।୯(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ତାଳସରଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସଂଗ୍ରାମପୁରରେ ଭାରତ ସରକାରଙ୍କ ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଉକ୍ତ ପ୍ରଦର୍ଶନୀରେ ୨୦ଟି ପ୍ରକଳ୍ପ ଭୁବନେଶ୍ୱର ରେଜ୍ଜନାଲ ସେଣ୍ଟର୍‌ରୁ ଏକ ବସ ମାଧ୍ୟମରେ ବିଦ୍ୟାଳୟଗୁଡିକର ଛାତ୍ରୀଛାତ୍ରମାନଙ୍କୁ ଦେଖାଯାଉଛି। ପ୍ରଦର୍ଶନୀକୁ ଦେଖିବା ପାଇଁ ଛାତ୍ରୀଛାତ୍ରମାନଙ୍କ ଭିଡ ଜମିଥିଲା। ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଓ ମଧ ଇଂରାଜୀ ବିଦ୍ୟାଳୟ ସଂଗ୍ରାମପୁର, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ସଂଗ୍ରାମପୁର, ମୁଣ୍ଡିପଦର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର, ସହକାରୀ ଶିକ୍ଷକ ଓ ବିଜ୍ଞାନ ଶିକ୍ଷକମାନେ ପରିଦର୍ଶନରେ ଆସିଥିଲେ। ପ୍ରଦର୍ଶନୀ ପରିଚାଳନାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭରତ ମେହେରଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସରୋଜ ପ୍ରଧାନ, ରଶ୍ମି ରଞ୍ଜନ ଡାଙ୍ଗ ଛାତ୍ରୀଛାତ୍ରୀମାନଙ୍କୁ ପ୍ରକଳ୍ପର ଉପକାରିତା ବିଷୟରେ ବୁଝାଇଥିଲା।

# ବିଶ୍ୱକର୍ମା ପୂଜା ପାଇଁ ବୌଦ୍ଧ ସହର ଉତ୍ସବମୁଖର

ବୌଦ୍ଧ,୧୭।୯(ଅଜିତ କୁମାର ବାରିକ)

ବିଶ୍ୱକର୍ମା ପୂଜା ପାଇଁ ବୌଦ୍ଧ ସହର ଉତ୍ସବମୁଖର ହୋଇପଡିଛି। ଏହି ପୂଜା ବିଭିନ୍ନ କାରିଗରି ଅନୁଷ୍ଠାନ, ମିସ୍ତ୍ରୀ ସଂଘ, ବୌଦ୍ଧ ଟ୍ରକ ସଂଘ, ବେସରକାରୀ ବସ ସଂଘ, ଟ୍ୟାକ୍ସି ସଂଘ, ଅଟୋ ସଂଘ, ବିଦ୍ୟୁତ ବିଭାଗ, ପାନୀୟଜଳ ଯୋଗାଣ ବିଭାଗ, ଶିଳ୍ପ ତାଲିମ ଅନୁଷ୍ଠାନଗୁଡିକରେ ପାଳିତ ହେଉଛି। ପୂଜା ଯୋଗୁ ସହର ଆଲୋକମାଳାରେ ସଜ୍ଜିତ କରାଯାଇଛି। ଜିଲାର ସମସ୍ତ ବ୍ଲକରେ ଥିବା କାରିଗରି ଅନୁଷ୍ଠାନ ଗୁଡିକରେ ମଧ ବିଶ୍ୱକର୍ମା ପୂଜା ମହାସମାରୋହରେ ପାଳିତ ହୋଇଛି । ସନ୍ଧ୍ୟାରେ ଟ୍ରକ ସଂଘ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମେଲୋଡି ଭିକାରୀ କଳାମଣ୍ଡପଠାରେ ପରିବେଷିତ ହୋଇଥିଲା।



ବୌଦ୍ଧ ଅଟୋ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା ପାଳିତ।

# ସୋନପୁର ବ୍ଲକ ଛକୋରମାଲ ଦଳ ଚାମ୍ପିୟନ

ସୋନପୁର,୧୭।୯(ମୃତ୍ୟୁଞ୍ଜୟ ଶତପଥୀ)



ଜିଲାପାଳ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

**ସୁବର୍ଣ୍ଣପୁର ସିନିୟର ଫୁଟବଲ ଲିଗ୍**

ସୁବର୍ଣ୍ଣପୁର ଜିଲା କ୍ରୀଡା ସଂଘ ପକ୍ଷରୁ ସୋନପୁର ରୟାଲ ପଡିଆଠାରେ ଚାଲିଥିବା ସୁବର୍ଣ୍ଣପୁର ସିନିୟର ଫୁଟବଲ ଲିଗ୍ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍ ସୋନପୁର ବ୍ଲକ ଛକୋରମାଲ ଦଳ ଓ ଉଲୁଣ୍ଡା ବ୍ଲକ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଛକୋରମାଲ ଦଳ ୧-୦ ଗୋଲରେ ବିଜୟୀ ହୋଇ ଚମ୍ପିୟାନ ହୋଇଛି। ରେଫରି ସଞ୍ଜିବ୍ ସାହୁ, ରାଜେଶ ଥନାପତି, ଜିତେନ୍ଦ୍ର ଥନାପତି ଓ ଅଜିତ ନାଏକ ଖେଳ ପରିଚାଳନା କରିଥିଲେ। ମ୍ୟାନ୍ ଅଫ ଦି ମ୍ୟାଚ୍ ଚାମ୍ପିୟନ ଦଳର ଅଶୋକ ଭୋଇ ହୋଇଥିଲେ। ଶ୍ରେଷ୍ଠ ଉଦୀୟମାନ ଖେଳାଳି ଭାବେ ସୋନପୁର ରାମଧୂନ କ୍ଲବର ଚନ୍ଦନ ବେହେରା, ଶ୍ରେଷ୍ଠ ଗୋଲକିପର ଭାବେ ଗରିବ ଗୁରୁ, ସଞ୍ଜିବ୍ ସାହୁ, ମନୋରଞ୍ଜନ ତ୍ରିପାଠୀ, ବୈଷୟିକ ପରାମର୍ଶଦାତା ଭାବେ ଭୁକୁଲୁ ବକ୍ସିଙ୍କୁ ସମ୍ମାନିତ କରା ଯାଇଥିଲା। ପୁରସ୍କାର ବିତରଣୀ ସଭାରେ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀ, ସୋନପୁର ଏସଡିପିଓ ରାଜ କିଶୋର ମିଶ୍ର, ରିଜର୍ଭ ଇନ୍ସପେକ୍ଟର କାହ୍ନୁଚରଣ ମାରାଣ୍ଡି, କ୍ରୀଡା ସଂଘର ଉପଦେଷ୍ଟା ପୁରୁଷୋତ୍ତମ ପାଣିଗ୍ରାହୀ, ଗୌରିଶ୍ୟାମ ପଣ୍ଡା, ଦିଲିପ ଗୁରୁ, କଇରୁ ସ୍ୱାଇଁ, କୃଷ୍ଣ କୁମାର ବାଗ ଓ ନନ୍ଦକିଶୋର ତ୍ରିପାଠୀ ଯୋଗ ଦେଇଥିଲେ। ରାଜୀବ ପଟ୍ଟନାୟକ, ହରିହର ପଟ୍ଟନାୟକ, ବିକାଶ ପଣ୍ଡା, ରାଜୀବ ସାହୁ, ସଦାନନ୍ଦ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଜିଲା କ୍ରୀଡା ସଂଘର ସମ୍ପାଦକ ପିୟୁଷ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମ୍ୟାଚ୍ ଆୟୋଜନ ହୋଇଥିଲା। ମନୋରଞ୍ଜନ ତ୍ରିପାଠୀ, ସଞ୍ଜୟ ସାହୁ ଓ ଦିଗାମ୍ବର ଶତପଥୀ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ରୀଡା ସଂଘର ଉପସଭାପତି ଚିତ୍ତରଞ୍ଜନ ତରାସିଆ ଉଦ୍‌ଯାପନୀ ସଭାରେ ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକ ମୃତ

**ଲହୁଣୀପଡ଼ା,୧୭।୯(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ମହୁଲପଦା ଥାନା ଅନ୍ତର୍ଗତ ଉସକଳା ଗ୍ରାମର ତେନ୍ତୁଳିଖୁଣ୍ଟି ସାହିରେ ସାପ କାମୁଡାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ଭୀମସେନ ମହାକୁଡ(୩୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ଭୀମସେନ ରାତିରେ ଶୋଇଥିବାବେଳେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡି ଦେଇଥିଲା। ପରିବାର ଲୋକେ ପ୍ରଥମେ ତାଙ୍କୁ ଝଡାଫୁଙ୍କା କରିଥିଲେ। ହେଲେ ସେ ଭଲ ନ ହେବାରୁ ତାଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ହାଇୱା ଧକ୍କାରେ ବାଇକ୍ ଆରୋହୀ ମୃତ

**ହେମଗିର,୧୭।୯(ଚୈତନ୍ୟ ପଟେଲ):** ସୁନ୍ଦରଗଡ ଜିଲା ହେମଗିର ଥାନା ସ୍ଥିତ ଗର୍ଜନବାହାଲଠାରେ ହାଇୱା ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଡୁଡୁକା ଗ୍ରାମର ଅଜୟ ଭୋଇ। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ରୋକୋ କରିଥିଲେ। ରେଡକ୍ରସ ପାଣ୍ଠିରୁ ୨୦ହଜାର ଓ ଗାଡି ମାଲିକଙ୍କ ତରଫରୁ ୫ହଜାର ପ୍ରଦାନ କରାଯିବା ସହ ପରେ ଇନସୁରାନ୍ସର ପଇସା ପ୍ରଦାନ କରାଯିବାର ପ୍ରତିଶ୍ରୁତି ପରେ ଲୋକେ ରାସ୍ତାରୋକରୁ ଓହରି ଥିଲେ। ସୂଚନାଯୋଗ୍ୟ, ଅଜୟ ଗର୍ଜନବାହାଲ ପଟୁ ବାଇକ୍ ଯୋଗେ (ଓଡି୧୬ଡି ୮୪୪୨) ଡୁଡୁକା ଯାଉଥିବା ବେଳେ ଅପର ପକ୍ଷରୁ ଆସୁଥିବା ଏକ ହାଇୱା(ଓଡି୧୬ ଓ ୭୦୫୬) ସହିତ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ହାଇୱା ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏନେଇ ପୋଲିସ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

### ରାଜପଥ ପାର୍ଶ୍ୱରେ ବଢୁଛି ଭାରିଯାନ ପାର୍କିଂ

**କୁଆଁରମୁଣ୍ଡା,୧୭।୯(ମହେନ୍ଦ୍ର କୁମାର ସାହୁ) :** ସୁନ୍ଦରଗଡ ଜିଲା୧୪୩ ନମ୍ବର ଜାତୀୟ ରାଜପଥର ବେଦବ୍ୟାସ ଛକ ନିକଟରୁ ବୀରମିତ୍ରପୁର ସୀମାନ୍ତ ଫାଟକ ପର୍ଯ୍ୟନ୍ତ ଏକାଧିକ ସ୍ଥାନରେ ବେଆଇନଭାବେ ଭାରିଯାନ ପାର୍କିଂ ହେଉଛି। ଫଳରେ ଅନେକ ସମୟରେ ରାଜପଥରେ ଦୁର୍ଘଟଣା ଘଟି ବହୁ ଧନ ଜୀବନ ନଷ୍ଟ ହେଉଛି। କୁଆଁରମୁଣ୍ଡା–ବେଦବ୍ୟାସ ରୋଡର ବେଦବ୍ୟାସ ଛକ, ଯମୁନାନାକି, ଲୋଡୋସେରା, ବିଜାବା ହାଲ ଛକର ଉଭୟ ପାର୍ଶ୍ୱରେ ଟ୍ରକ୍, ଡମ୍ପର, ଟ୍ରେଲର ଗୁଡିକର ଲମ୍ବା ଧାଡ଼ି ଲାଗୁଛି। ତେବେ ଏଥିପ୍ରତି ଉଭୟ ପରିବହନ ବିଭାଗ ଓ ସ୍ଥାନୀୟ ପୋଲିସ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ବ୍ରାହ୍ମଣୀରେ ନିଖୋଜ ଯୁବକଙ୍କ ମୃତଦେହ ମିଳିଲା

**ରାଉରକେଲା,୧୭।୯(ଦିନେଶ ମିଶ୍ର):** ବ୍ରାହ୍ମଣୀ ବ୍ରିଜ୍‌ରୁ ଡେଇଁ ପଡିଥିବା ଯୁବକଙ୍କ ମୃତଦେହକୁ ରବିବାର ଉଦ୍ଧାର କରାଯାଇଛି ବୋଲି ରଘୁନାଥପାଲି ପୋଲିସ ସୂଚନା ଦେଇଛି। ମୃତକ ହେଲେ ବାସନ୍ତୀ କଲୋନୀ ବିଏଲ ବ୍ଲକର ଅଜୟ ଗୁପ୍ତା(୩୬)। ସେ ଗତ ୧୫ ତାରିଖ ସନ୍ଧ୍ୟା ସାଢେ ୭ଟାରେ ସ୍କୁଟି ଧରି ବ୍ରାହ୍ମଣୀ ବ୍ରିଜ ଉପରକୁ ଯାଇଥିଲେ। ସେଠାରେ ଅଜୟ ସ୍କୁଟି ରଖି ବ୍ରାହ୍ମଣୀ ନଦୀକୁ ଡେଇଁ ପଡିଥିଲେ। ସ୍ଥାନୀୟ ଲୋକେ ଏ ନେଇ ରଘୁନାଥପାଲି ପୋଲିସକୁ ଜଣାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍କୁଟିକୁ ଜବତ କରି ତଦନ୍ତ ଜାରି ରଖିଥିଲା। ରବିବାର ବଣେଇ ଥାନା ଅନ୍ତର୍ଗତ ବ୍ରାହ୍ମଣୀ ନଦୀରେ ଏକ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଉକ୍ତ ମୃତଦେହକୁ ଜବତ କରିବା ପରେ ଚିହ୍ନଟ କରାଯାଇଥିଲା।

### ଆର୍‌ଏସ୍‌ପିରୁ ଚୋରି, ୨ ଗିରଫ

**ରାଉରକେଲା,୧୭।୯(ଦିନେଶ ମିଶ୍ର):** ରାଉରକେଲା ଇସ୍ପାତ କାରଖାନା(ଆରଏସପି)ରୁ ଚୋରି ଅଭିଯୋଗରେ ଟାଙ୍ଗରପାଲି ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଆକାଶ କେରକେଟ୍ଟା(୧୯) ଓ ସୁନୀଲ ଇନ୍ଦୁଆର(୨୨)। ଏ ନେଇ ପୋଲିସ ଏକ ମାମଲା (ନଂ.୧୩୧।୨୩) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ରବିବାର କୋର୍ଟଚାଲାଣ କରିଛି। ଉଦିତନଗର ଥାନା ଶୀତଳପଡା ବସ୍ତିର ଆକାଶ ଓ ସୁନୀଲ ଶନିବାର ବିଳମ୍ବିତ ରାତିରେ ଆରଏସ୍‌ପି ଷ୍ଟକିୟାର୍ଡରୁ ୪୦କେ.ଜି କପର ତାର ଚୋରି କରୁଥିବା ବେଳେ ଧରାପଡିଥିଲେ।

# ମରଣଯନ୍ତା ପାଲଟିଛି ମୁଖ୍ୟ ରାସ୍ତା

**ବିଶ୍ରା,୧୭।୯(ବଟକୃଷ୍ଣ ସ୍ୱାଇଁ):** ସୁନ୍ଦରଗଡ ଜିଲା ବିଶ୍ରା ବ୍ଲକ ଡରେଇକେଲା ପଞ୍ଚାୟତରୁ ସାରୁବହାଲ ରାସ୍ତା ମରଣଯନ୍ତା ପାଲଟିଛି। ରାସ୍ତାଟି ସମ୍ପୂର୍ଣ୍ଣ ଖାଲ ଖମାରେ ଭର୍ତ୍ତି। ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ପ୍ରତ୍ୟେକ ଦିନ ଶହ ଶହ ଲୋକେ ଏହି ରାସ୍ତା ଦେଇ ଯାତାୟତ କରିଥାନ୍ତି। ଖାଲଖମା ଯୋଗୁ ବର୍ଷା ଦିନେ ସମସ୍ୟା ଦ୍ୱିଗୁଣିତ ହୋଇଯାଉଛି। ଫଳରେ ଅଞ୍ଚଳବାସୀ ସମସ୍ୟା ଭୋଗୁଛନ୍ତି। ପୂର୍ତ୍ତ ବିଭାଗ ଅଧିନରେ ଏହି ରାସ୍ତାଟି ରହିଛି। ମରାମତିର ବର୍ଷେ ନ ପୁରୁଣୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଠିକାଦାରଙ୍କ



ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇ ପାଣି ଜମି ରହିଛି।

**ପ୍ରଶାସନ ଦୃଷ୍ଟି ଦେବାକୁ ଦାବି**

ନିମ୍ନମାନର କାମ ଯୋଗୁ ଏଭଳି ହୋଇଥିବା ଅଞ୍ଚଳବାସୀ ଦାବି କରିଛନ୍ତି। ଏ ବିଷୟରେ ପୂର୍ତ୍ତ ବିଭାଗର ଯନ୍ତ୍ରୀ ଡି. ମାଝିଙ୍କୁ ପଚାରିବାରୁ, ଯେହେତୁ ଏହାର କାର୍ଯ୍ୟ ବର୍ଷା ଦିନେ ଆରମ୍ଭ ହୋଇଥିଲା ସେଥି ପାଇଁ ରାସ୍ତା ଉପରେ ପାଣି ଜମି ରହି ଖାଲ ସୃଷ୍ଟି ହୋଇଛି। ବର୍ଷା ଛାଡ଼ିଲେ ଏହାର ମରାମତି କରାଯିବ। ବର୍ତ୍ତମାନ ଖାଲ ଜାଗା ଗୁଡ଼ିକରେ ରାଖଡ ପକାଇବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି ଯନ୍ତ୍ରୀ ମାଝି ପ୍ରକାଶ କରିଥିଲେ।

# ସଂସ୍କୃତ ସବୁ ଭାଷାର ଜନନୀ

**ସରକାରୀ କଲେଜରେ ସଂସ୍କୃତ ଦିବସ**

**ସୁନ୍ଦରଗଡ,୧୭।୯(ଜୟ ନାରାୟଣ ମେଣ୍ଟୁଲି) :** ସୁନ୍ଦରଗଡ଼ ସରକାରୀ କଲେଜରେ ସଂସ୍କୃତ ସ୍ନାତକୋତ୍ତର ବିଭାଗ ଆନୁକୂଲ୍ୟରେ ଶନିବାର ଅନ୍ତଃରାଷ୍ଟ୍ରୀୟ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ସଂସ୍କୃତ ଭାଷାର ମହତ୍ତ୍ୱ ଓ ଏହାର ସୁରକ୍ଷା ଏବଂ ଛାତ୍ରୀଛାତ୍ରମାନେ କିଭଳି ସଂସ୍କୃତମନସ୍କ ହେବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ଅଧ୍ୟାପକ ଆଲୋକ ନାୟକ ସଂସ୍କୃତ ଭାଷାର ଉପାଦେୟତା ସମ୍ପର୍କରେ ଆଲୋକପାତ କରି ବୈଦିକ ଗଣିତର ଗୁରୁତ୍ୱ ସମ୍ବନ୍ଧରେ ଅବଗତ କରାଇଥିଲେ। ଇଂରାଜୀ ବିଭାଗ ଅଧ୍ୟାପକ ବୀରେନ୍ଦ୍ର ପଟେଲ ଓ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ଡ. କୁଳମଣି ବେହେରା ସଂସ୍କୃତ ଭାଷା ହିଁ ସବୁ ଭାଷାର ଜନନୀ ଏବଂ ଏହା ଏକ ବିଜ୍ଞାନସମ୍ମତ ଭାଷା ବୋଲି କହିଥିଲେ। ଡୁଡୁକା ଭେଷଜ ପଟେଲ କଲେଜର ବରିଷ୍ଠ ଅଧ୍ୟାପିକା ଡ. ସୌଦାମିନୀ ତ୍ରିପାଠୀ ମୁଖ୍ୟ ବକ୍ତାଭାବେ ଯୋଗଦେଇ ବୈଦିକ କାଳରୁ ଆଜିପର୍ଯ୍ୟନ୍ତ ସଂସ୍କୃତ ଭାଷାର ରହିଆସିଥିବା ମହନୀୟତା ସମ୍ପର୍କରେ ଆଲୋକପାତ କରିଥିଲେ। ସଂସ୍କୃତ ବିଭାଗର ମୁଖ୍ୟ ଡ. ବିନୋଦ ବିହାରୀ ମଲ୍ଲିକ ସଂସ୍କୃତ ଭାଷାରେ ଥିବା ବିଜ୍ଞାନ, ଆୟୁର୍ବେଦ, ପଦାର୍ଥ ବିଜ୍ଞାନ, ରସାୟନ ତତ୍ତ୍ୱ, ବୈଦିକ ମନ୍ତ୍ରର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିବା ସହ ଏହା ଲୋକଭାଷା ଓ ଭାଷା ଜନନୀ ବୋଲି ଅଭିବ୍ୟକ୍ତ କରିଥିଲେ। ବିଭାଗୀୟ ଛାତ୍ରୀଛାତ୍ର ସଭା ପରିଚାଳନା କରିବା ସହ ସଂସ୍କୃତ ଭାଷାର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବାଳିକା ଶିକ୍ଷା ଉପରେ କ୍ଷୁଦ୍ର ସଂସ୍କୃତ ନାଟିକା ପ୍ରଦର୍ଶିତ ହୋଇଥିଲା। ଉକ୍ତ ସଭାରେ ଅଧ୍ୟାପକ ନୂତନ ଖମାରୀ, ଗରୁଡ଼େଶ୍ୱର ଦାସ, ପ୍ରଦୀପ ବହିଦାର, ଚିନ୍ତାମଣି କାଲୋ, ଅଧ୍ୟାପିକା ଆଞ୍ଜେଲିନ୍ କିଣ୍ଡୋଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅଧ୍ୟକ୍ଷ, ଅଧ୍ୟାପକ ଓ ଅନ୍ୟମାନେ।

# ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

**ସୁନ୍ଦରଗଡ଼,୧୭।୯(ଜୟନାରାୟଣ ମେଣ୍ଟୁଲି) :** ଭାଜପା ପକ୍ଷରୁ ରବିବାର ସୁନ୍ଦରଗଡ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭସ୍ମାଠାରୁ କଇଁସରା ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରାରେ ମୋ ଦେଶ ମୋ ମାଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରେ ପାଣ୍ଡେରମାଲ, କବାଙ୍ଗ, ତାଲପଟିଆ ଗ୍ରାମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସଦର ବ୍ଲକ ଅଧ୍ୟକ୍ଷ ସୁବ୍ରତ ମାଝି, ଉପାଧ୍ୟକ୍ଷା ଚନ୍ଦ୍ରମା ମେହେର, ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଅଜୟ ପଟେଲ, ପରୀକ୍ଷିତ ସାହୁ, ପ୍ରଦୀପ ଚୌଧୁରୀ, ସଞ୍ଜୀବ ପଟେଲ, ମଣ୍ଟୁ ଟୋଲାନି, ପିଣ୍ଟୁ ପଟେଲ, ସିମେଶ୍ୱର ଲରିଆ, ଭୀମସେନ ନାୟକ, ରାଜକୁମାର କିଷାନ, ଶୋଭନ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ଆମେ ଜାଣିବା, ଆମେ ଜିଣିବା କାର୍ଯ୍ୟକ୍ରମ

**ବାଲିଶଙ୍କରା,୧୭।୯(ହୃଦାନନ୍ଦ ବାରିକ):** ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ରାଉଲଡେଗା ସେବାଶ୍ରମରେ ଶନିବାର ଆମେ ଜାଣିବା, ଆମେ ଜିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବାଲିଶଙ୍କରା ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ସରକାରଙ୍କ ତରଫରୁ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗର ସୁବିନିଯୋଗ କରିବା ସହ ଉତ୍ତମ ଚରିତ୍ରବାନ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ସମ୍ପ୍ରସାରଣ ଅଧିକାରୀ ଦିବ୍ୟଦର୍ଶିନୀ ସା, ମତ୍ସ୍ୟ ବିଭାଗ ଅଧିକାରୀ ପୃଥ୍ୱୀରାଜ ବିଶ୍ୱାଳ, ଉଦ୍ୟାନ କୃଷି ବିଭାଗର ମଞ୍ଜୁ ସେଠ, ସିଡିଏସ୍ ସୁପରଭାଇଜର ଯଶୋଦା ପଟେଲ, ବୀରକାଲଡିହି ହାଇସ୍କୁଲର ପ୍ରଧାନଶିକ୍ଷକ କଳାଚାନ୍ଦ ପଟେଲ, ବାଲିଶଙ୍କରା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପଟେଲ, ଗଣିତ ଶିକ୍ଷକ ସୁରଜ ପଟେଲ ଯୋଗଦେଇ ନିଜ ନିଜ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ବିଭାଗ ଶିକ୍ଷକ ତଥା ଶିକ୍ଷକ ସଂଘର ସାଧାରଣ ସଂପାଦକ ଶେଷଦେବ ନନ୍ଦ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ପଟେଲ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ସହକାରୀ ଶିକ୍ଷକ ସୁମନ୍ତ ନାଏକ, ଯଶୋବନ୍ତି କାଲୋ, ପାଉଲିନ କିସପଟ୍ଟା, ପ୍ରିୟଦର୍ଶିନୀ ଖାଖା ଏବଂ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ନୃତ୍ୟ, ବକ୍ତୃତା, ଚିତ୍ରାଙ୍କନ, ମ୍ୟୁଜିକାଲ ଚେୟାର ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।

# ରାଏଡିହି ଆଶ୍ରମ ସ୍କୁଲରେ ଅଭିଭାବକ ବୈଠକ

**ବଡ଼ଗାଁ,୧୭।୯(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ରାଏଡିହି ଗ୍ରାମ ନିକଟ ଚେମଠାପଡାସ୍ଥିତ ସରକାରୀ ଆଶ୍ରମ ସ୍କୁଲରେ ଶନିବାର ଅଭିଭାବକ ତଥା ସହଭାଗୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ତହସିଲଦାର ସରୋଜ କୁମାର ପୃଷେଟ, ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦିଲୀପ କୁମାର ମାଝି, ସିଡିପିଓ ସୁଜାତା ବେକଙ୍କ ସହିତ ଫରେଷ୍ଟର, କୃଷି ଅଧିକାରୀ, ସହକାରୀ ମତ୍ସ୍ୟ ଅଧିକାରୀ, ରାଏଡିହି ସବ୍‌ସେଣ୍ଟର୍‌ର ସିଏଚ୍‌ଓ, ଟିକିଲିପଡା ସିଆର୍‌ସିସି ଅତିଥିଭାବେ ଯୋଗଦେଇଥିଲେ। ଅଭିଭାବକମାନେ ସହଭାଗୀ ରୂପରେ କାର୍ଯ୍ୟ କଲେ ସେମାନଙ୍କ ପୁଅ ଝିଅଙ୍କ ସାମଗ୍ରିକ ବିକାଶ ହୋଇପାରିବ ବୋଲି ଜିଲା ପରିଷଦ ସଭ୍ୟ ପ୍ରଧାନ କହିଥିଲେ। ବ୍ଲକ ଅଧ୍ୟକ୍ଷା ସୋରେଙ୍ଗ କହିଥିଲେ, ଆମେ ଆମ ପୁଅ ଝିଅଙ୍କ ସମସ୍ତ ଅଧିକାର ବିଷୟରେ ଜାଣିଲେ ଯାଇ ଆମେ ଜାଣିବା ଆମର ଜିଣିବା ସାର୍ଥକ ହେବ। ତହସିଲଦାର ତଥା ବ୍ଲକ୍ ନୋଡାଲ ଅଫିସର୍ ସରୋଜ କୁମାର ପୃଷେଟ କହିଥିଲେ, ସମସ୍ତ ଅଭିଭାବକ ବିଦ୍ୟାଳୟକୁ ଆସି ପୁଅ ଝିଅଙ୍କ ଅସୁବିଧା କ'ଣ ଅଛି ବୁଝି ନିୟମିତ ତଦାରଖ କରିବାକୁ ପରାମର୍ଶ ଦେଇଥିଲେ। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦିଲୀପ କୁମାର ମାଝିଙ୍କ ସହିତ ଅଧିକାରୀମାନେ ସରକାରଙ୍କ ବିଭିନ୍ନ ଯୋଜନା, ଛାତ୍ରୀଛାତ୍ରଙ୍କ ପାଇଁ ସରକାର କରିଥିବା ବିଭିନ୍ନ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୋପାଳ ବେହେରା ବିବରଣୀ ପାଠ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଅମ୍ରିତା ସା ଧନ୍ୟବାଦ ଅର୍ପଣ କରିଥିଲେ। ଦୁଷ୍ମନ୍ତ ପଟେଲ, ତାରାବତୀ ମହାନନ୍ଦିଆ, ରଶ୍ମିତା ନାଏକ, ଭୂମିସୁତା ପ୍ରଧାନ, ସବିତା ସୋରେଙ୍ଗ, ରବୀନ୍ଦ୍ର ପଟେଲ, ଜୟନ୍ତ ପଟେଲ, ମାଘୁ କିଷାନ, ବିଳାସ ଚୌଧୁରୀ, ସୁନୀତା ଲାକ୍ରା, ଜରତା ପ୍ରଧାନଙ୍କ ସହିତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।



ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

# ରୁଙ୍ଗ୍‌ଟା ଲୌହଖଣି ପକ୍ଷରୁ ଫଳଗଛ ବଣ୍ଟନ

**ଟେନ୍‌ସା,୧୭।୯(ସମୀର କୁମାର ପାଢ଼ୀ)**

ସୁନ୍ଦରଗଡ଼ ଜିଲା କୋଇଡା ଖଣି ସେକ୍ଟର ଅନ୍ତର୍ଗତ ଓରାଘାଟ ଗ୍ରାମରେ ଥିବା ରୁଙ୍ଗ୍‌ଟା ଲୌହଖଣି ପକ୍ଷରୁ ନିକଟସ୍ଥ ଗ୍ରାମଗୁଡିକରେ ବିଭିନ୍ନ ପ୍ରକାର ଫଳଗଛ ବଣ୍ଟନ କରାଯାଇଛି। ପ୍ରତି ବର୍ଷ ପରି ଚଳିତବର୍ଷ ବନ ମହୋତ୍ସବ ଉପଲକ୍ଷେ ବିଭିନ୍ନ ଗ୍ରାମ ଯଥା ଓରାଘାଟ, ଗୋପିସାହି, ଯଡିପଦା ଗ୍ରାମରେ ପିଜୁଳି, ଆମ୍ବ, ଡାଳିମ୍ବ, ଲେମ୍ବୁ, କଦଳୀ, ଡାଳିମ୍ବ, ଲିଚୁ ଆଦି ଗଛ ବଣ୍ଟନ କରାଯାଇଥିଲା। ପ୍ରତି ଗ୍ରାମରେ ଗଛ କିପରି ଲଗାଯିବ, ତାହାର କିପରି ଯତ୍ନ ନିଆଯିବ ସେ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଓରାଘାଟ ଖଣି ପରିଚାଳକ ସୁବାସ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଓରାଘାଟ ଖଣିର ଡ. ପୃଥ୍ୱୀରାଜ ସାହୁ, ଅଞ୍ଜନ ଲେଙ୍କା, ଅଜୟ କୁମାର କର, ବସନ୍ତ କୁମାର ମହାପାତ୍ର, ସମୀର ରଞ୍ଜନ ଦାସ, ବିଦ୍ୟାଧର ସାହୁ, ଲିଟୁନ କୁମାର ପାତ୍ର ପ୍ରମୁଖ ଫଳଗଛ ବଣ୍ଟନରେ ସହଯୋଗ କରିଥିଲେ। ରୁଙ୍ଗ୍‌ଟା ଖଣିର ଏହିଭଳି କାର୍ଯ୍ୟକ୍ରମକୁ ଗ୍ରାମବାସୀ ପ୍ରଶଂସା କରିଥିଲେ।



ଗ୍ରାମବାସୀଙ୍କୁ ଫଳଗଛ ବଣ୍ଟନ କରାଯାଉଛି।

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଭାଜପାର ବିଭିନ୍ନ କାର୍ଯ୍ୟକ୍ରମ

**ସୁନ୍ଦରଗଡ,୧୭।୯(ଜୟନାରାୟଣ ମେଣ୍ଟୁଲି)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୪ତମ ଜନ୍ମ ଦିବସ ଅବସରରେ ଭାଜପା ସୁନ୍ଦରଗଡ଼ ସାଙ୍ଗଠନିକ ଜିଲା ପକ୍ଷରୁ ରବିବାର ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନଗର ମଣ୍ଡଳ ପକ୍ଷରୁ ସ୍ଥାନୀୟ ରାଜବାଟୀସ୍ଥିତ ସମଲେଇ ମନ୍ଦିରରେ ଏମ୍‌ପି ତଥା ସଂସଦୀୟ ପ୍ରତିରକ୍ଷା କମିଟି ଅଧ୍ୟକ୍ଷ ଜୁଏଲ ଓରାମ, ଜିଲା ସଭାପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଟକିଶୋର ମିଶ୍ର, ଅଜୟ ପଟେଲଙ୍କ ସହ ଦଳୀୟ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଦ୍ୱୀପ ପ୍ରଜ୍ୱଳନ କରି ମୋଦିଙ୍କ ଦୀର୍ଘାୟୁ ଜୀବନ କାମନା କରିଥିଲେ। ମା' ଭାରତୀର ନିରନ୍ତର ସେବା କରିବାରେ ଅସୀମ ଶକ୍ତି ପ୍ରଦାନ ପାଇଁ ପୂଜାର୍ଚ୍ଚନା କରିଥିଲେ। ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ଆହ୍ୱାନକ୍ରମେ ମୋଦିଙ୍କ ଜନ୍ମ ଦିବସକୁ ସମଗ୍ର ଦେଶରେ ଦଳ ସେବା ସପ୍ତାହ ରୂପେ ପାଳନ କରାଯାଉଛି। ଏହି ସେବା ସପ୍ତାହ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମୟ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଯଥା– ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ୱଚ୍ଛ ଭାରତ ଅଭିଯାନ, ସମସ୍ତ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ରବିବାର ସୁନ୍ଦରଗଡ଼ ମୁଖ୍ୟ ଡାକ୍ତରଖାନାଠାରେ ଏମ୍‌ପି ଓରାମ, ବିଧାୟିକା କୁସୁମ ଟେଟେ, ପୌରାଧ୍ୟକ୍ଷ ତନୟା ମିଶ୍ର, ଟାଙ୍ଗରପାଲି ବ୍ଲକ ଅଧ୍ୟକ୍ଷ ତପସ୍ୱିନୀ ମାଝିଙ୍କ ସହ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ରୋଗୀଙ୍କୁ ଫଳ ବଣ୍ଟନ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ବିଶ୍ୱକର୍ମା ପୂଜା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୮ ପ୍ରକାରର ବିଭିନ୍ନ ପାରମ୍ପରିକ ଶିଳ୍ପକାରଙ୍କ ପାଇଁ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ କିରେଇ ମଣ୍ଡଳ ଅନ୍ତର୍ଗତ ଭସ୍ମା ଗ୍ରାମଠାରେ ଆୟୋଜିତ ହୋଇଥିଲା। ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀରୁ ଆସିଥିବା ଶତାଧିକ ଶିଳ୍ପକାର ଏବଂ ଦଳୀୟ କାର୍ଯ୍ୟକର୍ତ୍ତା ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ଯଶବନ୍ତ ନାଏକ, ସୁଖଲାଲ ମୁଣ୍ଡା, ଜିଲା ଉପ ସଭାନେତ୍ରୀ ଆରତୀ ପଟେଲ, ସୁରେଶ ପଟେଲ, ଭେଷଜ ରଥ, ଦିନେଶ କର, ସୁନ୍ଦରଗଡ଼ ସଦର ବ୍ଲକ ଉପାଧ୍ୟକ୍ଷା ଚନ୍ଦ୍ରମା ମେହେର, ମୀନା ନାଏକ, ଅନୁପମା ଟୋପ୍ପୋ, ସୁଦାମ ହୋତା, ସିମେଶ୍ୱର ଲରିଆ, ୱାର୍ଡ଼ କାଉନସିଲର ରମେଶ ସୋରେଙ୍ଗ, ମିନତୀ ପୁରୋହିତ, ମମତା ଖାଲଖୋ, ଦୀପାଞ୍ଜଳୀ ନନ୍ଦ, ଭାରତୀ ପଟେଲ, ମନୋଜ ପୁରୋହିତ, ଉଦିତ ଖରସେଲ, ପ୍ରଦୀପ ଚୌଧୁରୀ,ସୁନୀଲ ପଟେଲ ରାଜକୁମାର କିଷାନ, ସଞ୍ଜୀବ ପଟେଲ, ଭୋଜମତି ପଟେଲ, ହରିହର ପଟେଲ, ଅଶୋକ ସାହୁ, ଶ୍ରୀକାନ୍ତ ଭଞ୍ଜ, ଲକ୍ଷ୍ମୀକାନ୍ତ ସାହୁଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲଥିଲେ।


ସଭାରେ ଏମ୍‌ପି ଓରାମ ଭାଷଣ ଦେଉଛନ୍ତି।

# ପୌରପରିଷଦ ପକ୍ଷରୁ ସ୍ୱଚ୍ଛତା ଦିବସ



ରାଲିରେ ସାମିଲ ହୋଇଥିବା ପୌର ଅଧିକାରୀ, ବିଭିନ୍ନ କାଉନସିଲର ଓ ଅନ୍ୟମାନେ।

**ରାଜଗାଙ୍ଗପୁର,୧୭।୯ (ଅଶୋକ ପାଣି):** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ପୌରପରିଷଦ ପକ୍ଷରୁ ରବିବାର ଭାରତୀୟ ସ୍ୱଚ୍ଛତା ସଂଘ ଦ୍ୱାରା ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପୌରପରିଷଦରୁ ଏକ ରାଲି ବାହାରିଥିଲା। ଏହାକୁ ପୌରାଧ୍ୟକ୍ଷ ମାଧୁରୀ ଲୁଗୁନ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରାଲିରେ ଉପନଗରପାଳ ମହମ୍ମଦ ଇରଫାନ, ପୌରଅଧିକାରୀ ଗୋବିନ୍ଦ ଡନସନା ତଥା ବିଭିନ୍ନ କାଉନସିଲର ଓ ସ୍ୱଚ୍ଛ ସାଥୀ ଯୋଗ ଦେଇଥିଲେ। ଏହି ରାଲି ସହର ପରିକ୍ରମା କରି ଜନସାଧାରଣଙ୍କ ମଧ୍ୟରେ ସ୍ୱଚ୍ଛତାର ବାର୍ତ୍ତା ପ୍ରଚାର କରିବା ସହ ସହରକୁ ସ୍ୱଚ୍ଛ ଓ ସବୁଜିମା କରିବା ପାଇଁ ଆହ୍ୱାନ ଦେଇଥିଲେ।

# ବିଶ୍ୱକର୍ମା ପୂଜାରେ ୫୬ ୟୁନିଟ୍ ରକ୍ତ ସଂଗ୍ରହ

**ବଡ଼ଗାଁ,୧୭।୯(ଅଶୋକ ଷଡ଼ଙ୍ଗୀ) :** ବିଶ୍ୱକର୍ମା ପୂଜା ଅବସରରେ ସୁନ୍ଦରଗଡ ଜିଲା ବଡ଼ଗାଁସ୍ଥିତ ଶିଳ୍ପ ତାଲିମ କେନ୍ଦ୍ରରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ପୂର୍ବାହ୍ନରେ ଥାନା ଅଧିକାରୀ ବନ୍ଦନା ପାତ୍ର, ବିଡିଓ କ୍ଷମାନିଧି ଭୋଇ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସୁନ୍ଦରଗଡ଼ ମୁଖ୍ୟ ଚିକିତ୍ସାଳୟର ରତ୍ନପ୍ରଭା ନାୟକଙ୍କ ସହିତ କର୍ମଚାରୀ ଓ ବଡ଼ଗାଁ ମେଡିକାଲ୍‌ର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଶିଳ୍ପ ତାଲିମ କେନ୍ଦ୍ରର କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ଶିଳ୍ପ ତାଲିମ କେନ୍ଦ୍ରର ଛାତ୍ରୀଛାତ୍ର ରକ୍ତଦାନ କରିଥିଲେ। ଶିବିରରେ ମୋଟ ୫୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଶିଳ୍ପ ତାଲିମ କେନ୍ଦ୍ରର ନିର୍ଦ୍ଦେଶକ ଡ. ଅରୁଣ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ୨୫ରୁ ଊର୍ଦ୍ଧ୍ୱ ଲୋକଙ୍କ କଂଗ୍ରେସରେ ଯୋଗଦାନ


ଉପସ୍ଥିତ କଂଗ୍ରେସ କର୍ମୀ ଓ ଅନ୍ୟମାନେ।

**ନୂଆଗାଁ,୧୭।୯(ବିଜୟ ତ୍ରିପାଠୀ)**

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ହାତିବାରୀଠାରେ କଂଗ୍ରେସର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲା କଂଗ୍ରେସ କମିଟି ସଭାପତି ଜନାର୍ଦ୍ଦନ ଦେହୁରୀ, ପିସିସି ସଦସ୍ୟ ସୁଶୀଲ କିଣ୍ଡୋ, ବିରମିତ୍ରପୁର ନଗର ସଭାପତି ସାହାଜିତ ଅହମ୍ମଦ, ବୀରମିତ୍ରପୁର ବିଧାନସଭା ସଂଯୋଜକ ବିକ୍ରମ ପଟ୍ଟନାୟକ, ଜୟ ଶଙ୍କର ନନ୍ଦ, ଚନ୍ଦନ ସାହୁ ପ୍ରମୁଖ ଯୋଗଦେଇ କଂଗ୍ରେସ ସଂଗଠନ ଆହୁରି ମଜବୁତ କରିବା ପାଇଁ ଆହ୍ୱାନ କରିଥିଲେ। ନୂଆଗାଁ ବ୍ଲକ ସଭାପତି ଅନିଲ ଏକ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅନ୍ୟ ଦଳରୁ ୨୫ରୁ ଊର୍ଦ୍ଧ୍ୱ ଲୋକ କଂଗ୍ରେସରେ ଯୋଗଦାନ କରିଥିଲେ। ଯୋଗଦାନ କରିଥିବା କାର୍ଯ୍ୟକର୍ତ୍ତାଙ୍କୁ ଦଳୀୟ ଉତ୍ତରୀୟ, ଟୋପି ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ କଂଗ୍ରେସ ପ୍ରେମୀ ଓ ଯୁବ ନେତା ଉପସ୍ଥିତ ଥିଲେ ।


ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକ ରାଣିବନ୍ଧ ସ୍ଥିତ ଏମ୍‌ସିସିରେ ବିଶ୍ୱକର୍ମା ପୂଜାରେ ଉପସ୍ଥିତ ପୌରାଧ୍ୟକ୍ଷ, ଉପନଗରପାଳ ଓ ଅନ୍ୟମାନେ।

## ସଂକ୍ଷେପରେ

### ଚଳନ୍ତା ଟ୍ରେନ୍‌ରୁ ଖସି ଯୁବତୀ ଗୁରୁତର

**କୁଚିଣ୍ଡା,୧୭।୯(ବିରଞ୍ଚି ଦର୍ଶୀ)**

ସମ୍ବଲପୁର ଜିଲା ବାମରା ରେଳ ଷ୍ଟେସନରେ ହାୱଡା ଜଗଦଲପୁର ସମଲେଶ୍ୱରୀ ଏକ୍ସପ୍ରେସ ଟ୍ରେନରୁ ଖସିପଡି ଜଣେ ଯୁବତୀ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବତୀ ଜଣକ ହେଲେ ବାମରା ହସ୍ପିଟାଲ ଛକର ଜ୍ୟୋତି ବାଇ ଠାକୁର(୨୨)। ଜ୍ୟୋତି ରବିବାର ସମ୍ବଲପୁର ଯିବାକୁ ବାହାରିଥିଲେ। ବାମରା ରେଳ ଷ୍ଟେସନରେ ଟିକଟ କାଟି ପ୍ଲାଟଫର୍ମକୁ ପହଞ୍ଚିବା ସମୟରେ ସମଲେଶ୍ୱରୀ ଏକ୍ସପ୍ରେସ ଟ୍ରେନଟି ଯାତ୍ରା ଆରମ୍ଭ କରିଦେଇଥିଲା। ଜ୍ୟୋତି ତରବର ହୋଇ ଗତିଶୀଳ ଟ୍ରେନରେ ଚଢିବା ପାଇଁ ଚେଷ୍ଟା କରି ରେଳ ଧାରଣାରେ ପଡିଯାଇଥିଲେ। ଟ୍ରେନ ଯାତ୍ରୀମାନେ ଚେନ ଟାଣି ଟ୍ରେନକୁ ଅଟକାଇଥିଲେ। ଘଟଣାସ୍ଥଳରୁ ଷ୍ଟେସନ ମାଷ୍ଟର ଓ ରେଳ ବିଭାଗ ଗାର୍ଡମାନେ ପହଞ୍ଚି ଆହତ ଯୁବତୀଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ପ୍ରଥମେ ବାମରା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସୁନ୍ଦରଗଡ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କର ଛାତି ଓ ଅଣ୍ଟାରେ ଆଘାତ ଲାଗିଛି। ସୂଚନାଯୋଗ୍ୟ ଯେ, ବିହାର ରାଜ୍ୟ ସିୱାନ ଜିଲା ନନ୍ଦମୁରା ଅଞ୍ଚଳର ଏହି ମହିଳାଙ୍କ ବର୍ଷେ ତଳେ ବାମରା ଅଞ୍ଚଳର ବିଜୁ ଠାକୁରଙ୍କ ସହ ବିବାହ ହୋଇଥିଲା। କୌଣସି କଥାକୁ ନେଇ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ଜ୍ୟୋତି ବାମରା ହସ୍ପିଟାଲ ଛକରେ ଏକ ଭଡ଼ା ଘରେ ରହୁଥିଲେ।

### ଭାଜପା ପକ୍ଷରୁ ରକ୍ତଦାନ ଶିବିର
#### ୨୦ ୟୁନିଟ ରକ୍ତ ସଂଗ୍ରହ

**ରେଢାଖୋଲ, ୧୭।୯ (ଅଚ୍ୟୁତାନନ୍ଦ ପୁରୋହିତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସ ପାଳନ ଅବସରରେ ରେଢାଖୋଲ ଭାଜପା ପକ୍ଷରୁ ଉପଖଣ୍ଡ ଚିକିତ୍ସାଳୟରେ ରବିବାର ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଜିଲା ପରିଷଦ ସଭ୍ୟ ଶରତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ, ମକରନ୍ଦ ମାଝି, ମୁକେଶ ପଟ୍ଟନାୟକ, ବିକ୍ରମ ସିଂଙ୍କ ସମେତ ୨୦ଜଣ କର୍ମକର୍ତ୍ତା ରକ୍ତଦାନ କରିଥିଲେ। ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ ଯୋଗଦେଇ ଉତ୍ସାହିତ କରିଥିଲେ। ରକ୍ତଭଣ୍ଡାର ଟେକ୍‌ନିସିଆନ ଇନ୍ଦ୍ରମଣି ବେହେରା, ମନୋରମା ଧଳ, ଯାମିନି ସାହୁ ଓ ତପସ୍ୱିନୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

### ସ୍କୋଟିଂ ୟୁନିୟନର ବୈଠକ

**ସମ୍ବଲପୁର,୧୭।୯(ବି.ଶଙ୍କର)**

ସମ୍ବଲପୁର ସହରର ଗୋବିନ୍ଦଟୋଲା ସ୍କୋଟିଂ ୟୁନିୟନର ଜରୁରୀ ବୈଠକ ରବିବାର ନିଜସ୍ୱ କ୍ଲବ ଗୃହରେ ଅନୁଷ୍ଠିତ ହୋଇଯାଇଛି। ୟୁନିୟନର ସଭାପତି ବିକାଶ ମିଶ୍ର ସଭାପତିତ୍ୱ କରିଥିଲେ। ସମ୍ବଲପୁର ମହାନଗର ନିଗମ କମିଶନର ବୈଦଭୂଷଣ, ଜେଇ ରବୀନ୍ଦ୍ରମଣି ସାହୁ, ୱାର୍ଡ ଅଫିସର ସ୍ମିତା ଗୁରୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାରେ ସ୍କୋଟିଂ ୟୁନିୟନର କ୍ଲବର ଉନ୍ନତିକରଣ ଓ ଡ୍ରାଇଭର କଲୋନୀ, ମାରୁତି ନଗର ରାସ୍ତା , ଡ୍ରେନ, ରାସ୍ତାରେ ଆଲୋକିକରଣ ଯେଭଳି କରାଯିବ ସେନେଇ ଆଲୋଚନା କରାଯାଇଥିଲା। ଏହି ସଭାରେ ସ୍କୋଟିଂ ୟୁନିୟନ କ୍ଲବର ସମସ୍ତ ସଭ୍ୟ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଫୁଲବତୀଙ୍କ ଅଫୁଟା ଭବିଷ୍ୟତ

- ପରିବାର ପାଇଁ ଅଧୁରା ରହିଲା ସ୍ୱପ୍ନ
- ଖଲି, ଦନା ଦେଉଛି ରୋଜଗାର

**ସମ୍ବଲପୁର,୧୭।୯(ଶୁଭାଶିଷ ପାଢ଼ୀ)**



ଫୁଲବତୀ ଲାକଡାଙ୍କ ସହ ଭଉଣୀ ପଦ୍ମିନୀ।

ପିଲା ଜନ୍ମ ହେଲେ ମା'ବାପା ନାମକରଣ କରନ୍ତି। ଭଗବାନ ଓ ଶୁଭସୂଚନା ଦେଉଥିବା ନାମ ରଖିଲେ ନାମକରଣ ଅନୁସାରେ କାର୍ଯ୍ୟରେ ସଫଳତା ମିଳିଥାଏ, ଜୀବନ ସୁଗମ ହୋଇଥାଏ ବୋଲି ଆଶା ରହିଥାଏ। ହେଲେ ନାମକରଣ ଅନୁସାରେ ଜୀବନରେ ଓଲଟା ହୋଇଥାଏ। ଏଭଳି ଅନେକ ଉଦାହରଣ ରହିଛି। ସେଥିମଧ୍ୟରୁ ଗୋଟିଏ ହେଉଛି ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ କଂସର ଗ୍ରାମର ଫୁଲବତୀଙ୍କ ଜୀବନ। ଏହି ଗ୍ରାମର ଫୁଲବତୀ ଲାକଡାଙ୍କ ନାମ ଫୁଲବତୀ ହେଲେ ମଧ୍ୟ ତାଙ୍କ ଭବିଷ୍ୟତ ଅଫୁଟା ହୋଇରହିଯାଇଛି। ପରିବାର ପାଇଁ ତାଙ୍କ ସ୍ୱପ୍ନ ସ୍ୱପ୍ନରେ ରହିଯାଇଛି। ପ୍ରଥମେ ବାପା ଚାଲିଯିବା ପରେ ପରିବାରର ଆର୍ଥିକ ଅନଟନ ଦୂର କରିବା ପାଇଁ ଶ୍ରମିକ ଭାବେ କାମ କରିବାକୁ ବାଧ୍ୟ ହୋଇଥିଲେ। ୫ ମାସ ପୂର୍ବରୁ ମାଆ ପୁଣି ଆରପାରିକି ଚାଲିଯାଇଛନ୍ତି। ଏବେ ସାନ ଭଉଣୀ ପଦ୍ମିନୀଙ୍କ ଦାୟିତ୍ୱ ମଧ୍ୟ ତାଙ୍କ ଉପରେ ପଡିଯାଇଛି। ମୁରବି ବିହିନ ପରିବାର ହୋଇଯିବାରୁ ଭଉଣୀ ଫୁଲବତୀଙ୍କୁ ସହଯୋଗ କରିବା ପାଇଁ ଛୋଟ ଭଉଣୀ ପଦ୍ମିନୀ ମଧ୍ୟ ପାଠପଢା ଛାଡି ଦେଇଛନ୍ତି। ଚଳିତବର୍ଷ ସେମାନେ କେନ୍ଦୁପତ୍ର ଶ୍ରମିକ ଭାବେ ପତ୍ରତୋଳି ଯାଇଥିଲେ। ଫୁଲବତୀ ଶ୍ରମିକଭାବେ କାମ କରିବାକୁ ଯାଉଥିବାବେଳେ ଅନ୍ୟ ସମୟରେ ଖଲିଦନା କିଛି ରୋଜଗାର ଦେଉଛି। ଝାଟିମାଟି କୁଡିଆ ଘରେ ଭଉଣୀଙ୍କ ଜୀବନ ବିତୁଛି। ବଡଭଉଣୀ ଅଧିକାଂଶ ସମୟରେ ଘର ବାହାରକୁ ରୋଜଗାର କରିବାକୁ ଯାଉଛନ୍ତି। ହେଲେ ପଦ୍ମିନୀ ଆଜି ମଧ୍ୟ ସହାୟତା ମିଳିଲେ ପାଠ ପଢିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ନ ହେଲେ ଅଷ୍ଟମଶ୍ରେଣୀ ପାଠ ପଢିବା ଅନୁସାରେ କୌଣସି ତାଲିମ ଦେଇ ରୋଜଗାର ଯୋଗାଇ ଦେବାକୁ କିମ୍ବା ଚାକିରୀ କରାଇଦେବାକୁ ସେ ଅନୁରୋଧ କରିଛନ୍ତି। ନିଜ ପରିବାର ସମ୍ପର୍କରେ ପଦ୍ମିନୀ କହିଛନ୍ତି ଯେ, ବଡ ଭଉଣୀ ଫୁଲବତୀଙ୍କ ପାଠ ପଢିବାକୁ ଇଚ୍ଛା ଥିଲା। ହେଲେ ପରିସ୍ଥିତି ଦିନ ମଜୁରିଆ ଭାବେ କାମ କରିବାକୁ ବାଧ୍ୟ କରିଥିଲା। ବାପାଙ୍କ ମୃତ୍ୟୁ ଓ ମାଆ ରୋଗାଗ୍ରସ୍ତ ହେବାରୁ ପରିବାର ପୋଷଣ ପାଇଁ ତାଙ୍କ ମୁଣ୍ଡରେ ବୋଝ ପଡିଗଲା। ସେ ଜଙ୍ଗଲରୁ କାଠପତ୍ର ସଂଗ୍ରହ କରି ଖଲିଦନା ତିଆରି କରି କିଛି ରୋଜଗାର ବାଟ ଆପଣେଇଥିଲେ। ୨ ବର୍ଷ ତଳେ ବାପା କିଶୋର ଲାକଡ଼ାଙ୍କ ମୃତ୍ୟୁ ଘଟିଥିଲା। ବାପାଙ୍କ ମୃତ୍ୟୁ ପରେ ମାଆ କରୁଣା ବି ଶଯ୍ୟାଶାୟୀ ହୋଇଗଲେ। ମାଆ ଟିବି ରୋଗରେ ପୀଡ଼ିତ ହୋଇ ଗତ ଜୁନରେ ମୃତ୍ୟୁବରଣ କରିଥିଲେ। ଏବେ ଦୁଇ ଭଉଣୀ ସମ୍ପୂର୍ଣ୍ଣ ନିରାଶ୍ରୟ ହୋଇପଡ଼ିଛନ୍ତି। ମାନେଶ୍ୱର ବଜାରରେ ସପ୍ତାହକ ଥରେ ଖଲିଦନା ବିକ୍ରି କରି ଯାହା ରୋଜଗାର ହେଉଛି ସେଥିରେ କଷ୍ଟରେ ଚଳୁଛନ୍ତି। ଅଷ୍ଟମ ଶ୍ରେଣୀ ଯାଏଁ ପାଠ ପଢ଼ିଛନ୍ତି। ଆଗକୁ ମଧ୍ୟ ପାଠ ପଢିବାକୁ ଆଗ୍ରହୀ। ହେଲେ ପରିବାରର ଆର୍ଥିକ ଅନଟନ ପାଇଁ ସମ୍ଭବ ହୋଇପାରୁନି। ପ୍ରଶାସନ କିମ୍ବା କେହି ବଦାନ୍ୟ ବ୍ୟକ୍ତି ଯଦି ଉଭୟଙ୍କ ଅବସ୍ଥା ପ୍ରତି ଦୃଷ୍ଟି ଦିଅନ୍ତେ ତେବେ ସେମାନଙ୍କ ଭବିଷ୍ୟତ ସୁଦୃଢ଼ ହୋଇପାରନ୍ତା ବୋଲି କହିଛନ୍ତି। ଝାଟିମାଟି କୁଡିଆଘରେ ଅସୁରକ୍ଷିତ ଭବେ ଦୁଇଭଉଣୀ ରହୁଛନ୍ତି। ପ୍ରାୟ ଏକ ସପ୍ତାହ ହେବ ଫୁଲବତୀ ଝାରସୁଗୁଡା ଜଣଙ୍କ ଘରକୁ ସହାୟିକା ଭାବେ କାମ କରିବାକୁ ଯାଇଥିବାବେଳେ ପଦ୍ମିନୀ ରାତିରେ ପଡୋଶୀ ସମ୍ପର୍କୀୟ ଘରେ ଆଶ୍ରୟ ନେଉଛନ୍ତି ବୋଲି କହିଛନ୍ତି।

## ପାନୀୟ ଜଳ ସଂରକ୍ଷଣ, କମ୍ପ୍ୟୁଟର ଶିକ୍ଷାଦାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ସମ୍ବଲପୁର,୧୭।୯(ବି.ଶଙ୍କର)**



ସମ୍ବଲପୁରଠାରେ ଆୟୋଜିତ ପାନୀୟ ଜଳ ସଂରକ୍ଷଣ ଓ କମ୍ପ୍ୟୁଟର ଶିକ୍ଷାଦାନ ଶୀର୍ଷକ ଯୁବ ପ୍ରଶିକ୍ଷଣ ଶିବିର।

ପାନୀୟ ଜଳ ସଂରକ୍ଷଣ ଓ କମ୍ପ୍ୟୁଟର ଶିକ୍ଷାଦାନ ଶୀର୍ଷକ ଯୁବ ପ୍ରଶିକ୍ଷଣ ଶିବିର ରବିବାର ସମ୍ବଲପୁର ପବ୍ଲିକ ଲାଇବ୍ରେରି ସଭାକକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ପ୍ରଶିକ୍ଷିକା ଭାବେ ଭିସୁଟର ସହକାରୀ ପ୍ରଫେସର ଡ. ଅଭିଲିପ୍ସା ମହାପାତ୍ର ଯୋଗଦେଇଥିଲେ। ପାନୀୟ ଜଳ ଏହାର ଉତ୍ସ, ବ୍ୟବହାର ତଥା ଭବିଷ୍ୟତ ସଙ୍କଟ ଉପରେ ଶିକ୍ଷାଦାନ କରିଥିଲେ। ଶୁଦ୍ଧ ପାନୀୟ ଜଳ ସେବନ ଓ ଜଳ ସଂରକ୍ଷଣ ଉପରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ମିଜୋରାମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆଇଜଲ ପ୍ରାକ୍ତନ ପ୍ରଫେସର ରବିନାରାୟଣ ମିଶ୍ର କମ୍ପ୍ୟୁଟର ଶିକ୍ଷା ଉପରେ ତାଙ୍କର ଶିକ୍ଷାଦାନ ଆରମ୍ଭ କରିଥିଲେ। କମ୍ପ୍ୟୁଟରର ଉଚିତ ବ୍ୟବହାର ଓ ବିଭିନ୍ନ ସଂକେତ ଉପରେ ବିଭିନ୍ନ ଉଦାହରଣ ଦେଇଥିଲେ। ଶିକ୍ଷାର୍ଥୀ କୁମାରୀ ଅଦୀତି ମିଶ୍ର ଓ ମନିଷ ଆଚାର୍ଯ୍ୟ କମ୍ପ୍ୟୁଟରରେ ତଥ୍ୟ ସଂଗ୍ରହ ଉପରେ ପ୍ରାକ୍ଟିକାଲ କରି ଦେଖେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ରାଜେନ୍ଦ୍ର କୁମାର ପଣ୍ଡା ସମଗ୍ର ବ୍ୟବସ୍ଥାକୁ ପରିଚାଳନା କରିଥିଲେ। ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ସଭ୍ୟ ସମ୍ପାଦକ ରଘୁନାଥ ମିଶ୍ର, ବରିଷ୍ଠ ଖବରଦାତା ଅର୍ଜୁନ ରଞ୍ଜନ ପଣ୍ଡା, ଡାକ୍ତର ଜୟଦେବ ମେହେର, ଗୋଲକ ବିହାରୀ ମିଶ୍ର, ଉଦିତ ଚନ୍ଦ୍ର ପାଟଯୋଶୀ, ଜିତେନ୍ଦ୍ରିୟ ପ୍ରଧାନ, ସୁବୋଧ କୁମାର ପାଣିଗ୍ରାହୀ ଓ ଗୋଲକ ବିହାରୀ ମିଶ୍ର ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅଭିନନ୍ଦନ ତ୍ରିପାଠୀ, ବିଜୟ କୁମାର ସାହୁ ଓ ସୁନନ୍ଦା ପ୍ରଧାନ ବୈଷୟିକ କାର୍ଯ୍ୟରେ ସହଯୋଗ କରିଥିଲେ। ପ୍ରଶିକ୍ଷଣ ଶିବିରରେ ମୋଟ ୯ଟି ହାଇସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

## କାର୍ ସହ ୪୪ କେଜି ଗଞ୍ଜେଇ ଜବତ, ୩ ଗିରଫ

**ସମ୍ବଲପୁର,୧୭।୯(ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଧନୁପାଲି ଛକରେ ୪୪ କେଜି ୩୦୦ ଗ୍ରାମ ଗଞ୍ଜେଇକୁ ଅବକାରୀ ବିଭାଗ ଜବତ କରିଛି। ଘଟଣାରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଉତ୍ତର ପ୍ରଦେଶର ସାଗିର ଅହମ୍ମଦ, ଦିଲଦର୍ ହସନ ଓ ବିହାରର ସୁରଜ କୁମାର ଯାଦବ। ତେବେ ଜବତ ଗଞ୍ଜେଇ ସହ କାର ମୂଲ୍ୟ ୯ ଲକ୍ଷ ୪୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସଦର ଓଆଇସି ଦିଲୀପ କୁମାର ଶତପଥୀ ସୂଚନା ଦେଇ କହିଛନ୍ତି ଯେ, ବାଲିଗୁଡ଼ାରୁ ବିହାର ରାଜ୍ୟକୁ ଏକ କାର ଯୋଗେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ସୂଚନା ମିଳିଥିଲା। ଏକ ଟିମ୍ ଧନୁପାଲି ଛକରେ ଚଢ଼ାଉ କରି ୩ ଅଭିଯୁକ୍ତଙ୍କୁ ଗିରଫ ସହ ୪୪ କେଜି ୩୦୦ ଗ୍ରାମ ଗଞ୍ଜେଇକୁ ଜବତ କରିଥିଲା।

## ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ଆରମ୍ଭ



ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ କାର୍ଯ୍ୟକ୍ରମରେ ଜନସାଧାରଣ।

**ସମ୍ବଲପୁର,୧୭।୯(ଶୁଭାଶିଷ ପାଢୀ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ମାଇକ୍ରୋ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ରେଳ ମନ୍ତ୍ରଣାଳୟ ସହଯୋଗରେ ପିଏମ୍ ବିଶ୍ୱକର୍ମା ଯୋଜନାର ଶୁଭାରମ୍ଭ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଜନାର ଆରମ୍ଭ କରିଥିଲେ। ବିଶ୍ୱବିଦ୍ୟାଳୟ ଉତ୍ସବରେ କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାରମନ୍ତ୍ରୀ ଜନ୍ ବାର୍ଲା ଅତିଥିଭାବେ ଯୋଗଦେଇଥିଲେ। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ରେଙ୍ଗାଲି ବିଧାୟକ ନାଉରୀ ନାୟକ ମଞ୍ଚାସୀନ ଥିଲେ। ସମ୍ବଲପୁର ରେଳମଣ୍ଡଳ ପ୍ରବନ୍ଧକ ଭିନୀତ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଡିଆରଏମ୍ ଆନନ୍ଦ ସିଂ ଅତିଥିଙ୍କ ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ବହୁ ସଂଖ୍ୟାରେ ହିତାଧିକାରୀ ଏବଂ ସ୍ଥାନୀୟ ଜନସାଧାରଣ, ସରକାରୀ କର୍ମଚାରୀ ଉପସ୍ଥିତ ରହିଥିଲେ।

**କାରିଗରଙ୍କୁ ସ୍ୱୀକୃତି, ପ୍ରୋତ୍ସାହିତ କରିବା ମୂଳ ଲକ୍ଷ୍ୟ**

ବିଶ୍ୱକର୍ମା ଯୋଜନାରେ କେନ୍ଦ୍ର ସରକାର ୧୩,୦୦୦ କୋଟି ଟଙ୍କା ଖର୍ଚ୍ଚ କରିବେ। ବାୟୋମେଟ୍ରିକ୍ ଆଧାରିତ ଶୁଳ୍କ ବିଶ୍ୱକର୍ମା ପୋର୍ଟାଲ ବ୍ୟବହାର କରି ସାଧାରଣ ସେବା କେନ୍ଦ୍ର ମାଧ୍ୟମରେ ମାଗଣାରେ ପଞ୍ଜୀକୃତ ହୋଇପାରିବେ। ସେମାନଙ୍କୁ ବିଶ୍ୱକର୍ମା ସାର୍ଟିଫିକେଟ୍ ଏବଂ ଆଇଡି କାର୍ଡ ମଧ୍ୟ ଦିଆଯିବ। ଏହି ଯୋଜନା ପାରମ୍ପାରିକ କାରିଗର ପରିବାର ଭିତ୍ତିକ ଅଭ୍ୟାସକୁ ଆଗେଇ ନେବାକୁ ଲକ୍ଷ୍ୟ ରଖାଯାଇଛି। ଗୁଣବତ୍ତା ବୃଦ୍ଧି କରିବା ସହିତ କାରିଗର ଏବଂ କାରିଗରମାନଙ୍କ ଉତ୍ପାଦ ଏବଂ ସେବାରେ ପହଞ୍ଚି ପାରିବା ଏବଂ ଏହା ଘରୋଇ ଏବଂ ବିଶ୍ୱସ୍ତରୀୟ ମୂଲ୍ୟ ଶୃଙ୍ଖଳା ସହିତ ଏକୀଭୂତ ହେବା ନିଶ୍ଚିତ କରିବ। ଏହି ଯୋଜନା ସମଗ୍ର ଭାରତରେ ସହର ଓ ଗ୍ରାମାଞ୍ଚଳର କାରିଗରମାନଙ୍କୁ ସହାୟତା ଯୋଗାଇବ ବୋଲି ମଞ୍ଚାସୀନ ଅତିଥିମାନେ କହିଥିଲେ।

## କୁକୁଡ଼ାବାହାଲି ଗ୍ରାମରେ ଯୁବକଙ୍କୁ ଛୁରାମାଡ଼

**ରେଢାଖୋଲ,୧୭।୯ (ଅଚ୍ୟୁତାନନ୍ଦ ପୁରୋହିତ)**

ସମ୍ବଲପୁର ଜିଲା ରେଢାଖୋଲ ଥାନା ଅଦଫିନ କୁକୁଡାବାହାଲି ଗ୍ରାମରେ ରବିବାର ଅପରାହ୍ନ ସାଢେ ୪ଟା ବେଳେ ତୀର୍ଥବାସୀ ବିନ୍ଧାଣି ନାମକ ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଛି। ସେହି ଗ୍ରାମର ଗେଣ୍ଡା ଦେହୁରୀ ନାମକ ଜଣ ଯୁବକ ଛୁରାମାଡ କରିଛନ୍ତି। ଫଳରେ ତୀର୍ଥବାସୀ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ରେଢାଖୋଲ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯାଇଥିବାବେଳେ ଡାକ୍ତର ବୁର୍ଲା ଡାକ୍ତରଖାନାକୁ ନେବାକୁ ପରାମର୍ଶ ଦେଇଛନ୍ତି। ଏ ନେଇ ରେଢାଖୋଲ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ରେଢାଖୋଲ ଥାନାରେ ଆହତ ଯୁବକଙ୍କ ସ୍ତ୍ରୀ ରଜନୀ ବିନ୍ଧାଣି ଅଭିଯୋଗ କରିଛନ୍ତି ଯେ, ବିଭିନ୍ନ ସମୟରେ ଗେଣ୍ଡା ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହ ଦୁର୍ବ୍ୟବହାର କରିଆସୁଥିଲେ। ଏ ଘଟଣା ନେଇ ସ୍ୱାମୀ ତୀର୍ଥବାସୀଙ୍କୁ କହିଥିଲେ। ତୀର୍ଥବାସୀ ଏ ନେଇ ଗେଣ୍ଡାଙ୍କୁ ତାଗିଦ କରିଥିଲେ। ଏହି ରାଗ ରଖି ତୀର୍ଥବାସୀ ତାଙ୍କ କମାରଶାଳରେ କାମ କରୁଥିବାବେଳେ ଗେଣ୍ଡା ଏକ ଛୁରି ଧରି ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ତୀର୍ଥବାସୀଙ୍କ ଛାତିର ବାମପାଖରେ ଗୁରୁତର ଆଘାତ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରୁଥିବାବେଳେ ଅଭିଯୁକ୍ତ ଗେଣ୍ଡା ଫେରାର ହୋଇଯାଇଛନ୍ତି।

## ସ୍ୱାଧୀନତା ସଂଗ୍ରାମୀଙ୍କ ଜୟନ୍ତୀ



ସାମ୍ବାଦିକ ଭବନଠାରେ ସ୍ୱାଧୀନତା ସଂଗ୍ରାମୀ ପେରିୟରଙ୍କ ଜୟନ୍ତୀ ସଭାରେ ଅତିଥି।

**ସମ୍ବଲପୁର,୧୭।୯(ବି.ଶଙ୍କର)**

ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ପେରିୟର ରାମାସ୍ୱାମୀଙ୍କ ୧୪୪ ତମ ଜୟନ୍ତୀ ରବିବାର ସମ୍ବଲପୁର ସାମ୍ବାଦିକ ଭବନଠାରେ ପାଳିତ ହୋଇଯାଇଛି। ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ଅଧ୍ୟକ୍ଷ ନିହାଲ ସିଂ ଅଧ୍ୟକ୍ଷତା କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏସ୍‌ଟି/ଏସ୍‌ସି କର୍ମଚାରୀ ସଂଘର ଉପସଭାପତି ତଥା ସଙ୍ଗୀତକାର ଶିବଶଙ୍କର ପଧାନ ମୁଖ୍ୟଅତିଥି, ଜିଲା ଆଦିବାସୀ ନେତା ସୁରବାବୁ ମୁଣ୍ଡା ମୁଖ୍ୟବକ୍ତା, ରିଜୱାନ ଅହମ୍ମଦ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଦେଶ ସ୍ୱାଧୀନତା ସଂଗ୍ରାମରେ ପେରିୟରଙ୍କ ଅବଦାନ ବିଷୟରେ ଆଲୋଚନା କରିଥିଲେ। ସମାଜ ସୁଧାର କ୍ଷେତ୍ରରେ ଜାତୀୟ ସ୍ତରରେ ସେ କାର୍ଯ୍ୟ କରିଥିଲେ। ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ଜିଲା ଆବାହକ ଆଶିଷ ମହାନନ୍ଦ, ରୋହିଦାସ ସମାଜ ସମ୍ବଲପୁର ସଭାପତି ଦିଲୀପ ମେହେର, ପରିଷଦର ଉପମହାସଚିବ ଶେଖ ଇନ୍ତିଖାପଙ୍କ, ସମ୍ବଲପୁର ଜିଲା ସମେତ ବିଭିନ୍ନ ଜିଲାରୁ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ସଭ୍ୟ ଉପସ୍ଥିତ ଥିଲେ। ଶେଷରେ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ମହାସଚିବ ମୋମିନା ଖାତୁନ ଧନ୍ୟବାଦ ଅର୍ପଣ କରିଥିଲେ ।

# ରଙ୍ଗତୂଳୀରେ ନୂଆଁଖାଇ କାର୍ଯ୍ୟକ୍ରମ

- ଭାଗନେଲେ ୩୦ଜଣ ଚିତ୍ରଶିଳ୍ପୀ
- କାନ୍‌ଭାସରେ ସଂସ୍କୃତି, ପରମ୍ପରା, ଐତିହ୍ୟର ଝଲକ

**ସମ୍ବଲପୁର,୧୭।୯(ବି.ଶଙ୍କର)**



ସମ୍ବଲପୁରସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରୀଠାରେ ଆୟୋଜିତ ରଙ୍ଗ ତୂଳୀରେ ନୂଆଁଖାଇ ଚିତ୍ରକଳା ଶିବିରରେ ଅଂଶଗ୍ରହଣକାରୀ।

ଓଡ଼ିଶା ଲଳିତ କଳା ଏକାଡ଼େମୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରଙ୍ଗତୂଳୀରେ ନୂଆଁଖାଇ ଶୀର୍ଷକ ସମସାମୟିକ ଚିତ୍ରଶିଳ୍ପୀ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇକୁ ଦୃଷ୍ଟିରେ ରଖି ସମ୍ବଲପୁରସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରୀଠାରେ ଶିବିର ହୋଇଥିଲା। ବରିଷ୍ଠ ଚିତ୍ରଶିଳ୍ପୀ ବୃନ୍ଦାବନ ମହାରଣା ମୁଖ୍ୟ ଅତିଥି ଓ ନୃସିଂହନାଥ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଶିଳ୍ପୀମାନଙ୍କ ତୂଳୀରେ କାନଭାସ ଉପରେ ସମ୍ବଲପୁର ଅଞ୍ଚଳର କଳା ସଂସ୍କୃତି ଜୀବନ୍ତ ରୂପ ନେଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଏକାଡ଼େମୀର ସଚିବ ପଞ୍ଚାନନ ସାମଲ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଚିତ୍ରଶିଳ୍ପୀ ମହେଶ କୁମାର ପାଣ୍ଡେ, ମନୋଜ କୁମାର ଚୌଧୁରୀ, ପରେଶ କୁମାର ପ୍ରଧାନ, ଯତୀନ କୁମାର ପାଢ଼ୀ, ସୁରଜିତ ରାଉତ, ରତନଲାଲ ଶର୍ମା, ଜଗନ୍ନାଥ ବେହେରା, ନମିତା ବଡ଼ପଣ୍ଡା, ଦେବେନ୍ଦ୍ର ସାହୁ, ସମୀର ମହାରଣା, ସନ୍ତୋଷ ପଟ୍ଟନାୟକ, ଶଶଧର ପତି, ଅନନା ବିଶ୍ୱକର୍ମା, ସୁଧାଂଶୁ ନାଏକ, ସୁଜାତା ବେହେରା, ବନ୍ଦନା ପଣ୍ଡା, ପ୍ରେମଚାନ୍ଦ ରାଉତ, ଶ୍ରଦ୍ଧା ସୁମନ ସାହୁ, ନମ୍ରତା ନାୟକ, ସଂସ୍କୃତିକା ପୁରୋହିତ, ସଞ୍ଜୟ କୁମାର ସାହୁ, ବି.ଆର ପ୍ରାଞ୍ଜଳୀ ରାଓ, ମୋନାଲିସା ଭଗତ, ରଞ୍ଜିତା ମିଶ୍ର, ସଞ୍ଜିବନୀ ପାଣିଗ୍ରାହୀ, ଯୁଗଳ କିଶୋର ବାରିକ, ଜିତେନ୍ଦ୍ରୀୟ ବେହେରା, ଆଶିଷ କୁମାର ମେହେର, ନୟନ ମଲ୍ଲିକ, ନୈତିକ ବାରିକ ପ୍ରମୁଖ ୩୦ ଜଣ ଯୁବ ଶିଳ୍ପୀ ଓ ବରିଷ୍ଠ ଶିଳ୍ପୀ ଏହି ଶିବିରରେ ଅଂଶଗ୍ରହଣ କରିଛନ୍ତି। ଶିଳ୍ପୀମାନେ କାନଭାସ ଉପରେ ନୂଆଁଖାଇ ପର୍ବ ଓ ସମ୍ବଲପୁର ଜିଲାର କଳା ସଂସ୍କୃତି ଉପରେ ଆଧାରିତ ଚିତ୍ରଗୁଡିକ ଅଙ୍କନ କରିଛନ୍ତି। ସୋମବାର ଏହି ଶିବିର ଶେଷ ହେବ। ଏହି ଶିବିରରେ ପ୍ରସ୍ତୁତ ହୋଇଥିବା ଚିତ୍ରକଳାଗୁଡ଼ିକର ଚଳିତ ମାସ ୧୯ ତାରିଖରେ ହେବାକୁ ଥିବା ପ୍ରଦର୍ଶନୀରେ ପ୍ରଦର୍ଶିତ ହେବ ହେବ ବୋଲି ସମ୍ବଲପୁର ଜିଲା ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବରାଳ ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରି କହିଛନ୍ତି।

## ଫଟୋରେ ଖବର



ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରବିବାର ବିଶ୍ୱକର୍ମା ପୂଜାରେ ଅଧିକାରୀ ଓ କର୍ମଚାରୀମାନେ।



ରବିବାର ସମ୍ବଲପୁର ବରେଇପାଲି ଶିଳ୍ପାଞ୍ଚଳସ୍ଥିତ ଧରିତ୍ରୀ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା।

## ସଂକ୍ଷେପରେ

### ୪୦ ବୋତଲ କଫସିରପ ଜବତ, ୨ଗିରଫ

ଖପ୍ରାଖୋଲ,୧୭।୯(ଅଭୟ ତ୍ରିପାଠୀ)

ବେଆଇନ କଫସିରପ କାରବାର ଅଭିଯୋଗରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ୪୦ ବୋତଲ କଫସିରପ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଧଣ୍ଡାମୁଣ୍ଡା ଗାଁର ଅମିତ ଓରଫ ରାଜ କୁମ୍ଭାର ଓ ବେଲପଡା ଥାନା ବେଲପଡ଼ାର ନରୋତ୍ତମ ପଟେଲ। ଖପ୍ରାଖୋଲ ଥାନା ପୋଲିସ ରବିବାର ସକାଳେ ଧଣ୍ଡାମୁଣ୍ଡା ଗାଁ ନିକଟରେ ପାଟ୍ରୋଲିଂ କଲାବେଳେ ଅମିତଙ୍କୁ ସନ୍ଦେହ କରି ତନଖି କରିବାରୁ ତାଙ୍କଠାରୁ ୧୫ ବୋତଲ କଫ ସିରପ ଜବତ କରାଯାଇଥିଲା। ତାଙ୍କୁ ପଚରାଉଚରା ବେଳେ ବେଲପଡ଼ାର ନରୋତ୍ତମଙ୍କ ନାମ ସାମନାକୁ ଆସିଥିଲା। ଟ୍ରାକ କରିବା ପରେ ନରୋତ୍ତମଙ୍କୁ ଏକ କାର ସହ ଧରା ଯାଇଥିଲା। ତାଙ୍କ ନିକଟରୁ ୨୫ ବୋତଲ କଫ ସିରପ ଜବତ କରାଯାଇଥିଲା। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା (୬୧/୨୩)ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି।

### ମହମ୍ମଦ ସାହେବ ରାଜ୍ୟ ଯୁବ କଂଗ୍ରେସର ପ୍ରବକ୍ତା

ଭବାନୀପାଟଣା,୧୭।୯
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ ରାଜ୍ୟ ଯୁବ କଂଗ୍ରେସର ପ୍ରବକ୍ତା (ମୁଖପାତ୍ର) ଭାବେ ମନୋନୀତ ହୋଇଛନ୍ତି। ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି ଶ୍ରୀନିବାସ ବି.ଭି.ଙ୍କ ଅନୁମୋଦନ କ୍ରମେ ରାଜ୍ୟ ଯୁବ କଂଗ୍ରେସର ୯ ଜଣଙ୍କୁ ପ୍ରବକ୍ତା ଭାବେ ମନୋନୀତ କରାଯାଇଛି। ଏଥିରେ ମହମ୍ମଦଙ୍କ ନାମ ସମସ୍ତଙ୍କ ଉପରେ ରହିଛି। ମହମ୍ମଦ ପୂର୍ବରୁ ରାଜ୍ୟ ଯୁବ କଂଗ୍ରେସର ଉପସଭାପତି ରହିଥିବା ବେଳେ ବଳିଷ୍ଠ ସଙ୍ଗଠକ ଓ ରାଜନୈତିକ କ୍ଷେତ୍ରରେ ଉଚ୍ଚ କୋଟୀର ଭାଷଣ ଯୋଗୁ ତାଙ୍କୁ ଏହି ନୂତନ ପଦବୀ ଦିଆଯାଇଥିବା ଜଣାପଡ଼ିଛି।



### ରାସ୍ତାକାମ ପାଇଁ ଫଳକ, ନିର୍ମାଣ ହେଉଛି ଗାର୍ଡୱାଲ



ଲୋଇସିଂହା,୧୭।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବାନିପାଲି ପଞ୍ଚାୟତ ବାନିପାଲି ସଦର ଗାଁରେ ଏକ ଉନ୍ନୟନ କାମ ସୂଚନା ଫଳକରେ ଭୁଲ ସୂଚନା ରହିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବାନିପାଲି ଗ୍ରାମରୁ ଖେଳପଡିଆ ରାସ୍ତା ଉନ୍ନତୀକରଣ ପାଇଁ ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଗ୍ରାମ ମୁଣ୍ଡର ଲୁହୁରାପଡାରେ ଗାର୍ଡୱାଲ କାମ କରାଯାଉଛି। ହେଲେ ସେଠାରେ ଲାଗି ଥିବା ସୂଚନା ଫଳକରେ ବାନିପାଲିରୁ ଫୁଟବଲ ପଡିଆକୁ ରାସ୍ତା ବୋଲି ଉଲ୍ଲେଖ କରାଯାଇଛି। ହେଲେ ରାସ୍ତା କାମ ନ କରି ଗାଡୱାଲ କରାଯାଉଥିବା ଗ୍ରାମବାସୀ କହିଛନ୍ତି। ସୂଚନା ଫଳକ ନିର୍ମାଣ ପାଇଁ ଅନୁଦାନ ରହିଛି। ହେଲେ ସେଠାରେ ଥିବା ଏକ ପୁରୁଣା ସୂଚନା ଫଳକ ସୂଚନା ଲିଭାଇ ରଙ୍ଗମାରି ସୂଚନା ଫଳକ ଲେଖାଯାଇଛି। ଏହାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରି ବିଧାୟକ ମୁକେଶ ମହାଲିଙ୍ଗ ଓ ବିଭାଗୀୟ ଯନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ପାଢ଼ିଙ୍କୁ ପଚାରିବାରୁ ରାସ୍ତା ଉନ୍ନତୀକରଣ ପାଇଁ ଟଙ୍କା ଆସିଥିଲେ ଗାର୍ଡୱାଲ ନିର୍ମାଣ କରି ହେବ ବୋଲି କହିଥିଲେ। ଦାୟିତ୍ୱରେ ଥିବା ଯନ୍ତ୍ରୀ ଯୁଧିଷ୍ଠିର ଦେହୁରୀ କହିଛନ୍ତି କାମ କରୁଥିବା ଠିକାଦାର ଫଳକରେ ଭୁଲ ସୂଚନା ଦେଇଛନ୍ତି। ଏହାକୁ ସଂଶୋଧନ କରି ଦିଆଯିବ ବୋଲି କହିଥିଲେ। ସୂଚନା ଫଳକରେ ଭୁଲ ଲେଖାଯାଇଛି ନା ଠିକାଦାର ଲାଭ ପାଇବା ପାଇଁ ଗାର୍ଡୱାଲ କରୁଛନ୍ତି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ଦାବି ହେଉଛି।

# ନୂଆଁଖାଇ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

ବଲାଙ୍ଗୀର,୧୭।୯
(ବୀରେନ୍ଦ୍ର କୁମାର ଝାଙ୍କର)

ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ତିହାର ପାଇଁ ଘରେ ଘରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଆସନ୍ତା ୨୦ ତାରିଖ (ଋଷି ପଞ୍ଚମୀ) ଦିନ ତିହାର ପାଳନ କରାଯିବ। ଏଥିପାଇଁ ଗାଁ, ସହରରେ ଉତ୍ସାହ ଓ ଉଦ୍ଦୀପନା ପରିଲକ୍ଷିତ ହେଉଛି। ମହିଳାମାନେ ଘର ସଫେଇ କାମ ଆରମ୍ଭ କରିଦେଇଛନ୍ତି। ପାରମ୍ପରିକ ପୂଜା ଉପକରଣ, ବାସନକୁସନ ସଫେଇ କାମ ଆରମ୍ଭ ହୋଇଛି। ଗାଁ, ଘର ଇଷ୍ଟଦେବୀ କୋଠି ଚିତ୍ର, ରଙ୍ଗ କାମ ମଧ୍ୟ କରାଯାଉଛି। ସବୁଠି ନୂଆଁଖାଇର ନୂଆ ଉତ୍ସାହ ଦେଖାଯାଉଛି। ଦେଓଗାଁ ବ୍ଲକ୍ ପୁରୁଣାପାଣି ଗାଁରେ ଲୋକେ ନୂଆଁଖାଇ ପାଇଁ ସଜବାଜ ହୋଇସାରିଛନ୍ତି। ମହିଳାମାନେ ଘରଦ୍ୱାର ଧୋଇ ସଫା କରିବା ପରେ ପାରମ୍ପରିକ ମାଟିଘରେ ମାଟି ଲିପାପୋଛା କରିଛନ୍ତି। ଗାଁର ଆଦିବାସୀ ନେତା ମୟ ପ୍ରଧାନୀଙ୍କ ଘରେ ନୂଆଁଖାଇ ପ୍ରସ୍ତୁତି ଆରମ୍ଭ ହୋଇଛି। ମୟଙ୍କ ମାତା ବଛିଆ ପ୍ରଧାନୀଙ୍କ କହିବା ହେଲା ନୂଆଁଖାଇ ପାଇଁ ଘରେ ଉତ୍ସାହ ଦେଖାଦେଇଛି। ଘର ସଫେଇ ସରିଛି। ପରିବାର ସଦସ୍ୟମାନେ ବିଭିନ୍ନ କାମରେ ଲାଗିଛନ୍ତି। ସେମାନେ ଚାଷୀ ପରିବାର ହୋଇଥିବାରୁ ନୂଆଁଖାଇ ସେମାନଙ୍କ ପାଇଁ ବିଶେଷ ମହତ୍ୱ ରଖେ। ମୟଙ୍କ ସ୍ତ୍ରୀ ସତ୍ୟବତୀ କହିଛନ୍ତି ଯେ, ନୂଆଁଖାଇ ପାଇଁ ମାଟି ଲିପା କାମ ସରିଛି। ନୂଆ ଚୁରାକୁଣ୍ଡା ପ୍ରସ୍ତୁତି ପାଇଁ ମାଟି ହାଣ୍ଡି, ଅନ୍ୟାନ୍ୟ ସାମଗ୍ରୀ କିଣା ହୋଇସାରିଛି। ଘରର ସମସ୍ତ ମହିଳା ଓ ପୁରୁଷ ପ୍ରସ୍ତୁତି ପର୍ବରେ ଲାଗିଛନ୍ତି ବୋଲି କହିଛନ୍ତି। ଗାଁରେ ଅନ୍ୟ ପରିବାରରେ ମଧ୍ୟ ସମାନ ପ୍ରକାର ଉତ୍ସାହ ପରିଲକ୍ଷିତ ହୋଇଛି। ଚଳିତବର୍ଷ ଏଯାବତ୍ ଭଲ ବର୍ଷା ହୋଇଥିବାରୁ ଚାଷୀ ପରିବାର ଅଧିକ ଉତ୍ସାହିତ ହୋଇଛନ୍ତି। ଉତ୍ସବ ପାଳନର ମହତ୍ୱ ବଢ଼ିଯାଇଛି। ନୂଆଖାଇ ତିହାର ମୂଳତଃ କୃଷି ପର୍ବ ହୋଇଥିଲେ ମଧ୍ୟ ଏଥିରେ ସବୁ ପରିବାର ପାଳନ କରୁଥିବାରୁ ଘରେ ଘରେ ପ୍ରସ୍ତୁତି ଚାଲିଛି। ପରିବାର ଲୋକ ନୂଆଁଖାଇ ପାଇଁ ଘରକୁ ଫେରିବା ଆରମ୍ଭ କଲେଣି।



ପୁରୁଣାପାଣି ଗାଁରେ ନୂଆଁଖାଇ ପାଇଁ ମହିଳାମାନେ କାନ୍ଥ ଲିପା କାମରେ ଲାଗିଛନ୍ତି।

**ଦୁଇଦିନ ପରେ ଗଣପର୍ବ ନୂଆଁଖାଇ**

# କାଦୁଅ ରାସ୍ତାରେ ଅଙ୍ଗନୱାଡି କେନ୍ଦ୍ର ଯାଉଛନ୍ତି ଶିଶୁ



କର୍ଦ୍ଦମାକ୍ତ ରାସ୍ତାରେ ପାଣି ଜମି ରହିଛି।

ଲାଠୋର,୧୭।୯(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଶିବ ମନ୍ଦିର ପଡ଼ାରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର-୨କୁ କୁନି ଶିଶୁମାନେ କାଦୁଅ ରାସ୍ତା ଦେଇ ଯିବା ଆସିବା କରୁଛନ୍ତି। ପ୍ରାୟ ୨ଶହ ମିଟର କଚାରାସ୍ତାରେ ଟିକିଏ ବର୍ଷା ହେଲେ କାଦୁଅ ହୋଇଯାଉଛି। ଲଘୁଚାପ ଜନିତ ଲଗାଣ ବର୍ଷାରେ ରାସ୍ତାରେ ପାଣି ଜମିଥିବା ବେଳେ ଜଣେ ଠିକାଦାରଙ୍କ ଭାରିଜାନ ଗାଡ଼ି ଯିବା ଆସିବା କରୁଥିବାରୁ ସ୍ଥିତି ଆହୁରି ସଙ୍ଗୀନ ହୋଇଯାଇଛି। ଫଳରେ ଶିଶୁମାନେ କେନ୍ଦ୍ରକୁ ଗଲା ବେଳେ କାଦୁଅ ସରସର ହେଉଛନ୍ତି। ସହାୟିକା ପିଲାଙ୍କୁ ଧୋଇବା ପରେ ସେମାନେ କେନ୍ଦ୍ର ଭିତରକୁ ପ୍ରବେଶ କରୁଛନ୍ତି। ରାସ୍ତା ନିର୍ମାଣ ପାଇଁ ଲୋକେ ଦାବି କରି ଆସୁଥିଲେ ମଧ୍ୟ ସେଥିପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ। ଏନେଇ ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁଷାଲଙ୍କୁ ପଚାରିବାରେ ନବାନ୍ନ ପରେ ସେହି ରାସ୍ତାରେ ମୋରମ ପକାଯିବ। ପରବର୍ତ୍ତୀ ସମୟରେ କଂକ୍ରିଟକରଣ କରାଯିବ ବୋଲି କହିଛନ୍ତି। କେନ୍ଦ୍ରରେ ବର୍ତ୍ତମାନ ୩୦ଜଣ ପ୍ରି-ସ୍କୁଲ ଶିଶୁ ରହିଛନ୍ତି।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ



ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରୁଛନ୍ତି।

ବଲାଙ୍ଗୀର,୧୭।୯
(ବୀରେନ୍ଦ୍ର କୁମାର ଝାଙ୍କର)

**ଚନ୍ଦନଭାଟି, ମିର୍ଦ୍ଧାପାଲି ଅଞ୍ଚଳ ବୁଲିଲେ ନରସିଂହ**

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଚନ୍ଦନଭାଟି ଓ ମିର୍ଦ୍ଧାପାଲି ପଞ୍ଚାୟତରେ ରବିବାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଶୁଭ ଉଦଘାଟନ କରିଛନ୍ତି ବିଧାୟକ ନରସିଂହ ମିଶ୍ର। ଏହି ଅବସରରେ ଅନୁଷ୍ଠିତ ସଭା ଗୁଡିକରେ ସେ କହିଛନ୍ତି ଯେ ବିଗତ ୯ ବର୍ଷ ହେଲା କେବଳ ସହର ନୁହେଁ, ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶକୁ ସବୁବେଳେ ଗୁରୁତ୍ୱ ଦିଆଯାଇଛି। ଲୋକଙ୍କ ଦାବି ମୁତାବକ ଗ୍ରାମାଞ୍ଚଳର ସମସ୍ତ ବିକାଶମୂଳକ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରି ଆଗାମୀ ନିର୍ବାଚନ ପୂର୍ବରୁ ସମସ୍ତ କାମ ସମ୍ପୂର୍ଣ୍ଣ କରାଯିବ ବୋଲି ସେ କହିଥିଲେ। ପୂର୍ବାହ୍ନରେ ବିଧାୟକ ମିଶ୍ର ପ୍ରଥମେ ମିର୍ଦ୍ଧାପାଲି ପଞ୍ଚାୟତ ଅନ୍ତର୍ଗତ ତୁଲଣ୍ଡିଠାରେ ବିଧାୟକ ପାଣ୍ଠିରୁ ୭ ଲକ୍ଷ ଟଙ୍କାର ଏକ ରାସ୍ତାର ଶୁଭ ଉଦଘାଟନ କରିଥିଲେ। ପରେ ଗୁରାଣ୍ଡିପାଲିରୁ ମିର୍ଦ୍ଧାପାଲି ଛକ ପର୍ଯ୍ୟନ୍ତ ବିଧାୟକ ପାଣ୍ଠିରୁ ୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଗ୍ରାମ୍ୟ ରାସ୍ତା, ୩ ଲକ୍ଷ ଟଙ୍କାର ଏକ କଲଭର୍ଟ ଏବଂ ୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସିନ୍ଦୁରବାହାଲରୁ ମାଉଲିଗୁଡ଼ି ପର୍ଯ୍ୟନ୍ତ ଏକ ରାସ୍ତାର ଭିତ୍ତିପ୍ରସ୍ତର ପ୍ରଦାନ କରିଥିଲେ। ପରେ ସିନ୍ଦୁରବାହାଲଠାରେ ୫ ଲକ୍ଷ ଅନୁଦାନରେ ଜଗନ୍ନାଥ ମନ୍ଦିର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଠାରେ ଅନୁଷ୍ଠିତ ସଭାରେ ଲୋକଙ୍କ ଦାବି ମୁତାବକ ତଲିପଡ଼ାଠାରେ ଏକ ନଳକୂପ ଏବଂ ସିନ୍ଦୁରବାହାଲରୁ ବରକାନି ଛକ ରାସ୍ତାର ନିର୍ମାଣ ଶୀଘ୍ର ହେବ ବୋଲି ବିଧାୟକ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ। ମିର୍ଦ୍ଧାପାଲି ପଞ୍ଚାୟତ ଅନ୍ତର୍ଗତ ବରକାନିଠାରେ ନିଜ ବିଧାୟକ ପାଣ୍ଠିରୁ ପ୍ରଦତ୍ତ ଏକ ଗ୍ରାମ୍ୟ ମଣ୍ଡପର ବିଧାୟକ ମିଶ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ତା ସହ ବରକାନିରୁ ଟିକେମୁଣ୍ଡା ଯାଏ ଏକ ରାସ୍ତାର ଭିତ୍ତିପ୍ରସ୍ତର ବିଧାୟକ ମିଶ୍ରଙ୍କ କରକମଳରେ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ଯୋଶବନ୍ତୀ ବଘାର, ବିଜ୍ଞାନନ୍ଦ ମିଶ୍ର, ହରେକୃଷ୍ଣ ପଧାନ, ଦୀନବନ୍ଧୁ ପଟେଲ, ବିହାରୀ ପାଣ୍ଡେ, ମଟିନ ମହାକୁର, ସରପଞ୍ଚ ପିଙ୍କୁ ପଟେଲ, ପ୍ରୀତମ ପାଣିଗ୍ରାହୀ, ବିଜୁ ପାଣିଗ୍ରାହୀ, ସୁଶାନ୍ତ ପାଣିଗ୍ରାହୀ, ସମିତି ସଭ୍ୟା ସଙ୍ଗୀତା ପାଣିଗ୍ରାହୀ, ଶ୍ରୀପତି ପଧାନ, ଶ୍ରୀପତି ଦଣ୍ଡସେନା, ତ୍ରିଲୋଚନ ପୋଢ, ହିମାଂଶୁ ପାଣିଗ୍ରାହୀ, ଚିନ୍ମୟ ପାଣିଗ୍ରାହୀ ଉପସ୍ଥିତ ଥିଲେ।

## ଓବିସି ମଞ୍ଚ ପକ୍ଷରୁ ପେରିୟାର ଜୟନ୍ତୀ

ବଲାଙ୍ଗୀର, ୧୭।୯
(ବୀରେନ୍ଦ୍ର କୁମାର ଝାଙ୍କର)

ନବସେତୁ ପତ୍ରିକା ଆନୁକୂଲ୍ୟରେ ମହାନ କ୍ରାନ୍ତିକାରୀ ନେତା, ପଛୁଆ ବର୍ଗର ତ୍ରାଣକର୍ତ୍ତା ପେରିୟାର ଇ ଭି ରାମସ୍ୱାମୀ ନାୟକରଙ୍କ ୧୪୫ତମ ଜନ୍ମଦିନ ସ୍ଥାନୀୟ ରାଜେନ୍ଦ୍ରପଡା ସ୍ଥିତ ଜିଲା ଓବିସି ମଞ୍ଚ ସଭାଗୃହରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ରାଜ୍ୟ ଓବିସି ମଞ୍ଚ ସଭାପତି ଶଙ୍କର କୁମାର ପାତ୍ର ମୁଖ୍ୟଅତିଥି, ଜିଲା କୁଲତା ସମାଜ ସଭାପତି ବେଲାର ସିଂ ଭୋଇ ସମ୍ମାନିତ ଅତିଥି ଯୋଗଦାନ କରିଥିଲେ। ପତ୍ରିକାର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପେରିୟାରଙ୍କ ଜୀବନୀ, ଦର୍ଶନ ଉପରେ ଆଲୋଚନା କରାଯାଇଥିଲା। ଦକ୍ଷିଣ ଭାରତରେ ଅଣବ୍ରାହ୍ମଣ ବର୍ଗକୁ ଶିକ୍ଷା, ଚାକିରୀ ଓ ରାଜନୀତିରେ ସମାନୁପାତିକ ସଂରକ୍ଷଣ ଦେବାରେ ତାଙ୍କର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ବୋଲି ଆଲୋଚନମାନେ କହିଥିଲେ। ତାଙ୍କୁ ଫାଦର ଅଫ ଦ୍ରାବିଡିଏନ ମୁଭମେଣ୍ଟବୋଲି କୁହାଯାଏ। ଅନ୍ୟତମ ବକ୍ତା ଭାବେ ଟଙ୍କଧର ଗଡତ୍ୟା, ଅର୍ଜୁନ ମୁଗ୍ରୀ, ତରଣୀସେନ ଦୀପ, ଆନନ୍ଦ ପଧାନ, ଜିଲା ତୈଳିକ ବୈଶ୍ୟ ସମାଜର ସଭାପତି ଉମାକାନ୍ତ ସାହୁ, ସୁରେନ୍ଦ୍ର କୁମ୍ଭାର, ଉଦ୍ଧବ ବାରିକ, ରଘୁନାଥ ମୁଗ୍ରୀ, ଭୁବନ ନାଗ ପେରିୟାରଙ୍କ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସରୋଜ କୁମାର ମେଶ୍ରା ସଭା ସଂଯୋଜନା କରିଥିଲେ।

## ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା



ଖପ୍ରାଖୋଲ ବ୍ଲକ ସଦର ମହକୁମାରେ ଥିବା ପାନୀୟ ଜଳ ଯୋଗାଣ ବିଭାଗ ମଣ୍ଡପରେ ପଞ୍ଚ ବିଶ୍ୱକର୍ମା ମୂର୍ତ୍ତି।

ମୁରିବାହାଲ/ଖପ୍ରାଖୋଲ,୧୭।୯
(ଶ୍ରୀବତ୍ସ ବେହେରା/ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକର ବିଭିନ୍ନ ଅଞ୍ଚଳରେ ରବିବାର ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ବିଦ୍ୟୁତ୍ ବିଭାଗରେ ସମସ୍ତ କର୍ମଚାରୀ ନିକଟସ୍ଥ ଟୁନଟୁନି ମୁଣ୍ଡାରୁ ପୂର୍ଣ୍ଣ ଜଳକଳସ ପାଣି ଆଣିବା ପରେ ଅଧିବାସ କାର୍ଯ୍ୟ କରାଯାଇଥିଲା। ବିକ୍ରମ ପ୍ରସାଦ ଡାକୁଆ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜା କମିଟି ସଭାପତି ମହମ୍ମଦ ଜୁନେଦ୍, ଉପସଭାପତି ଚିନ୍ମୟ କୁମାର ସାହୁ, ସମ୍ପାଦକ ରୋହିତ ବେହେରା ଓ କୋଷାଧ୍ୟକ୍ଷ ସଞ୍ଜୟ କୁମାର ପରିଡା ଏହାର ନେତୃତ୍ୱ ନେଇଥିଲେ। ସେହିପରି ବ୍ଲକ ଡ୍ରାଇଭର ସଂଘ, ପାଣି ଜଳଯୋଗାଣ ଓ ପରିମଳ ବିଭାଗ, ବନ୍ଧୁପଲା ପଞ୍ଚାୟତ ସନ୍ଧିବାହାଲି ଗ୍ରାମ ରାଜମିସ୍ତ୍ରୀମାନେ ମଧ୍ୟ ବିଶ୍ୱକର୍ମା ପୂଜା ପାଳନ କରିଛନ୍ତି। ବିଭିନ୍ନ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା।

ଖପ୍ରାଖୋଲ ବ୍ଲକ ସଦର ମହକୁମାରେ ଥିବା ପାନୀୟ ଜଳ ଯୋଗାଣ ବିଭାଗର ପଞ୍ଚ ବିଶ୍ୱକର୍ମା ମୂର୍ତ୍ତି ବେଶ ଆକର୍ଷଣୀୟ ହୋଇଥିଲା। ପୂଜା ମଣ୍ଡପରେ କଳସ ସ୍ଥାପନ ପରେ ମୂର୍ତ୍ତି ଜୀବନ୍ୟାସ, ହୋମ କରାଯାଇଥିଲା। ରମାକାନ୍ତ ବିଶାଳ ପୂଜା କର୍ତ୍ତାଭାବେ କାର୍ଯ୍ୟନିର୍ବାହ କରିଥିଲେ। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଚିନ୍ମୟ କୁମାର ପ୍ରଧାନ, ଶ୍ୟାମ କୁମାର ପ୍ରମୁଖ ପୂଜାରେ ବସିଥିଲେ। ସେହିପରି ଏସଇଏମ, ପମ୍ପ ଚାଳକ ତଥା ଅତିଥିମାନେ ଉପସ୍ଥିତ ଥିଲେ। ବିଦ୍ୟୁତ୍ ବିଭାଗ ତରଫରୁ ବିଦ୍ୟୁତ୍ ଗ୍ରୀଡ, ଡ୍ରାଇଭର ସଂଘ ତରଫରୁ ଆର୍‌ଏମସି ଉପକେନ୍ଦ୍ରଠାରେ ସାମୂହିକ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଥିଲା।

# ଲାନ୍ଥନଦୀ ବ୍ରିଜ୍‌ରେ ମାଓବାଦୀ ବ୍ୟାନର

ଲାଠୋର,୧୭।୯(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଲାଠୋର ଲାନ୍ଥନଦୀ ବ୍ରିଜର ଉଭୟ ପାର୍ଶ୍ୱରେ ମାଓବାଦୀ ବ୍ୟାନର ଲଗାଇ ସେମାନଙ୍କ ଉପସ୍ଥିତି ଜାହିର କରିଛନ୍ତି। ରବିବାର ସକାଳେ ୨ଟି ବ୍ୟାନର ଲାଗିଥିବା ନଜରକୁ ଆସିଥିଲା। ହିନ୍ଦୀରେ ଲେଖାଥିବା ବ୍ୟାନରରେ ମାଓବାଦୀଙ୍କ ୨୦ତମ ସ୍ଥାପନା ଦିବସ ଆସନ୍ତା ୨୧ ସେପ୍ଟେମ୍ବରରେ ଗାଁଗାଁରେ ପାଳନ କରିବାକୁ ନିବେଦନ କରାଯାଇଛି। ସମାଜରେ ଶୋଷଣ, ଅନ୍ୟାୟ, ଅତ୍ୟାଚାର, ଉତ୍ପୀଡ଼ନ ଜାରି ରହିଥିବା ଯାଏ ମାଓବାଦୀ ପାର୍ଟି ଜୀବିତ ରହିଥିବ ଏବଂ ସଂଘର୍ଷର ନେତୃତ୍ୱ ନେଉଥିବ। ଏଣୁ ଶୋଷଣମୁକ୍ତ ନୂଆ ସମାଜ ଗଠନ ପାଇଁ କିଷାନ, ମଜଦୁର, ଛାତ୍ର, ଯୁବା, ବୁଦ୍ଧିଜୀବୀ, ଛୋଟ ବ୍ୟବସାୟୀ, ମଧ୍ୟମ ବର୍ଗ, ମୁସଲମାନ, ଇଶାଇ, ବୌଦ୍ଧ ଜୈନ, ଦଳିତ, ଆଦିବାସୀ ସମସ୍ତେ ଏକତ୍ରିତ ହୋଇ ନବଜନବାଦୀ କ୍ରାନ୍ତିରେ ସାମିଲ ହୁଅନ୍ତୁ। ବ୍ୟାନରେ ମୋଦୀ ଦେଶର ନୁହେଁ, ବିଦେଶ ସାମ୍ରାଜ୍ୟବାଦୀ ପୁଞ୍ଜିପତିଙ୍କ ସେବକ ବୋଲି ଲେଖାଯାଇଛି। ଧଳାସାହିରେ ଲାଲରଙ୍ଗ ବ୍ୟାନର ତଳେ ଭାରତକି କମ୍ୟୁନିଷ୍ଟ ପାର୍ଟି ମାଓବାଦୀ ବିବିଏମ ଡ଼ିଭିଜନ କମିଟି ଲେଖା ରହିଛି। ଏନେଇ ଲାଠୋର ଥାନା ଅଧିକାରୀ ଝସକେତନ ଭୋଇଙ୍କୁ ପଚାରିବାରେ ଆମ ପାଖରେ କୌଣସି ଖବର ନାହିଁ ବୋଲି କହିଥିଲେ।



ଲାନ୍ଥନଦୀ ବ୍ରିଜରେ ଲାଗିଥିବା ବ୍ୟାନର।

# ଦୁଇ ସ୍ଥାନରେ ଭାଜପା ପାଳିଲା ମୋଦିଙ୍କ ଜନ୍ମଦିନ



ବୈଠକରେ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ନବୀନ ଜୈନ ଓ ଅନ୍ୟମାନେ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ସଭାରେ ଏମ୍‌ପି ସଙ୍ଗୀତା ସିଂଦେଓ ଓ ଅନ୍ୟ ଭାଜପା ନେତା।

ଟିଟିଲାଗଡ଼ ୧୭।୯(ଶରତ ମିଶ୍ର )

**ବିଶ୍ୱକର୍ମା ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମ ବି ଅଲଗା କଲେ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରବିବାର ଜନ୍ମଦିନ ଦିନ ଥିଲା। ଏହି ଅବସରରେ ଟିଟିଲାଗଡ଼ ଭାଜପାର ଗୋଷ୍ଠୀକନ୍ଦଳ ପଦାରେ ପଡିଛି। ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂଦେଓ ଏବଂ ଟିଟିଲାଗଡ ପୌରାଧ୍ୟକ୍ଷା ମମତା ଜୈନ ନିଜ ସମର୍ଥକଙ୍କ ସହ ଭିନ୍ନ ଭିନ୍ନ ସ୍ଥାନରେ ମୋଦିଙ୍କ ଜନ୍ମ ଦିନ ପାଳନ କରିଛନ୍ତି। ଏହିଦିନ ମୋଦି ଦେଶରେ ନୂତନ ବିଶ୍ୱକର୍ମା ଯୋଜନାର ଶୁଭାରମ୍ଭ କରିଥିଲେ। ଏ ନେଇ ଟିଟିଲାଗଡ଼ଠାରେ ନୂତନ ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟନ ପରେ ଅନୁଷ୍ଠିତ ସଭାରେ ଏମ୍‌ପି ସିଂଦେଓ ମୋଦିଙ୍କ ନୂତନ ଯୋଜନା ସମ୍ପର୍କରେ ଅବଗତ କରିଥିଲେ। ଏହି ଯୋଜନାରେ ବିଶେଷ କରି ଦେଶର ଓବିସି ବର୍ଗର କାରିଗର ଉପକୃତ ହେବେ। ପ୍ରତ୍ୟେକ କାରିଗରଙ୍କୁ ଉପକରଣ କ୍ରୟ ପାଇଁ ୧୫ ହଜାର ଟଙ୍କା ସହ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣାରେ ଋଣ ପ୍ରଦାନ କରାଯିବ ବୋଲି ଏମ୍‌ପି କହିଥିଲେ। ଜିଲା ଓବିସି ମୋର୍ଚ୍ଚା ସଭାପତି ଲକ୍ଷ୍ମଣ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଓବିସି ରାଜ୍ୟ ଶାଖା ଉପସଭାପତି ଦିଲୀପ ଖରସେଲ, ଦଳର ଜିଲା ସଭାପତି ଶିବାଜୀ ମହାନ୍ତି, ନଗର ସଭାପତି ପ୍ରଶାନ୍ତ ଷଡ଼ଙ୍ଗୀ, ନଗର ଏମ୍‌ପି ପ୍ରତିନିଧି ଆଲୋକ ନାୟକ, ଜିଲା ଆଇଟି ସେଲ ସଂଯୋଜକ ଜ୍ୟୋସ୍ନା ଶର୍ମା, ରାଜ୍ୟ ଭାଜପା ଯୁବ ନଗର ଉପସଭାପତି ଲିଙ୍ଗରାଜ ନାୟକ, ସଞ୍ଜୀବ ବେହେରା, ନଗର ଏସ୍‌ଟି ମୋର୍ଚ୍ଚା ଅଶୋକ ଭୋଇ, ମନୋଜ ନାୟକ, ଚୁଳଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ପରେ ଉପସ୍ଥିତ କର୍ମକର୍ତ୍ତା ଟିଭି ଜରିଆରେ ସିଧାସଳଖ ମୋଦିଙ୍କ ଉଦ୍‌ବୋଧନ ଶୁଣିଥିଲେ।

ଅନ୍ୟପକ୍ଷରେ ଏମ୍‌ପିଙ୍କ ସଭାସ୍ଥଳର ଅନତି ଦୂରରେ ଦଳର ଜିଲା କାର୍ଯ୍ୟକାରିଣୀ ସଦସ୍ୟ ନବୀନ ଜୈନଙ୍କ ନେତୃତ୍ୱରେ ମୋଦିଙ୍କ କାର୍ଯ୍ୟକ୍ରମ ପାଇଁ ସ୍ୱତନ୍ତ୍ର ସଭା ଆୟୋଜନ କରିବା ଚର୍ଚ୍ଚାର ବିଷୟ ହୋଇଛି। ଏହି ସଭାରେ ପୋରାଧ୍ୟକ୍ଷା ମମତା ଜୈନ, ମନୋଜ ଜୈନ, ସରୋଜା ଥନାପତି, ଯଶୋଦା ବଗର୍ତ୍ତି, ସୁନିତା ନାଗ, ସଞ୍ଜୟ ତ୍ରିପାଠୀ, କାଳିଆ ସାହୁ, ବିରଞ୍ଚି ସାହୁ, ବରୁଣ ବଗର୍ତି, କେଶବ ଜାନି, ଜନକ କୁମ୍ଭାର, ଜନକ କୁମ୍ଭାର, ସଙ୍ଗୀତା କୁମ୍ଭାର, ଜଗୁ ଖରସେଲ, ଲବଣି ବଗର୍ତ୍ତି, ପୁରୁଷୋତ୍ତମ ବେହେରା, କ୍ଷୀର ବେହେରା, ମାନିନୀ ବଗର୍ତ୍ତି, ପୁରୁନ ବାଗ, ଜଗୁ ଖରସେଲ ପ୍ରମୁଖ ଉପସ୍ଥିତ ଥିଲେ। ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀରେ ଦଳ ମଧ୍ୟରେ ଏପରି ଟଣାଓଟରା ଆଗାମୀ ଦିନରେ ପ୍ରଭାବ ପକାଇବ ବୋଲି ଆଲୋଚନା ହେଉଛି। ଏ ନେଇ ଟିଟିଲାଗଡ ନଗର ଭାଜପା ସଭାପତି ପ୍ରଶାନ୍ତ ଷଡଙ୍ଗୀଙ୍କୁ ପଚାରିବାରୁ ଏମ୍‌ପିଙ୍କ କାର୍ଯ୍ୟକ୍ରମକୁ ଭଣ୍ଡୁର କରିବା ପାଇଁ ପୌରାଧ୍ୟକ୍ଷା ଓ ଦଳର ଜିଲା କାର୍ଯ୍ୟକାରିଣୀ ସଦସ୍ୟ ନବୀନ ଜୈନ ଉଦ୍ୟମ କରିଛନ୍ତି। ଏହା ଦଳୀୟ ଶୃଙ୍ଖଳାକୁ ଭଙ୍ଗ କରୁଛି। ଆଗାମୀ ଦିନରେ ଦଳ ଏ ନେଇ ଉଚିତ ପଦକ୍ଷେପ ନେବ ବୋଲି ସେ କହିଥିଲେ। ଏ ସମ୍ପର୍କରେ ପୌରାଧ୍ୟକ୍ଷା କିମ୍ବା କାର୍ଯ୍ୟକାରିଣୀ ସଦସ୍ୟ ଜୈନଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ବରଗଡ଼ର ବିଭିନ୍ନ ସ୍ଥାନରେ ପୂଜିତ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପ୍ରତିମୂର୍ତ୍ତି


ବରଗଡ଼ ଗୋଶାଳା।


ଆର୍‌ଟିଓ ଅଫିସ ।


ଡିଏଫଓ ଅଫିସ ସମ୍ମୁଖ ବିଦ୍ୟୁତ କାର୍ଯ୍ୟାଳୟ ।


ଶକ୍ତି ନଗର ।


ଗାନ୍ଧୀ ଛକ ଗ୍ରାଫିକ୍ ପୋଷ୍ଟ ।


ବରଗଡ଼ ଜିଲା କଣ୍ଟ୍ରାକ୍ଟର୍ସ ଆସୋସିଏଶନ (କେନାଲ ଆଭେନ୍ୟୁ) ।

## ପଦ୍ମପୁରରେ ବିଶ୍ୱକର୍ମା ପୂଜା

ପଦ୍ମପୁର,୧୭।୯(ପ୍ରଦୀପ୍ତ ଦାଶ)

ପଦ୍ମପୁର ସହର ସମେତ ଗ୍ରାମାଞ୍ଚଳରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ଏହି କ୍ରମରେ ପଦ୍ମପୁର ଏନଏସି, କ୍ଷୁଦ୍ର ଜଳସେଚନ ବିଭାଗ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଗ୍ରାମ୍ୟ ଓ ସହର ଜଳଯୋଗାଣ ବିଭାଗ, ଟାଟା ପାୱାର, ବୋଡାସମ୍ବର ଠିକାଦାର ସଂଘ, ମୋଟର ଚାଳକ ସଂଘ, ଅଟୋ ରିକ୍ସା ଚାଳକ ସଂଘ, ପଦ୍ମପୁର ସରକାରୀ ବସ୍‌ଷ୍ଟାଣ୍ଡରେ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୋଇଥିଲା। ଅନେକ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ସହିତ ଶ୍ରଦ୍ଧାଳୁମାନଙ୍କ ପାଇଁ ଅନ୍ନଭୋଗ ବ୍ୟବସ୍ଥା କରାଯାଇଥିଲା।

## ଜିଲା ଗଠନ ଦାବି ବୈଠକ

**ପଦ୍ମପୁର,୧୭।୯(ପ୍ରଦୀପ୍ତ ଦାଶ):** ପଦ୍ମପୁର ଟାଉନହଲରେ ମନୋରଞ୍ଜନ ସିଂ ବରିହାଙ୍କ ସଭାପତିତ୍ୱରେ ରବିବାର ଏକ ବୈଠକ ଅନୁଷ୍ଠିତ ଯାଇଛି। ଆସନ୍ତା ୨୪ ତାରିଖରେ ପଦ୍ମପୁର ଉପଖଣ୍ଡର ସମସ୍ତ ଜନସାଧାରଣ ଓ ଅନୁଷ୍ଠାନକୁ ନେଇ ଜିଲା ଗଠନ ଅଗ୍ରଗତି ସମ୍ବନ୍ଧରେ ବୈଠକ ହେବା ପାଇଁ ପ୍ରସ୍ତାବ ନିଆଯାଇଥିଲା। ଏଥିରେ ଏକ କାର୍ଯ୍ୟକାରୀ କମିଟି କରାଯିବା ପାଇଁ ଘୋଷଣା ହୋଇଥିଲା। ମିଳିତ କ୍ରିୟାନୁଷ୍ଠାନ କମିଟି ଆବାହକ ଅଜିତ ଶତପଥୀଙ୍କ ନେତୃତ୍ୱରେ ବୈଠକ କରାଯିବା ପାଇଁ ନିଷ୍ପତ୍ତି ହୋଇଛି।

# ଅଢ଼ିଆ ମିଳିଲା, ଅସହାୟଙ୍କ ମୁହଁରେ ହସ ଫୁଟିଲା


ଅସହାୟ ଲୋକେ ନୂଆଁଖାଇ ଅଢ଼ିଆ ଗ୍ରହଣ କରିଛନ୍ତି ।


ନୂଆଁଖାଇ ଯୋଚ୍‌ଯାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

ବରଗଡ଼,୧୭।୯(ପ୍ରେମାନନ୍ଦ ଖମାରୀ)

### ଦୁଇଦିନ ପରେ ନୂଆଁଖାଇ

ଆଉ ମାତ୍ର ଦୁଇଦିନ ପରେ ନୂଆଁଖାଇ। ଆସନ୍ତା ବୁଧବାର ପଶ୍ଚିମ ଓଡ଼ିଶାର ଘରେ ଘରେ ଏହି କୃଷିଭିତ୍ତିକ ଗଣପର୍ବ ପାଳନ କରାଯିବ। ଏଥିପାଇଁ ସବୁଠି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଭଳି ଏକ ମହାନ ଗଣପର୍ବରୁ ଯେଭଳି ବାସହୀନ, ଅସହାୟ ଲୋକେ ବାଦ୍ ପଡ଼ିବେ ନାହିଁ, ସେଥିପାଇଁ ବରଗଡ଼ ସମ୍ବିଧାନ ସୁରକ୍ଷା ମଞ୍ଚ ଏବଂ ପାୱାର ଅଫ୍ ଦିବ୍ୟାଙ୍ଗ ଅନୁଷ୍ଠାନ ଅଭିନବ କାର୍ଯ୍ୟକ୍ରମ ହାତକୁ ନେଇଛି। ଏହି କ୍ରମରେ ଶନିବାର ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ନୂଆଁଖାଇ ଯୋଚ୍‌ଯାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ସମ୍ବିଧାନ ସୁରକ୍ଷା ମଞ୍ଚର ଆବାହକ ପବିତ୍ର ଦେହେରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଞ୍ଚଳର ଶହେ ଜଣ ଅସହାୟ, ବାସହୀନ ମହିଳା ପୁରୁଷଙ୍କୁ ନୂଆଁଖାଇ ପାଳନ ପାଇଁ ଆବଶ୍ୟକ ସାମଗ୍ରୀ (ଅଢ଼ିଆ) ପ୍ରଦାନ କରାଯାଇଥିଲା। ସେଥିରେ ନୂଆଁଧାନ, ନୂତନ ବସ୍ତ୍ର, ଡାଲି, ଚାଉଳ ଆଦି ରାଶନ ସାମଗ୍ରୀ, ପତ୍ର ସମେତ ବିଭିନ୍ନ ପ୍ରକାର ପରିବା ରହିଥିଲା। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି, ଟାଟା ପାୱାରର ଆସିଷ୍ଟାଣ୍ଟ ମ୍ୟାନେଜର ରଶ୍ମିରଞ୍ଜନ ରାଉତ ମୁଖ୍ୟବକ୍ତା, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସାଧୁଚରଣ ନେପାକ, ବରିଷ୍ଠ ଆଡ଼ଭୋକେଟ୍ ଶିରିଶ ବଲ୍ଲଭ ମିଶ୍ର, ବରିଷ୍ଠ ଖବରଦାତା ସୁରେନ୍ଦ୍ର ହୋତା, ଓଡ଼ିଶା ଏଣ୍ଟରପ୍ରାଇଜେସ୍‌ର ପ୍ରୋପାଇଟର ଚନ୍ଦ୍ରଶେଖର ବାଗ, ପ୍ରୀତମ ସିଂ, ସୁଖଦେବ ସିଂ, ଜୁନୁ ସିଂ, ମହମ୍ମଦ ମାନସୁର, ନୁର ବେଗମ, ଗୁଣମଣି ସୁନାନୀ ପ୍ରମୁକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।

ଅତିଥିମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଅସହାୟ, ବାସହୀନ ଲୋକଙ୍କୁ ନୂଆଁଖାଇ ଅଢ଼ିଆ ପ୍ରଦାନ କରିଥିଲେ। ସମାଜସେବୀ ପାଣ୍ଡବ କର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶ୍ୟାମସୁନ୍ଦର ଅଗ୍ରୱାଲ, ଶିବାନନ୍ଦ ମଟାରୀ, ମେରିୟମ ବାର୍ଲା, କମଳିନୀ ଦାଶ, ସୁନୀତା କର, ଗୁରୁଚରଣ ହରପାଲ, ଦିଲୀପ ସାୱଡ଼ିଆ, ଉମେଶ ବିଶ୍ୱାଳ, ଜେଠୁ ଭୋଇ, ରମେଶ ମହାପାତ୍ର, ରାଜକୁମାର ବନଛୋର, ବାସମତୀ ବନଛୋର ପ୍ରମୁଖ ସହଯୋଗ କରିଥିଲେ। ଦୀର୍ଘ ୭ ବର୍ଷ ହେଲା ସମ୍ବିଧାନ ସୁରକ୍ଷା ମଞ୍ଚ ନୂଆଁଖାଇ ଅବ୍ୟବହିତ ପୂର୍ବରୁ ଏଭଳି କାର୍ଯ୍ୟକ୍ରମ କରି ଆସୁଥିବା ବେଳେ ଆଗକୁ ମଧ୍ୟ ଏହା ଜାରି ରହିବ ବୋଲି ମଞ୍ଚର ଆବାହକ ଦେହେରୀ ସୂଚନା ଦେଇଛନ୍ତି।

## ପିକେଏଆଇଟିସିରେ ଦୀକ୍ଷାନ୍ତ ମହୋତ୍ସବ

ବରଗଡ଼,୧୭।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ନାଗେନପାଲିସ୍ଥିତ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଶିଳ୍ପ ତାଲିମ କେନ୍ଦ୍ର (ପିକେଏଆଇଟିସି)ରେ ରବିବାର ବିଶ୍ୱକର୍ମା ପୂଜା ଅବସରରେ ୨୦୨୧-୨୩ ବ୍ୟାଚ୍ ପାସ୍ ଆଉଟ୍ ଛାତ୍ରମାନଙ୍କ ଦୀକ୍ଷାନ୍ତ ମହୋତ୍ସବ ଅନୁଷ୍ଠିତ ହୋଇଛି। ଏହା ସହିତ ୨୦୨୨-୨୪ ବର୍ଷ ପାଇଁ ନୂତନ ଭାବେ ଆଡ଼ମିଶନ କରିଥିବା ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଅନୁଷ୍ଠାନର ଅଧ୍ୟକ୍ଷ ସରୋଜ କୁମାର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଅଧ୍ୟାପକ ପ୍ରଫେସର ଅଚ୍ୟୁତ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଦେଇଥିଲେ। ପିକେଏଆଇଟି ଇଲେକ୍ଟ୍ରିକାଲ ବିଭାଗ ମୁଖ୍ୟ ଇଂ. ଧର୍ମେନ୍ଦ୍ର ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଇଟିଆଇ ଛାତ୍ରୀଛାତ୍ରମାନେ ଜଣେ ଲେଖାଏଁ ବିଶ୍ୱକର୍ମା ବୋଲି ଅଭିହିତ କରି ଦକ୍ଷତା ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ଶିଳ୍ପଦ୍ୟୋଗୀ ୟାଦଗାନି ପବିତ୍ର କୁମାର ଅନ୍ୟତମ ଅତିଥି ଭାବେ ଯୋଗଦାନ କରି ପିଲାମାନେ ଚାକିରି ପଛରେ ନ ଗୋଡ଼ାଇ ଜଣେ ଲେଖାଏଁ ଶିଳ୍ପଦ୍ୟୋଗୀ ହୋଇ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ୨୦୨୧-୨୩ ବ୍ୟାଚ୍ ପାସ୍ ଆଉଟ୍ ୪୮ଜଣ ଛାତ୍ରଙ୍କୁ ଭାରତ ସରକାରଙ୍କ ଦକ୍ଷତା ବିକାଶ ବିଭାଗ ପ୍ରଦତ୍ତ ନ୍ୟାଶନାଲ ଟ୍ରେଡ୍ ସାର୍ଟିଫିକେଟ୍ ଏବଂ ମେଡ଼ାଲ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଚଳିତବର୍ଷ ଅନୁଷ୍ଠାନର ୨ଟି ଟେଡ୍‌ରେ ଟପ୍ପର ହୋଇଥିବା ମୁକେଶ ନାଏକ(ଇଲେକ୍ଟ୍ରିକାଲ) ଏବଂ ଉତ୍ତର କୁମାର ସାହୁ(ଫିଟର)ଙ୍କୁ ଉପଢ୍ୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନୁଷ୍ଠାନର ଶିକ୍ଷକ ଗଗନ ପ୍ରଧାନ, ପ୍ରବୋଧ ସାହୁ, ତାପସ ପାଢ଼ୀ, ଝସକେତନ ପ୍ରଧାନ, ତାପସ ଭୋଇ, ଆଶୁତୋଷ ନାଏକ, ପରମାନନ୍ଦ ବେହେରା ସହଯୋଗ କରିଥିଲେ । ଅଧ୍ୟାପକ ବିନୋଦ ବିହାରୀ ବୁଦ୍ଧିଆ ଧନ୍ୟବାଦ ଅର୍ପଣ କରିଥିଲେ।


ଦୀକ୍ଷାନ୍ତ ମହୋତ୍ସବ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ଫୁଟବଲ: ପ୍ରତିକାପଲ୍ଲୀ ବିଜୟୀ


ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳି।

ବରପାଲି,୧୭।୯(ଚିତ୍ତରଞ୍ଜନ ସାହୁ)

ବରପାଲି ନିକଟସ୍ଥ ଲେଣ୍ଡା ଖେଳ ପଡ଼ିଆରେ ତୃତୀୟ ରନିଙ୍ଗ ଫୁଟବଲ ଟୁର୍ନାମେଣ୍ଟ ଲେଣ୍ଡା ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟର ଚତୁର୍ଥ ଦିବସରେ ସିକିରଡ଼ି ଓ ପ୍ରତିକାପଲ୍ଲୀ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଇଲେଭେନ ଷ୍ଟାର ପ୍ରତିକାପଲ୍ଲୀ ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଖେଳ ଆରମ୍ଭରେ ସରପଞ୍ଚ ମୁକେଶ ଭୋଇ ମୁଖ୍ୟଅତିଥି, କାଉନସିଲର ଦେବନନ୍ଦ ମେହେର, ରାକେଶ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳର ଶୁଭାରମ୍ଭ କରିଥିଲେ। ପ୍ରଶାନ୍ତ ବେହେରା, ପ୍ରମୋଦ ପଧାନ, ନରେଶ ପଢ଼ାନ, ସମ୍ପୂର୍ଣ୍ଣ ଭୋଇ, ଜିତେନ୍ଦ୍ରିୟ ବିଦ୍ୟାଧର, ମନୋଜ ସାହୁ ଖେଳ ପରିଚାଳନା କରିଥିଲେ।

## ନେତୃତ୍ୱ ବିକାଶ ମିଶନ କାର୍ଯ୍ୟକ୍ରମ

**ବରଗଡ଼,୧୭।୯(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା କଂଗ୍ରେସ କମିଟି ପକ୍ଷରୁ ନେତୃତ୍ୱ ବିକାଶ ମିଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲା କଂଗ୍ରେସ କମିଟି ସଭାପତି ନିହାର ରଞ୍ଜନ ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ଆରମ୍ଭରେ ପୂର୍ବତନ ଭଟଲି ବ୍ଲକ କଂଗ୍ରେସ ସଭାପତି ସ୍ୱର୍ଗତ ଧ୍ରୁବରାଜ ରାଉତଙ୍କ ପରଲୋକରେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସେହିପରି କଂଗ୍ରେସ ଦଳରେ ନୂତନ ଭାବେ ସାମିଲ ହୋଇଥିବା ଅଶୋକ ମିଓଲଙ୍କୁ ଜିଲା କଂଗ୍ରେସ ପକ୍ଷରୁ ସ୍ୱାଗତ କରାଯାଇଥିଲା। ବରିଷ୍ଠ ଆଡ଼ଭୋକେଟ୍ ସରୋଜ କୁମାର ଷଡ଼ଙ୍ଗୀ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ବରଗଡ଼ ଜିଲା କଂଗ୍ରେସ କମିଟିର ପ୍ରବକ୍ତା ମନୋନୀତ ହୋଇଥିବାରୁ ତାଙ୍କୁ ଜିଲା କଂଗ୍ରେସ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲା, ନିର୍ବାଚନ ମଣ୍ଡଳୀ, ବ୍ଲକ ଏବଂ ବୁଥ୍‌ସ୍ତରୀୟ ନେତୃତ୍ୱ ବିକାଶ ମିଶନ କାର୍ଯ୍ୟକ୍ରମକୁ ସଫଳତାର ସହିତ ସମ୍ପନ୍ନ କରିବା ପାଇଁ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଯୁଗଳ ପ୍ରସାଦ ସିଂ, ଗୌନ୍ତିଆ ସାହୁ, ହରଦୀପ ସିଂ, ମୋତିଲାଲ ଦାଶ, ପାଣ୍ଡବ କର୍ଣ୍ଣ, ବ୍ରହ୍ମା ମହାକୁଡ଼, ପ୍ରତାପ ଚନ୍ଦ୍ର ନାୟକ, ଅଭିଷେକ ସେଠ ପ୍ରମୁଖ ଉପସ୍ଥିତ ଥିଲେ।


କଂଗ୍ରେସର ନେତୃତ୍ୱ ବିକାଶ ମିଶନ କାର୍ଯ୍ୟକ୍ରମ ।

## ସଂକ୍ଷେପରେ

### ବଜ୍ରପାତରେ ୪ ଗୋରୁ ମୃତ

**ରିଆମାଳ, ୧୭।୯(ନିରଞ୍ଜନ ବେହେରା):** ରିଆମାଳ ବ୍ଲକ ଅନ୍ତର୍ଗତ ବୁଢ଼ାପାଳ ଗ୍ରାମ ନିକଟସ୍ଥ ଆମ୍ବତୋଡାରେ ଚରୁଥିବା ୪ ଗାଈଗୋରୁଙ୍କ ରବିବାର ବଜ୍ରପାତରେ ମୃତ୍ୟୁ ଘଟିଛି। ଉକ୍ତ ଗ୍ରାମର ହାଡ଼ି ବନ୍ଧୁ ପ୍ରଧାନଙ୍କ ଗୋଟିଏ ଗାଈ, ରସାନନ୍ଦ ସାହୁ, ମୋତି ବେହେରା, ଅରୁଣ ସାହୁଙ୍କ ଗୋଟିଏ ଲେଖାଏଁ ବଳଦ ସହିତ ଆଉ ୨ଟି ବଳଦ ଚରିବାକୁ ଯାଇଥିବାବେଳେ ଅଚାନକ ବର୍ଷା ଓ ବଜ୍ରପାତ ହୋଇଥିଲା। ଫଳରେ ୪ଟି ଗାଈ ଓ ବଳଦ ମରିଥିବା ବେଳେ୨ଟି ଗୁରୁତର ହୋଇଥିଲେ।

### ଦଣ୍ଡାସିଂହା ଉଚ୍ଚ ବିଦ୍ୟାଳୟରେ ଓଜୋନ ଦିବସ

**ଦେବଗଡ଼,୧୭।୯(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ଼ ଜିଲା ବାରକୋଟ ବ୍ଲକ ଦଣ୍ଡାସିଂହା ଉଚ୍ଚ ବିଦ୍ୟାଳୟରେ ନବ ଗଠିତ ଜିଜ୍ଞାସା କ୍ଲବ ଆନୁକୂଲ୍ୟରେ ଓଜୋନ ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଗନ ବିହାରୀ ନାୟକଙ୍କ ସଭାପତିତ୍ୱ ଏବଂ ବିଜ୍ଞାନ ଶିକ୍ଷକ ତଥା କ୍ଲବର ମେଣ୍ଟର ନକୁଳ ଚନ୍ଦ୍ର ମହାନ୍ତଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଦେବଗଡ଼ ସ୍ନାତକ କଲେଜର ଉଦ୍ଭିଦ ବିଜ୍ଞାନ ପ୍ରାଧ୍ୟାପକ ଦିଲ୍ଲୀପ କୁମାର ବେହେରା ଯୋଗଦେଇ ଓଜୋନ ସ୍ତର ହ୍ରାସ ପାଇବାର କାରଣ, ଏହାର କୁପ୍ରଭାବ ଓ ନିରାକରଣ ସମ୍ବନ୍ଧରେ ଛାତ୍ରୀଛାତ୍ରଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ। ଏହି ସଭାରେ ସମ୍ମାନିତ ଅତିଥିଭାବେ ଗଣିତ ଅଧ୍ୟାପକ ସନ୍ତୋଷ କୁମାର ପ୍ରଧାନ ଯୋଗ ଦେଇଥିଲେ। ଶେଷରେ ଏହି ଦିବସ ଉପଲକ୍ଷେ ପୂର୍ବରୁ ଆୟୋଜିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଶିକ୍ଷାକର୍ମୀ ହିରାଧର ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

### ନିଶା ନିବାରଣ ସଚେତନତା ଶୋଭାଯାତ୍ରା

**ଦେବଗଡ଼,୧୭।୯(ଶଶାଙ୍କ ଶେଖର ଝାଙ୍କର):** ବାରକୋଟ ବ୍ଲକ କାଉଁଶିବାହାଳ ପଞ୍ଚାୟତ ପ୍ରେମପାଣି ଗ୍ରାମରେ ଗଣେଶ କ୍ଲବ ପକ୍ଷରୁ ଏକ ନିଶା ନିବାରଣ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ଦୁଷ୍ମନ୍ତ ପରିଡା ଓ ସମ୍ପାଦକ ସୁଶାନ୍ତ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମିଶନ ପ୍ରତିଜ୍ଞା ଅନ୍ତର୍ଗତ ଏହି ସଚେତନତା ଶୋଭାଯାତ୍ରାରେ ଉକ୍ତ ଗ୍ରାମର ୱାର୍ଡ ମେମ୍ବର, ୩ଟି ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଓ ସିଆର୍ପିମାନେ ସାମିଲ ହେବା ସହ ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ମଦ ବିରୋଧୀ ସ୍ଲୋଗାନ ସହ ଗ୍ରାମ ପରିକ୍ରମା କରିଥିଲେ। ଏଥିସହ ନିଶା ସେବନ ଠାରୁ ଦୂରେଇ ରହିବାକୁ ଗ୍ରାମବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ।

### ଜିଲା ଗଠନ ଦାବି ବୈଠକ

**ପଦ୍ମପୁର,୧୭।୯(ପ୍ରଦୀପ୍ତ ଦାଶ):** ପଦ୍ମପୁର ଟାଉନହଲରେ ମନୋରଞ୍ଜନ ସିଂ ବରିହାଙ୍କ ସଭାପତିତ୍ୱରେ ରବିବାର ଏକ ବୈଠକ ଅନୁଷ୍ଠିତ ଯାଇଛି। ଆସନ୍ତା ୨୪ ତାରିଖରେ ପଦ୍ମପୁର ଉପଖଣ୍ଡର ସମସ୍ତ ଜନସାଧାରଣ ଓ ଅନୁଷ୍ଠାନକୁ ନେଇ ଜିଲା ଗଠନ ଅଗ୍ରଗତି ସମ୍ବନ୍ଧରେ ବୈଠକ ହେବା ପାଇଁ ପ୍ରସ୍ତାବ ନିଆଯାଇଥିଲା। ଏଥିରେ ଏକ କାର୍ଯ୍ୟକାରୀ କମିଟି କରାଯିବା ପାଇଁ ଘୋଷଣା ହୋଇଥିଲା। ମିଳିତ କ୍ରିୟାନୁଷ୍ଠାନ କମିଟି ଆବାହକ ଅଜିତ ଶତପଥୀଙ୍କ ନେତୃତ୍ୱରେ ବୈଠକ କରାଯିବା ପାଇଁ ନିଷ୍ପତ୍ତି ହୋଇଛି।

# ଅଢ଼ିଆ ମିଳିଲା, ଅସହାୟଙ୍କ ମୁହଁରେ ହସ ଫୁଟିଲା


ଅସହାୟ ଲୋକେ ନୂଆଁଖାଇ ଅଢ଼ିଆ ଗ୍ରହଣ କରିଛନ୍ତି ।


ନୂଆଁଖାଇ ଯୋଟ୍‌ଯାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

**ବରଗଡ଼,୧୬।୯(ପ୍ରେମାନନ୍ଦ ଖମାରୀ)**

## ଦୁଇଦିନ ପରେ ନୂଆଁଖାଇ

ଆଉ ମାତ୍ର ଦୁଇଦିନ ପରେ ନୂଆଁଖାଇ। ଆସନ୍ତା ବୁଧବାର ପଶ୍ଚିମ ଓଡ଼ିଶାର ଘରେ ଘରେ ଏହି କୃଷିଭିତ୍ତିକ ଗଣପର୍ବ ପାଳନ କରାଯିବ। ଏଥିପାଇଁ ସବୁଠି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଭଳି ଏକ ମହାନ ଗଣପର୍ବରୁ ଯେଭଳି ବାସହୀନ, ଅସହାୟ ଲୋକେ ବାଦ୍ ପଡ଼ିବେ ନାହିଁ, ସେଥିପାଇଁ ବରଗଡ଼ ସମ୍ବିଧାନ ସୁରକ୍ଷା ମଞ୍ଚ ଏବଂ ପାୱାର ଅଫ୍ ଦିବ୍ୟାଙ୍ଗ ଅନୁଷ୍ଠାନ ଅଭିନବ କାର୍ଯ୍ୟକ୍ରମ ହାତକୁ ନେଇଛି। ଏହି କ୍ରମରେ ଶନିବାର ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ନୂଆଁଖାଇ ଯୋଟ୍‌ଯାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ସମ୍ବିଧାନ ସୁରକ୍ଷା ମଞ୍ଚର ଆବାହକ ପବିତ୍ର ଦେହେରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଞ୍ଚଳର ଶହେ ଜଣ ଅସହାୟ, ବାସହୀନ ମହିଳା ପୁରୁଷଙ୍କୁ ନୂଆଁଖାଇ ପାଳନ ପାଇଁ ଆବଶ୍ୟକ ସାମଗ୍ରୀ (ଅଢ଼ିଆ) ପ୍ରଦାନ କରାଯାଇଥିଲା। ସେଥିରେ ନୂଆଁଧାନ, ନୂତନ ବସ୍ତ୍ର, ଡାଲି, ଚାଉଳ ଆଦି ରାଶନ ସାମଗ୍ରୀ, ପତ୍ର ସମେତ ବିଭିନ୍ନ ପ୍ରକାର ପରିବା ରହିଥିଲା। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି, ଟାଟା ପାୱାରର ଆସିଷ୍ଟାଣ୍ଟ ମ୍ୟାନେଜର ରଶ୍ମିରଞ୍ଜନ ରାଉତ ମୁଖ୍ୟବକ୍ତା, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସାଧୁଚରଣ ନେପାକ, ବରିଷ୍ଠ ଆଡ଼ଭୋକେଟ୍ ଶିରିଶ ବଲ୍ଲଭ ମିଶ୍ର, ବରିଷ୍ଠ ଖବରଦାତା ସୁରେନ୍ଦ୍ର ହୋତା, ଓଡ଼ିଶା ଏଣ୍ଟରପ୍ରାଇଜେସ୍‌ର ପ୍ରୋପାଇଟର ଚନ୍ଦ୍ରଶେଖର ବାଗ, ପ୍ରୀତମ ସିଂ, ସୁଖଦେବ ସିଂ, ଜୁନୁ ସିଂ, ମହମ୍ମଦ ମାନସୁର, ନୁର ବେଗମ, ଗୁଣମଣି ସୁନାନୀ ପ୍ରମୁକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।

ଅତିଥିମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଅସହାୟ, ବାସହୀନ ଲୋକଙ୍କୁ ନୂଆଁଖାଇ ଅଢ଼ିଆ ପ୍ରଦାନ କରିଥିଲେ। ସମାଜସେବୀ ପାଣ୍ଡବ କର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶ୍ୟାମସୁନ୍ଦର ଅଗ୍ରୱାଲ, ଶିବାନନ୍ଦ ମଟାରୀ, ମେରିୟମ ବାର୍ଲା, କମଳିନୀ ଦାଶ, ସୁନୀତା କର, ଗୁରୁଚରଣ ହରପାଲ, ଦିଲୀପ ସାୱଡ଼ିଆ, ଉମେଶ ବିଶ୍ୱାଳ, ଜେଠୁ ଭୋଇ, ରମେଶ ମହାପାତ୍ର, ରାଜକୁମାର ବନଛୋର, ବାସମତୀ ବନଛୋର ପ୍ରମୁଖ ସହଯୋଗ କରିଥିଲେ। ଦୀର୍ଘ ୭ ବର୍ଷ ହେଲା ସମ୍ବିଧାନ ସୁରକ୍ଷା ମଞ୍ଚ ନୂଆଁଖାଇ ଅବ୍ୟବହିତ ପୂର୍ବରୁ ଏଭଳି କାର୍ଯ୍ୟକ୍ରମ କରି ଆସୁଥିବା ବେଳେ ଆଗକୁ ମଧ୍ୟ ଏହା ଜାରି ରହିବ ବୋଲି ମଞ୍ଚର ଆବାହକ ଦେହେରୀ ସୂଚନା ଦେଇଛନ୍ତି।

# ସେବା ସଂଘ ପକ୍ଷରୁ ସ୍ୱର୍ଗରଥ ଲୋକାର୍ପିତ

**ଦେବଗଡ଼,୧୭।୯(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ ଗୋପବନ୍ଧୁ ଛକରେ ରବିବାର ସନ୍ଧ୍ୟାରେ ସେବା ସଂଘ ପକ୍ଷରୁ ଏକ ସ୍ୱର୍ଗ ରଥ ଲୋକାର୍ପିତ ହୋଇଯାଇଛି। ନୂଆଦିଲ୍ଲୀ ସ୍ଥିତ ଓଡିଆ ସମାଜ ପକ୍ଷରୁ ଏହାକୁ ପ୍ରଦାନ କରାଯାଇଛି। ସଂଘ ସଭାପତି ଧର୍ମେନ୍ଦ୍ର ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଆରକ୍ଷୀ ଅଧିକ୍ଷକ ପ୍ରଦ୍ୟୁମ୍ନ ମିଶ୍ର ଏବଂ ସମ୍ମାନୀତ ଅତିଥି ଉପ ଜିଲାପାଳ ପରୀକ୍ଷୀତ ସାହୁ ଓ ଏଡିଏମଓ ଡ. ମନୋରଞ୍ଜନ ସାମଲ ଯୋଗଦେଇ ସବୁଜ ପତାକା ଦେଖାଇ ସ୍ୱର୍ଗରଥର ଲୋକାର୍ପିତ କରିବା ସହ ଏହା ଦ୍ୱାରା ବହୁ ଲୋକ ଲାଭବାନ ହୋଇପାରିବେ ବୋଲି କହିଥିଲେ। ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ତିଳେଇବଣୀ ବ୍ଲକର ଉପାଧ୍ୟକ୍ଷା ଆରତୀ ପ୍ରଧାନ, ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ନେତ୍ରାନନ୍ଦ ସାହୁ, ଆଇନଜୀବୀ ତନୁଚନ୍ଦ୍ର ପାତ୍ର, ଲିଙ୍ଗରାଜ ସାହୁ ଓ ପ୍ରସନ୍ନ କୁମାର ବେହେରା ପ୍ରମୁଖଙ୍କୁ ଅତିଥିଙ୍କ ଦ୍ୱାରା ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରଯାଇଥିଲା। ସଂଘ ସମ୍ପାଦକ ଉମାଶଙ୍କର ସାହୁ ମଞ୍ଚ ପରିଚାଳନା କରିଥିଲେ।


ଅତିଥିମାନେ ସବୁଜ ପତାକା ଦେଖାଇ ସ୍ୱର୍ଗ ରଥର ଲୋକାର୍ପଣ କରୁଛନ୍ତି।

# ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ବିକାଶ ଦିବସ

**ରିଆମାଳ,୧୭।୯(ନିରଞ୍ଜନ ବେହେରା):** ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧିନସ୍ଥ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ରିଆମାଳ ବ୍ଲକ ଅନ୍ତର୍ଗତ ଲୁଲଙ୍ଗ ଗ୍ରାମରେ ବିକାଶ ଦିବସ ପାଳିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ସୁବାସ ଚନ୍ଦ୍ର ପାଣଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିନରେ ବିଭିନ୍ନ ପ୍ରକାରର ଜନ ହିତକାରୀ ଯୋଜନା ସମ୍ପର୍କରେ ଅବଗତ କରିଥିଲେ। ଅନ୍ୟତମ ଅତିଥିଭାବେ ବିଧାୟକଙ୍କ ପ୍ରତିନିଧି ଶରତ ଚନ୍ଦ୍ର ସାହୁ, ଅବସର ପ୍ରାପ୍ତ ଜିଲା ଶ୍ରମ ଅଧିକାରୀ ନିରଞ୍ଜନ କୁମୁରା, ଗ୍ରାମ୍ୟ କମିଟି ସଭାପତି ଜଣକ ସାହୁ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀ ପ୍ରଣତି ନାୟକ, ରାଧା ବାଘ୍, ବିଦୁସ୍ମିତା ସାହୁ, ବିଲିନା ବେହେରା ଓ ସୋନାଲି କା ପ୍ରଧାନ ପ୍ରମୁଖ ସ୍ୱାଗତ ସଙ୍ଗୀତ ଗାନ କରି ଅତିଥିଙ୍କୁ ସ୍ୱାଗତ ଜଣାଇ ଥିଲେ। ଶେଷରେ ବିଦ୍ୟାଳୟର ଶିକ୍ଷକ ବିଭୂତି ଭୂଷଣ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ ।


ସୁନ୍ଦରଗଡ଼ ଡିପିଡବ୍ଲ୍ୟୁ ବିଦ୍ୟୁତ୍ ସବ୍‌ଡିଭିଜନ କାର୍ଯ୍ୟାଳୟରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା।


ଦେବଗଡ଼ ଜିଲା ଘରୋଇ ବସ୍ ମାଲିକ ସଂଘର ପକ୍ଷରୁ ଆୟୋଜିତ ବିଶ୍ୱକର୍ମା ପୂଜା ମେଢ଼ ।

# ପିକେଏଆଇଟିସିରେ ଦୀକ୍ଷାନ୍ତ ମହୋତ୍ସବ

**ବରଗଡ଼,୧୭।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ନାଗେନପାଲିସ୍ଥିତ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଶିଳ୍ପ ତାଲିମ କେନ୍ଦ୍ର (ପିକେଏଆଇଟିସି)ରେ ରବିବାର ବିଶ୍ୱକର୍ମା ପୂଜା ଅବସରରେ ୨୦୨୧-୨୩ ବ୍ୟାଚ୍ ପାସ୍ ଆଉଟ୍ ଛାତ୍ରମାନଙ୍କ ଦୀକ୍ଷାନ୍ତ ମହୋତ୍ସବ ଅନୁଷ୍ଠିତ ହୋଇଛି। ଏହା ସହିତ ୨୦୨୨-୨୪ ବର୍ଷ ପାଇଁ ନୂତନ ଭାବେ ଆଡ଼ମିଶନ କରିଥିବା ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଅନୁଷ୍ଠାନର ଅଧ୍ୟକ୍ଷ ସରୋଜ କୁମାର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଅଧ୍ୟାପକ ପ୍ରଫେସର ଅଚ୍ୟୁତ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଦେଇଥିଲେ। ପିକେଏଆଇଟି ଇଲେକ୍ଟ୍ରିକାଲ ବିଭାଗ ମୁଖ୍ୟ ଇଂ. ଧର୍ମେନ୍ଦ୍ର ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଇଟିଆଇ ଛାତ୍ରୀଛାତ୍ରମାନେ ଜଣେ ଲେଖାଏଁ ବିଶ୍ୱକର୍ମା ବୋଲି ଅଭିହିତ କରି ଦକ୍ଷତା ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ଶିଳ୍ପଦ୍ୟୋଗୀ ଯାଦଗାନି ପବିତ୍ର କୁମାର ଅନ୍ୟତମ ଅତିଥି ଭାବେ ଯୋଗଦାନ କରି ପିଲାମାନେ ଚାକିରି ପଛରେ ନ ଗୋଡ଼ାଇ ଜଣେ ଲେଖାଏଁ ଶିଳ୍ପଦ୍ୟୋଗୀ ହୋଇ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ୨୦୨୧-୨୩ ବ୍ୟାଚ୍ ପାସ୍ ଆଉଟ୍ ୪୮ଜଣ ଛାତ୍ରଙ୍କୁ ଭାରତ ସରକାରଙ୍କ ଦକ୍ଷତା ବିକାଶ ବିଭାଗ ପ୍ରଦତ୍ତ ନ୍ୟାଶନାଲ ଟ୍ରେଡ୍ ସାର୍ଟିଫିକେଟ୍ ଏବଂ ମେଡ଼ାଲ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଚଳିତବର୍ଷ ଅନୁଷ୍ଠାନର ୨ଟି ଟେଡ୍‌ରେ ଟପ୍ପର ହୋଇଥିବା ମୁକେଶ ନାଏକ(ଇଲେକ୍ଟ୍ରିକାଲ) ଏବଂ ଉତ୍ତର କୁମାର ସାହୁ(ଫିଟର)ଙ୍କୁ ଉପଢୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନୁଷ୍ଠାନର ଶିକ୍ଷକ ଗଗନ ପ୍ରଧାନ, ପ୍ରବୋଧ ସାହୁ, ତାପସ ପାଢ଼ୀ, ଝସକେତନ ପ୍ରଧାନ, ତାପସ ଭୋଇ, ଆଶୁତୋଷ ନାଏକ, ପରମାନନ୍ଦ ବେହେରା ସହଯୋଗ କରିଥିଲେ । ଅଧ୍ୟାପକ ବିନୋଦ ବିହାରୀ ବୁଦ୍ଧିଆ ଧନ୍ୟବାଦ ଅର୍ପଣ କରିଥିଲେ।



ଦୀକ୍ଷାନ୍ତ ମହୋତ୍ସବ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଭୌମିକଙ୍କ ସ୍ମୃତିରେ ଗରିବ ଲୋକଙ୍କୁ ଖାଦ୍ୟ ବଣ୍ଟନ

**ଦେବଗଡ଼,୧୭।୯( ଶଶାଙ୍କ ଶେଖର ଝାଙ୍କର) :** ତିଳେଇବଣି ବ୍ଲକ ସୁନାମୁଣ୍ଡା ଗ୍ରାମରେ ଦେବଗଡ଼ ସହର ଲାଲୁ ସାହିର ଲଲାଟେନ୍ଦୁ କେଶରୀ ଦେବ ଓ ସାନ ଦେବ ଗରିବ ଶ୍ରେଣୀୟ ଲୋକଙ୍କୁ ଖାଦ୍ୟ ବଣ୍ଟନ କରିଛନ୍ତି। ସ୍ଥାନୀୟ ପୁରୁଣାଗଡ଼ ସ୍ଥିତ ରାଜ କିଶୋର ଦାଶଙ୍କ ପୁଅ ତଥା ଚିନ୍ମୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ମେଧାବୀ ଛାତ୍ର ସ୍ୱର୍ଗତ ଭୌମିକ ଦାଶଙ୍କ ୨୦୧୯ ସେପ୍ଟେମ୍ବର ୧୯ରେ ପରଲୋକ ଘଟିଥିଲା। ତାଙ୍କ ସ୍ମୃତିକୁ ମନେ ପକାଇବାକୁ ଯାଇ ୨୦୨୦ରୁ ଏହି ଖାଦ୍ୟ ବଣ୍ଟନ କରାଯାଉଛି।



# ପଦ୍ମପୁରରେ ବିଶ୍ୱକର୍ମା ପୂଜା

**ପଦ୍ମପୁର,୧୭।୯(ପ୍ରଦୀପ୍ତ ଦାଶ) :** ପଦ୍ମପୁର ସହର ସମେତ ଗ୍ରାମାଞ୍ଚଳରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ଏହି କ୍ରମରେ ପଦ୍ମପୁର ଏନଏସି, କ୍ଷୁଦ୍ର ଜଳସେଚନ ବିଭାଗ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଗ୍ରାମ୍ୟ ଓ ସହର ଜଳଯୋଗାଣ ବିଭାଗ, ଟାଟା ପାୱାର, ବୋଡାସମ୍ବର ଠିକାଦାର ସଂଘ, ମୋଟର ଚାଳକ ସଂଘ, ଅଟୋ ରିକ୍ସା ଚାଳକ ସଂଘ, ପଦ୍ମପୁର ସରକାରୀ ବସ୍‌ଷ୍ଟାଣ୍ଡରେ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୋଇଥିଲା। ଅନେକ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ସହିତ ଶ୍ରଦ୍ଧାଳୁମାନଙ୍କ ପାଇଁ ଅନ୍ନଭୋଗ ବ୍ୟବସ୍ଥା କରାଯାଇଥିଲ।

# ବିଦ୍ୟାଳୟ ସମୂହ କ୍ରୀଡ଼ା ସଙ୍ଗଠନ କାର୍ଯ୍ୟକାରିଣୀ ବୈଠକ

**ଦେବଗଡ଼,୧୭।୯(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ଼ ଜିଲା ବାରକୋଟ ବ୍ଲକ ବସାଲଇ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ସମୂହ କ୍ରୀଡ଼ା ସଙ୍ଗଠନର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦାଶରଥି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟରେ ଶାରୀରିକ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ବୁଝାଇବା




ସହ ଏ ନେଇ ଅଧିକ ଯତ୍ନବାନ ହେବାକୁ ଉପସ୍ଥିତ କ୍ରୀଡ଼ା ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୋଦ ସିଂ, ତିଳେଇବଣି ବ୍ଲକ ଶିକ୍ଷା ଅଧିକାରୀ ଶିକରେନ୍ଦ୍ର ଛତ୍ରିଆ ଓ ବାରକୋଟ ବ୍ଲକ ଶିକ୍ଷା ଅଧିକାରୀ ଗାୟତ୍ରୀ ସାହୁ ମଞ୍ଚାସୀନ ଥିଲେ। ଜିଲା କ୍ରୀଡ଼ା ନିରୀକ୍ଷକ ପଦ୍ମଲୋଚନ ପ୍ରଧାନ ଚଳିତ ବର୍ଷର ବାର୍ଷିକ ବିବରଣୀ ପାଠ କରିବା ସହ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଗତ ବର୍ଷ ଅବସର ଗ୍ରହଣ କରିଥିବା ୪ ଜଣ କ୍ରୀଡ଼ା ଶିକ୍ଷକଙ୍କୁ ଅତିଥିଙ୍କ ଦ୍ୱାରା ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ଯୋଗ ଦେଇଥିବା ଜିଲାର ସମସ୍ତ କ୍ରୀଡ଼ା ଶିକ୍ଷକ ଚଳିତ ବର୍ଷ ଜିଲାସ୍ତରରେ ଅନୁଷ୍ଠିତ ହେବାକୁ ଥିବା ଖେଳ ସମ୍ବନ୍ଧରେ ବାର୍ଷିକ ଯୋଜନା ପ୍ରସ୍ତୁତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରଞ୍ଜନ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ କ୍ରୀଡା ଶିକ୍ଷକ ଡିଲେଶ୍ୱର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଫୁଟବଲ: ପ୍ରତୀକାପଲ୍ଲୀ ବିଜୟୀ


ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳି।

**ବରପାଲି,୧୭।୯(ଚିତ୍ତରଞ୍ଜନ ସାହୁ)**

ବରପାଲି ନିକଟସ୍ଥ ଲେଣ୍ଡା ଖେଳ ପଡ଼ିଆରେ ତୃତୀୟ ରନିଙ୍ଗ ଫୁଟବଲ ଟୁର୍ନାମେଣ୍ଟ ଲେଣ୍ଡା ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟର ଚତୁର୍ଥ ଦିବସରେ ସିକିରଡ଼ି ଓ ପ୍ରତିକାପଲ୍ଲୀ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଇଲେଭେନ ଷ୍ଟାର ପ୍ରତିକାପଲ୍ଲୀ ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଖେଳ ଆରମ୍ଭରେ ସରପଞ୍ଚ ମୁକେଶ ଭୋଇ ମୁଖ୍ୟଅତିଥି, କାଉନସିଲର ଦେବନନ୍ଦ ମେହେର, ରାକେଶ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳର ଶୁଭାରମ୍ଭ କରିଥିଲେ। ପ୍ରଶାନ୍ତ ବେହେରା, ପ୍ରମୋଦ ପଧାନ, ନରେଶ ପଡ଼ାନ, ସମ୍ପୂର୍ଣ୍ଣ ଭୋଇ, ଜିତେନ୍ଦ୍ରିୟ ବିଦ୍ୟାଧର, ମନୋଜ ସାହୁ ଖେଳ ପରିଚାଳନା କରିଥିଲେ।

# ନେତୃତ୍ୱ ବିକାଶ ମିଶନ କାର୍ଯ୍ୟକ୍ରମ

**ବରଗଡ଼,୧୭।୯(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା କଂଗ୍ରେସ କମିଟି ପକ୍ଷରୁ ନେତୃତ୍ୱ ବିକାଶ ମିଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲା କଂଗ୍ରେସ କମିଟି ସଭାପତି ନିହାର ରଞ୍ଜନ ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ଆରମ୍ଭରେ ପୂର୍ବତନ ଭଟଲି ବ୍ଲକ କଂଗ୍ରେସ ସଭାପତି ସ୍ୱର୍ଗତ ଧ୍ରୁବରାଜ ରାଉତଙ୍କ ପରଲୋକରେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସେହିପରି କଂଗ୍ରେସ ଦଳରେ ନୂତନ ଭାବେ ସାମିଲ ହୋଇଥିବା ଅଶୋକ ମିତ୍ତଲଙ୍କୁ ଜିଲା କଂଗ୍ରେସ ପକ୍ଷରୁ ସ୍ୱାଗତ କରାଯାଇଥିଲା। ବରିଷ୍ଠ ଆଡ଼ଭୋକେଟ୍ ସରୋଜ କୁମାର ଷଡ଼ଙ୍ଗୀ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ବରଗଡ଼ ଜିଲା କଂଗ୍ରେସ କମିଟିରେ ପ୍ରବକ୍ତା ମନୋନୀତ ହୋଇଥିବାରୁ ତାଙ୍କୁ ଜିଲା କଂଗ୍ରେସ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲା, ନିର୍ବାଚନ ମଣ୍ଡଳୀ, ବ୍ଲକ ଏବଂ ବୁଥ୍‌ସ୍ତରୀୟ ନେତୃତ୍ୱ ବିକାଶ ମିଶନ କାର୍ଯ୍ୟକ୍ରମକୁ ସଫଳତାର ସହିତ ସମ୍ପନ୍ନ କରିବା ପାଇଁ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଯୁଗଳ ପ୍ରସାଦ ସିଂ, ଗୌନ୍ତିଆ ସାହୁ, ହରଦୀପ ସିଂ, ମୋତିଲାଲ ଦାଶ, ପାଣ୍ଡବ କର୍ଣ୍ଣ, ବ୍ରହ୍ମା ମହାକୁଡ଼, ପ୍ରତାପ ଚନ୍ଦ୍ର ନାୟକ, ଅଭିଷେକ ସେଠ ପ୍ରମୁଖ ଉପସ୍ଥିତ ଥିଲେ।


କଂଗ୍ରେସର ନେତୃତ୍ୱ ବିକାଶ ମିଶନ କାର୍ଯ୍ୟକ୍ରମ ।



ରାଜସ୍ଥାନର କୋଟାଠାରେ ୧୨୦ କୋଟି ଟଙ୍କା ଏବଂ ପ୍ରାୟ ୩୦ ଏକର ପରିବ୍ୟାପ୍ତ ଜମିରେ ନିର୍ମିତ 'ଦି ଅକ୍ସିଜେନ ସିଟ୍ ପାର୍କ' (ଦି ଗାର୍ଡେନ ଅଫ୍ ଜୟ)କୁ ନିକଟରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଆନୁଷ୍ଠାନିକ ଭାବେ ଲୋକାର୍ପଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଧାନସଭା ଅଧ୍ୟକ୍ଷ ଡ. ସି.ପି. ଯୋଶୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ ରାଜସ୍ଥାନ ସରକାରଙ୍କ ସ୍ୱାୟତ୍ତ ଶାସନ ମନ୍ତ୍ରୀ, ଶିକ୍ଷା ମନ୍ତ୍ରୀ, କୃଷି ମନ୍ତ୍ରୀ ଏବଂ ରାଜସ୍ୱ ମନ୍ତ୍ରୀଙ୍କ ସମେତ ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ଅନର୍୯୦ ୫ଜି ଉନ୍ମୋଚିତ

**ଭୁବନେଶ୍ୱର,୧୭।୯**

ଏଚ୍‌ଟେକ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅନର୍୯୦ ୫ଜି'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ସେହିଭଳି ଶିଳ୍ପ ଅଗ୍ରଣୀ କ୍ୱାଡ୍-କର୍ଭଡ ଫ୍ଲୋଟିଙ୍ଗ୍ ଡିସ୍‌ପ୍ଲେ ସହ ସୁସଜ୍ଜିତ ଅନର୍୯୦ ୫ଜିରେ ୩ଟି କ୍ୟାମେରା ଯଥା ୨୦୦ ଏମ୍‌ପି ମେନ୍ କ୍ୟାମେରା, ୧୨ଏମ୍‌ପି ଅଲ୍‌ଟ୍ରାୱାଇଡ୍ କ୍ୟାମେରା ଓ ୫୦ଏମ୍‌ପି ସେଲ୍‌ଫି କ୍ୟାମେରାରୁ ୩୦ଏଫ୍‌ପିଏସ୍‌ରେ ୪କେ ଭିଡିଓ ରେକର୍ଡିଙ୍ଗ୍ ପ୍ରଦାନ କରିବା ପାଇଁ ପ୍ରୋସେସର ଶକ୍ତିକୁ ବ୍ୟବହାର କରିଥାଏ। ଏ ସମ୍ପର୍କରେ ଏଚ୍‌ଟେକ୍‌ର ସିଇଓ ମାଧବ ସେଠ୍ କହିଛନ୍ତି, ଅନର୍୯୦ ୫ଜି'ର ଶୁଭାରମ୍ଭ କରି ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷ କରି ଅନର୍‌ର ମଜଭୁତ ନେଟ୍‌ୱର୍କ ଓ ମୂଲ୍ୟ ଶୃଙ୍ଖଳାର ବ୍ୟବହାର କରି ଆମେ ଭାରତ ବଜାରରେ ପ୍ରଥମ ସ୍ମାର୍ଟଫୋନ୍‌ର ଶୁଭାରମ୍ଭ କରିଛୁ।

## ବିଓଏମ୍‌ର ୮୯ତମ ପ୍ରତିଷ୍ଠା ଦିବସ





**ଭୁବନେଶ୍ୱର,୧୭।୯**

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍)ର ୮୯ତମ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ବିଭିନ୍ନ ପ୍ରମୁଖ ବିଭାଗ ଓ ହିତାଧିକାରୀଙ୍କ ସହ ଏକ ରଣନୀତିକ ବୈଠକର ଅନୁଷ୍ଠିତ ହୋଇଯାଇଛି। ସେହିଭଳି ଫେଡେରେଶନ ଅଫ୍ ଇଣ୍ଡିଆନ୍ ଏକ୍ସପୋର୍ଟ ଅର୍ଗାନାଇଜେଶନ (ଫିଓ)ର ସକ୍ରିୟ ସହଯୋଗରେ ଏକ୍ସପୋର୍ଟର୍ସମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜିତ ହୋଇଥିଲା। ଅପରପକ୍ଷରେ 'ଏକ୍ସପୋର୍ଟ ଓରିଏଣ୍ଟେଡ୍ ଦକ୍ଷତା ବିକାଶ' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଦିନିକିଆ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ବିଓଏମ୍ ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରବନ୍ଧକ ଆଲୋକ କୁମାର ମିଶ୍ର ରପ୍ତାନିକାରୀଙ୍କୁ ସମ୍ବୋଧିତ କରିବା ସହ ବ୍ୟାଙ୍କର ସଫଳ ପ୍ରଦର୍ଶନ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ରାଜ୍ୟରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ସମୁଦାୟ ୪୯ଟି ଶାଖା ରହିଛି ଏବଂ ବ୍ୟାଙ୍କ ଅକ୍ଟୋବର ୨୦୨୩ ସୁଦ୍ଧା ୩ଟି ଶାଖା ଏବଂ ଆର୍ଥିକ ବର୍ଷ ୨୦୨୩-୨୪ ସୁଦ୍ଧା ୯ ଶାଖା ଖୋଲିବାକୁ ଯୋଜନା ରଖିଛି। ବ୍ୟାଙ୍କ ସହ ସକ୍ରିୟ ଭାବେ ଜଡିତ ରହି ରାଜ୍ୟବାସୀଙ୍କୁ ସେବା ପ୍ରଦାନ କରିବାର ସୁଯୋଗ ପ୍ରଦାନ କରୁଥିବାରୁ ନୀତି ନିର୍ଦ୍ଧାରକମାନଙ୍କୁ ବ୍ୟାଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଉଛି। ବ୍ୟାଙ୍କ ଏହାର ପ୍ରୟାସରେ ସରକାରଙ୍କୁ ସେବା ଯୋଗାଇବା ପାଇଁ ବିଭିନ୍ନ ଡିଜିଟାଇଜେଶନ ପଦକ୍ଷେପ ଗ୍ରହଣ କରୁଛି। ରୂପେଶ ବିଶ୍ୱାସ, ସହାୟକ ମହାପ୍ରବନ୍ଧକ, ଫରେକ୍ସ ମାର୍କେଟିଂ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ରପ୍ତାନିକାରୀଙ୍କ ପାଇଁ ବ୍ୟାଙ୍କର ସୁପରିକଳ୍ପିତ ଯୋଜନା ଏବଂ ଡିଜିଟାଲ ବ୍ୟାଙ୍କିଙ୍ଗ୍ ସୁବିଧା ବିଷୟରେ ଅବଗତ କରାଇଥିଲେ।

## ଟିପିସିଓଡିଏଲ୍‌ର 'ବିଲ୍ ପେ ଆଣ୍ଡ ୱିନ୍ ସ୍କିମ୍'

**ଭୁବନେଶ୍ୱର,୧୭।୯**

ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍)ର ଅଭିନବ ଯୋଜନା 'ବିଲ୍ ପେ ଆଣ୍ଡ ୱିନ୍ ସ୍କିମ୍'ର ଶୁଭାରମ୍ଭ କରାଯାଇଛି। ବିଶେଷ କରି ଟିପିସିଓଡିଏଲ୍‌ର ଗ୍ରାହକମାନେ ଏହି ଯୋଜନା ଜରିଆରେ ଆକର୍ଷଣୀୟ ପୁରସ୍କାର ଜିତିବାର ସୁଯୋଗ ପାଇପାରିବେ। ଏପରିକି ଯେଉଁ ଗ୍ରାହକମାନେ ଧାର୍ଯ୍ୟ ତାରିଖ ମଧ୍ୟରେ ୧୨ ମାସର ବିଦ୍ୟୁତ୍ ବିଲ୍ ପୈଠ କରିଥିବେ ସେମାନେ ଏକ ମାସର ବିଲ୍ ରିହାତି ଆକାରରେ ପାଇବେ, ଯାହା ୧୧ ମାସର ବିଲ୍ ସହିତ ସମାନ ବୋଲି କୁହାଯାଇଛି। ସେହିଭଳି ଲକି ଡ୍ର ଜରିଆରେ ପ୍ରଥମ ୨୦୦ ଗ୍ରାହକ ସ୍ମାର୍ଟ ମୋବାଇଲ୍ ଫୋନ୍ ମଧ୍ୟରୁ ଗୋଟିଏ ଜିତିବାର ସୁଯୋଗ ପାଇବେ । ଏହି ସ୍କିମ୍‌ର ଲାଭ ପାଇବା ପାଇଁ ଗ୍ରାହକଙ୍କୁ ପ୍ରତି ମାସ ଶେଷରେ ଶୂନ୍ୟ-ବକେୟା ସ୍ଥିତି ବଜାୟ ରଖିବାକୁ ପଡ଼ିବ। ଏହା ବ୍ୟତୀତ ଟିପିସିଓଡିଏଲ୍ ଠିକ୍ ସମୟରେ ବିଲ୍ ପୈଠ କରୁଥିବା ଗ୍ରାହକଙ୍କ ପାଇଁ ୪% ଡିଜିଟାଲ ରିହାତି ଏବଂ ୟୁନିଟ୍ ପିଛା ୧୦ ପଇସା ପ୍ରମ୍ପ୍ଟ ପେମେଣ୍ଟ ରିହାତି ପ୍ରଦାନ କରିଥାଏ। ସେହିପରି ଗ୍ରାମୀଣ ଗ୍ରାହକଙ୍କ ପାଇଁ ୟୁନିଟ୍ ପିଛା ଅତିରିକ୍ତ ୧୦ପଇସା ରିହାତି ପ୍ରଦାନ କରିଥାଏ ଓ ଯେଉଁ ଗ୍ରାହକମାନେ ୧୨ମାସର ବିଲ୍ ଠିକ୍ ସମୟରେ ପୈଠ କରିବେ ସେମାନଙ୍କୁ ମାର୍ଚ୍ଚ ମାସରେ ଦିଆଯାଉଥିବା ରିହାତି ପରିମାଣର ସମାନ ଆଉ ଏକ ରିହାତି ପାଇ ପାରିବେ। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂ କହିଛନ୍ତି, ଆମେ ଗ୍ରାହକଙ୍କୁ ନିରବଚ୍ଛିନ୍ନ ବିଜୁଳି ଏବଂ ଅଭିନବ ଅନୁଭୂତି ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ। 'ବିଲ୍ ପେ ଆଣ୍ଡ ୱିନ୍' ସ୍କିମ୍ ଗ୍ରାହକଙ୍କ ସନ୍ତୋଷ ଏବଂ ଡିଜିଟାଲ୍ ଦେୟ ପ୍ରତି ଆମର ସମର୍ପଣକୁ ପ୍ରତିଫଳିତ କରୁଛି। ଆମେ ଆମର ସମସ୍ତ ଗ୍ରାହକଙ୍କୁ ଏଥିରେ ଅଂଶଗ୍ରହଣ କରିବାକୁ ଏବଂ ଏହାର ଲାଭ ହାସଲ କରିବାକୁ ଉତ୍ସାହିତ କରୁଛୁ।

## ନିର୍ମାଣ କ୍ଷେତ୍ରରେ ନୂଆ ଟେକ୍ନୋଲୋଜିର ବ୍ୟବହାର

**ଭୁବନେଶ୍ୱର,୧୭।୯ (ଅଭୟ ଦାଶ)**





ଦେଶର ପ୍ରମୁଖ ଗୃହ ନିର୍ମାଣକାରୀ ସଂଗଠନ କ୍ରେଡାଇର ଓଡ଼ିଶା ୟୁନିଟ୍(କ୍ରେଡାଇ ଭୁବନେଶ୍ୱର)ର ବାର୍ଷିକ ସାଧାରଣ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି କ୍ରେଡାଇ ଭୁବନେଶ୍ୱର ସିଟି ଚାପ୍ଟରର ସଭାପତି ସୋଫିଆ ଫିରଦୋଷଙ୍କ ଅଧ୍ୟକ୍ଷତାରେ ସଭା ପରିଚାଳିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ୟୁସିସିଆଇର ସଭାପତି ଡ. ବ୍ରହ୍ମା ମିଶ୍ର ବିଶେଷ ଅତିଥି ଭାବେ ଯୋଗ ଦେଇଥିବାବେଳେ କ୍ରେଡାଇ ଭୁବନେଶ୍ୱରର ସମ୍ପାଦକ ଜଗତ କର ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ସଭାର ଆଭିମୁଖ୍ୟ ଓ ନୂଆକରି ଗଠିତ ହୋଇଥିବା ମ୍ୟାନେଜମେଣ୍ଟ ବଡିର ପ୍ରଥମ ବୈଠକ ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି ଆଗାମୀ ଦିନରେ ଭିତ୍ତିଭୂମି ଓ ବାସଗୃହ ନିର୍ମାଣ କ୍ଷେତ୍ରରେ ନୂଆ ଟେକ୍ନୋଲୋଜିର ବ୍ୟବହାର ଉପରେ ବିଶେଷ ଧ୍ୟାନ ଦିଆଯିବ ବୋଲି କର ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ କ୍ରେଡାଇ ଭୁବନେଶ୍ୱର ଶାଖାକୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ମିଶ୍ର ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ସେହିଭଳି ନିକଟରେ ଚାପ୍ଟର ସହ ୫ ନୂଆ ସଦସ୍ୟ ଯୋଡି ହୋଇଥିବା ବେଳେ ଆଗାମୀ ଦିନରେ ଆହୁରି ଅନେକ ସଦସ୍ୟ ( ବିଲ୍‌ଡର ଏବଂ ଡେଭଲପର) ଚାପ୍ଟର ସହ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଫିରଦୋଷ ମତପ୍ରକାଶ କରିଛନ୍ତି। ଉକ୍ତ ବୈଠକରେ କ୍ରେଡାଇ ଭୁବନେଶ୍ୱରର ପ୍ରତିଷ୍ଠାତା ସଦସ୍ୟ ଦେୱା ଶଙ୍କର ତ୍ରିପାଠୀ ଏବଂ ବିନୟ କ୍ରିଷ୍ଣା ଦାସଙ୍କ ସମେତ ଚେୟାରମ୍ୟାନ ସଂଗ୍ରାମ କେଶରୀ ସାହୁ, ଉପସଭାପତି ସୌମ୍ୟଜିତ ମହାନ୍ତି ଏବଂ ବବଲି ସତ୍ୟନାରାୟଣ, ଯୁଗ୍ମ ସମ୍ପାଦକ ମନମୋହନ ଅଗ୍ରୱାଲ ଏବଂ ଜ୍ୟୋତିରଞ୍ଜନ ବେହୁରିଆ, କୋଷାଧ୍ୟକ୍ଷ ଅଶୋକ ପାତ୍ର ଏବଂ ରୋନାକ ଡଗର, କମଳ ଲୋଚନ ପାତ୍ର, ସେକ୍ ମୈରାଜିଉଲ ହକ୍‌ଙ୍କ ଭଳି କାର୍ଯ୍ୟନିର୍ବାହୀ ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ। ପରିଶେଷରେ ବିନୟ କ୍ରିଷ୍ଣା ଦାସ ଧନ୍ୟବାଦ ଦେଇଥିଲେ।

## ବିଓଆଇର ହିନ୍ଦୀ ମାସ ସମାରୋହ

**ଭୁବନେଶ୍ୱର,୧୭।୯**

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ହିନ୍ଦୀ ମାସ ସମାରୋହ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କ ପକ୍ଷରୁ ସମାଚାର ପାଠ, ଇ-ମେଲ୍ ପ୍ରତିଯୋଗିତା, ହିନ୍ଦୀରେ ସର୍ବାଧିକ କାମକାର୍ଯ୍ୟ, ପ୍ରବନ୍ଧ, ଓଡ଼ିଆ-ହିନ୍ଦୀ ସଙ୍ଗୀତ ପ୍ରତିଯୋଗିତା ଏବଂ ସ୍ଲୋଗାନ୍ ପ୍ରତିଯୋଗିତା ଆଦିର ଆୟୋଜନ କରାଯାଇଥିଲା। ଏପରିକି ହିନ୍ଦୀ ଭାଷାରେ କାର୍ଯ୍ୟ କରିବା ନିମନ୍ତେ ଏକ ଶପଥ ଗ୍ରହଣ ସମାରୋହର ମଧ୍ୟ ଆୟୋଜନ କରାଯାଇଥିଲା। ଏଥିସହିତ ହିନ୍ଦୀ ଦିବସ ବାର୍ତ୍ତା ପଠନ କରାଯାଇଥିଲା। ଏହି ଅବସରରେ ମାସ ସାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। ସେହିଭଳି ବିଓଆଇ ଭୁବନେଶ୍ୱର ଅଞ୍ଚଳର ଉପ-ଆଞ୍ଚଳିକ ପ୍ରବନ୍ଧକ ଅଶୋକ କୁମାର ଜେନା, ସତର୍କତା ବିଭାଗର ସହାୟକ ମହାପ୍ରବନ୍ଧକ ନୀରଜ କୁମାର ଏବଂ ସୁରକ୍ଷା ବିଭାଗର ମୁଖ୍ୟ ପ୍ରବନ୍ଧକ ବେଦ ପ୍ରକାଶ ଓଝାଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ହିନ୍ଦୀ ଆମର ରାଷ୍ଟ୍ର ଭାଷା ଏବଂ ଆମକୁ ଅଧିକରୁ ଅଧିକ କାର୍ଯ୍ୟ ହିନ୍ଦୀରେ କରିବା ଉଚିତ ବୋଲି ଉପ-ଆଞ୍ଚଳିକ ପ୍ରବନ୍ଧକ ଜେନା ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଞ୍ଚଳିକ କାର୍ଯ୍ୟାଳୟ, ଆର୍‌ବିସି, ଏସ୍‌ଏମ୍‌ଇ ଏବଂ ସ୍ଥାନୀୟ ଶାଖାର କର୍ମଚାରୀମାନେ ଉପସ୍ଥିତ ଥିଲେ। ପରିଶେଷରେ ରାଜଭାଷାର ବରିଷ୍ଠ ପ୍ରବନ୍ଧକ ସୋନିଆ ସାୱନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

**ଫୁର୍‌ସତ୍**

# ମଣିଷ ସଭ୍ୟତା ସହ ବାଉଁଶର ଯାତ୍ରା

**ବିଶ୍ୱ ବାଉଁଶ ଦିବସ**

ମଣିଷ ସଭ୍ୟତା ଆରମ୍ଭରୁ ବାଉଁଶର ଯାତ୍ରା ଆରମ୍ଭ ହୋଇଛି। ଯେବେଠୁଁ ମଣିଷ ସ୍ଥାୟୀ ଭାବେ ଘର କରି ରହିବା ଆରମ୍ଭ କଲା, ସେବେଠାରୁ ବାଉଁଶ ଆବଶ୍ୟକ ସାମଗ୍ରୀ ମଧ୍ୟରେ ସାମିଲ ହୋଇ ଯାଇଥିଲା। ଶିକାର କରିବାରେ ବାଉଁଶ ଧନୁତୀର ସହିତ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ ହୋଇଥିଲା, ଯାହାକି ମନୁଷ୍ୟର ଖାଦ୍ୟ ଆବଶ୍ୟକତା ମେଣ୍ଟାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଭେଳା ତିଆରି କରି ନଦୀ ପାର କରିବାରେ ବାଉଁଶର ବ୍ୟବହାର ମଧ୍ୟ କରାଯାଉଥିଲା। ସେହିପରି ବାସସ୍ଥାନ ନିର୍ମାଣର ବହୁ କ୍ଷେତ୍ରରେ ବାଉଁଶକୁ ବ୍ୟବହାର କରିବା ଆରମ୍ଭ ହୋଇଥିଲା। ଏବେ ବି ଗାଁ ଗଣ୍ଡାରେ ନଡ଼ାଛପର ଘରେ ବାଉଁଶର ଉପଯୋଗ କରାଯାଉଛି। ବାଉଁଶ ବିନା ନଡ଼ାଛପର ଘର ତିଆରି କରିବା ସମ୍ଭବ ନୁହେଁ। ସେହିପରି ବନ୍ୟାରେ ନଦୀବନ୍ଧରେ ଅତଡ଼ା ଖସିଲେ ବାଉଁଶ ବାଡ଼ରେ ବାଲିବସ୍ତା ପକାଇ ଏହାକୁ ରୋକାଯାଏ। ବାଉଁଶ ଖାଦ୍ୟ, ବାସଗୃହ, ସୁରକ୍ଷା ପ୍ରଦାନ କରିବା ସହିତ ଏକ ଅର୍ଥକରୀ ଗଛର ଭୂମିକା ଗ୍ରହଣରେ ଅତୁଳନୀୟ ସାବ୍ୟସ୍ତ ହୋଇପାରିଛି। ପ୍ରାଚୀନ କାଳରୁ ଆରମ୍ଭ କରି ଏପର୍ଯ୍ୟନ୍ତ ବାଉଁଶ ମଣିଷର ଅତି ଆପଣାର ହୋଇ ରହିଛି। ତେଣୁ ବାଉଁଶ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ୱାର୍ଲଡ ବାମ୍ବୋ ଅର୍ଗାନାଇଜେଶନ ଗଠନ କରାଯାଇଥିଲା। ଏହାର ସଂରକ୍ଷଣ ଲାଗି ୨୦୦୯ ବ୍ୟାଙ୍କକର ୮ମ ୱାର୍ଲଡ ବାମ୍ବୋ ସମ୍ମିଳନୀରେ ସେପ୍ଟେମ୍ବର ୧୮କୁ 'ବିଶ୍ୱ ବାଉଁଶ ଦିବସ' ଭାବେ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସେବେଠାରୁ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଉଛି। ପରିବେଶ ବିଜ୍ଞାନୀଙ୍କ ମତାନୁସାରେ, ବାଉଁଶରୁ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରସ୍ତୁତ କରାଗଲେ ପ୍ରଦୂଷଣ ମାତ୍ରା ହ୍ରାସ ପାଇପାରିବ। ଏହା ସହିତ ବାଉଁଶ ଦ୍ୱାରା ଭାରତ ଭଳି ଦେଶର ଆର୍ଥିକ ବିକାଶ ମଧ୍ୟ ସମ୍ଭବ ହୋଇପାରିବ।

ଏହି ଦିବସ ପାଳନ ଅବସରରେ ବାଉଁଶ ଚାଷକୁ ପ୍ରୋତ୍ସାହିତ କରାଯିବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ବାଉଁଶର ଆସବାବପତ୍ର, ଖାଦ୍ୟ, ଜୈବ ଇନ୍ଧନ, କପଡା ଆଦି ଅନେକ ବ୍ୟବହାର ରହିଛି। ତେଣୁ, ଆବଶ୍ୟକତା ବଜାୟ ରଖିବା ପାଇଁ ଏହାର ଚାଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରତିବର୍ଷ ବିଶ୍ୱ ବାଉଁଶ ଦିବସ ଏକ ନିର୍ଦ୍ଦିଷ୍ଟ ବାର୍ତ୍ତା ବହନ କରିଥାଏ। ଚଳିତ ୨୦୨୩ ବର୍ଷ ପାଇଁ ଏହି ଦିବସର ବାର୍ତ୍ତା ହେଉଛି 'ପରିବେଶ ସଂରକ୍ଷଣ ପାଇଁ ଏକ ଆହ୍ୱାନ ମୂଳକ ପଦକ୍ଷେପ(ଏ କଲ ଟୁ ଆକ୍ସନ ଫର ଏନଭାର୍ନମେଣ୍ଟାଲ ପ୍ରିଜରଭେଶନ) ।



# ଦୀପିକାଙ୍କୁ ମା' ଚରିତ୍ର ପାଇଁ ରାଜି କରାଇଥିଲେ ଶାହରୁଖ

**ମୁମ୍ବାଇ**

ନିକଟରେ ଶାହରୁଖ୍‌ଙ୍କ ଫିଲ୍ମ 'ଜୱାନ' ରିଲିଜ୍ ହୋଇଥିବାବେଳେ ଦର୍ଶକ ଏହାକୁ ବହୁତ ଭଲପାଇବା ଦେଉଛନ୍ତି। ଶାହରୁଖ୍‌ଙ୍କ ଫିଲ୍ମରେ ଅଭିନେତ୍ରୀ ଦୀପିକା ମା' ଭୂମିକାରେ କିଛି ସମୟ ପାଇଁ ନଜରକୁ ଆସିଥିଲେ, ହେଲେ ସେ ତାଙ୍କ ଅଭିନୟରେ ଦର୍ଶକଙ୍କ ହୃଦୟ ଜିତିପାରିଛନ୍ତି। ଏହା ଦୀପିକାଙ୍କ ମା' ଭୂମିକାର ପ୍ରଥମ ସିନେମା। ଦୀପିକାଙ୍କୁ ମା' ଭୂମିକା ପାଇଁ ଶାହରୁଖ ରାଜି କରାଇଥିଲେ। ତେବେ ଦୀପିକାଙ୍କୁ ଶାହରୁଖ କିପରି ମନାଇଥିଲେ ତାହା ବେଶ୍ ମଜାଳିଆ ଥିଲା। ଶାହରୁଖ କହିଛନ୍ତି, ଦୀପିକା ତାଙ୍କ ହୃଦୟର ଅତି ନିକଟତର। ନିର୍ଦ୍ଦେଶକ ଅଟଲି କୁମାର ତାଙ୍କୁ ଯେତେବେଳେ କହିଥିଲେ ଦୀପିକାଙ୍କୁ କ୍ୟାମିଓ ପାଇଁ କାଷ୍ଟ କରିବାକୁ ଚାହୁଛନ୍ତି ଏବଂ ଏଥିପାଇଁ ସେ ଦୀପିକାଙ୍କୁ ମନାନ୍ତୁ। ଶାହରୁଖ ଏହା ଶୁଣି ଦ୍ୱନ୍ଦ୍ୱରେ ପଡ଼ିଥିଲେ। ସେ ସେଟ୍‌ରେ ତାଙ୍କ ମ୍ୟାନେଜରଙ୍କ ଜରିଆରେ ଦୀପିକାଙ୍କୁ ତାଙ୍କ ପରବର୍ତ୍ତୀ ଫିଲ୍ମ ମା' ହେବାକୁ ଚାହୁଁଛନ୍ତି କି ? ଏହା ଶୁଣି ଦୀପିକା କହିଥିଲେ, 'ଯେତେବେଳେ ଶାହରୁଖ କହିଛନ୍ତି ମୁଁ ମା' ରୋଲରେ ପର୍ଫେକ୍ଟ, ତାହାହେଲେ ମୁଁ ପ୍ରସ୍ତୁତ'। ଶାହାରୁଖ ତାଙ୍କ ମ୍ୟାନେଜରଙ୍କଠାରୁ ଏହା ଶୁଣି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏଥିସହ ନିର୍ଦ୍ଦେଶକ ଅଟଲିଙ୍କୁ ଦୀପିକା କହିଛନ୍ତି, ସେ ଫିଲ୍ମରେ କେତେ ସମୟ ରହୁଛନ୍ତି, ତାହା ଜରୁରୀ ନୁହେଁ ବରଂ ବଡ଼ କଥା ହେଉଛି ତାଙ୍କ ଅଭିନୟ। ଏହା ପୂର୍ବରୁ ଦୀପିକାଙ୍କୁ ଶାହରୁଖ୍‌ଙ୍କ ସହିତ ଫିଲ୍ମ 'ପଠାନ'ରେ ଦେଖିବାକୁ ମିଳିଥିଲା।



# ଲମ୍ବା ଚୁଟି ରଖିଥିବା ଟିନ୍ ଏଜର





**ଲକ୍ଷ୍ନୌ**

ନିକଟରେ ଜଣେ ୧୫ ବର୍ଷୀୟ ଏପରି କିଛି କରିଛନ୍ତି, ଯାହା ଅନ୍ୟ କେହି ଏହି ବୟସରେ କରିପାରିବେନି। ଉତ୍ତର ପ୍ରଦେଶର ସିକନ୍ଦର ସିଂ ଚହଲ ଗିନିଜ୍ ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡ୍ସରେ ନିଜ ନାମ ଲେଖାଇଛନ୍ତି। ସେ କନିଷ୍ଠ ବର୍ଗରେ ସବୁଠୁ ଲମ୍ବା ଚୁଟି ରଖିଥିବା ନେଇ ରେକର୍ଡ କରିଛନ୍ତି। ସେ କେବେ ନିଜ ଚୁଟି କାଟିନାହାନ୍ତି। ଏବେ ତାଙ୍କର ଉଚ୍ଚତା ୪ ଫୁଟ ଥିବାବେଳେ ତାଙ୍କ ଚୁଟିର ଲମ୍ବ ୯.୫ ଫୁଟ। ସେ ତାଙ୍କ ଚୁଟିକୁ ସପ୍ତାହରେ ୨ ଥର ଧୁଅନ୍ତି। ଏଥିସହ ଚୁଟି ଶୁଖାଇବା ଓ କୁଣ୍ଡାଇବାରେ ତାଙ୍କର ବହୁତ ସମୟ ମଧ୍ୟ ଯାଏ। ସିକନ୍ଦରଙ୍କ କହିବା ମୁତାବକ, ଏଥିରେ ତାଙ୍କ ମା' ଯଦି ସାହାଯ୍ୟ ନ କରନ୍ତି, ତେବେ ଏହି ଚୁଟି ପଛରେ ତାଙ୍କର ପୂରା ଦିନ ପଳାଏ। ଗିନିଜ୍ ୱାର୍ଲ୍ଡ ରେକର୍ଡ ମୁତାବକ, ସିକନ୍ଦର ଶିଖ୍ ପରିବାରରୁ ଆସିଥିବାବେଳେ ସେ ସବୁ ସମୟରେ ତାଙ୍କ ଚୁଟି ବାନ୍ଧିକରି ଏହା ଉପରେ ପଗଡ଼ି ବାନ୍ଧନ୍ତି। ସିକନ୍ଦର ଯେତେବେଳେ ତାଙ୍କର ସମ୍ପର୍କୀୟଙ୍କୁ ଏହି କଥା କହିଥିଲେ, ସେମାନେ ଏଥିରେ ବିଶ୍ୱାସ କରି ନ ଥିଲେ। ସେଥିପାଇଁ ସେମାନଙ୍କୁ ପ୍ରମାଣ ସ୍ୱରୂପ ତାଙ୍କର ଚୁଟି ଖୋଲି ଦେଖାଇବାକୁ ପଡ଼ିଥିଲା। ଛୋଟବେଳେ ସେ ଚୁଟି ଶୁଖାଇବା ବେଳେ ତାଙ୍କ ସାଙ୍ଗମାନେ ତାଙ୍କୁ ପରିହାସ କରୁଥିଲେ। ସେତେବେଳେ ସେ ତାଙ୍କର ଏହି ଚୁଟିକୁ ବଡ଼ ହେଲେ କାଟିବେ ବୋଲି ଭାବିଥିଲେ। ହେଲେ ଏବେ ସେ ତାଙ୍କର ଚୁଟିକୁ ତାଙ୍କ ପରିଚୟ ଭାବେ ରଖିବାକୁ ନିଷ୍ପତ୍ତି ନେଇଛନ୍ତି।

# ପାକ୍‌ରୁ ପ୍ରଥମ ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗୀ



**ଇସଲାମାବାଦ୍**

ଦେଶର ଇତିହାସରେ ପ୍ରଥମ ଥର କରି ପାକିସ୍ତାନକୁ ମିସ୍ ୟୁନିଭର୍ସ ପ୍ରତିଯୋଗୀ ମିଳିଛି। ଏଥିପାଇଁ ପାକିସ୍ତାନ ପକ୍ଷରୁ ଗୁରୁବାର ମାଳଦ୍ୱୀପରେ ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗୀ ବାଛିବାକୁ ଏକ କାର୍ଯ୍ୟକ୍ରମ କରାଯାଇଥିଲା। ସେଥିରେ କରାଚିର ମଡେଲ ୨୪ ବର୍ଷୀୟା ଏରିକା ରବିନ୍‌ଙ୍କୁ ପାକିସ୍ତାନର ପ୍ରଥମ ମିସ୍ ୟୁନିଭର୍ସ ପ୍ରତିଯୋଗୀ ଭାବେ ମୁକୁଟ ପିନ୍ଧାଯାଇଛି। ମିସ୍ ୟୁନିଭର୍ସ ପିଜାଣ୍ଟ ପାଇଁ ୨୪ ବର୍ଷୀୟା ହୀରା ଇନାମ, ୨୮ ବର୍ଷୀୟା ଜେସିକା ବିଲସନ୍, ୧୯ ବର୍ଷୀୟା ମଲିକା ଅଲ୍ଭୀ ଏବଂ ୨୬ ବର୍ଷୀୟା ସବରିନା ୱାସିମ୍‌ଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଚଳିତବର୍ଷ ନଭେମ୍ବରରେ ଅଲ୍ ସାଲ୍‌ଭାଡୋରରେ ହେବାକୁ ଥିବା ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାରେ ପାକିସ୍ତାନ ପକ୍ଷରୁ ସେ ପ୍ରତିଦ୍ୱନ୍ଦ୍ୱିତା କରିବେ। ତେବେ ଏଥିରେ ଖୁସି ନ ହୋଇ ପାକିସ୍ତାନ ସରକାରଙ୍କଠାରୁ ଆରମ୍ଭ କରି ସେଠାକାର ଇଣ୍ଟେଲିଜେନ୍ସ ଏଜେନ୍ସି ଏହା ଯାଞ୍ଚରେ ଲାଗିଛନ୍ତି ଯେ ଏହା କିପରି ସମ୍ଭବ ହେଲା। ରିପୋର୍ଟ ମୁତାବକ, ଗୁରୁବାର ହୋଇଥିବା ଏହି ପ୍ରତିଯୋଗିତା ପାଇଁ ସରକାରଙ୍କ ପରାମର୍ଶ ନିଆଯାଇ ନ ଥିଲା। ସେଠାକାର କାମଚଳା ପ୍ରଧାନମନ୍ତ୍ରୀ ଅନୱାର ଉଲ୍ ହକ୍ କାକଡ ପାକିସ୍ତାନର ବିଦେଶ ବିଭାଗକୁ ଏହାର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପାକିସ୍ତାନ ସରକାରଙ୍କ ବିନା ଅନୁମତିରେ ସଂଯୁକ୍ତ ଆରବ ଏମିରେଟ୍ସ ଏହାକୁ କିପରି ଆୟୋଜନ କରିଥିଲା, ତାହା ଉପରେ ଆଲୋଚନା ପାଇଁ କହିଛି। ଯାଞ୍ଚ ନିର୍ଦ୍ଦେଶ ପରେ ପାକିସ୍ତାନର କିଛି ଏମ୍‌ପି, ଧାର୍ମିକ ନେତା ଏହାକୁ ନିନ୍ଦା କରିଛନ୍ତି। ଇଣ୍ଟେଲିଜେନ୍ସ ବ୍ୟୁରୋ ପ୍ରଧାନମନ୍ତ୍ରୀ କାକଡଙ୍କୁ ଏହାର ପ୍ରତ୍ୟୁତ୍ତରରେ କହିଛି, ପାକିସ୍ତାନକୁ ପ୍ରଦର୍ଶନୀ କରିବା ପାଇଁ ଲାଇସେନ୍ସ ଦୁବାଇର ଏକ କମ୍ପାନୀ ହାସଲ କରିଛି। ମିସ୍ ୟୁନିଭର୍ସ ୱେବ୍‌ସାଇଟ୍ ମୁତାବକ, କୌଣସି ବେସରକାରୀ କମ୍ପାନୀ ମିସ୍ ୟୁନିଭର୍ସ ପାଇଁ ପ୍ରତିଯୋଗୀଙ୍କ ନାମ ପଠାଇ ପାରିବ। ଏଥିପାଇଁ କୌଣସି ଦେଶର ସରକାରଙ୍କ ଅନୁମତି ଆବଶ୍ୟକ ନ ଥାଏ। ଏଥିରେ ଅନ୍ୟ ଜଣେ ମନ୍ତ୍ରୀ ମୁର୍ତଜା ଅଲି ସୋଲାଙ୍ଗୀ ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ଲେଖିଛନ୍ତି, ପାକିସ୍ତାନ ଏବଂ ଏଠାକାର ସରକାରକୁ କେବଳ ଏଠାକାର ସରକାରୀ ସଂସ୍ଥା ହିଁ ପ୍ରତିନିଧିତ୍ୱ କରିପାରିବ। ତାଙ୍କ ପକ୍ଷରୁ ଅନ୍ୟ କେହି ବେସରକାରୀ ସଂସ୍ଥା ନିଷ୍ପତ୍ତି ନେଇପାରିବେନି। ତେବେ ୧୯୯୯ ସେପ୍ଟେମ୍ବର ୧୪ରେ ଏରିକା ଏକ ଖ୍ରୀଷ୍ଟିଆନ ପରିବାରରେ ଜନ୍ମ ହୋଇଥିଲେ। ସେ ୨୦୨୦ରେ ତାଙ୍କର ପ୍ରଫେଶନାଲ ମଡେଲିଂ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ତାଙ୍କୁ ସେହିବର୍ଷ ଜୁଲାଇରେ ପାକିସ୍ତାନର ଡିଭା ମାଗାଜିନ୍‌ରେ ଦେଖିବାକୁ ମିଳିଥିଲା। ସେ ପାକିସ୍ତାନର ଅନେକ ବ୍ୟୁଟି ବ୍ରାଣ୍ଡର ଅଂଶ ରହିଆସିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଚିନ୍ମୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ରେମଦାସାରେ ସିରାଜ ଝଡ଼

**କଲମ୍ବୋ, ୧୭।୯**

ବର୍ଷା ଜନିତ ପାଗ ଓ ପରିବେଶ ଯୋଗୁ ଏସିଆ କପ୍‌ର ୧୬ଶ ସଂସ୍କରଣରେ ଅନେକ ମ୍ୟାଚ ପ୍ରଭାବିତ ହୋଇଥିଲା। ଭାରତ-ପାକିସ୍ତାନ ଲିଗ୍ ମ୍ୟାଚ ସମ୍ପୂର୍ଣ୍ଣ ହୋଇପାରି ନ ଥିବାବେଳେ ସୁପର-୪ ମ୍ୟାଚ ଶେଷ ହେବାକୁ ୨ ଦିନ ଲାଗି ଯାଇଥିଲା। ସମାନ ପରିସ୍ଥିତି ପାଇଁ ଅନ୍ୟ କେତେକ ମ୍ୟାଚର ଓଭର କମାଇବାକୁ ବାଧ୍ୟ ହୋଇଥିଲେ ଆୟୋଜକ। ମାତ୍ର ରବିବାର ଭାରତ-ଶ୍ରୀଲଙ୍କା ମ୍ୟାଚରେ ବର୍ଷା ନ ଥିଲା କି ତଦ୍‌ଜନିତ ପରିବେଶ। ଆର୍. ପ୍ରେମଦାସ ଷ୍ଟାଡିୟମ୍‌ରେ ଆସିଥିଲା ସିରାଜ ଝଡ଼। ଏହି ଝଡ଼ରେ ଶ୍ରୀଲଙ୍କା ଇନିଂସ ଧ୍ୱସ୍ତ ହୋଇ ଯାଇଥିଲା। କ୍ୟାରିୟରରେ ପ୍ରଥମଥରପାଇଁ ୬ ଉଇକେଟ ସଫଳତା ପାଇଥିଲେ ସିରାଜ। ମ୍ୟାଚ ୫୦ ଓଭର ବିଶିଷ୍ଟ ହୋଇଥିଲେ ହେଁ ୨ଟି ଯାକ ଇନିଂସ ୧୫.୨ ଓ ୬.୧ ଓଭରରେ ଶେଷ ହୋଇ ଯାଇଥିଲା। ଘରୋଇ ପରିବେଶରେ ଖେଳିଥିଲେ ହେଁ ଶ୍ରୀଲଙ୍କା ପାଇଁ କିଛି ବି ଭଲରେ ଯାଇ ନ ଥିଲା। ଟସ୍ ଜିତି ଦଳ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ସତ, ମାତ୍ର ପ୍ରଥମ ଓଭରରୁ ଝଟ୍‌କା ଖାଇଥିଲା। ତେବେ ୪ର୍ଥ ଓଭରରେ ଯେଉଁ ଝଟ୍‌କା ଖାଇଥିଲା ସେଥିରେ ଦଳର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଯାଇଥିଲା। ଏହାର ନାୟକ ଥିଲେ ଭାରତର ଦ୍ରୁତ ବୋଲର ମହମ୍ମଦ ସିରାଜ। ସେ ନିଜର ଦ୍ୱିତୀୟ ଓଭରରେ ୪ ଉଇକେଟ ଅକ୍ତିଆର କରିବାରୁ ଶ୍ରୀଲଙ୍କା ମାନସିକ ସ୍ତରରେ ଭାଙ୍ଗି ପଡ଼ିଥିଲା। ଆଉ ଅଣ୍ଟା ସଳଖି ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିପାରି ନ ଥିଲା ଘରୋଇ ଦଳ। ଏହାର ଫଳ ସିଧାସଳଖ ସ୍କୋରବୋର୍ଡରେ ପ୍ରତିଫଳିତ ହୋଇଥିଲା। କୁଶାଲ ମେଣ୍ଡିସ (୧୭) ଓ ଦୁଶାନ ହେମନ୍ତ (୧୩)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଶ୍ରୀଲଙ୍କା ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ମାତ୍ର ୧୨ ରନରେ ୬ ଉଇକେଟ ହରାଇ ସାରିଥିବା ଶ୍ରୀଲଙ୍କା କୌଣସିମତେ ୫୦ ରନ ପୂରଣ କରିବାକୁ ସକ୍ଷମ ହୋଇଥିଲେ ହେଁ ଅନେକ ଅଲୋଡ଼ା ରେକର୍ଡର ଅଧିକାରୀ ହୋଇଥିଲା।


ଏସିଆ କପ୍ ଟ୍ରଫି ସହ ଟିମ୍ ଇଣ୍ଡିଆ।

### ସିରାଜଙ୍କ ଉଇକେଟ

୨.୧: ପଥୁମ ନିଶଙ୍କା
୨.୩: ସଦିରା ସମରବିକ୍ରମା
୨.୪: ଚରିଥ ଆଶାଲଙ୍କା
୨.୬: ଧନଞ୍ଜୟ ଡି'ସିଲ୍‌ଭା
୩.୪: ଦଶୁନ ସନକା
୬.୨: କୁଶାଲ ମେଣ୍ଡିସ
ଫିଗର: ୭-୧-୨୧-୬

### ସଂକ୍ଷିପ୍ତ ସ୍କୋର

ଶ୍ରୀଲଙ୍କା ୧୫.୨ ଓଭରରେ ୫୦/ଅଲ୍‌ଆଉଟ (କୁଶାଲ ମେଣ୍ଡିସ-୧୭, ମହମ୍ମଦ ସିରାଜ-୬/୨୧, ହାର୍ଦ୍ଦିକ ପାଣ୍ଡ୍ୟା-୩/୩, ଯଶପ୍ରୀତ୍ ବୁମ୍‌ରା-୧/୨୩)। ଭାରତ ୬.୧ ଓଭରରେ ୫୧/୦ (ଇଶାନ କିଶନ-୨୩*, ଶୁବମନ ଗିଲ୍-୨୭*)।

## 'ଯେତିକି ଭାଗ୍ୟରେ ଥାଏ ତାହା ମିଳେ'

**କଲମ୍ବୋ, ୧୭।୯ (ପି.ଟି.)**

ମ୍ୟାଜିକ୍ ସ୍ପେଲ୍ ବୋଲିଂ କରି ସୁପର ସନ୍‌ଡେରେ ଭାରତକୁ ଏସିଆ କପ୍ ଭେଟି ଦେଇଛନ୍ତି ତାରକା ଦ୍ରୁତ ବୋଲର ମହମ୍ମଦ ସିରାଜ। ସେ ୨୧ ରନ ବିନିମୟରେ ୬ ଉଇକେଟ ହାସଲ କରିବାରୁ ଶ୍ରୀଲଙ୍କା ଇନିଂସ ତାସ୍‌ଘର ଭଳି ଭୁଶୁଡ଼ି ପଡ଼ିଥିଲା। ନିଜ ପ୍ରଦର୍ଶନରେ ସ୍ୱାଭାବସିକଭାବେ ଉଲ୍ଲସିତ ଅଛନ୍ତି ସିରାଜ। ''ଯେତିକି ଭାଗ୍ୟରେ ଥାଏ ସେତିକି ମିଳିଥାଏ। ଆଜି ୬ ଉଇକେଟ ମୋ ଭାଗ୍ୟରେ ଥିଲା'' ବୋଲି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ସିରାଜ। ଏହି ଅବସରରେ ଏକ ପୂର୍ବ ଘଟଣାକୁ ମନେ ପକାଇଥିଲେ ସିରାଜ। ଚଳିତ ବର୍ଷ ପ୍ରାରମ୍ଭରେ ଶ୍ରୀଲଙ୍କା ଦଳ ଭାରତ ଗସ୍ତରେ ଆସିଥିବାବେଳେ ଥିରୁଭାନନ୍ତପୁରମ୍‌ଠାରେ ତୃତୀୟ ଦିନିକିଆରେ ସେ ଶୀଘ୍ର ୪ ଉଇକେଟ ନେଇଥିଲେ ହେଁ ୫ ଉଇକେଟ ସଫଳତା ପାଇପାରି ନ ଥିଲେ। ''ମୁଁ ଦୀର୍ଘ ସମୟ ଧରି ଭଲ ବୋଲିଂ କରି ଆସୁଛି, ମାତ୍ର କେବେ ୫ ଉଇକେଟ ସଫଳତା ପାଇ ନ ଥିଲି। ଶେଷରେ ଏଠାରେ ଆଶା ପୂରଣ ହୋଇଛି। ଏଠାରେ ବଲ୍ ସୁଇଂ କରିଥିଲା। ମୁଁ ତାର ଭରପୂର ଫାଇଦା ଉଠାଇଥିଲି। ଏହାର ଫଳ ମଧ୍ୟ ମୋତେ ମିଳିଥିଲା। ଆରମ୍ଭରୁ ଫୁଲ୍ ବଲ୍ ପକାଇବାର ଯୋଜନା କରିଥିଲି ଏବଂ ଏହା ସଫଳ ମଧ୍ୟ ହୋଇଥିଲା। ଏହି ଉଇକେଟରେ ପୂର୍ବରୁ ବଲ୍ ସିମ୍ ହେଉଥିବା ବେଳେ ରବିବାର କିନ୍ତୁ ସୁଇଙ୍ଗ ଦେଖିବାକୁ ମିଳିଥିଲା ବୋଲି ସିରାଜ ପ୍ଲେୟର ଅଫ୍ ଦ ମ୍ୟାଚ୍ ପୁରସ୍କାର ହାସଲ ସମୟରେ କହିଛନ୍ତି।

## ପୁରସ୍କାର ରାଶି ଦାନକଲେ ସିରାଜ

**କଲମ୍ବୋ, ୧୭।୯ (ପି.ଟି.)**

ଏସିଆ କପ୍ ଫାଇନାଲରେ ପ୍ଲେୟର ଅଫ୍ ଦ ମ୍ୟାଚ୍ ହୋଇଥିବା ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସିରାଜ ନିଜ ପୁରସ୍କାର ରାଶି ପ୍ରଦାନ କରିଛନ୍ତି। ଶ୍ରୀଲଙ୍କା ବିପକ୍ଷ ଫାଇନାଲରେ ଅଗ୍ନିବର୍ଷୀ ବୋଲିଂ କରି ସେ ୨୧ ରନ୍ ଦେଇ ୬ ଉଇକେଟ ଅକ୍ତିଆର କରିଥିଲେ। କ୍ୟାରିୟର ଶ୍ରେଷ୍ଠ ବୋଲିଂ ପାଇଁ ସିରାଜଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ପୁରସ୍କାର ମଧ୍ୟ ଦିଆଯାଇଥିଲା। ୫ ହଜାର ଡଲାର ବା ଭାରତୀୟ ମୁଦ୍ରାରେ ୪ ଲକ୍ଷ ୧୫ ହଜାର ଟଙ୍କାର ପୁରସ୍କାର ରାଶିକୁ ଗ୍ରାଉଣ୍ଡସମ୍ୟାନଙ୍କୁ ଦାନ କରିବାକୁ ସିରାଜ ନିଷ୍ପତ୍ତି ନେଇଥିଲେ। ସମଗ୍ର ଏସିଆ କପ୍ ବର୍ଷା ବାଧାପ୍ରାପ୍ତ ହୋଇଥିବା ବେଳେ ଗ୍ରାଉଣ୍ଡସମ୍ୟାନଙ୍କ ନିରନ୍ତର ଉଦ୍ୟମ ଫଳରେ ଟୁର୍ନାମେଣ୍ଟର ସଫଳ ଆୟୋଜନ ସମ୍ଭବ ହୋଇଥିଲା। ଏହା ପୂର୍ବରୁ ବିସିସିଆଇ ସମ୍ପାଦକ ଜୟ ଶାହା ମଧ୍ୟ ଗ୍ରାଉଣ୍ଡସମ୍ୟାନଙ୍କ ପାଇ ୪୨ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ।

## କ୍ୟୁରେଟର ଓ ଗ୍ରାଉଣ୍ଡସମ୍ୟାନଙ୍କୁ ୫୦,୦୦୦ ଡଲାର ପୁରସ୍କାର

**କଲମ୍ବୋ, ୧୭।୯ (ପି.ଟି.):** ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ଓ ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି) କଲମ୍ବୋ ଓ ପାଲିକେଲର କ୍ୟୁରେଟର ଓ ଗ୍ରାଉଣ୍ଡସମ୍ୟାନଙ୍କ ଲାଗି ୫୦,୦୦୦ ଆମେରିକୀୟ ଡଲାର ପୁରସ୍କାର ଘୋଷଣା କରିଛନ୍ତି। ବର୍ଷା ଋତୁରେ ଅକ୍ଲାନ୍ତ ପରିଶ୍ରମ କରି ଗ୍ରାଉଣ୍ଡକୁ ପ୍ରସ୍ତୁତ କରିଛନ୍ତି। ସେମାନଙ୍କ ଉତ୍ସର୍ଗୀକୃତ ମନୋଭାବକୁ ସମ୍ମାନ ଦେବାକୁ ଯାଇ ପୁରସ୍କାର ଘୋଷଣା କରାଯାଇଥିବା ଏସିସି ଚେୟାରମ୍ୟାନ ଜୟ ଶାହା ପ୍ରକାଶ କରିଛନ୍ତି। ୫୦ ହଜାର ଆମେରିକୀୟ ଡଲାର ଶ୍ରୀଲଙ୍କା ମୁଦ୍ରାରେ ପ୍ରାୟ ୧୬ ନିୟୁତ ଟଙ୍କା ହେବ। ଶ୍ରୀଲଙ୍କା ପାଣିପାଗ ଆକସ୍ମିକ ଚ୍ୟାଲେଞ୍ଜ ସୃଷ୍ଟି କରିଥାଏ। କ୍ୟୁରେଟର ଓ ଗ୍ରାଉଣ୍ଡସମ୍ୟାନମାନଙ୍କୁ ସ୍ୱଳ୍ପ ସମୟ ମଧ୍ୟରେ ଏହାକୁ ଖେଳ ଉପଯୋଗୀ କରିବାକୁ ପଡ଼ିଥାଏ।

## ୧୯୮୭: ଅଷ୍ଟ୍ରେଲିଆ ନୂଆ ଚାମ୍ପିୟନ

ଦିନିକିଆ କ୍ରିକେଟ ପୁରୁଷ ବିଶ୍ୱକପ୍‌ର ତୃତୀୟ ସଂସ୍କରଣ ପ୍ରଥମ ଥର ପାଇଁ ଇଂଲଣ୍ଡ ବାହାରେ ଅନୁଷ୍ଠିତ ହୋଇଥିଲା। ଏସିଆ ମହାଦେଶର ଦୁଇ ପଡୋଶୀ ରାଷ୍ଟ୍ର ଭାରତ ଓ ପାକିସ୍ତାନ ମିଳିତ ଭାବରେ ଏହି ଟୁର୍ନାମେଣ୍ଟ ଆୟୋଜନ କରିଥିବା ବେଳେ ଏକ ନୂଆ ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆର ଆବିର୍ଭାବ ଘଟିଥିଲା। ରିଲାଏନ୍ସ ଏହି ବିଶ୍ୱକପର ପ୍ରାୟୋଜକ ରହିଥିବା ବେଳେ ୮ ଦଳ ଅଂଶଗ୍ରହଣ କରି ୨୭ ମ୍ୟାଚ୍ ଖେଳିଥିଲେ। ପ୍ରଥମ ଥର ପାଇଁ କ୍ରିକେଟ ବିଶ୍ୱକପ୍‌କୁ ୫୦ ଓଭର ବିଶିଷ୍ଟ ମଧ୍ୟ କରାଯାଇଥିଲା। ଭାରତ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଓ ଜିମ୍ବାୱେ ଗ୍ରୁପ୍ ଏ'ରେ ସ୍ଥାନ ପାଇଥିବା ବେଳେ ଗ୍ରୁପ୍ ବି'ରେ ସ୍ଥାନ ପାଇଥିଲେ ପାକିସ୍ତାନ, ଇଂଲଣ୍ଡ, ୱେଷ୍ଟଇଣ୍ଡିଜ ଓ ଶ୍ରୀଲଙ୍କା। ପୂର୍ବ ସଂସ୍କରଣ ଭଳି ଏହା ମଧ୍ୟ ଡବଲ ରାଉଣ୍ଡ ରବିନ ଲିଗ୍ ଓ ନକ୍‌ଆଉଟ ଫର୍ମାଟରେ ଖେଳା ଯାଇଥିଲା। ଗ୍ରାହାମ ଗୁଚ୍ ୪୭୧ ରନ୍ ସହିତ ଟୁର୍ନାମେଣ୍ଟର ସର୍ବାଧିକ ସ୍କୋରର ରହିଥିବା ବେଳେ ଅଷ୍ଟ୍ରେଲିଆର କ୍ରେଗ୍ ମ୍ୟାକଡରମାଟ ସର୍ବାଧିକ ଉଇକେଟ ଅକ୍ତିଆର କରିଥିଲେ।

ଗ୍ରୁପ୍ ଏ'ରେ ସ୍ଥାନ ପାଇଥିବା ଆଲାନ ବର୍ଡରଙ୍କ ଅଷ୍ଟ୍ରେଲିଆ ପ୍ରଥମ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ଭାରତକୁ ୧ ରନ୍‌ରେ ପରାସ୍ତ କରି ଅଭିଯାନ ଆରମ୍ଭ କରିଥିଲା। ଉଭୟ ଭାରତ ଓ ଅଷ୍ଟ୍ରେଲିଆ ରାଉଣ୍ଡ ରବିନ୍ ଲିଗ୍‌ରେ ପରସ୍ପରକୁ ଥରେ ଲେଖାଏ ପରାସ୍ତ କରିଥିଲେ। ୬ ମ୍ୟାଚ୍‌ରୁ ଉଭୟ ଦଳ ୫ଟି ଲେଖାଏ ବିଜୟ ହାସଲ କରିଥିଲେ। ୨୦ ପଏଣ୍ଟ ଲେଖାଏ ଅର୍ଜନ କରିଥିବା ବେଳେ ଭାରତ ପ୍ରଥମ ଓ ଅଷ୍ଟ୍ରେଲିଆ ଦ୍ୱିତୀୟ ସ୍ଥାନରେ ରହି ଯୋଗ୍ୟତା ଅର୍ଜନ କରିଥିଲେ। ଅନ୍ୟପକ୍ଷରେ ଗ୍ରୁପ୍ ବି'ରେ ପ୍ରଥମ ଦୁଇ ସ୍ଥାନରେ ରହି ପାକିସ୍ତାନ ଓ ଇଂଲଣ୍ଡ ଯୋଗ୍ୟତା ଅର୍ଜନ କରିଥିଲେ। ଲାହୋରରେ ଖେଳା ଯାଇଥିବା ପ୍ରଥମ ସେମିରେ ଅଷ୍ଟ୍ରେଲିଆ ୧୮ ରନ୍‌ରେ ପାକିସ୍ତାନକୁ ପରାସ୍ତ କରି ଦ୍ୱିତୀୟ ଥର ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ ଭାରତକୁ ହରାଇବା ସହିତ ୧୯୮୩ ସେମିଫାଇନାଲ ପରାଜୟର ମଧୁର ପ୍ରତିଶୋଧ ନେଇଥିଲା ଇଂଲଣ୍ଡ। ଐତିହାସିକ ଇଡେନ୍ ଗାର୍ଡେନ୍ସରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ଇଂଲଣ୍ଡକୁ ୭ ରନ୍‌ରେ ପରାସ୍ତ କରିଥିଲା ଅଷ୍ଟ୍ରେଲିଆ। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୫ ଉଇକେଟ ହରାଇ ୨୫୩ ରନ୍ କରିଥିଲା। ଜବାବରେ ଇଂଲଣ୍ଡ ୮ ଉଇକେଟ ହରାଇ ୨୪୬ ରନ୍‌ରେ ସୀମିତ ରହିଥିଲା। ୭୫ ରନ୍‌ର ଇନିଂସ ଖେଳିଥିବା ଅଷ୍ଟ୍ରେଲିଆର ଡେଭିଡ୍ ବୁନ୍‌ଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।


ଆଲାନ ବର୍ଡରଙ୍କ ହାତରେ ବିଶ୍ୱକପ ଟ୍ରଫି।

**ଦିନିକିଆ ବିଶ୍ୱକପ**
ICC MEN'S CRICKET WORLD CUP INDIA 2023
**ଆଉ ୧୭ ଦିନ**

### କମ୍ ବଲ୍ ବୋଲିଂ ବିଶିଷ୍ଟ ଦିନିକିଆ

୧୦୪: ନେପାଳ ବନାମ ୟୁଏସଏ, କୀର୍ତ୍ତିପୁର, ୨୦୨୦
୧୨୦: ଶ୍ରୀଲଙ୍କା ବନାମ ଜିମ୍ବାୱେ, କଲମ୍ବୋ, ୨୦୦୧
୧୨୯: ଭାରତ ବନାମ ଶ୍ରୀଲଙ୍କା, କଲମ୍ବୋ, ୨୦୨୩

### ଦିନିକିଆ ଫାଇନାଲରେ ବୃହତ୍ ବିଜୟ

(ବଲ୍ ବଳକା ରହିବା ଦୃଷ୍ଟିରୁ)
୨୬୩: ଭାରତ ବନାମ ଶ୍ରୀଲଙ୍କା, କଲମ୍ବୋ, ୨୦୨୩
୨୨୬: ଅଷ୍ଟ୍ରେଲିଆ ବନମା ଇଂଲଣ୍ଡ, ସିଡ୍‌ନୀ, ୨୦୦୩
୧୭୯: ଅଷ୍ଟ୍ରେଲିଆ ବନାମ ପାକିସ୍ତାନ, ଲର୍ଡ୍ସ, ୧୯୯୯

### ଦିନିକିଆ ଫାଇନାଲରେ ୧୦ ଉଇକେଟ ବିଜୟ

୧୯୭/୦: ଭାରତ ବନାମ ଜିମ୍ବାୱେ, ଶାରଜା, ୧୯୯୮
୧୧୮/୦: ଅଷ୍ଟ୍ରେଲିଆ ବନାମ ଇଂଲଣ୍ଡ, ସିଡ୍‌ନୀ, ୨୦୦୩
୫୧/୦: ଭାରତ ବନାମ ଶ୍ରୀଲଙ୍କା, କଲମ୍ବୋ, ୨୦୨୩

### କମ୍ ଓଭରରେ ଅଲ୍‌ଆଉଟ

(ପୂର୍ଣ୍ଣ ସଦସ୍ୟ ଦଳ)
୧୩.୫: ଜିମ୍ବାୱେ ବନାମ ଆଫଗାନିସ୍ତାନ, ହରାରେ, ୨୦୧୭
୧୫.୨: ଶ୍ରୀଲଙ୍କା ବନାମ ଭାରତ, କଲମ୍ବୋ, ୨୦୨୩
୧୫.୪: ଜିମ୍ବାୱେ ବନାମ ଶ୍ରୀଲଙ୍କା, କଲମ୍ବୋ, ୨୦୦୧
୧୬.୫: ଶ୍ରୀଲଙ୍କା ବନାମ ପାକିସ୍ତାନ, ଶାରଜା, ୨୦୦୨
(ଦିନିକିଆ ଟୁର୍ନାମେଣ୍ଟର ଫାଇନାଲରେ କୌଣସି ଦଳ ୧୫.୨ ଓଭରରେ ଅଲ୍‌ଆଉଟ ହେବା ଏହା ପ୍ରଥମ। ପୂର୍ବରୁ ଏହି ଅଲୋଡ଼ା ରେକର୍ଡର ଅଧିକାରୀ ମଧ୍ୟ ଶ୍ରୀଲଙ୍କା ଥିଲା। ଶାରଜାରେ ୨୦୦୨ରେ ପାକିସ୍ତାନ ବିପକ୍ଷରେ ୧୬.୫ ଓଭରରେ ଅଲ୍‌ଆଉଟ ହୋଇଥିଲା)

### ଦିନିକିଆରେ ଶ୍ରୀଲଙ୍କାର ସର୍ବନିମ୍ନ ସ୍କୋର

୪୩: ବନାମ ଦକ୍ଷିଣ ଆଫ୍ରିକା, ପର୍ଲ, ୨୦୧୨
୫୦: ବନାମ ଭାରତ, କଲମ୍ବୋ, ୨୦୨୩
୫୫: ବନାମ ୱେଷ୍ଟଇଣ୍ଡିଜ, ଶାରଜା, ୧୯୮୬

### ଦିନିକିଆରେ ଭାରତୀୟଙ୍କ ଶ୍ରେଷ୍ଠ ବୋଲିଂ ଫିଗର

୬/୪: ଷ୍ଟୁଆର୍ଟ ବିନ୍ନି ବନାମ ବାଂଲାଦେଶ, ମୀରପୁର, ୨୦୧୪
୬/୧୨: ଅନିଲ କୁମ୍ବଲେ ବନାମ ୱେଷ୍ଟଇଣ୍ଡିଜ, କୋଲକାତା, ୧୯୯୩
୬/୧୯: ଯଶପ୍ରୀତ୍ ବୁମ୍‌ରା ବନାମ ଇଂଲଣ୍ଡ, ଓଭାଲ, ୨୦୨୨
୬/୨୧: ମହମ୍ମଦ ସିରାଜ ବନାମ ଶ୍ରୀଲଙ୍କା, କଲମ୍ବୋ, ୨୦୨୩

### ଦିନିକିଆ ଫାଇନାଲରେ ସର୍ବନିମ୍ନ ସ୍କୋର

୫୦: ଶ୍ରୀଲଙ୍କା ବନାମ ଭାରତ, କଲମ୍ବୋ, ୨୦୨୩
୫୪: ଭାରତ ବନାମ ଶ୍ରୀଲଙ୍କା, ଶାରଜା, ୨୦୦୦
୭୮: ଶ୍ରୀଲଙ୍କା ବନାମ ପାକିସ୍ତାନ, ଶାରଜା, ୨୦୦୨


CLASSIFIED DISPLAY

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ମୁଦ୍ରା ଫାଇନାନ୍ସ
PM
ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 7382841797

BIJAYA FINANCE
Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ। ସୁଧ ୨%
Mob:7656825212
7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଜନ୍ମଦିନ ଶୁଭେଚ୍ଛା

ଚିନ୍ମୟ କର୍ଣ୍ଣ
ମୋର ବଡ଼ ଭାଇ ଚିନ୍ମୟ କର୍ଣ୍ଣଙ୍କୁ ଜନ୍ମ ଦିନର ଅନେକ ଅନେକ ଶୁଭେଚ୍ଛା ଆଉ ଶୁଭକାମନା। ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛି ଆପଣଙ୍କ ଚଲାପଥ କୁସୁମିତ ହେଉ ଓ ଉତ୍ତମ ସ୍ୱାସ୍ଥ୍ୟ ରଖିଥାନ୍ତୁ।
ବାପା, ମା ଏବଂ ଶାନ୍ତନୁ କର୍ଣ୍ଣ
ଧ-୧୩୪୧

Classified Everyday
0674-2580101, 2549949


REAL ESTATE
SALE
ଭୁବନେଶ୍ୱର, ଗ୍ୟାରେଜ ଛକରେ 30' ରୋଡ୍ ଥାଇ ଘରବାଡ଼ି, ପାଚେରି ପ୍ଲଟ୍ ବିକ୍ରି ହେବ। 9827119799. D-1303

"Well Designed two Storey 8 BHK House with 4800 Builtup area for sale at- Ratnakar Bag 2, Tankapani road, Bhubaneswar. 9951082666". D-1327

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75037

Newly open SPA positively health benefits with expert therapist. 9938843929. D-75149

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




AlltypeofGemstones, Astrology, Crystal, Vastu, Rudraksh, Yantra, Kavach at Wholesale-Retail @8093050401. D-1248

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଭକ୍ତହରି ନାୟକ
ହରିହଂସ, ଧୂଷୁରୀ, ଭଦ୍ରକ
ଆବିର୍ଭାବ: ୦୩।୦୯।୧୯୩୮
ତିରୋଧାନ: ୦୮।୦୯।୨୦୨୩
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ହତଭାଗ୍ୟ ପୁତ୍ର ଭବାନୀ ଶଙ୍କର, ଅଶୋକ, ସରୋଜ, ପରିବାରବର୍ଗ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ।
ଧ-୧୩୪୦

ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

୰ଡଃ ନିରୁପମା ପଟ୍ଟନାୟକ
ସ୍ୱାମୀ: ୰ଲକ୍ଷ୍ମୀନାରାୟଣ ପଟ୍ଟନାୟକ
ପୂର୍ବତନ ରାଜ୍ୟ ସୂଚନା କମିଶନର
ପୋଖରୀପୁଟ, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ: ଶୋକସନ୍ତପ୍ତ ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୭୩୮୨

ଶ୍ରଦ୍ଧାଞ୍ଜଳି

୰ଦୁର୍ଗା ପ୍ରସାଦ ବହିଦାର
ଅବସରପ୍ରାପ୍ତ ପୋଲିସ ଅଫିସର
ଝାଡୁଆପଡା, ସମ୍ବଲପୁର
୧୯୧୦-୧୯୯୭
ବାଲିତୃତୀୟା
ଆଜି ଷଡ଼ବିଂଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଅଛୁ।
ପରିବାରବର୍ଗ ଓ ବନ୍ଧୁସ୍ୱଜନ
ଧ-୭୪୫୮୩

ଏକାଦଶାହ ଉପଲକ୍ଷେ

୰ଶଶିକଳା ଦାଶ
ନୀଳଗିରି, ବାଲେଶ୍ୱର
ଆବିର୍ଭାବ- ୧୫।୧୦।୧୯୪୭
ତିରୋଧାନ- ୦୮।୦୯।୨୦୨୩
ନିର୍ବାପିତ ହେଲା ଜୀବନ ପ୍ରଦୀପ
ଶେଷ ହେଲା ତୁମ ଆୟୁ
ସବୁ କିଛି ଆମେ ହରାଇ ବସିଲୁ
ଫେରିବନି ତୁମେ ଆଉ
ବୋଉ, ତୁମେ କାହାକୁ କିଛି ନ କହି ଆମ ସମସ୍ତଙ୍କୁ ଅନାଥ କରି ଚାଲିଗଲ। ତୁମର ଅନୁପସ୍ଥିତି ପରିବାରରେ ବିରାଟ ଶୂନ୍ୟତା ସୃଷ୍ଟି କରିଛି। ତୁମର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିଥାଉ। ତୁମ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଆଜି ଏକାଦଶାହରେ ବିଭୁ ପାଦତଳେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ- ପୁତ୍ର,ପୁତ୍ରବଧୂ,ଝିଅ, ଜ୍ୱାଇଁ, ନାତି ଓ ନାତୁଣୀ
ଧ-୧୩୪୨

୧୦ମ ଶ୍ରାଦ୍ଧବାର୍ଷିକୀ

ବିନତାଶ୍ୱ ମଲ୍ଲିକ (ବାପି)
ଧରାବତରଣ: ୨୫।୦୩।୧୯୮୬
ଧରାପସାରଣ: ୧୮।୦୯।୨୦୧୩
ମିରା ପୟର, ୩୩୧/୧୯୦୫/୪୦
ଶ୍ରୀଅରବିନ୍ଦ ନଗର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୧୬
ଆଜି ତୋର ପୁଣ୍ୟ ଦିବସ, ଗୋଟିଏ ବି କ୍ଷଣ ନାହିଁ, ଯେତେବେଳେ ତୁ' ଆମଠୁ ଅନ୍ତର; ଏ ଖାଲି ଔପଚାରିକ ସ୍ମୃତି-ଚାରଣ... ଦିବ୍ୟ ଜନନୀ ଶ୍ରୀମା, ଦିବ୍ୟାବତାର ଶ୍ରୀଅରବିନ୍ଦଙ୍କଠାରେ ତୋ'ଭାର ଅର୍ପିତ ଥାଉ, ଏତିକି ପ୍ରାର୍ଥନା।
ପରିବାର, ପରିଜନ ଓ ବିନତାଶ୍ୱ ମଲ୍ଲିକ ସ୍ମାରକୀ ନ୍ୟାସ
ଧ-୧୩୪୩

# ପ୍ରକୃତି ଓ ଜୀବର ଜୈବ ପ୍ରକ୍ରିୟା



ଡା. ଆଶିଷ ବାନାର୍ଜୀ

''ପ୍ରକୃତିର ୨୪ ତତ୍ତ୍ୱାତ୍ମକ ତତ୍ତ୍ୱ ଦ୍ୱାରା ଜୀବଜଗତ ସୃଷ୍ଟି ହୋଇଅଛି। ତେଣୁ ଏହି ୨୪ ତତ୍ତ୍ୱ ପ୍ରତିଟି ଜୀବ ମଧରେ ବିଦ୍ୟମାନ। ସେଗୁଡ଼ିକ ହେଉଛି ପଞ୍ଚ ଜ୍ଞାନେନ୍ଦ୍ରିୟ-ଚକ୍ଷୁ, କର୍ଣ୍ଣ, ନାସା, ଜିହ୍ୱା ଓ ତ୍ୱଚା। ପଞ୍ଚ କର୍ମନ୍ଦ୍ରିୟ-ବାକ୍, ଯାଦ, ପାଣି, ପାୟୁ (ଗୁଦମାର୍ଗ) ଓ ଉପସ୍ଥ (ଜନନ୍ଦ୍ରିୟ), ତିନି ଗୁଣ ଅବ୍ୟକ୍ତ, ମହାନ ଓ ଅହଂକାରରୁ ସତ୍ତ୍ୱ, ରଜ ଓ ତମ, ପଞ୍ଚ ମହାଭୂତ-ପୃଥିବୀ, ଜଳ, ତେଜ, ବାୟୁ ଓ ଆକାଶ, ପାଞ୍ଚ ତନ୍ମାତ୍ରା-ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ ଓ ମନ ।''



ବିଶ୍ୱ ବ୍ରହ୍ମାଣ୍ଡରେ ପୃଥିବୀ ଏକ ଗ୍ରହ ଯେଉଁଠି ଜୀବଜଗତ ବଞ୍ଚି ରହିବା ପାଇଁ ପାଣି, ପବନ, ମାଟି ଓ ଜଳବାୟୁ ଅନୁକୂଳ ଅଟେ। ପୃଥିବୀ ଗର୍ଭରେ ଥିବା ଖଣିଜ ପଦାର୍ଥ ଇତ୍ୟାଦିରେ ମହଜୁଦ ରହିଅଛି ଯେପରି କମ୍ପାନୀ ଯାନଟି ବାହାର କରିବା ପରେ ତାହାର ପାର୍ଟ୍ସଗୁଡ଼ିକ ବଜାରରେ ମହଜୁଦ କରିଥାଏ। ଏହା ସହ ସୌରଜଗତର ବିଭିନ୍ନ ଗ୍ରହ, ଉପଗ୍ରହ, ନକ୍ଷତ୍ର, ସୂର୍ଯ୍ୟ, ଚନ୍ଦ୍ରଙ୍କ ସୁପ୍ରଭାବ ଉଦ୍ଭିଦ ଓ ଜୀବଜଗତ ଉପରେ ରହିଅଛି।

ପ୍ରକୃତିର ୨୪ ତତ୍ତ୍ୱାତ୍ମକ ତତ୍ତ୍ୱ ଦ୍ୱାରା ଜୀବଜଗତ ସୃଷ୍ଟି ହୋଇଅଛି। ତେଣୁ ଏହି ୨୪ ତତ୍ତ୍ୱ ପ୍ରତିଟି ଜୀବ ମଧରେ ବିଦ୍ୟମାନ। ସେଗୁଡ଼ିକ ହେଉଛି ପଞ୍ଚ ଜ୍ଞାନେନ୍ଦ୍ରିୟ- ଚକ୍ଷୁ, କର୍ଣ୍ଣ, ନାସା, ଜିହ୍ୱା ଓ ତ୍ୱଚା। ପଞ୍ଚ କର୍ମେନ୍ଦ୍ରିୟ- ବାକ୍, ଯାଦ, ପାଣି, ପାୟୁ (ଗୁଦମାର୍ଗ) ଓ ଉପସ୍ଥ (ଜନନ୍ଦ୍ରିୟ), ତିନି ଗୁଣ ଅବ୍ୟକ୍ତ, ମହାନ ଓ ଅହଂକାରରୁ ସତ୍ତ୍ୱ, ରଜ ଓ ତମ, ପଞ୍ଚ ମହାଭୂତ- ପୃଥିବୀ, ଜଳ, ତେଜ, ବାୟୁ ଓ ଆକାଶ, ପାଞ୍ଚ ତନ୍ମାତ୍ରା- ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ ଓ ମନ ।

ବାୟୁ ଦ୍ୱାରା ସମସ୍ତ କାର୍ଯ୍ୟ ହୋଇଥାଏ। ଚଳପ୍ରଚଳ, ପାଣି ବୋହିବା, ବୀଜ ରୋପଣ, ଶୁଦ୍ଧ ଅମ୍ଳଜାନ ବାୟୁ ଦ୍ୱାରା ଜୀବ ବଞ୍ଚିବା ଏବଂ ଅଙ୍ଗାରକାମ୍ଳକୁ ବୃକ୍ଷ ଶୋଷଣ କରି ଅମ୍ଳଜାନ ବାୟୁ ମଣ୍ଡଳରେ ପ୍ରସାରଣ କରେ। ରୌଦ୍ରତାପ ଦ୍ୱାରା ପାକ ହୋଇ ଚନ୍ଦ୍ରମା ଦ୍ୱାରା ଶୀତଳତା ହେବା, ବାୟୁ ଶରୀର ମଧରେ ରସ, ରକ୍ତାଦି ଧାତୁକୁ ପ୍ରବାହିତ କରିଥାଏ। ଯଦି ବାୟୁ ସମ୍ୟତା ନ ରହେ ତେବେ ବାତ୍ୟା, ଘୂର୍ଣ୍ଣିଝଡ଼ ସୃଷ୍ଟି କରିବା ପରି ଶରୀରରେ ବାତ ପ୍ରକୋପଜନିତ ରୋଗ ସୃଷ୍ଟି ହୋଇଥାଏ।

ସେହିପରି ରୌଦ୍ରତାପ ଅଧିକ ହେଲେ ଜ୍ୱଳନ ପ୍ରକୃତି ଯୋଗୁଁ ଚାରିଆଡ଼େ ଶୁଷ୍କ, ଜଳିଯିବା ପରି ଲାଗିବା ସହ ପୃଥିବୀରେ ଜୀବଜଗତ ବଞ୍ଚିବା କଷ୍ଟକର ହୋଇପଡ଼େ। ସେହିପରି ମଣିଷ ଶରୀରରେ ପୈତ୍ତିକ ରୋଗମାନ- ଅମ୍ଳ, ଅଜୀର୍ଣ୍ଣ, ଜ୍ୱାଳା, ପାଟି ଶୁଷ୍କତା ଇତ୍ୟାଦି ଦେଖାଯାଏ।

ପୃଥିବୀରେ ଜଳାଧିକ ହେଲେ ବନ୍ୟା ହୋଇ ଜୀବଜଗତ ପ୍ରଭାବିତ ହୋଇଥାଆନ୍ତି। ତେଣୁ 'ଜଳ ବହୁଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ' ବୋଲି କୁହାଯାଇଥାଏ। ସେହିପରି ଶରୀରରେ ଜଳତତ୍ତ୍ୱ ଅଧିକ ହେଲେ କଫଜନିତ ରୋଗ, ଅଗ୍ନିମାନ୍ଦ୍ୟ, ଥଣ୍ଡାଜ୍ୱର, ଜଳୋଦରୀ, ଶରୀର ଭାରି ଲାଗିବା ଇତ୍ୟାଦି ଲକ୍ଷଣ ଦେଖାଯାଏ। ତେଣୁ ପ୍ରକୃତି ସମତୁଲ ରହିଲେ ଯାଇ ଜୀବ ଜଗତ ତିଷ୍ଠିବ। ଏହି ତ୍ରିଦୋଷ- ବାତ (ବାୟୁ), ପିତ୍ତ (ଅଗ୍ନି) ଓ କଫ (ଜଳ) ଶରୀରରେ ସାମ୍ୟବସ୍ଥାକୁ ଆଣିବା ପାଇଁ ପ୍ରକୃତି ତାହାର ବ୍ୟବସ୍ଥା କରି ରଖିଛି। ବିଭିନ୍ନ ଋତୁରେ ହେଉଥିବା ରୋଗର ପ୍ରତିକାରାତ୍ମକ ପଦକ୍ଷେପ ପାଇଁ ସବୁ ଔଷଧ ଓ ଖାଦ୍ୟ ମହଜୁଦ କରି ରଖିଛି। ସେହିଗୁଡ଼ିକୁ ଚିହ୍ନି ବ୍ୟବହାର କଲେ ଆମେ ସୁସ୍ଥ ରହିପାରିବା। ଏହା ପ୍ରାକୃତିକ ହୋଇଥିବାରୁ ପ୍ରକୃତିରୁ ସୃଷ୍ଟି ଜୀବକୋଷ ସହ ମିଶି ପାରୁଥିବା ଦ୍ରବ୍ୟ ହେବା କାରଣରୁ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇ ନ ଥାଏ। ବରଂ ରୁଗ୍‌ଣ କୋଷକୁ ସତେଜ ଓ ବଳ ପ୍ରଦାନ କରିଥାଏ।

ବାତ ରୋଗର ଖାଦ୍ୟ ରୂପେ ପୁରାତନ ଚାଉଳର ଭାତ, କୋଳଥ, ମାଂସ, ପୋଟଳ, ବାଇଗଣ, ସଜନା, ରସୁଣ, ହେଙ୍ଗୁ ଖାଇପାରନ୍ତି। ପିତ୍ତଜ ରୋଗରୁ ଉପଶମ ପାଇବା ପାଇଁ ପୋଟଳ, କାକୁଡ଼ି, ପିତା ଶାଗ, ସଜନା ଶାଗ, ଶୁନଶୁନିଆ ଶାଗ, ଲାଉ, ପାଣିକଖାରୁ, ଜହ୍ନି, କୁନ୍ଦୁରୀ, ପାଣି ଓ ମାଟି ତଳେ ହେଉଥିବା ଜିନିଷ ଖାଇପାରନ୍ତି। କଫଜ ରୋଗ ପାଇଁ ଅଦା, ରସୁଣ, ପିଆଜ, ଲଙ୍କା, ଗୋଲମରିଚ, ତୁଳସୀ, ବାସଙ୍ଗ ଖାଇଲେ ତାହା ସ୍ୱାସ୍ଥ୍ୟାବସ୍ଥା ଠିକ୍ ରଖେ ଓ ଜୀବାଣୁ ଏବଂ ଭୂତାଣୁକୁ ପ୍ରତିହତ କରେ। ପ୍ରକୃତି ତ୍ରିଦୋଷକୁ ସାମ୍ୟାବସ୍ଥାକୁ ଆଣିବା ପାଇଁ ପ୍ରାକୃତିକ କାର୍ମିନେଟିଭ ମିକ୍ସଚର ରୂପେ ତ୍ରିଫଳା (କସା ଫଳ, ବାହାଡ଼ା, ଅଁଳା)କୁ ଦେଇଅଛି। ଏହା ଶୀତଋତୁରେ ସର୍ବତ୍ର ମିଳେ।

ଏହିପରି ପୃଥିବୀ ପୃଷ୍ଠରେ ଥିବା ଗୁଳ୍ମ, ଲତା ଓ ଏହାର ମୂଳ, ଫଳ, ମାଟି ଭିତରେ ଥିବା ଧାତୁ, ଉପଧାତୁ, ରତ୍ନ, ଉପରତ୍ନ ଇତ୍ୟାଦି ପ୍ରକୃତିରୁ ମିଳୁଥିବା ଜିନିଷରେ ଜୀବାଣୁ, ଭୂତାଣୁଜନିତ ରୋଗ ପାଇଁ ଭରି ରହିଅଛି ଦୁର୍ଲଭ ମହୌଷଧି। ସେହିପରି ଶିଶୁର ପୋଷଣ ପାଇଁ ସେ ଜନ୍ମ ହେବା ପୂର୍ବରୁ ମାତା ବକ୍ଷରେ ଅମୃତଧାରା ଗଚ୍ଛିତ କରି ପ୍ରକୃତି ରଖିଥାଏ। ଏହା ଶିଶୁ ପାଇଁ ସର୍ବୋତ୍ତମ ଆହାର। ସେଥିରେ ସମସ୍ତ ପ୍ରକାର ପୋଷକ ତତ୍ତ୍ୱ ପରିପୂର୍ଣ୍ଣ କରି ତାହାର ବ୍ୟାଧି ପ୍ରତିରୋଧକ ଶକ୍ତିକୁ ବଢ଼ାଏ। ସେହିପରି ପ୍ରକୃତି ତାହାର ସନ୍ତାନ ପାଇଁ ସେପରି ସୁବ୍ୟବସ୍ଥା ସ୍ୱତଃପ୍ରବୃତ୍ତ ଭାବେ ହୋଇଚାଲିଥାଏ। ଆମେ ସେଗୁଡ଼ିକର ସଦ୍ ଉପଯୋଗ ପାଇଁ ଜ୍ଞାନ ଉପଲବ୍ଧି କରି ଏବଂ ଉନ୍ନତ ଗବେଷଣା କରି କାର୍ଯ୍ୟରେ ଲଗାଇ ପାରିଲେ ତାହା ଜୀବଜଗତର ମୃତ ସଞ୍ଜିବନୀ ହୋଇ କ୍ଷୀଣ, ନିର୍ବଳ, ଜୀବନକୁ ସୁସ୍ଥ ନୀରୋଗ ଓ ଦୀର୍ଘାୟୁ ପ୍ରଦାନ କରିପାରିବ।

-ଆନନ୍ଦ ବଜାର, ବେତନଟୀ,ମୟୂରଭଞ୍ଜ
ମୋ : ୯୮୬୧୩୭୪୩୮୫

# ସୁସ୍ଥ ଶରୀର ଓ ଜଳ



ଆମ ଶରୀର ପାଇଁ ଜଳ କେତେ ଉପକାରୀ, ତାହା କହିବା ଅନାବଶ୍ୟକ। ଶରୀରରେ ଯେତିକି ଜଳ ଅଛି, ତା'ର ପାଞ୍ଚଭାଗରୁ ମାତ୍ର ଏକ ଭାଗ କମିଗଲେ, ତାହା ଶରୀର ଉପରେ ଗୁରୁତର ପ୍ରଭାବ ପକାଏ। ତେଣୁ ଆମକୁ ଆବଶ୍ୟକ ମୁତାବକ ଜଳ ପିଇବା ଦରକାର। ଶରୀରରେ ରକ୍ତ, ମୂତ୍ର, ଲୁହ, ପିତ୍ତ, ଲାଳ ଆଦି ଯେତେସବୁ ତରଳ ପଦାର୍ଥ ରହିଛି, ସେଗୁଡ଼ିକର ମୂଳ ଉପାଦାନ ହେଉଛି ଜଳ। ଏହା ଶରୀରରେ ହେଉଥିବା ଜୈବ ରାସାୟନିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ। ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ତଥା କୋଷିକା ନିକଟରେ ଅମ୍ଳଜାନ, ବିଭିନ୍ନ ଖାଦ୍ୟ ଉପାଦାନ, ଭିଟାମିନ୍ସ ଏବଂ ଔଷଧ ଆଦି ପହଞ୍ଚାଇବାରେ ଏହା ବାହକ ରୂପେ ମଧ କାମ କରେ। ଶରୀରରେ ତାପମାତ୍ରା ନିୟନ୍ତ୍ରଣ କରିବା ମଧ ଏହାର ଅନ୍ୟତମ କାର୍ଯ୍ୟ। ପରିସ୍ରା ଓ ଝାଳ ମାଧ୍ୟମରେ ଜଳ ଶରୀରରୁ ନିଷ୍କାସିତ ହୋଇଥାଏ। ଶରୀରର ଆଭ୍ୟନ୍ତରୀଣ ଅଙ୍ଗ ଯଥା ହାର୍ଟ, ଲିଭର୍ ଆଦିକୁ ସୁରକ୍ଷା ପ୍ରଦାନ କରିବା ସହ ଶରୀରର ଓଜନ କମାଇବାରେ ମଧ ସାହାଯ୍ୟ କରିଥାଏ। ତେଣୁ ଆମ ଶରୀରରେ ଜଳର ପରିମାଣ ସବୁବେଳେ ସନ୍ତୁଳିତ ରହିବା ନିହାତି ଜରୁରୀ।

# ବାତ ମାରୁଥିଲେ...



ଯଦି କାହାକୁ ବାତ ମାରୁଛି ତେବେ ନିମ୍ନଲିଖିତ ବିଷୟ ପ୍ରତି ସଚେତନ କରିବା ନିହାତି ଜରୁରୀ। ମନେ ରଖିବା କଥା ଯେ ରୋଗୀଠାରେ ବାତ ମାରିବା ଲକ୍ଷଣ ହେଉଛି ଅସ୍ଥାୟୀ। ତାହା ମଧ ମନକୁ ମନ ଉପଶମ ହୋଇଯାଏ। ତେଣୁ ସେହି ବାତ ମାରିବା ସମୟରେ ହିଁ ରୋଗୀ ଉପରେ ତୀକ୍ଷ୍ଣ ନଜର ରଖନ୍ତୁ। ବାତ ମାରିଲେ ରୋଗୀ ପଡ଼ିଯାଇପାରେ। ତେଣୁ ରୋଗୀକୁ ବାତ ମାରିଲା ବେଳେ ତା' ପାଖରୁ ଚେୟାର୍, ଟେବୁଲ୍ ଭଳି କଠିନ ଜିନିଷପତ୍ର ଏବଂ ଧାରୁଆ ଓ ମୁନିଆ ପଦାର୍ଥ ତୁରନ୍ତ ହଟେଇ ନିଅନ୍ତୁ। ମୁଣ୍ଡ ଯେପରି ଚଟାଣରେ ବାଡ଼େଇ ନ ହେବ ସେଥିପ୍ରତି ସତର୍କ ରୁହନ୍ତୁ। ମୁଣ୍ଡ ତଳେ ନରମ ପତଳା ତକିଆ ରଖିବା ନିରାପଦ। ବାତ ମାରିବା ବନ୍ଦ କରିବା ପାଇଁ ରୋଗୀକୁ ମାଡ଼ି ବସି ଧରନ୍ତୁ ନାହିଁ। ରୋଗୀକୁ କଡ଼ମାଡ଼ି ଶୁଆଇ ଦିଅନ୍ତୁ। ଏହାଦ୍ୱାରା ତାହାର ଶ୍ୱାସକ୍ରିୟା ସାବଲୀଳ ରୁହେ। ତା'ର ପାଟିରେ କୌଣସି କାଠି କି ଚାମଚ ରଖନ୍ତୁ ନାହିଁ କିମ୍ବା ତା' ପାଟି ଭିତରକୁ ନିଜର ଆଙ୍ଗୁଠି ଭର୍ତ୍ତି କରନ୍ତୁ ନାହିଁ। ବାତ ମାରିବା ବନ୍ଦ ହୋଇ ଚେତା ଫେରି ଆସିଲେ ତା'କୁ ସାନ୍ତ୍ୱନା ଦିଅନ୍ତୁ। ବାତ ମାରିବା ବନ୍ଦ ନ ହେଲେ, ବାରମ୍ବାର ବାତ ମାରିଲେ କିମ୍ବା ଚେତା ନ ଫେରିଲେ ଆମ୍ବୁଲାନ୍ସ ଡକାଇ ରୋଗୀକୁ ତୁରନ୍ତ ହସ୍ପିଟାଲ୍ ନେଇଯାଆନ୍ତୁ।

# ମେଦବହୁଳତା କମାଏ ଗ୍ରୀନ୍ ମଟର



ଗ୍ରୀନ୍ ମଟରରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ, ଏହାକୁ ନିୟମିତ ଖାଇଲେ ମେଦବହୁଳତା କେତେକାଂଶରେ କମିଥାଏ। ଏଥିରେ ଫାଇବର୍ ଏବଂ ପ୍ରୋଟିନ୍‌ର ପରିମାଣ ଭରି ରହିଛି। ଗ୍ରୀନ୍ ମଟରରେ ଆଇରନ୍, ଫସ୍‌ଫରସ୍, ଭିଟାମିନ୍-ଏ, ଭିଟାମିନ୍-କେ, ଭିଟାମିନ୍-ସି ମଧ ରହିଛି, ଯାହା ଶରୀରର ମାଂସପେଶୀକୁ ଶକ୍ତ ରଖିଥାଏ। ଏହା ମଧ ରକ୍ତରେ ଶର୍କରା (ସୁଗାର) ସ୍ତରକୁ କେତେକାଂଶରେ ସନ୍ତୁଳିତ ରଖେ। ଏଥିରେ ଆଇରନ୍ ଓ ଫାଇବର୍ ଅଧିକ ପରିମାଣରେ ଥିବାରୁ ଖାଦ୍ୟ ଠିକ୍ ଭାବେ ହଜମ ହୋଇଥାଏ। ଏହା ସହ ଆଣ୍ଠୁଗଣ୍ଠିଜନିତ ସମସ୍ୟା ଏବଂ କୋଷ୍ଠକାଠିନ୍ୟ ପରି ସମସ୍ୟାରୁ ମଧ ଉପଶମ ଦିଏ। ଗ୍ରୀନ୍ ମଟରରେ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରିଥାଏ।

# ଖାଇବା ପରେ ଏଭଳି କରୁଥିଲେ...

ଆମେ ଖାଦ୍ୟ ଖାଇବା ପରେ କେତେକ ଜିନିଷ ପ୍ରତି ନଜର ଦେବା ନିହାତି ଜରୁରୀ। ଖାଇବା ପରେ ଫଳମୂଳ ଆଦୌ ଖାଆନ୍ତୁ ନାହିଁ। ଚା', କଫି, କୋଲଡ୍ରିଙ୍କ୍ସ, ଆଲ୍‌କୋହଲ୍‌ଠାରୁ ମଧ ଯଥାସମ୍ଭବ ଦୂରେଇ ରୁହନ୍ତୁ। ଏହା ଶରୀର ଉପରେ କୁପ୍ରଭାବ ପକାଇବା ସହ ପେଟରେ ଏସିଡିଟିର ମାତ୍ରା ବଢ଼ାଇ ଦେଇଥାଏ। ଯଦି ନିୟମିତ ନିଶାଦ୍ରବ୍ୟ ସେବନ କରୁଛନ୍ତି ତେବେ ତାହା କ୍ୟାନ୍‌ସରର କାରଣ ସାଜିବାର ଯଥେଷ୍ଟ ଆଶଙ୍କା ରହିଛି। ଖାଇବା ପରେ ଗାଧୋଇବା ବି କେତେକଙ୍କର ଅଭ୍ୟାସ ଥାଏ। ଏହାକୁ ମଧ ପରିହାର କରିବାକୁ ଚେଷ୍ଟା କରନ୍ତୁ। କାରଣ ଖାଇବା ପରେ ଗାଧୋଇଲେ ଶରୀରରେ ରକ୍ତର ପ୍ରବାହ ଆବଶ୍ୟକତାଠାରୁ ଅଧିକ ତୀବ୍ର ହୁଏ, ଯାହା ଶରୀର ପାଇଁ କ୍ଷତି ପହଞ୍ଚାଏ। ଖାଇବା ପରେ ଆପଣ କିଛି ସମୟ ପାଇଁ ବୁଲାବୁଲି କରନ୍ତୁ। ଖାଇବା ପରେ କିମ୍ବା ପୂର୍ବରୁ ସାଙ୍ଗେ ସାଙ୍ଗେ ପାଣି ପିଅନ୍ତୁ ନାହିଁ। ଖାଇବାର ଅଧଘଣ୍ଟାଏ ପରେ କିମ୍ବା ପୂର୍ବରୁ ପାଣି ପିଅନ୍ତୁ। ଏହାଦ୍ୱାରା ଖାଦ୍ୟ ହଜମ ହୋଇଥାଏ। ତା'ସହ ପାଚନ କ୍ରିୟା ଦୃଢ଼ ରହେ। ଖାଇବା ସାରି କେତେକ ସାଙ୍ଗେ ସାଙ୍ଗେ ଶୋଇପଡ଼ନ୍ତି। ହେଲେ ଏହାଦ୍ୱାରା ମେଦବହୁଳତା ପରି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ରାତିରେ ସବୁବେଳେ ହାଲୁକା ତଥା ସୁପାଚ୍ୟ ଖାଦ୍ୟ ଖାଆନ୍ତୁ।



# ମନେ ରଖନ୍ତୁ...

- ଯେଉଁ ଋତୁ ହେଉ ନା କାହିଁକି ଖାଦ୍ୟପେୟ ପ୍ରତି ସବୁବେଳେ ସତର୍କ ରୁହନ୍ତୁ। ପ୍ରତିଦିନ ଏପରି ଖାଦ୍ୟ ଖାଆନ୍ତୁ ଯେପରି ତାହା ସହଜରେ ହଜମ ହୋଇପାରିବ।



- ରାତିରେ ଶୋଇବାକୁ ଯିବା ପୂର୍ବରୁ ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତୁ ନାହିଁ। ଶୋଇବା ପୂର୍ବରୁ ଅଧିକ ସମୟ ମୋବାଇଲ୍ କିମ୍ବା ଟିଭି ଦେଖନ୍ତୁ ନାହିଁ। କାରଣ ଏହାଦ୍ୱାରା ନିଦ୍ରାରେ ବ୍ୟାଘାତ ସୃଷ୍ଟି ହୋଇଥାଏ।
- ଅସ୍ଥି ଓ ମଜ୍ଜାକୁ ମଜଭୁତ କରିବାରେ ଭିଟାମିନ୍ ଡି' ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହାର ପ୍ରମୁଖ ଉତ୍ସ ସୂର୍ଯ୍ୟକିରଣରେ ପ୍ରତିଦିନ କିଛି ସମୟ ଛିଡ଼ା ହେବା ନିହାତି ଦରକାର।
- ନିଜକୁ ସୁସ୍ଥ ତଥା ଓଜନକୁ ନିୟନ୍ତ୍ରଣରେ ରଖିବା ପାଇଁ ଖାଦ୍ୟପେୟ ପ୍ରତି ନଜର ନିଅନ୍ତୁ।
- ଅନେକ ରୋଗର ବାହକ ବେଳେବେଳେ ପାଣି ହୋଇଥାଏ। ତେଣୁ ପାଣିକୁ ଫୁଟାଇ ପିଇବା ସ୍ୱାସ୍ଥ୍ୟ ପକ୍ଷେ ଲାଭଦାୟକ।
- ଯଦି କୌଣସି ରୋଗରେ ଆପଣ ଆକ୍ରାନ୍ତ ହେଉଛନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

# ସ୍ୱାସ୍ଥ୍ୟ ସୂଚନା

➢ଇଚ୍ଛା ନ ଥିବା ସତ୍ତ୍ୱେ କୌଣସି କାର୍ଯ୍ୟକୁ ଏକାଥରେ ଶେଷ କରିବାକୁ ଚେଷ୍ଟା କରନ୍ତୁ ନାହିଁ। କିଛି କିଛି ସମୟ ଅନ୍ତରାଳରେ କାର୍ଯ୍ୟ କରନ୍ତୁ। କାରଣ ଯଦି ଆପଣ ଅନିଚ୍ଛା ସତ୍ତ୍ୱେ କାମ କରୁଛନ୍ତି ତେବେ ତାହାର ପ୍ରଭାବ ମାନସିକତା ଉପରେ ପଡ଼ିଥାଏ ଏବଂ କାମ କରିବାର ଆଗ୍ରହ କମିଯାଏ।

➢ପ୍ରତିଦିନ ସକାଳ ବ୍ରେକ୍‌ଫାଷ୍ଟରେ ଟଟକା ଫଳମୂଳ ଖାଇଲେ ତାହା ଆପଣଙ୍କୁ କାର୍ଯ୍ୟ କରିବା ପାଇଁ ଶକ୍ତି ଯୋଗାଇବ। ତା'ସହ ନିୟମିତ ଠିକ୍ ସମୟରେ ବ୍ରେକ୍‌ଫାଷ୍ଟ ଖାଇଲେ ତାହା ମନକୁ ପ୍ରଫୁଲ୍ଲ ରଖିଥାଏ।



➢ତରତର ହୋଇ ଖାଆନ୍ତୁ ନାହିଁ। କାରଣ ଏହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୋଇଥାଏ।

➢ମାନସିକ ଭାବେ ସବୁବେଳେ ସୁସ୍ଥ ରହିବା ପାଇଁ ପ୍ରାଣାୟାମ କରନ୍ତୁ। ଏହା ଆମ ଠାରେ ନକାରାତ୍ମକ ଭାବନାକୁ ଦୂର କରି ସକାରାତ୍ମକ ଭାବନା ସୃଷ୍ଟି କରିବ।

➢ସବୁବେଳେ ବ୍ୟାୟାମ ଏଭଳି ସ୍ଥାନରେ କରନ୍ତୁ, ଯେଉଁଠି ଆପଣଙ୍କୁ ଆରାମ ଲାଗୁଥିବ। ଯଦି ଏହି ସମୟରେ ଆପଣଙ୍କୁ କ୍ଳାନ୍ତ ଲାଗୁଛି ତେବେ କିଛି ସମୟ ବିଶ୍ରାମ ନେଇ ତା'ପରେ ବ୍ୟାୟାମ କରନ୍ତୁ।

➢ଯଦି ଆପଣଙ୍କ ବୟସ ୪୦ ଟପିଗଲାଣି ତେବେ ଖାଦ୍ୟପେୟ ଏବଂ ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହନ୍ତୁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଭିଜ୍ଞ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ନିକଟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

# ନିଆରା ଖଗୋଳ ବିଜ୍ଞାନୀ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ସୁପ୍ରସିଦ୍ଧ ଖଗୋଳ ବିଜ୍ଞାନୀ ଭାବରେ ନିଜକୁ ପରିଚିତ କରାଇବାରେ ସକ୍ଷମ ହୋଇଥିଲେ ସେ। କାନାଡ଼ା ରାଜଧାନୀ ଓଟାୱାଠାରେ ଚଳିତ ବର୍ଷ ଜୁଲାଇରେ ନୋବେଲ ପୁରସ୍କାରର ସମକକ୍ଷ ଭାବରେ ବିବେଚନା କରାଯାଉଥିବା 'ଇଣ୍ଟରନ୍ୟାଶନାଲ ପ୍ରାଇଜ ଇନ୍ ଷ୍ଟାଟିଷ୍ଟିକ୍ସ' ପରି ସମ୍ମାନଜନକ ପୁରସ୍କାରରେ ତାଙ୍କୁ ସମ୍ମାନିତ କରାଯାଇଛି। ସେହି ନିଆରା ଖଗୋଳ ବିଜ୍ଞାନୀ ହେଉଛନ୍ତି ପ୍ରଫେସର କାଳିଆମପୁଡି ରାଧାକ୍ରିଷ୍ଣ ରାଓ।

କାଳିଆମପୁଡି ୧୯୨୧ ସେପ୍ଟେମ୍ବର ୧୦ ତାରିଖ ଦିନ କର୍ଣ୍ଣାଟକର ହାଡାଗଲିଠାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ମାତାଙ୍କ ନାମ ଥିଲା ଏମ୍. ଲକ୍ଷ୍ମୀକାଉଥାମ୍ମା ଏବଂ ପିତା ଥିଲେ ସି. ଡରାଇସ୍ୱାମୀ ନାଇଡୁ। ସ୍ଥାନୀୟ ଶିକ୍ଷାନୁଷ୍ଠାନମାନଙ୍କରେ ଶିକ୍ଷାଲାଭ ପରେ ସେ ୧୯୪୦ ମସିହାରେ ଆନ୍ଧ୍ର ବିଶ୍ୱ ବିଦ୍ୟାଳୟରୁ କୃତିତ୍ୱର ସହିତ ପରିସଂଖ୍ୟାନରେ ଏମ.ଏ. ଡିଗ୍ରୀ ହାସଲ କରିଥିଲେ। ତା'ପରେ ଉଚ୍ଚ ଶିକ୍ଷା ଓ ଗବେଷଣା ଲାଗି ସେ କଲିକତାସ୍ଥିତ 'ଇଣ୍ଡିଆନ୍ ଷ୍ଟାଟିଷ୍ଟିକାଲ ଇନଷ୍ଟିଚ୍ୟୁଟ୍'ରେ ୧୯୪୧ରେ ଯୋଗ ଦେଲେ। ସେଠାରେ ସେ ଡ. କେ. ରାଘବନ୍ ନାୟାରଙ୍କ ସହିତ ମିଳିତ ଭାବେ ଗବେଷଣା କରି ୬ଟି ଉଚ୍ଚକୋଟୀର ନିବନ୍ଧ ପ୍ରକାଶ କଲେ। ପୁନଶ୍ଚ ୧୯୪୩ ମସିହାରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ଏମ୍.ଏସ୍‌ସି. ଡିଗ୍ରୀ ପ୍ରାପ୍ତ ହେଲା ପରେ ସେହିଠାରେ ୧୯୪୪ରେ ଅଧାପକ ଭାବରେ ଯୋଗଦେଲେ। ୧୯୪୬ ଶେଷ ସୁଦ୍ଧା ବିଭିନ୍ନ ସୁଖ୍ୟାତ ଗବେଷଣା ପତ୍ରିକାରେ ସେ ପ୍ରକାଶ କରିସାରିଥିଲେ ୩୦ରୁ ଅଧିକ ଗବେଷଣା ନିବନ୍ଧ। ତନ୍ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା 'କ୍ରାମେର୍-ରାଓ ଇନ୍‌ଇକ୍ୱାଲିଟି'। ସେହିବର୍ଷ ସେ ଇଂଲଣ୍ଡ ଯାଇ କେମ୍ବ୍ରିଜର ଆନଥ୍ରୋପୋଲୋଜିକାଲ ମିଉଜିୟମରେ ଚାକିରି କରିବା ସହିତ ପ୍ରଫେସର ଆର୍.ଏ.ଫିସର (କିଂସ କଲେଜ)ଙ୍କ ତତ୍ତ୍ୱାବଧାନରେ 'ଜୀବ ବିଜ୍ଞାନ ସମ୍ବନ୍ଧୀୟ ବର୍ଗୀକରଣରେ ପରିସଂଖ୍ୟାନଜନିତ ସମସ୍ୟା' (ଷ୍ଟାଟିଷ୍ଟିକାଲ ପ୍ରୋବ୍ଲେମ୍‌ସ ଇନ୍ ବାୟୋଲୋଜିକାଲ କ୍ଲାସିଫିକେସନ) ବିଷୟ ଉପରେ ପିଏଚ୍.ଡି. ଲାଗି ଗବେଷଣା ଆରମ୍ଭ କଲେ। ଏଥିରେ ତାଙ୍କୁ ହଜାର ହଜାର ମୂଷାଙ୍କ କ୍ରୋମୋଜମ୍‌ର ମାନଚିତ୍ର ପ୍ରସ୍ତୁତ କରିବାକୁ ପଡ଼ିଥିଲା। ସେଠାରୁ ପିଏଚ୍.ଡି. ଡିଗ୍ରୀ ପ୍ରାପ୍ତ ହେଲା ପରେ ସେ ଇଣ୍ଡିଆନ୍ ଷ୍ଟାଟିଷ୍ଟିକାଲ ଇନ୍‌ଷ୍ଟିଚ୍ୟୁଟ୍‌କୁ ଫେରି ଆସିଲେ। ଇତ୍ୟବସରରେ ୧୯୪୮ରେ ତାଙ୍କର ଭାର୍ଗବୀଙ୍କ ସହିତ ବିବାହ ସମ୍ପନ୍ନ ହୋଇସାରିଥିଲା। ଖୁବ୍ ଶୀଘ୍ର ସେଠାରେ ଏକ ଗବେଷଣା ଓ ପ୍ରଶିକ୍ଷଣ ବିଦ୍ୟାଳୟ ସ୍ଥାପନ କରାଗଲା। ଡ. ରାଓ ତହିଁରେ ଜଣେ ସହଯୋଗୀ ପ୍ରଫେସର ରୂପେ



କାଳିଆମପୁଡି ରାଧାକ୍ରିଷ୍ଣ ରାଓ

ଯୋଗ ଦେଲେ ଏବଂ ୧୯୪୯ରେ ତାଙ୍କୁ ପ୍ରଫେସର ପଦବୀକୁ ପଦୋନ୍ନତି ମିଳିଲା। ତତ୍ପରେ ସେ ୧୯୬୪ ମସିହାରେ ଏହାର ନିର୍ଦ୍ଦେଶକ ହେଲେ। ତା'ପରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ଡି.ଏସ୍.ସି. ଉପାଧି ହାସଲ କଲେ (୧୯୬୫)। ତାଙ୍କୁ ୧୯୭୨ ମସିହାରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଷ୍ଟାଟିଷ୍ଟିକ୍ସର ନିର୍ଦ୍ଦେଶକ-ସମ୍ପାଦକ ପଦବୀ ମିଳିଲା। ଏହାପରେ ଡ. ରାଓ ଆମେରିକା ଯାତ୍ରା କଲେ ଏବଂ ସେଠାରେ ପିଟସବର୍ଗ ବିଶ୍ୱବିଦ୍ୟାଳୟରେ ପ୍ରଫେସର ରୂପେ ଯୋଗ ଦେଲେ। ପୁନଶ୍ଚ କିଛି ଦିନ ଅନ୍ତେ (୧୯୮୮)ରେ ପେନ୍‌ସିଲଭାନିଆ ରାଜ୍ୟ ବିଶ୍ୱବିଦ୍ୟାଳୟରେ ମଧ ଇବରଲି ଫ୍ୟାମିଲି ପ୍ରଫେସର ଦାୟିତ୍ୱ ନିର୍ବାହ କରିବାକୁ ଲାଗିଲେ। ଏହାଭିତରେ ତାଙ୍କୁ ଆମେରିକାର ନାଗରିକତ୍ୱ ମିଳି ସାରିଥିଲା।

ଡ. ରାଓ ଶତାଧିକ ମୌଳିକ ଗବେଷଣା ନିବନ୍ଧ ଏବଂ ୧୦ଟି ପୁସ୍ତକ ରଚନା କରିଥିଲେ। ପରିସଂଖ୍ୟାନ ବିଜ୍ଞାନ କ୍ଷେତ୍ରକୁ ତାଙ୍କର ଅବଦାନ ଲାଗି ସେ ବହୁ ସମ୍ମାନଜନକ ପୁରସ୍କାର ଓ ସମ୍ମାନ ଲାଭ କରିଥିଲେ। ଭାରତ ସରକାର ତାଙ୍କୁ ପଦ୍ମଭୂଷଣ (୧୯୬୮) ଏବଂ ପଦ୍ମବିଭୂଷଣ (୨୦୦୧) ସମ୍ମାନରେ ଭୂଷିତ କରିଥିଲେ। ତାଙ୍କୁ ବିଶ୍ୱର ୧୮ଟି ଦେଶରୁ ୩୩ଟି ସମ୍ମାନଜନକ ଉପାଧି ମିଳିଥିଲା। ତାଙ୍କର ସର୍ବଶ୍ରେଷ୍ଠ ତଥା ସର୍ବଶେଷ ସମ୍ମାନଜନକ ସ୍ୱୀକୃତି ଥିଲା 'ଇଣ୍ଟରନ୍ୟାଶନାଲ ପ୍ରାଇଜ୍ ଇନ୍ ଷ୍ଟାଟିଷ୍ଟିକ୍ସ-୨୦୨୩। ଏହି ପୁରସ୍କାର ପାଇବା ପରେ ପରେ ତାଙ୍କର ଦେହାନ୍ତ ଘଟିଲା। ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଉଭୟ ବଫାଲୋ ବିଶ୍ୱବିଦ୍ୟାଳୟ ଏବଂ ପେନ୍‌ସିଲଭାନିଆ ରାଜ୍ୟ ବିଶ୍ୱବିଦ୍ୟାଳୟର ପ୍ରଫେସର ରୂପେ ଗବେଷଣାରେ ଲିପ୍ତ ଥିଲେ।

-ଊଷା ନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ : ୯୯୩୭୩୦୧୪୬୦

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧୮/୨୦୨୩ Bhubaneswar, Monday, September 18/ 2023

# ଡେଭିସ୍ କପ୍‌ରୁ ବୋପାନ୍ନାଙ୍କ ଅବସର

କଲମ୍ବୋ,୧୭।୯(ପି.ଟି.)

ଭାରତର ଷ୍ଟାର ଟେନିସ୍ ଖେଳାଳି ରୋହନ ବୋପାନ୍ନା ଡେଭିସ୍ କପ୍ କ୍ୟାରିୟରକୁ ଅଲ୍‌ବିଦା ଜଣାଇଛନ୍ତି। ବୋପାନ୍ନା ନିଜ କ୍ୟାରିୟରର ଅନ୍ତିମ ମ୍ୟାଚ ଜିତିବା ଫଳରେ ଭାରତ ୩-୧ରେ ମରକ୍କୋକୁ ପରାସ୍ତ କରିଛି। ଲକ୍ଷ୍ନୌର ମିନି

## ମରକ୍କୋକୁ ହରାଇଲା ଭାରତ

ଷ୍ଟାଡିୟମରେ ଅନୁଷ୍ଠିତ ବିଶ୍ୱ ଗ୍ରୁପ୍-୨ର ଏହି ମ୍ୟାଚର ପ୍ରଥମ ଦିନରେ ସ୍କୋର ୧-୧ ରହିଥିଲା। ପ୍ରଥମ ଦିନରେ ଶଶିକୁମାର ମୁକୁନ୍ଦ ନିଜ ମ୍ୟାଚକୁ ହାରିଯାଇଥିବା ବେଳେ ସୁମିତ ନାଗଲ ବିଜୟୀ ହୋଇ ମ୍ୟାଚକୁ ୧-୧ ସ୍ତରକୁ ଆଣିଥିଲେ। ଦ୍ୱିତୀୟ ଦିନରେ ଖେଳା ଯାଇଥିବା ପ୍ରଥମ ମ୍ୟାଚରେ ବିଜୟୀ ହେବା


ରୋହନ ବୋପାନ୍ନାଙ୍କୁ ସାଥି ଖେଳାଳିମାନେ ଟେକି ଧରିଛନ୍ତି।

ସହ ନାଗଲ ଭାରତକୁ ଡ୍ରାଇଭର ସିଟ୍‌ରେ ରଖିଥିଲେ। ରିଭର୍ସ ସିଙ୍ଗଲ୍ସରେ ସୁମିତ ୬-୩, ୬-୩ ସେଟରେ ମରକ୍କୋର ୟାସିନ ଡିଲିମିଙ୍କୁ ହରାଇଥିଲେ। ପରେ ୪୩ ବର୍ଷୀୟ ବୋପାନ୍ନା ୟୁକି ଭାମ୍ବ୍ରିଙ୍କ ସହିତ ପାର୍ଟନର ହୋଇ ଡବଲ୍ସ ମ୍ୟାଚ୍ ଖେଳିଥିଲେ। ୧ ଘଣ୍ଟା ୧୧ ମିନିଟ ଧରି ଚାଲିଥିବା ଏହି ମ୍ୟାଚରେ ଭାରତୀୟ ଯୋଡି ମରକ୍କୋର ଏଲିଅଟ୍ ବେଞ୍ଚିଟ୍ରିଟ୍ ଓ ୟୁନିସ୍ ଲାଲାମି ଲାରୋଉସନଙ୍କୁ ୬-୨, ୬-୧ରେ ହରାଇଥିଲେ। ଭାରତ ୩-୧ରେ ବିଜୟୀ ହେବା ସହିତ ଦ୍ୱିତୀୟ ଥର ପାଇଁ ନାଗଲ ଦୁଇଟି ଯାକ ରିଭର୍ସ ସିଙ୍ଗଲ୍ସ ମ୍ୟାଚ୍ ଜିତିବାର ରେକର୍ଡ କରିଛନ୍ତି। ଶେଷ ଥର ପାଇଁ ୨୦୧୯ରେ ନାଗଲ ପାକିସ୍ତାନ ବିପକ୍ଷରେ ଉଭୟ ସିଙ୍ଗଲ୍ସ ମ୍ୟାଚ୍ ବିଜୟୀ ହୋଇଥିଲେ। ଏହି ବିଜୟ ସହିତ ଭାରତ ବିଶ୍ୱକପ ଗ୍ରୁପ୍ ପର୍ଯ୍ୟାୟ-୧ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଅନ୍ତିମ ମ୍ୟାଚ୍ ତଥା ଡେଡ୍ ରବରରେ ଭାରତ ପକ୍ଷରୁ ଯୁବ ଖେଳାଳି ଦିଗ୍‌ବିଜୟ ପ୍ରତାପ ସିଂ ଖେଳିବେ।

ଭାରତ ମ୍ୟାଚ୍ ଜିତିବା ପରେ ଭାବବିହ୍ୱଳ ବୋପାନ୍ନା ନିଜ ଇଣ୍ଡିଆ ଟି ଶାର୍ଟକୁ କୋର୍ଟରେ ରଖି ଦେଇଥିଲେ। ୩୩ ଟାଇରେ ୫୦ ମ୍ୟାଚ ଖେଳିଥିବା ବୋପାନ୍ନା ୨୩ ମ୍ୟାଚରେ ବିଜୟୀ ହୋଇଛନ୍ତି। ଏହା ମଧ୍ୟରୁ ୧୩ଟି ଡବଲ୍ସ ମ୍ୟାଚ୍ ରହିଛି।

# ଅଷ୍ଟ୍ରେଲିଆ ଦଳକୁ ଫେରିଲେ ସ୍ମିଥ୍, ମ୍ୟାକ୍ସୱେଲ ଓ ଷ୍ଟାର୍କ

**ମେଲବୋର୍ନ, ୧୭।୯ (ପି.ଟି.):** ଆଗାମୀ ଭାରତ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ ପାଇଁ ଅଷ୍ଟ୍ରେଲିଆ ୧୮ ଜଣିଆ ଦଳ ଘୋଷଣା କରିଛି। ଷ୍ଟିଭ୍ ସ୍ମିଥ୍, ଗ୍ଲେନ ମ୍ୟାକ୍ସୱେଲ ଓ ମିଚେଲ ଷ୍ଟାର୍କ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ୩ ଜଣ ଆଘାତପ୍ରାପ୍ତ ଥିବାରୁ ନିକଟରେ ଦକ୍ଷିଣ ଆଫ୍ରିକା ଟୁର୍‌ରେ ସାମିଲ ହୋଇପାରି ନ ଥିଲେ। ଦକ୍ଷିଣ ଆଫ୍ରିକାରେ ଟପ୍ ଅର୍ଡର ବ୍ୟାଟର ଟ୍ରାଭିସ ହେଡ୍‌ଙ୍କ ଡାହାଣ ହାତ ହାଡ଼ ଭାଙ୍ଗି ଯାଇଥିବାରୁ ତାଙ୍କ ସ୍ଥାନରେ ମାଥ୍ୟୁ ଶର୍ଟଙ୍କୁ ନିଆଯାଇଛି। ଶର୍ଟ ଏ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଦିନିକିଆରେ ପଦାର୍ପଣ କରିନାହାନ୍ତି। ଆରୋନ ହାର୍ଡି, ଟିମ୍ ଡେଭିଡ୍ ଓ ମାଇକେଲ ନେସେରଙ୍କୁ ଦଳରେ ନିଆଯାଇ ନ ଥିବା ବେଳେ ଅଲରାଉଣ୍ଡର ଆଷ୍ଟନ ଅଗର ପିତୃତ୍ୱ ଛୁଟିରେ ଯାଇଛନ୍ତି। ଅନ୍ୟପକ୍ଷରେ ପେସ ବୋଲର ସ୍ପେନସର ଜନସନ ତାଙ୍କ ସ୍ଥାନ ବଜାୟ ରଖିଛନ୍ତି। ମାର୍ନସ ଲବୁସେନଙ୍କୁ ମଧ୍ୟ ଦଳରେ ନିଆଯାଇଛି। ଲବୁସେନ ଦକ୍ଷିଣ ଆଫ୍ରିକା ବିପକ୍ଷ ଦୁଇ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆରେ ଯଥାକ୍ରମେ ଅପରାଜିତ ୮୦ ଏବଂ ୧୨୪ ରନ କରିଥିଲେ। ଅକ୍ଟୋବର ୫ରୁ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଆରମ୍ଭ ପୂର୍ବରୁ ଏହି ୩ଟି ଅନ୍ତର୍ଜାତୀୟ ଦିନିକିଆ ମୋହାଲି, ଇନ୍ଦୋର, ରାଜକୋଟଠାରେ ଯଥାକ୍ରମେ ସେପ୍ଟେମ୍ବର ୨୪, ୨୮ ଓ ଅକ୍ଟୋବର ୧ରେ ଖେଳାଯିବ।

**ଭାରତ ବିପକ୍ଷ ଦିନିକିଆ ସିରିଜ ପାଇଁ ଅଷ୍ଟ୍ରେଲିଆ ଦଳ:** ପ୍ୟାଟ କମିନ୍ସ (ଅଧିନାୟକ), ସିନ୍ ଆବଟ, ଆଲେକ୍ସ କାରେ (ଉଇକେଟକିପର), ନାଥାନ ଏଲିସ, କାମେରନ ଗ୍ରୀନ୍, ଜୋସ ହାଜଲେଉଡ୍, ଜୋସ୍ ଇଙ୍ଗ୍ଲିଶ (ଉଇକେଟକିପର), ସ୍ପେନସର ଜନସନ, ମାର୍ନସ ଲବୁସେନ, ମିଚେଲ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ୍, ତନବୀର ସାଂଘା, ମାଥ୍ୟୁ ଶର୍ଟ, ଷ୍ଟିଭେନ ସ୍ମିଥ୍, ମିଚେଲ ଷ୍ଟାର୍କ, ମାର୍କସ ଷ୍ଟୋଇନିସ୍, ଡେଭିଡ୍ ୱାର୍ନର ଓ ଆଡାମ ଜାମ୍ପା।

# ଇଣ୍ଡୋନେସିଆରେ ଅଭ୍ୟାସ କରିବେ ଅନୁପମା

ଭୁବନେଶ୍ୱର, ୧୭।୯
(ତପନ ସ୍ୱାଇଁ)

ଚାଇନାର ହାଙ୍ଗଝୋଠାରେ ହେବାକୁଥିବା ଏସିଆନ ଗେମ୍ସର ଜୁ-ଜିଟ୍‌ସୁ ଇଭେଣ୍ଟରେ ପ୍ରଥମଥରପାଇଁ ଭାରତରୁ ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି ଓଡ଼ିଶାର ଅନୁପମା ସ୍ୱାଇଁ। ଓଡ଼ିଶା ପୋଲିସରେ କାର୍ଯ୍ୟରତ ଅନୁପମା ପୂର୍ବରୁ ଉତ୍କଳ କରାଟେ ସ୍କୁଲରେ ପ୍ରଶିକ୍ଷଣ ନେଉଥିଲେ। ଅଧିକ ଦକ୍ଷ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ଅଭ୍ୟାସ

## ଏସିଆନ ଗେମ୍ସ

ନିମନ୍ତେ ସେ ଗତ ଦେଢ଼ମାସଧରି ଅକ୍ସଟନ ଏକାଡେମୀରେ ଅଭ୍ୟାସ କରୁଥିଲେ। ଜୁ-ଜିଟ୍‌ସୁ ଆସୋସିଏଶନ ଅଫ୍ ଇଣ୍ଡିଆ ଦ୍ୱାରା ମନୋନୀତ ସମସ୍ତ ଏସିଆନ ଗେମ୍ସ ପ୍ରତିଯୋଗୀଙ୍କୁ ରବିବାର ନୂଆଦିଲ୍ଲୀରୁ ଇଣ୍ଡୋନେସିଆ ପଠାଯାଇଛି। ତେଣୁ ଏହି ଦଳର ସଦସ୍ୟଭାବେ ଅନୁପମା ମଧ୍ୟ ଇଣ୍ଡୋନେସିଆ ଯାଇ ସେଠାରେ ଏସିଆନ ଗେମ୍ସ ପର୍ଯ୍ୟନ୍ତ ଅଭ୍ୟାସ କରିବେ। ଅକ୍ସଟନ ଏକାଡେମୀରେ ପ୍ରଶିକ୍ଷଣ ପାଇଁ ଅନୁପମାଙ୍କୁ ରାଜ୍ୟ ସରକାରଙ୍କ


ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ଫାଇଟ୍ ଅବସରରେ ଅନୁପମା ସ୍ୱାଇଁ (ଡାହାଣ)।

କ୍ରୀଡ଼ା ବିଭାଗ ପକ୍ଷରୁ ସହାୟତା ପ୍ରଦାନ କରାଯାଇଥିଲା। ଏସିଆନ ଗେମ୍ସରେ ଭାଗ ନେବାକୁ ଯାଉଥିବା ସମସ୍ତ ଓଡ଼ିଶା ପ୍ରତିଯୋଗୀଙ୍କୁ ୧୦ ଟଙ୍କା ଲେଖାଏ ପ୍ରଦାନ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରି ସାରିଛନ୍ତି। ଇଣ୍ଡୋନେସିଆରେ ଅନୁଷ୍ଠିତ କ୍ୟାମ୍ପ ଖର୍ଚ୍ଚ ଜାତୀୟ ଜୁ-ଜିଟ୍‌ସୁ ମାଧ୍ୟମରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ବହନ କରୁଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ଅନୁଦାନ ଯୋଗୁ ଅନ୍ୟ ଆନୁସଙ୍ଗିକ ଖର୍ଚ୍ଚ ସହଜ ହୋଇପାରିଛି ବୋଲି ଅନୁପମା ପ୍ରକାଶ କରିଛନ୍ତି। ସେଥିପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟ କ୍ରୀଡ଼ା ବିଭାଗକୁ କୃତଜ୍ଞତା ଜଣାଇଛନ୍ତି।


ସିଙ୍ଗାପୁର ଗ୍ରାଁପ୍ରି ଟ୍ରଫି ସହ କାର୍ଲୋସ ସେଞ୍ଜ ଜୁନିୟର।

# ସେଞ୍ଜ୍ ଜିତିଲେ ସିଙ୍ଗାପୁର ଗ୍ରାଁପ୍ରି

ସିଙ୍ଗାପୁର, ୧୭।୯ (ଏପି)

ଫେରାରିର କାର୍ଲୋସ ସେଞ୍ଜ ଜୁନିୟର ସିଙ୍ଗାପୁର ଫର୍ମୁଲା ୱାନ ମୋଟର ରେସ୍ ଗ୍ରାଁ ପ୍ରି ଜିତିଛନ୍ତି। ଏହାଦ୍ୱାରା ଫର୍ମୁଲାୱାନରେ ମାର୍କ୍ସ ଭର୍ଷ୍ଟାପେନ୍ ଓ ରେଡ୍ ବୁଲ୍‌ର ଐତିହାସିକ ବିଜୟ ଧାରାରେ ବ୍ରେକ୍ ଲାଗିଛି। ରେଡ୍ ବୁଲ୍ ଚଳିତବର୍ଷର ସମସ୍ତ ରେସ୍ ଜିତିବା ଲାଗି ସ୍ୱପ୍ନ ଦେଖିଥିଲା। ମାତ୍ର ସିଙ୍ଗାପୁରରେ ସଂଘର୍ଷ ପରେ ଭର୍ଷ୍ଟାପେନ୍ ୫ମ ଓ ପେରେଜ ୮ମ ସ୍ଥାନରେ ରହିଥିଲେ। ଭର୍ଷ୍ଟାପେନ୍‌ଙ୍କ ବିଜୟ ଧାରା ୧୦ରେ, ରେଡ୍‌ବୁଲର ୧୫ରେ ଅଟକିଥିଲା। ସେଞ୍ଜ୍ ପୋଲ ପୋଜିଶନରୁ ରେସ ଆରମ୍ଭ କରିଥିଲେ। ଏଠାରେ ସେ କ୍ୟାରିୟରର ଦ୍ୱିତୀୟ ଫର୍ମୁଲା ୱାନ ରେସ୍ ଜିତିଥିଲେ। ମ୍ୟାକେଲରେନର ଲାଣ୍ଡୋ ନୋରିସ ଓ ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ । ଭର୍ଷ୍ଟାପେନ୍‌ଙ୍କ ଆଗରେ ଫେରାରିର କାର୍ଲୋସ ଲେକ୍‌ରେକ ଚତୁର୍ଥ ହୋଇଥିଲେ। ୬ଷ୍ଠରୁ ୧୦ମ ସ୍ଥାନ ଯଥାକ୍ରମେ ପିଏରେ ଗାସ୍‌ଲି (ଅଲ୍‌ପାଇନ), ଓସ୍କାର ପିଆଷ୍ଟ୍ରି (ମ୍ୟାକଲରେନ), ସର୍ଗିଓ ପେରେଜ (ରେଡ୍‌ବୁଲ୍), ଲିଆମ ଲସନ (ଆଲ୍‌ଫା ଟାଉରି) ଓ କେଭିନ ମାଗ୍ନସେନ (ହାସ୍) ଅଧିକାର କରିଥିଲେ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ।